51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, February 11/2025 | Page 14 | ₹ 7.00

୫୧ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 79 | ମୂଲ୍ୟ ₹୭/-




### ମାଥ୍ୟୁ ବ୍ରିଜିକ୍‌ଙ୍କ ରେକର୍ଡ

ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପଦାର୍ପଣରେ ୧୫୦ ରନ କରି ଦକ୍ଷିଣ ଆଫ୍ରିକାର ମାଥ୍ୟୁ ବ୍ରିଜିକ୍ ବିଶ୍ୱର ପ୍ରଥମ ବ୍ୟାଟର ହୋଇଛନ୍ତି।

୧୨ ୦୨

### ସ୍ୱର୍ଣ୍ଣମନ୍ଦିରରେ ଭିକି, ରଶ୍ମିକା

'ଛାବା' ଫିଲ୍ମର ପ୍ରମୋଶନ ପାଇଁ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ ଅଭିନେତା ଭିକି କୌଶଲ ସୋମବାର ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିରର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି।



# ବାପାଙ୍କୁ କାଠଫାଳିଆରେ ପିଟି ମାରିଦେଲେ

## ପୁଅ ବିବାହ ପାଇଁ ରାଜି ନ ହେବାରୁ ବର୍ବରକାଣ୍ଡ

ବାହା ହେବ ବୋଲି ପୁଅ ଘରେ ଜିଦ୍ କରୁଥିଲେ। କିନ୍ତୁ କାମଧନ୍ଦା କରୁ ନ ଥିବାରୁ ବାପା ରାଜି ହେଉ ନ ଥିଲେ। ରୋଜଗାରକ୍ଷମ ହେବା ପାଇଁ ପରାମର୍ଶ ଦେଉଥିଲେ। ଏହାକୁ ନେଇ ବାପ-ପୁଅଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ମାତ୍ର ରବିବାର ଝଗଡ଼ା ଚରମସୀମାରେ ପହଞ୍ଚିଥିଲା। ବିବାହ ପାଇଁ ବ୍ୟସ୍ତ ହେଉଥିବା ପୁଅଙ୍କ କ୍ରୋଧ ମୁଣ୍ଡକୁ ଚଢ଼ିଗଲା। ସେ ଏକ କାଠ ଫାଳିଆରେ ବାପାଙ୍କ ମୁଣ୍ଡକୁ ପ୍ରହାର କଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ମୃତ୍ୟୁ ଘଟିଲା। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବାଂଶପାଣି ଟୋଲଗେଟ୍ ନିକଟ ବସ୍ତିରେ। ମୃତକ ହେଲେ ଅଜୟ ସେଠୀ। ଏହି ଘଟଣାରେ ଅଭିଯୁକ୍ତ ପୁଅ ବିକାଶ ସେଠୀଙ୍କୁ ପୋଲିସ ଗିରଫ କରିଛି।

**ଯୋଡ଼ା,୧୦।୨(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବାଂଶପାଣି ନିକଟ ଟୋଲ ଗେଟ୍ ବସ୍ତିରେ ରବିବାର ରାତି ପ୍ରାୟ ୮ଟା ୪୫ ମିନିଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଘରୋଇ କଳହରୁ ପୁଅର କାଠଫାଳିଆ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଅଜୟ ସେଠୀ (୫୦)। ଘଟଣାରେ ଯୋଡ଼ା ପୋଲିସ ଅଭିଯୁକ୍ତ ପୁଅ ବିକାଶ ସେଠୀ(୨୦)ଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବିକାଶ ଜଣେ ଝିଅକୁ ଭଲ ପାଉଥିଲେ। ତାଙ୍କୁ ବିବାହ କରିବାକୁ ଘରେ ଜିଦ୍ କରୁଥିଲେ। ମାତ୍ର ଘରେ ବିକାଶଙ୍କ ୩ ସାନ ଭଉଣୀ ଓ ୩ ସାନ ଭାଇ ରହିଥିବାରୁ ଘରଲୋକ ତାଙ୍କୁ କାମଧନ୍ଦା କରି ନିଜ ଗୋଡ଼ରେ ଛିଡ଼ା ହେବାକୁ କହୁଥିଲେ। ପରେ ବାହା ହୋଇ ସ୍ତ୍ରୀ ଓ ପରିବାର ଭଲ ଚଳାଇବାକୁ ବାପା ପରାମର୍ଶ ଦେଉଥିଲେ। ଏହି ଘଟଣାକୁ ନେଇ ବାପାପୁଅଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା। ରବିବାର ଅନୁରୂପ ବିକାଶ ବିବାହ କରିବାକୁ ଜିଦ୍ କରିଥିଲେ। ଫଳରେ ☞ ପୃଷ୍ଠା-୪

# ଓସିଏକୁ କାରଣ ଦର୍ଶାଅ ନୋଟିସ

## ବାରବାଟୀରେ ଫ୍ଲଡ୍‌ଲାଇଟ ଲିଭିବା ପ୍ରସଙ୍ଗ

**ଭୁବନେଶ୍ୱର,୧୦।୨(ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଚାଲିଥିବାବେଳେ ଫ୍ଲଡ୍ ଲାଇଟ ଲିଭିବାରୁ ଖେଳ ବାଧାପ୍ରାପ୍ତ ହେବା ଘଟଣା ଏବେ ଖୋଳତାଡ଼ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏପରି ତ୍ରୁଟିର କାରଣ କ'ଣ, ଏଥିପାଇଁ କେଉଁ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଏଜେନ୍ସି ଦାୟୀ ସେ ☞ ପୃଷ୍ଠା-୪



GOVERNMENT OF ODISHA
Sports & Youth Services Department
Kalinga Stadium Sports Complex, Nayapalli, Bhubaneswar-751012
e-mail: deptsportsodisha@gmail.com

No. 3442 /SYS, Bhubaneswar, Dated the 10.02.2025

From
Siddhartha Das, IAS
Director, Sports

To
Honorary Secretary,
Odisha Cricket Association,
Barabati Stadium, Cuttack

Sub: Show cause for the disruption in match caused during the 2nd ODI between India and England due to light failure.

Sir,

During the 2nd One Day International (ODI) cricket match between India and England on 9th February 2025 at Barabati Stadium, Cuttack, one flood light was off, and the match was disrupted. This incident led to about 30 minutes suspension of the match, causing inconvenience to players and spectators.

Odisha Cricket Association (OCA) is hereby directed to submit a detailed explanation for the cause of the disruption and identify the persons/ agencies who were responsible for such lapses and outline the measures taken to prevent similar incidents in the future. The findings must be submitted within 10 days upon receipt of this letter.

Yours faithfully,
Director, Sports

କ୍ରୀଡ଼ା ବିଭାଗ ପକ୍ଷରୁ ଓସିଏକୁ ପଠାଯାଇଥିବା ନୋଟିସ।



ମ୍ୟାଚ୍ ଚାଲିଥିବାବେଳେ ଲିଭିଯାଇଥିବା ଫ୍ଲଡ୍ ଲାଇଟ ଷ୍ଟାଣ୍ଡ।

# 'ଗଲ୍ଫ ଅଫ୍ ମେକ୍ସିକୋ' ଏବେ 'ଗଲ୍ଫ ଅଫ୍ ଆମେରିକା': ଟ୍ରମ୍ପ୍

**ୱାଶିଂଟନ୍,୧୦।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଗଲ୍ଫ ଅଫ୍ ମେକ୍ସିକୋ'ର ନାମ ପରିବର୍ତ୍ତନ କରି ଏହାକୁ 'ଗଲ୍ଫ ଅଫ୍ ଆମେରିକା' ରଖିଛନ୍ତି। ଟ୍ରମ୍ପ୍ ରବିବାର ଏ ସଂକ୍ରାନ୍ତରେ ଏକ ଏକ୍ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରି କହିଛନ୍ତି, ଏହି ନାମକରଣ ଦ୍ୱାରା ଇତିହାସରେ ଆମେରିକୀୟ ମହାନତାର ଗୌରବ ଫେରିଆସିଛି। ଫେବୃଆରୀ ୯ ଦିନଟି ଏଣିକି 'ଗଲ୍ଫ ଅଫ୍ ଆମେରିକା ଡେ' ନାମରେ ପରିଚିତ ହେବ।

(ରିପୋର୍ଟ: ପୃଷ୍ଠା-୨)

**ଆଜିର ସମ୍ପାଦକୀୟ**

ରକ୍ତ ବୋହିଛି










## ସଂକ୍ଷେପରେ

### ମଣିପୁରରେ ଭାଜପାକୁ ପୁଣି ସମର୍ଥନ ଦେବ ଏନ୍‌ପିପି

ଇମ୍ଫାଲ, ୧୦।୨

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂ ରବିବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଏନ୍‌ଡିଏ ସହଯୋଗୀ ନ୍ୟାଶ୍‌ନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ପୁଣି ଥରେ ରାଜ୍ୟରେ ଭାଜପାକୁ ସମର୍ଥନ ଦେବ ବୋଲି ସୋମବାର ଘୋଷଣା କରିଛି। ଏନେଇ ମଣିପୁର ଏନ୍‌ପିପିର ବିଧାୟକ ଦଳ ନେତା ଶେଖ୍ ନୁରୁଲ ହାସନ ସୂଚନା ଦେଇଛନ୍ତି। ଗତ ନଭେମ୍ବର ୧୭ରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଚିନ୍ତା ପ୍ରକଟ କରି ଏନ୍‌ପିପିର ୭ ବିଧାୟକ ବୀରେନ ସିଂଙ୍କ ସରକାରଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲେ। ମଣିପୁରରେ ଶାନ୍ତି ଏବଂ ସ୍ୱାଭାବିକତା ଫେରାଇ ଆଣିବାରେ ବୀରେନ୍ ବିଫଳ ହୋଇଥିବାରୁ ଏନ୍‌ପିପି ତାଙ୍କ ନେତୃତ୍ୱାଧୀନ ସରକାରଠାରୁ ସମର୍ଥନ ପ୍ରତ୍ୟାହାର କରିଥିବା ନୁରୁଲ କହିଛନ୍ତି। ତେବେ ମଣିପୁରରେ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବା ଦିଗରେ ବୀରେନଙ୍କର ଇସ୍ତଫା ଏକ ସକାରାତ୍ମକ ପଦକ୍ଷେପ ବୋଲି ସେ କହିଛନ୍ତି। ଏନ୍‌ପିପି କେନ୍ଦ୍ରରେ ଏନ୍‌ଡିଏ ମେଣ୍ଟ ସହ ରହିଛି। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ତାଙ୍କ ଦଳ ଭାଜପା ସହ ମିଶି କାମ କରିବ ବୋଲି ନୁରୁଲ କହିଛନ୍ତି।

### ବାଂଲା ସୀମାରେ ହେମ୍ ରେଡିଓରେ ସନ୍ଦିଗ୍ଧ ସିଗ୍‌ନାଲ

କୋଲକାତା, ୧୦।୨

ଭାରତ-ବାଂଲାଦେଶ ସୀମା ଅନ୍ତର୍ଗତ ପଶ୍ଚିମବଙ୍ଗର ଦକ୍ଷିଣ ଭାଗରେ ଗତ ୨ ମାସ ହେଲା ଆମେଚ୍ୟୁର ହେମ୍ ରେଡିଓ ଅପରେଟରମାନେ ବେଙ୍ଗଲୀ, ଉର୍ଦ୍ଦୁ ଏବଂ ଆରବିକ୍ କୋଡ୍‌ରେ ସନ୍ଦିଗ୍ଧ ରେଡିଓ ସିଗ୍ନାଲ ଦେଖିବାକୁ ପାଉଛନ୍ତି। ବିଳମ୍ବିତ ରାତିରେ ଏଭଳି ସିଗ୍ନାଲ ଆସୁଥିବାରୁ ଏହା ଉଗ୍ରପନ୍ଥୀମାନଙ୍କ କାର୍ଯ୍ୟ ହୋଇଥାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ବାଂଲାଦେଶରେ ଅଶାନ୍ତି ଲାଗିରହିଥିବାବେଳେ ଭାରତ ବିରୋଧୀ ମନୋଭାବ ବଢ଼ିଚାଲିଛି। ଏଭଳି ସମୟରେ ଗତ ଡିସେମ୍ବରରେ ଉତ୍ତର ୨୪ ପ୍ରଗଣାର ବସିରହାଟ୍ ଏବଂ ବଗାଁଓ ଅଞ୍ଚଳ ଏବଂ ଦକ୍ଷିଣ ୨୪ ପ୍ରଗଣାର ସୁନ୍ଦରବନରେ ସନ୍ଦେହଜନକ ସିଗ୍ନାଲ ପ୍ରଥମେ ଚିହ୍ନଟ ହୋଇଥିଲା।

### ମ୍ୟୁଜିକ୍ କମ୍ପୋଜର ପ୍ରୀତମ ଚକ୍ରବର୍ତ୍ତୀଙ୍କ ଅଫିସରୁ ୪୦ ଲକ୍ଷ ଚୋରି

ମୁମ୍ବାଇ, ୧୦।୨

ବଲିଉଡ୍ ମ୍ୟୁଜିକ କମ୍ପୋଜର ପ୍ରୀତମ ଚକ୍ରବର୍ତ୍ତୀଙ୍କ ମୁମ୍ବାଇସ୍ଥିତ ଅଫିସ୍‌ରୁ ୪୦ ଲକ୍ଷ ଟଙ୍କା ଚୋରି ହୋଇଯାଇଛି। ଗତ ୪ ତାରିଖରେ ତାଙ୍କ ଅଫିସର ଆଶିଷ ଶ୍ୟାଲ ନାମକ ଜଣେ କର୍ମଚାରୀ ୪୦ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି ବୋଲି ପ୍ରୀତମଙ୍କ ମ୍ୟାନେଜର ମୁମ୍ବାଇର ମଲାଡ଼ ଥାନାରେ ଅଭିଯୋଗ କରିଛନ୍ତି। ଗତ ୪ରୁ ଆଶିଷଙ୍କ ଫୋନ୍ ବନ୍ଦ ଆସୁଛି। ମଲାଡ଼ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି।

## ଟ୍ରମ୍ପଙ୍କ ମେଟାଲ ଟାରିଫ୍ ଧମକ
# ଭାରତ ପାଇଁ ଚିନ୍ତାଜନକ



**ଷ୍ଟିଲ୍ ଓ ଆଲୁମିନିୟମ୍ ଆମଦାନୀ ଉପରେ ୨୫% ଟିକସ ଲଗାଇବ ଆମେରିକା**

ୱାଶିଂଟନ୍/ନୂଆଦିଲ୍ଲୀ, ୧୦।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଦେଶକୁ ଆମଦାନୀ ହେବାକୁ ଥିବା ଷ୍ଟିଲ୍ ଓ ଆଲୁମିନିୟମ୍ ଉପରେ ୨୫% ଟାରିଫ୍ ଲଗାଇବାକୁ ଧମକ ଦେଇଛନ୍ତି। ସେ ଖୁବ୍‌ଶୀଘ୍ର ଏନେଇ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ଟ୍ରମ୍ପ୍ ପ୍ରଶାସନ ତାଙ୍କର ଏହି ସମ୍ଭାବ୍ୟ ଏକ୍‌ଜିକ୍ୟୁଟିଭ୍ ଅର୍ଡରକୁ କାର୍ଯ୍ୟକାରୀ କଲେ ଭାରତୀୟ ବଜାରରେ ଷ୍ଟିଲ୍ ଓ ଆଲୁମିନିୟମ୍ ଶିଳ୍ପ ପାଇଁ ଦୁର୍ଦ୍ଦିନ ଆସିପାରେ ବୋଲି ଆଶଙ୍କା କରାଗଲାଣି।

ରାଷ୍ଟ୍ରପତି ଟ୍ରମ୍ପ୍ ରବିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସେ ଖୁବ୍‌ଶୀଘ୍ର ନୂଆ ମେଟାଲ ଟାରିଫ୍ ଘୋଷଣା କରିବେ। ସେହିପରି ମଙ୍ଗଳବାର କିମ୍ବା ବୁଧବାର ଆଉ କେତେକ ଟାରିଫ୍ ଘୋଷଣା କରିବାକୁ ଯାଉଛନ୍ତି, ଯାହାକି ସବୁ ଦେଶ ପାଇଁ ତତ୍କାଳ ଲାଗୁହେବ। ଭାରତ ହେଉଛି ଆମେରିକାକୁ ଅନ୍ୟତମ ବୃହତ୍ ଲୌହ ଓ ଇସ୍ପାତ ସାମଗ୍ରୀ ରପ୍ତାନିକାରୀ ରାଷ୍ଟ୍ର। ଭାରତ ବାର୍ଷିକ ୩ ବିଲିୟନ୍ ଡଲାର ମୂଲ୍ୟର ଏଭଳି ସାମଗ୍ରୀ ଆମେରିକାକୁ ରପ୍ତାନି କରିଥାଏ। ଟ୍ରମ୍ପ୍ ନିଜ ପ୍ରଥମ କାର୍ଯ୍ୟକାଳ ବେଳେ ମଧ୍ୟ ଅନୁରୂପ ଟାରିଫ୍ ଘୋଷଣା କରିଥିଲେ। ଏଥିଯୋଗୁ ଭାରତୀୟ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଥିଲା। ତେଣୁ ତାଙ୍କ ନୂଆ ଟାରିଫ୍ ଭାରତ ପାଇଁ ଅଡୁଆ ସ୍ଥିତି ଉପୁଜାଇପାରେ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏପରି କି ୟୁରୋପୀୟ ସଂଘ (ଇୟୁ) ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଭାରତରୁ ରପ୍ତାନି ବାଧାପ୍ରାପ୍ତ ହୋଇପାରେ ବୋଲି ଅନୁମାନ କରାଯାଉଛି। ଗତ ଡିସେମ୍ବରରେ ବାଣିଜ୍ୟ ବିଭାଗ ସହ ଏକ ବୈଠକରେ ଭାରତର ଇସ୍ପାତ ମନ୍ତ୍ରଣାଳୟ ଦେଶକୁ ଆମଦାନୀ ହେଉଥିବା କେତେକ ନିର୍ଦ୍ଦିଷ୍ଟ ଷ୍ଟିଲ୍ ଉତ୍ପାଦ ଉପରେ ୨୫% ସେଫ୍‌ଗାର୍ଡ ଡ୍ୟୁଟି ଲଗାଇବାକୁ ପ୍ରସ୍ତାବ ଦେଇଥିଲା।

ଆମେରିକାରେ ଷ୍ଟିଲ୍ ଉତ୍ପାଦନର ରାଜନୀତିକରଣ ଚାଲିଛି। କେତେକଙ୍କ ମତରେ ଦେଶରେ ଜରୁରୀ ସମୟରେ ସେନାର ଚାହିଦା ପୂରଣ ପାଇଁ ଉଚ୍ଚ ଗୁଣବତ୍ତାଯୁକ୍ତ ଷ୍ଟିଲ୍ ଉତ୍ପାଦନର ଆବଶ୍ୟକତା ରହିଛି। ତେଣୁ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ପଡ଼ିବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

# ମହାକୁମ୍ଭରେ ରାଷ୍ଟ୍ରପତି

> ପ୍ରୟାଗରାଜ ମହାକୁମ୍ଭର ଅଲୌକିକ ବାତାବରଣରେ ମା' ଗଙ୍ଗା, ଯମୁନା ଓ ଅନ୍ତଃସଲିଳା ସରସ୍ୱତୀଙ୍କ ପବିତ୍ର ସଙ୍ଗମରେ ଆଜି ସ୍ନାନ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା। ଶ୍ରଦ୍ଧା ଓ ବିଶ୍ୱାସର ଏହି ବିଶାଳ ସମାଗମ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅଦ୍ଭୁତ ଏବଂ ଜୀବନ୍ତ ପ୍ରତୀକ। ମହାକୁମ୍ଭ ମାନବତାକୁ ଏକତା ଓ ଆଧ୍ୟାତ୍ମିକତାର ବାର୍ତ୍ତା ଦିଏ। ମା' ଗଙ୍ଗାଙ୍କୁ ପ୍ରାର୍ଥନା କରୁଛି, ସେ ସମସ୍ତଙ୍କ ଉପରେ କୃପା ବଜାୟ ରଖି ସମସ୍ତଙ୍କ ଜୀବନରେ ସୁଖ ଓ ଶାନ୍ତି ସଞ୍ଚାର କରିଚାଲନ୍ତୁ।
> –ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି



ପ୍ରୟାଗରାଜ୍, ୧୦।୨ (ପିଟି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ସକାଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରୟାଗରାଜ ଯାଇ ମହାକୁମ୍ଭ ମେଳାସ୍ଥିତ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ସଙ୍ଗମରେ ପବିତ୍ର ବୁଡ଼ ପକାଇବାରେ ରାଜେନ୍ଦ୍ର ପ୍ରସାଦଙ୍କ ପରେ ଦ୍ରୌପଦୀ ହେଉଛନ୍ତି ଭାରତର ଦ୍ୱିତୀୟ ରାଷ୍ଟ୍ରପତି। ତାଙ୍କ ସହ ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ। ଏହା ପରେ ରାଷ୍ଟ୍ରପତି ବଡ଼େ ହନୁମାନ ମନ୍ଦିର ଓ ହିନ୍ଦୁଧର୍ମର ଅମରତ୍ୱର ପ୍ରତୀକ ଅକ୍ଷୟ ବଟବୃକ୍ଷରେ ପୂଜାର୍ଚ୍ଚନା କରିଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନେକ ବରିଷ୍ଠ ନେତା ମହାକୁମ୍ଭରେ ସାମିଲ ହୋଇ ଗଙ୍ଗାରେ ବୁଡ଼ ପକାଇସାରିଛନ୍ତି। ଜାନୁଆରୀ ୧୩ରେ ଆରମ୍ଭ ହୋଇ ଆସନ୍ତା ୨୬ରେ ଶେଷ ହେବାକୁ ଥିବା ମହାକୁମ୍ଭ ମେଳାରେ ଅଦ୍ୟାବଧି ୪୪ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

# ଶୀଘ୍ର ଜନଗଣନା କରାଅ: ସୋନିଆ

ନୂଆଦିଲ୍ଲୀ, ୧୦।୨



ସୋନିଆ ଗାନ୍ଧୀ

ଯେତେ ଶୀଘ୍ର ସମ୍ଭବ ଜନଗଣନା କରାଇବାକୁ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସୋମବାର କେନ୍ଦ୍ର ସରକାରଙ୍କୁ ଦାବି କରିଛନ୍ତି। ଦେଶରେ ଜନଗଣନା ହେବାରେ ବିଳମ୍ବ ଘଟୁଥିବାରୁ ୧୪ କୋଟି ଲୋକ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ଉପଲବ୍ଧ ଲାଭରୁ ବଞ୍ଚିତ ହେଉଥିବା ସେ କହିଛନ୍ତି। ରାଜ୍ୟ ସଭାର ଶୂନ୍ୟକାଳରେ ସୋନିଆ କହିଛନ୍ତି, ୨୦୧୧ ଜନଗଣନା ଆଧାରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ର ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ବର୍ତ୍ତମାନ ଏହି ଜନସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ପାଇଛି। ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ପ୍ରତି ୧୦ ବର୍ଷରେ ହେବାକୁ ଥିବା ଜନଗଣନା ୪ ବର୍ଷରୁ ଅଧିକ ସମୟ ଧରି ବିଳମ୍ବିତ ହେଲାଣି। ୨୦୨୧ ଜନଗଣନା ପ୍ରକ୍ରିୟା କେବେ ସମାପ୍ତ ହେବ ସେନେଇ କେନ୍ଦ୍ର ସରକାର କୌଣସି ସ୍ପଷ୍ଟ ସୂଚନା ଦେଉ ନାହାନ୍ତି। ବଜେଟ ଆବଣ୍ଟନକୁ ଦେଖିଲେ ଜଣାପଡୁଛି, ଚଳିତ ବର୍ଷ ମଧ୍ୟ ଜନଗଣନା ହେବ ନାହିଁ। ଏଥିପାଇଁ ୧୪ କୋଟିରୁ ଅଧିକ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଥିବା ସୋନିଆ କହିଛନ୍ତି।

### ଇଞ୍ଜିନିୟର ରାଶିଦଙ୍କୁ ୨ ଦିନିଆ କଷ୍ଟୋଡି ପାରୋଲ

ନୂଆଦିଲ୍ଲୀ, ୧୦।୨

ଦିଲ୍ଲୀ ହାଇକୋର୍ଟ ସୋମବାର ଆୱାମୀ ଇତେହାଦ ପାର୍ଟିର ମୁଖ୍ୟ ତଥା ଜମ୍ମୁ-କଶ୍ମୀରର ବାରାମୁଲ୍ଲା ଏମ୍‌ପି ଇଞ୍ଜିନିୟର ରାଶିଦଙ୍କୁ ୨ ଦିନିଆ କଷ୍ଟୋଡି ପାରୋଲ ପ୍ରଦାନ କରିଛନ୍ତି। ସଂସଦରେ ଚାଲିଥିବା ବଜେଟ ଅଧିବେଶନରେ ଯୋଗଦେବାକୁ ରାଶିଦଙ୍କୁ ଏହି ପାରୋଲ ମିଳିଛି। ଏହି ଅବଧି ସମୟରେ ସେ ଇଣ୍ଟରନେଟର ବ୍ୟବହାର କିମ୍ବା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିପାରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି।

# ଦିଲ୍ଲୀର ୩୧ ନୂଆ ବିଧାୟକଙ୍କ ନାଁରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୧୦।୨

**ପ୍ରତି ବିଧାୟକଙ୍କର ହାରାହାରି ସମ୍ପତ୍ତି ୨୨.୦୪ କୋଟି**

ଦିଲ୍ଲୀର ଅଷ୍ଟମ ବିଧାନସଭାର ନବନିର୍ବାଚିତ ୭୦ ବିଧାୟକଙ୍କ ମଧ୍ୟରୁ ୩୧ ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଥିବା ନେଇ ରବିବାର ନିର୍ବାଚନ ସଂସ୍କାର ଦିଗରେ କାର୍ଯ୍ୟ କରୁଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ପ୍ରକାଶ ପାଇଛି। ଗତ ବିଧାନସଭାରେ ୪୩ ଜଣ ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଥିଲା। ଚଳିତ ବିଧାନସଭାରେ ଭାଜପାର ୧୬ ଏବଂ ଆପ୍‌ର ୧୫ ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେହିପରି ୧୭ ବିଧାୟକଙ୍କ ବିରୋଧରେ ହତ୍ୟା ଉଦ୍ୟମ ଏବଂ ମହିଳା ବିରୋଧୀ ଅପରାଧ ପରି ଗମ୍ଭୀର ଆପରାଧିକ ମାମଲା ରହିଛି। ଭାଜପାର ୭ ଏବଂ ଆପ୍‌ର ୧୦ ବିଧାୟକଙ୍କ ବିରୋଧରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଅନ୍ୟପକ୍ଷରେ, ଅଷ୍ଟମ ଦିଲ୍ଲୀ ବିଧାନସଭାର ନବନିର୍ବାଚିତ ୭୦ ବିଧାୟକଙ୍କର ସମୁଦାୟ ସମ୍ପତ୍ତି ୧,୫୪୨ କୋଟି ଟଙ୍କା ରହିଛି। ପ୍ରତି ବିଧାୟକଙ୍କର ହାରାହାରି ସମ୍ପତ୍ତି ୨୨.୦୪ କୋଟି ଟଙ୍କା ଥିବାବେଳେ ଭାଜପା ବିଧାୟକଙ୍କର ହାରାହାରି ସମ୍ପତ୍ତି ୨୮.୫୯ କୋଟି ଓ ଆପ୍ ବିଧାୟକଙ୍କର ହାରାହାରି ସମ୍ପତ୍ତି ୭.୭୪ କୋଟି ଟଙ୍କା ରହିଛି। ଗତ ବିଧାନସଭାରେ ପ୍ରତି ବିଧାୟକଙ୍କର ହାରାହାରି ସମ୍ପତ୍ତି ୧୪.୨୯ କୋଟି ରହିଥିଲା। ୨୫୯.୬୭ କୋଟି ଟଙ୍କାର ସମ୍ପତ୍ତି ସହ ଶକୁରବସ୍ତିର ଭାଜପା ବିଧାୟକ କରନୈଲ ସିଂ ଦିଲ୍ଲୀର ସବୁଠାରୁ ଧନୀ ବିଧାୟକ ବୋଲି ଏଡିଆର୍ କହିଛି।

# 'ଗଲ୍ଫ ଅଫ୍ ମେକ୍ସିକୋ' ଏବେ 'ଗଲ୍ଫ ଅଫ୍ ଆମେରିକା': ଟ୍ରମ୍ପ୍

ୱାଶିଂଟନ୍, ୧୦।୨




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରୁଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଗଲ୍ଫ ଅଫ୍ ମେକ୍ସିକୋ'ର ନାମ ପରିବର୍ତ୍ତନ କରି ଏହାକୁ 'ଗଲ୍ଫ ଅଫ୍ ଆମେରିକା' ରଖିଛନ୍ତି। ଟ୍ରମ୍ପ୍ ରବିବାର ଏ ସଂକ୍ରାନ୍ତରେ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରି କହିଛନ୍ତି, ଏହି ନାମକରଣ ଦ୍ୱାରା ଇତିହାସରେ ଆମେରିକୀୟ ମହାନତାର ଗୌରବ ଫେରିଆସିଛି। ଫେବୃଆରୀ ୯ ଦିନଟି ଏଣିକି 'ଗଲ୍ଫ ଅଫ୍ ଆମେରିକା ଡେ' ନାମରେ ପରିଚିତ ହେବ।

ରାଷ୍ଟ୍ରପତି ଟ୍ରମ୍ପ୍ ସ୍ୱାକ୍ଷର କରିଥିବା ଏକ୍‌ଜିକ୍ୟୁଟିଭ୍ ଅର୍ଡରକୁ ହ୍ୱାଇଟ୍ ହାଉସ୍ ୱେବ୍‌ସାଇଟ୍‌ରେ ପୋଷ୍ଟ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଉତ୍ତରପୂର୍ବ, ଉତ୍ତର ଏବଂ ଉତ୍ତରପଶ୍ଚିମ ସଂଲଗ୍ନ ରାଜ୍ୟ ଟେକ୍ସାସ, ଲୁଇସିଆନା, ମିସିସିପି, ଅଲାବାମା ଓ ଫ୍ଲୋରିଡା ଦ୍ୱାରା ଆବଦ୍ଧ ତଥା ଉପକୂଳବର୍ତ୍ତୀ ମେକ୍ସିକୋ ଏବଂ କ୍ୟୁବା ପର୍ଯ୍ୟନ୍ତ ପରିବ୍ୟାପ୍ତ ୟୁଏସ୍ କଣ୍ଟିନେଣ୍ଟାଲ ସେଲଫ୍ ଏରିଆ ପୂର୍ବରୁ 'ଗଲ୍ଫ ଅଫ୍ ମେକ୍ସିକୋ' ନାମରେ ପରିଚିତ ଥିଲା। ଏହା ଏଣିକି 'ଗଲ୍ଫ ଅଫ୍ ଆମେରିକା' ନାମରେ ପରିଚିତ ହେବ। ଗୃହ ସଚିବ ଡୋଉଗ୍ ବୁର୍ଗୁମ୍ ଏହି ନିର୍ଦ୍ଦେଶନାମାକୁ ୩୦ ଦିନ ଭିତରେ କାର୍ଯ୍ୟକାରୀ କରିବେ। ପୋଷ୍ଟ ଅନୁଯାୟୀ ଆମେରିକା ତଟରକ୍ଷୀ ବାହିନୀ ନୂଆ ନାମକୁ ବ୍ୟବହାର କରିବା ଆରମ୍ଭ କରିଦେଇଛି। ପ୍ରକାଶ ଯେ, ଟ୍ରମ୍ପ୍ ଜାନୁଆରୀ ୨୦ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପରଠୁ ମେକ୍ସିକୋକୁ ଟାର୍ଗେଟ କରିଆସୁଛନ୍ତି। ଏପରି କି ସେ ମେକ୍ସିକୋରୁ ଆମେରିକାକୁ ରପ୍ତାନି ସାମଗ୍ରୀଗୁଡ଼ିକ ଉପରେ ୧୫% ବାଣିଜ୍ୟ ଶୁଳ୍କ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବଉମ୍ ଆମେରିକୀୟ ସାମଗ୍ରୀ ଉପରେ ଅନୁରୂପ ଟିକସ ଲଗାଇବାକୁ ଜବାବୀ ଧମକ ଦେବା ପରେ ଟ୍ରମ୍ପ୍ ପ୍ରଶାସନ ନିଜ ନିଷ୍ପତ୍ତିକୁ ମାସକ ପାଇଁ ସ୍ଥଗିତ ରଖିଛି।

## ଫୁରସତ୍



# ସ୍ୱର୍ଣ୍ଣମନ୍ଦିରରେ ଭିକି, ରଶ୍ମିକା

ଅମୃତସର

ବଲିଉଡ୍ ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ଫିଲ୍ମ 'ଛାବା' ଫେବୃଆରୀ ୧୪ରେ ମୁକ୍ତିଲାଭ କରିବ। ଏହା ପୂର୍ବରୁ ୨ କଳାକାର ସୋମବାର ଫିଲ୍ମର ପ୍ରମୋଶନ ପାଇଁ ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହାର କିଛି ଫଟୋକୁ ଭିକି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସ୍ୱର୍ଣ୍ଣ ମନ୍ଦିରରେ ଦର୍ଶନ କରିବା ସମୟରେ ଭିକି ଧଳା ରଙ୍ଗର କୁର୍ତ୍ତା ଏବଂ ରଶ୍ମିକା ଗୋଲାପୀ ରଙ୍ଗର ଶୁଟ୍ ପିନ୍ଧି ଖୁବ୍ ସୁନ୍ଦର ଦେଖାଯାଉଥିଲେ। ପୋଷ୍ଟର କ୍ୟାପ୍‌ଶନ୍‌ରେ ଭିକି ଲେଖିଛନ୍ତି, ସ୍ୱର୍ଣ୍ଣ ମନ୍ଦିରରେ ବିତାଇଥିବା କ୍ଷଣ ସବୁବେଳେ ଅଭୁଲା ହୋଇ ରହିବ। ଏଠାକାର ଦିବ୍ୟ ଏବଂ ଶାନ୍ତ ପରିବେଶରେ ପ୍ରାର୍ଥନା କରିବାର ଅନୁଭବକୁ ବର୍ଣ୍ଣନା କରିହେବ ନାହିଁ। ପ୍ରକାଶ ଯେ, 'ଛାବା' ଫିଲ୍ମର ପ୍ରମୋଶନ ପାଇଁ ସମ୍ପ୍ରତି ଭିକି ଏବଂ ରଶ୍ମିକା ବିଭିନ୍ନ ସହରକୁ ଗସ୍ତ କରୁଛନ୍ତି। ଛତ୍ରପତି ଶମ୍ଭାଜୀ ମହାରାଜଙ୍କ ଜୀବନୀକୁ ନେଇ ଆଧାରିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଲକ୍ଷ୍ମଣ ଉଟେକର ଦେଇଛନ୍ତି। ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଅକ୍ଷୟ ଖାନ୍ନା, ଆଶୁତୋଷ ରାଣା ଏବଂ ଅଭିନେତ୍ରୀ ଦିବ୍ୟା ଦତ୍ତା ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# କୌଶଳ ଦେଖାଉଛି ରୋବୋଟିକ୍ ଡଗ୍

ବେଜିଂ

ଗତ କିଛିବର୍ଷ ଧରି ବିଶ୍ୱର ବିଭିନ୍ନ ଦେଶ ପକ୍ଷରୁ ବିଶେଷ ପ୍ରକାରର ରୋବୋଟିକ୍ ଡଗ୍ ପ୍ରସ୍ତୁତ କରାଯାଉଛି। ଏହି ରାବୋଟିକ୍ ଡଗ୍‌ଗୁଡ଼ିକ ଅନେକ କ୍ଷେତ୍ରରେ ସୈନ୍ୟବାହିନୀକୁ ସାହାଯ୍ୟ କରିଥାଏ। ଭାରତୀୟ ସେନା ମଧ୍ୟ 'ମ୍ୟୁଲ' ନାମକ ଏକ ରୋବୋଟିକ୍ ଡଗ୍‌କୁ ସେନାରେ ସାମିଲ କରିଛି, ଯାହା କଠିନ ପରିସ୍ଥିତି ଓ ଅଞ୍ଚଳରେ ସେନା ପାଇଁ ବିଭିନ୍ନ କ୍ଷେତ୍ରରେ ସହାୟକ ହୋଇପାରୁଛି। ଚାଇନା ଏବଂ ଆମେରିକା ମଧ୍ୟ ପୂର୍ବରୁ ଏହିପରି ଅନେକ ରୋବୋଟିକ୍ ଡଗ୍ ପ୍ରସ୍ତୁତ କରିସାରିଛନ୍ତି। ସମ୍ପ୍ରତି ଚାଇନାର ଏକ ନୂଆ ରୋବୋଟିକ୍ ଡଗ୍ ବିଷୟରେ ଚର୍ଚ୍ଚା ଲାଗିରହିଛି। ଲିଙ୍କ୍ସ ନାମକ ଏହି ରୋବୋଟିକ୍ ଡଗ୍‌ର ଗୋଡରେ ଚକ ରହିଛି, ଯାହାଦ୍ୱାରା ଏହା ନାଚିବା ସହ ବ୍ୟାକ୍‌ଫ୍ଲିପ୍ ପରି ବିଭିନ୍ନ କୌଶଳ ମଧ୍ୟ କରିପାରୁଛି। ସେହିପରି ଲିଙ୍କ୍ସ ପହଁରି ମଧ୍ୟ ପାରିବ ବୋଲି ଏହାକୁ ପ୍ରସ୍ତୁତ କରିଥିବା ଚାଇନା କମ୍ପାନୀ ଡିପ୍ ରୋବୋଟିକ୍ସ ପକ୍ଷରୁ କୁହାଯାଇଛି।



ଲିଙ୍କ୍ସ ରୋବୋଟିକ୍ ଡଗ୍ ସମସ୍ତ ପ୍ରକାରର ଭୂମିରେ ଗତି କରିପାରୁଥିବା ସହ ବିଭିନ୍ନ କଷ୍ଟସାଧ୍ୟ ଅଞ୍ଚଳରେ ଏହାର ନୃତ୍ୟ ଏବଂ ବିଭିନ୍ନ କୌଶଳ ଏବେ ଭାଇରାଲ ହେବାରେ ଲାଗିଛି। ଏହି ରୋବୋଟିକ୍ ଡଗ୍ ପୃଥିବୀର ପ୍ରତ୍ୟେକ କଠିନ ଅଞ୍ଚଳରେ ବାସ କରିବା ପାଇଁ ଉପଯୁକ୍ତ ବୋଲି ଡିପ୍ ରୋବୋଟିକ୍ସ କହିଛି। ସନ୍ଧାନ, ଉଦ୍ଧାର କାର୍ଯ୍ୟ ଏବଂ ବୈଜ୍ଞାନିକ ଅନୁସନ୍ଧାନ ପରି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଲିଙ୍କ୍ସକୁ ଡିଜାଇନ୍ କରାଯାଇଛି।

ଏହି ରୋବୋଟିକ୍ ଡଗ୍‌ର ସବୁଠାରୁ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ୪ ଗୋଡ଼ ତଳେ ଚକ ଫିଟ୍ ହୋଇଛି। ଏହାଦ୍ୱାରା ଲିଙ୍କ୍ସ ପ୍ରତ୍ୟେକ କଷ୍ଟଦାୟକ ଅଞ୍ଚଳରେ ଚାଲିପାରି ଥାଏ। ଏହା ପାହାଚ ଉପରକୁ ଚଢ଼ିପାରେ ଓ ତଳକୁ ମଧ୍ୟ ଓହ୍ଲାଇପାରେ। ଡିପ୍ ରୋବୋଟିକ୍ସ ପକ୍ଷରୁ ୟୁଟ୍ୟୁବରେ ଲିଙ୍କ୍ସ ରୋବୋଟିକ୍ ଡଗ୍‌ର ଏକ କ୍ଲିପ୍‌କୁ ଶେୟାର କରାଯାଇଛି। ଉକ୍ତ ଭିଡିଓରେ ଲିଙ୍କ୍ସକୁ ବିଭିନ୍ନ ପ୍ରକାର ପରିବେଶରେ ଚାଲି ପାରୁଥିବା, ଦୌଡ଼ି ପାରୁଥିବା ସହ ନାଚି ବିଭିନ୍ନ କୌଶଳ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳିଛି। ତେବେ ଗୋଡ଼ରେ ଚକ ରହିବା ସତ୍ତ୍ୱେ ମଧ୍ୟ ଏହା ବିନା କୌଣସି ବାଧାବିଘ୍ନରେ ଉପରକୁ ଚଢ଼ି ପାରିଥାଏ। ସେହିପରି ଲିଙ୍କ୍ସ ୨ ଗୋଡରେ ଠିଆ ହୋଇ ଚାଲିପାରିବା ସହ ବ୍ୟାକ୍‌ଫ୍ଲିପ୍ ପରି ବିଭିନ୍ନ ଆକର୍ଷଣୀୟ କୌଶଳ କରି ସମସ୍ତଙ୍କୁ ଚକିତ କରିଥାଏ। ୧୫ ଲକ୍ଷ ୮୨ ହଜାର ଟଙ୍କା ମୂଲ୍ୟର ଏହି ରୋବୋଟିକ୍ ଡଗ୍‌କୁ 'ଆଇପି ୫୪' ପ୍ରୋଟେକ୍ସନ ସହ ପ୍ରସ୍ତୁତ କରାଯାଇଛି, ଯାହାଫଳରେ ଲିଙ୍କ୍ସ -୨୦ ଡିଗ୍ରୀ ସେଲସିୟସରୁ ୫୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଚରମ ତାପମାତ୍ରାକୁ ମଧ୍ୟ ସହ୍ୟ କରିପାରି ଥାଏ।

# ମହାକୁମ୍ଭରେ ଅସମ୍ଭାଳ ଭିଡ଼



ଉତ୍ତରପ୍ରଦେଶର ପ୍ରୟାଗରାଜ ସଂଲଗ୍ନ ରାସ୍ତାରେ ଅସମ୍ଭାଳ ଭିଡ଼ ଯୋଗୁ ସୋମବାର ସଙ୍ଗମସ୍ଥଳକୁ ଯାଉଥିବା ଶ୍ରଦ୍ଧାଳୁମାନେ ଫସିରହିଛନ୍ତି।

- ଟ୍ରାଫିକ୍ ଜାମ୍‌ରେ ଅନେକ ଘଣ୍ଟା ଫସିଲେ ଶ୍ରଦ୍ଧାଳୁ
- ଯୋଗୀ ସରକାରଙ୍କୁ ଦାୟୀ କଲେ ଅଖିଳେଶ

ପ୍ରୟାଗରାଜ,୧୦।୨

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ସୋମବାର ଅଭୂତପୂର୍ବ ଭିଡ଼ ହୋଇଛି। ଅସମ୍ଭାଳ ଜନ ସମାଗମ ଯୋଗୁ ପ୍ରୟାଗରାଜକୁ ସଂଲଗ୍ନ କରୁଥିବା ରାଜପଥଗୁଡ଼ିକରେ ଟ୍ରାଫିକ୍ ଜାମ୍ ହୋଇଯାଇଛି। ରାସ୍ତା ଉପରେ ଯାନବାହନଗୁଡ଼ିକ ଫସିରହିଥିବାରୁ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରି କି ୩୦୦ କି.ମି. ବ୍ୟାପୀ ଟ୍ରାଫିକ୍ ଜାମ୍ ହୋଇ ଅଚଳାବସ୍ଥା ସୃଷ୍ଟି ହୋଇଥିବା କେତେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସୋସିଆଲ ମିଡିଆ ୟୁଜର୍ସ ଏହାକୁ 'ବିଶ୍ୱର ସବୁଠୁ ବଡ଼ ଟ୍ରାଫିକ୍ ଜାମ୍' ବୋଲି ଦର୍ଶାଇବା ସହ ଭିଡ଼ ନିୟନ୍ତ୍ରଣରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଭିଡ଼ ନିୟନ୍ତ୍ରଣରେ ୟୁପି ସରକାରଙ୍କ ବିଫଳତାକୁ ଦାୟୀ କରିଛନ୍ତି। ଅଖିଳେଶ କହିଛନ୍ତି, ଯୋଗୀ ସରକାରଙ୍କ ବିଫଳତା ଯୋଗୁ ସୃଷ୍ଟ ଟ୍ରାଫିକ୍ ଜାମ୍ ପ୍ରୟାଗରାଜରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧି ଘଟାଇଛି। ପୋଲିସ ପ୍ରଶାସନ ଫସିରହିଥିବା ଶ୍ରଦ୍ଧାଳୁମାନଙ୍କୁ ସେଠାରୁ ତୁରନ୍ତ ମୁକୁଳାଇବା ବ୍ୟବସ୍ଥା କରନ୍ତୁ।

ବସନ୍ତପଞ୍ଚମୀର ଅମୃତସ୍ନାନ ପରେ ଭିଡ଼ କମିବ ବୋଲି ପୂର୍ବରୁ ଆଶା କରାଯାଉଥିଲା। କିନ୍ତୁ ରବିବାରଠାରୁ ପ୍ରୟାଗରାଜରେ ପବିତ୍ର ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିଯୋଗୁ ଲକ୍ଷ୍ନୌରୁ ପ୍ରୟାଗରାଜକୁ ଯିବାକୁ ହେଲେ ୫ ଘଣ୍ଟା ଲାଗୁଛି ବୋଲି ଜଣେ ବ୍ୟକ୍ତି କହିଛନ୍ତି। ଆଉ ଜଣେ ଶ୍ରଦ୍ଧାଳୁଙ୍କ ମତରେ ଲୋକେ ୪୮ ଘଣ୍ଟା ପର୍ଯ୍ୟନ୍ତ ଜାମ୍‌ରେ ଫସିରହିଛନ୍ତି। ୫୦ କି.ମି. ଅତିକ୍ରମ କରିବାକୁ ୧୦-୧୨ ଘଣ୍ଟା ସମୟ ଲାଗିଯାଉଛି। ପ୍ରୟାଗରାଜ ସହର ମଧ୍ୟରେ ପ୍ରାୟ ୭ କି.ମି. ଏବଂ ସେଠାରୁ ବାରାଣସୀ, ଲକ୍ଷ୍ନୌ ଓ କାନପୁରକୁ ଯାଇଥିବା ରାସ୍ତାରେ ୨୫ କି.ମି. ପର୍ଯ୍ୟନ୍ତ ଭିଡ଼ ଲାଗିରହିଛି। କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ପ୍ରୟାଗରାଜ ସଙ୍ଗମ ରେଳଷ୍ଟେଶନକୁ ବନ୍ଦ କରିଦିଆଯାଇଛି। ଭିଡ଼ର ପ୍ରଭାବ ପଡ଼ୋଶୀ ମଧ୍ୟପ୍ରଦେଶର କେତେକ ଜିଲାରେ ମଧ୍ୟ ପରିଲକ୍ଷିତ ହୋଇଛି। ୨୦୦-୩୦୦ କି.ମି. ପର୍ଯ୍ୟନ୍ତ ଏଭଳି ଭିଡ଼ ଲାଗିରହିଥିବା ମଧ୍ୟପ୍ରଦେଶର ମଇହାର ପୋଲିସ ପକ୍ଷରୁ କୁହାଯାଇଛି। ରେୱା ଜୋନ୍ ପୋଲିସ ଆଇଜି ପ୍ରକାଶ ପାଣ୍ଡେ କହିଛନ୍ତି, ମଧ୍ୟପ୍ରଦେଶ ପୋଲିସ ପ୍ରୟାଗରାଜ ପ୍ରଶାସନ ସହ ସମନ୍ୱୟ ରଖି ଟ୍ରାଫିକ୍ ଦୁରବସ୍ଥା ଏଡ଼ାଇବାକୁ ଉଦ୍ୟମ ଚଳାଇଛି। ଦିନେ ଦୁଇଦିନ ଭିତରେ ସ୍ଥିତି ନିୟନ୍ତ୍ରଣକୁ ଆସିଯିବ।

# ପରୀକ୍ଷାର୍ଥୀଙ୍କ ମନୋବଳ ବଢ଼ାଇଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୨(ସୁଚିସ୍ମିତା ସାହୁ)

ପରୀକ୍ଷା ସମୟ ପ୍ରାୟ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ପାଲଟିଥାଏ। କିନ୍ତୁ ବିଦ୍ୟାର୍ଥୀମାନେ ଚାପଗ୍ରସ୍ତ ନ ହୋଇ ପରୀକ୍ଷାର ପୂର୍ବ ସମୟକୁ ଶିକ୍ଷକଙ୍କ ପରାମର୍ଶ ମାନି ସମୟର ଠିକ୍ ଉପଯୋଗ କରନ୍ତୁ। ସର୍ବଦା ଆତ୍ମବିଶ୍ୱାସ ସହ କଠୋର ପରିଶ୍ରମ ଜାରି ରଖନ୍ତୁ। ଫଳାଫଳ କଥା ନ ଭାବି ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଫୋକସ କଲେ ହିଁ ସଫଳତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ 'ପରୀକ୍ଷା ପେ ଚର୍ଚ୍ଚା ୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଏପରି ବହୁ ଉପଦେଶ ଦେଇଛନ୍ତି। 'ପରୀକ୍ଷା ପେ ଚର୍ଚ୍ଚା'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକଙ୍କ ସହ କଥା ହେଉଥିବା ଭିଡିଓ ପ୍ରସାରଣ କରାଯାଇଥିଲା। ସେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିବା ସହ ଧୈର୍ଯ୍ୟ, ସିଦ୍ଧାନ୍ତ ଓ ଦୃଢ଼ ବିଶ୍ୱାସର ସହ ପରୀକ୍ଷା ପାଇଁ ପ୍ରସ୍ତୁତ ରହିବା ଏବଂ ଚାପମୁକ୍ତ ରହି ପରୀକ୍ଷା ଦେବା ସହ ସଫଳତା ହାସଲ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇ ସେମାନଙ୍କ ମନୋବଳ ବଢ଼ାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପରୀକ୍ଷା ପ୍ରତି ମନରେ ଭୟ ଆସିଲେ ଏକାଗ୍ରତା ଚାଲିଯାଏ। ଏକାଗ୍ରତା ପାଇଁ ଟିକେ ରିଲାକ୍ସ ହେବା ଦରକାର। ଏଣୁ ଅଧିକ ସମୟ ଏକାଗ୍ର ଚିତ୍ତରେ ପାଠପଢ଼ିବା ସମୟରେ ୫ରୁ ୧୦ ମିନିଟ୍ ବିରତି ନେବା ଆବଶ୍ୟକ। ଏବେ ମୁଣ୍ଡ ଉପରେ ପରୀକ୍ଷା ଆସି ଉପନୀତ ହୋଇସାରିଛି। ମୋର ଦୃଢ଼ ବିଶ୍ୱାସ ତୁମଙ୍କୁ ନିଜ ନିଜ ପରିଶ୍ରମର ମୂଲ୍ୟ ନିଶ୍ଚିତ ଭାବରେ ମିଳିବ। ସର୍ବଦା ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ଉଦ୍ୟମ ଆଦୌ ବୃଥା ଯିବନାହିଁ। ପରୀକ୍ଷା ସମୟରେ ଅଲଗା ଚିନ୍ତା ନ କରି ପ୍ରଶ୍ନ ଉପରେ ଧ୍ୟାନଦେବା ଉଚିତ। ଯେଉଁ ବିଷୟରେ ପରୀକ୍ଷା ଦେବ, ପରୀକ୍ଷା ପୂର୍ବରୁ ସେହି ବିଷୟର ସାରାଂଶ ନୋଟ୍ କରି ରଖ। ଏହାକୁ ବାରମ୍ବାର ଅଭ୍ୟାସକରି ପରୀକ୍ଷା ହଲ୍‌କୁ ଯିବା ଦ୍ୱାରା ତୁମେମାନେ ନର୍ଭସ ହେବ ନାହିଁ। ପଢ଼ା ସମୟରେ ଡିଜିଟାଲ ଉପକରଣ ଅତ୍ୟନ୍ତ କମ୍ ବ୍ୟବହାର କରିବା ଉଚିତ। ବିଶେଷକରି ପରୀକ୍ଷା ବା ପାଠପଢ଼ା ସମୟରେ ମୋବାଇଲଠାରୁ ଦୂରେଇ ରହିବା ଆବଶ୍ୟକ। ମନକୁ ଅସ୍ଥିର ନ କରି ଶର୍ଟ ନୋଟ୍ କରିବା ସହ ଫଣ୍ଡାମେଣ୍ଟାଲ କ୍ଲିୟର କରି ବାରମ୍ବାର ପାଠ୍ୟକ୍ରମର ପୁନରାବୃତ୍ତିକରି ପରୀକ୍ଷାକୁ ଯାଅ। ବ୍ରାହ୍ମ ମୁହୂର୍ତ୍ତରେ ପାଠ ପଢ଼ିଲେ ଅତିଶୀଘ୍ର ପାଠ ମନେରୁହେ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ କଥାହେବା ବେଳେ କହିଛନ୍ତି। ମାଟ୍ରିକ୍ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିବା ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟର ୧୬୮ଜଣ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ କଥା ହୋଇଥିଲେ। ଲିଜା ନାୟକ, ଶୁଭମ ପାତ୍ର, ଜେ. ମୀନାକ୍ଷୀ, ସସ୍ମିତା ସାହୁ, ସଞ୍ଜୀବ ଦିଗଲ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହ ଆଲୋଚନାରେ ଭାଗନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପ୍ରସ୍ତୁତି କିଟ୍ ବାଣ୍ଟିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ସାହା, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ସମେତ ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ମାଟ୍ରିକ ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

## 'ପରୀକ୍ଷା ପେ' ଚର୍ଚ୍ଚା'ର ଅଷ୍ଟମ ସଂସ୍କରଣ

- ଚାପଗ୍ରସ୍ତ ନ ହୋଇ ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଫୋକସ କର
- ପରୀକ୍ଷା ପୂର୍ବରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ କଥା ମାନି ପାଠପଢ଼

# ଅନ୍‌ଲାଇନ୍‌ରେ ମାଟ୍ରିକ ପରୀକ୍ଷା ଆଡ୍‌ମିଟ କାର୍ଡ

କଟକ,୧୦।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା-୨୦୨୫ର ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଛି। ବୋର୍ଡ ୱେବସାଇଟ୍ www.bseodisha.ac.inରେ ଏହି ଆଡ୍‌ମିଟ୍ କାର୍ଡ ସୋମବାରଠାରୁ ଉପଲବ୍ଧ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ (୧ମ) ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ପତ୍ର ବିନିମୟ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ମଧ୍ୟ ସେହି ଏକା ୱେବସାଇଟ୍‌ରେ ଉପଲବ୍ଧ ହୋଇଥିବା ଜଣାଯାଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ

କଟକ,୧୦।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଆଦର୍ଶ ବିଦ୍ୟାଳୟର ୬ଷ୍ଠ ଓ ୯ମ ଶ୍ରେଣୀରେ ନାମ ଲେଖା ନିମନ୍ତେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ନିଜ ପରୀକ୍ଷାଫଳ ଜାଣିପାରିବେ। ବୋର୍ଡ ୱେବସାଇଟ୍ www.bseodisha.ac.inରେ ଏହି ଫଳ ଉପଲବ୍ଧ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ନଳକୂପ ଖନନକୁ ପୁନଃ ଅନୁମତି

ଭୁବନେଶ୍ୱର,୧୦।୨(ବନ୍ଦନା ସେଠୀ)

- ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା 'ହର୍ ଘର୍ ଜଳ'ର ବ୍ୟବସ୍ଥା ଲକ୍ଷ୍ୟ: ମନ୍ତ୍ରୀ
- ୭୦ ଜନସଂଖ୍ୟା ଥିବା ଗାଁରେ ଗୋଟିଏ ନଳକୂପ ଖୋଳାଯିବ

ଖରାଦିନ ପୂର୍ବରୁ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣକୁ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ୭୦ଜନସଂଖ୍ୟା ଥିବା ଗାଁରେ ଗୋଟିଏ ଲେଖାଏ ଓ ୭୦ରୁ ଅଧିକ ଜନସଂଖ୍ୟାବିଶିଷ୍ଟ ଗ୍ରାମରେ ଦୁଇଟି ନଳକୂପ ଖନନ ହେବ। ଏନେଇ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସୋମବାର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଲେ, ନଳକୂପ ଖୋଳିବା ପାଇଁ ପୂର୍ବ ସରକାର ପ୍ରକ୍ରିୟା ବନ୍ଦ କରିଥିବାବେଳେ ବର୍ତ୍ତମାନ ରାଜ୍ୟ ସରକାର ଏହାକୁ ପୁନଃ ଅନୁମତି ଦେଇଛନ୍ତି। ଉପକୂଳ ଅଞ୍ଚଳରେ ସାଲାଇନ ପାଣି ଥିବାରୁ ୧୦ବର୍ଷ ପରେ ମଧୁର ପାଣି ସରିଯାଉଛି। ଏଥିପାଇଁ ଅଧିକ ଆଡି ବନ୍ଧ ନିର୍ମାଣ ହେବ। ଖରାଦିନ ପାଇଁ ପାନୀୟ ଜଳ ବ୍ୟବସ୍ଥାକୁ ବ୍ୟାପକ କରାଯାଉଥିବାବେଳେ ସୋଲାର ମାଧ୍ୟମରେ ସରକାର ପାନୀୟ ଜଳ ଯୋଗାଇଦେବେ। ସେହିଭଳି ଅନ୍ୟ ଅସୁବିଧା ହେଲେ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇଦିଆଯିବ। ତେବେ ଜଙ୍ଗଲ କିସମ ଅଞ୍ଚଳରେ ନଳକୂପ ଖନନ ଏବଂ ଅନ୍ୟାନ୍ୟ କିଛି ସମସ୍ୟା ଥିବାରୁ ଏଥିପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ୭୨ଟି ବୃହତ ପାନୀୟଜଳ ପ୍ରକଳ୍ପ ଶେଷ ହୋଇ 'ହର୍ ଘର୍ ଜଳ'ର ବ୍ୟବସ୍ଥା କରାଯିବ। ଡିସେମ୍ବର ଶେଷ ସୁଦ୍ଧା ୫୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ ଏବଂ ୨୦୨୬ ଜୁନ ଶେଷ ସୁଦ୍ଧା ୮୧ଟି ବୃହତ ପାନୀୟଜଳ ପ୍ରକଳ୍ପ (ମୋଟ ୨୦୭)ର ନିର୍ମାଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଜନସାଧାରଣଙ୍କଠାରୁ ଅଭିଯୋଗ ଶୁଣାଣି ମାଧ୍ୟମରେ ଯେଉଁ ସବୁ ପ୍ରସ୍ତାବ ଆସୁଛି ସେସବୁ ଉପରେ ମଧ୍ୟ କାର୍ଯ୍ୟ ଚାଲିଛି। ବିଗତ ବର୍ଷଗୁଡିକରେ ବିଦ୍ୟୁତ୍ ଦେୟ ପଇଠ ହୋଇ ନ ଥିବା ଯୋଗୁ ଗ୍ରାମାଞ୍ଚଳର ଅନେକ ପାନୀୟଜଳ ପ୍ରକଳ୍ପର ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଉଥିଲା। ତେଣୁ ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳର ବୃହତ ପାନୀୟ ଜଳ ପ୍ରକଳ୍ପର ବକେୟା ବିଦ୍ୟୁତ୍ ଦେୟ ପାଇଁ ବସୁଧା ଯୋଜନା ଅଧୀନରେ ମିଳୁଥିବା ଅନୁଦାନକୁ ବ୍ୟବହାର କରିବା ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିର୍ଦ୍ଦେଶ ଦେଇଛି। ସାମଗ୍ରିକ ଭାବରେ ରାଜ୍ୟବାସୀଙ୍କ ପାନୀୟ ଜଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଷଣ୍ଢ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

## ରାସ୍ତାରେ ମୃତଦେହ ରଖି ଗ୍ରାମବାସୀଙ୍କ ବିକ୍ଷୋଭ

## ଉଦ୍ଧାର ବେଳେ ଷଣ୍ଢର ବି ଜୀବନ ଗଲା

ବାରଙ୍ଗ,(ଲିଙ୍ଗରାଜ ରାଉତ)/
ଭୁବନେଶ୍ୱର,୧୦।୨ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଇଞ୍ଜଣା ପଞ୍ଚାୟତ ଅନ୍ତର୍ଗତ ରୋକଟ ଗାଁରେ ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ହେମଲତା ଦାସ (୭୦)। ହେମଲତା ରବିବାର ଫୁଲ ତୋଳୁଥିବା ବେଳେ ଷଣ୍ଢ ଆକ୍ରମଣର ଶିକାର ହୋଇଥିଲେ। ସୋମବାର ସେ ଆଖି ବୁଜିଛନ୍ତି। ତେବେ ଷଣ୍ଢଟି ଇଞ୍ଜଣା ଅଞ୍ଚଳରେ କିଛିଦିନ ହେବ ଆତଙ୍କ ରଚିଥିବା ବେଳେ ଏହାଦ୍ୱାରା ଏକାଧିକ ଲୋକ ଆହତ ହୋଇଥିଲେ। ପ୍ରଶାସନ ପକ୍ଷରୁ ଷଣ୍ଢକୁ କାବୁ କରାଯାଉ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଥିଲେ। ଫଳରେ ଜରିପାଟଣା-ଇଞ୍ଜଣା ମୁଖ୍ୟରାସ୍ତାରେ ସକାଳ ୭ରୁ ପ୍ରାୟ ୩ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପକ୍ଷରେ ଉଦ୍ଧାର ବେଳେ ଷଣ୍ଢଟିର ମଧ୍ୟ ଜୀବନ ଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଷଣ୍ଢଟି ୩ରୁ ୪ଦିନ ହେବ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରୁଥିଲା। ଆକ୍ରମଣରେ ୨ ବାଛୁରୀ ଓ ଗୋଟିଏ ଗାଈ, ୭ରୁ ଊର୍ଦ୍ଧ୍ୱ ଲୋକ ମଧ୍ୟ ଆହତ ହୋଇଥିଲେ। ଫଳରେ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଷଣ୍ଢକୁ ଆୟତ୍ତ କରି ଅନ୍ୟ ସ୍ଥାନରେ ଛାଡ଼ିବାକୁ ବିଏମ୍‌ସି ଅଧିକାରୀଙ୍କୁ ଲୋକମାନେ ଜଣାଇଥିଲେ। ତେବେ ଉକ୍ତ ଅଞ୍ଚଳ ପଞ୍ଚାୟତ ଅଧୀନରେ ଯାଉଥିବାରୁ ବିଏମ୍‌ସି କିଛି କର୍ଣ୍ଣପାତ କରି ନ ଥିଲା। ଗାଁ ଲୋକେ ପଞ୍ଚାୟତକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ଉଦ୍ୟମ ମଧ୍ୟ ହୋଇ ନ ଥିଲା। ଲୋକମାନେ ବନବିଭାଗ, ପୋଲିସ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଜଣାଇଥିଲେ ମଧ୍ୟ ଷଣ୍ଢକୁ କେହି କାବୁ କରି ନ ଥିଲେ। ରବିବାର ସକାଳେ ହେମଲତା ଘର ପଛପାର୍ଶ୍ୱରେ ଫୁଲ ତୋଳୁଥିବାବେଳେ ଷଣ୍ଢଟି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ହେମଲତାଙ୍କ ଅଣ୍ଟା ଭାଙ୍ଗିଯିବା ସହ ଗୁରୁତର ହୋଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବାବେଳେ ବୟସାଧିକ କାରଣରୁ ଅସ୍ତ୍ରୋପଚାର ସମ୍ଭବପର ନୁହେଁ ବୋଲି ଡାକ୍ତର କହି ପ୍ରାଥମିକ ଚିକିତ୍ସା କରି ଦେଇଥିଲେ। ତେବେ ଘରେ ହେମଲତାଙ୍କ ମୃତ୍ୟୁ ପରେ ଗାଁ ଲୋକଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା। ଲୋକମାନେ ଗାଁମୁଣ୍ଡ ରାସ୍ତାରେ ମୃତଦେହ ରଖି ଟାୟାର ଜାଳି ଷଣ୍ଢକୁ ଧରିବା ଜିଦ୍‌ରେ ରାସ୍ତାରୋକୋ କରିଥିଲେ। ମଞ୍ଚେଶ୍ୱର ପୋଲିସ ପହଞ୍ଚି ବିଏମ୍‌ସି ଓ ବନବିଭାଗ ସହ କଥା ହୋଇ ଷଣ୍ଢକୁ ଧରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷରେ କଳିଙ୍ଗ ରକ୍ଷକ ଫାଉଣ୍ଡେଶନର କର୍ମକର୍ତ୍ତାମାନେ ଷଣ୍ଢକୁ ଧରିବାକୁ ଉଦ୍ୟମ ଆରମ୍ଭ କରିଥିବାବେଳେ ଗାଁ ଲୋକେ ସହଯୋଗ କରିଥିଲେ। ଦୀର୍ଘ ସମୟର ପ୍ରୟାସ ପରେ ଗାଁ ପଛପଟ ଗହିର ମଧ୍ୟରୁ ଷଣ୍ଢକୁ କାବୁ କରାଯାଇଥିଲେ ମଧ୍ୟ ତାର ମୃତ୍ୟୁ ଘଟିଥିଲା।

# ଓଡ଼ିଶାରେ ୩ କ୍ୟାଡେଟ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା ହେବ



ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଏନ୍‌ସିସି ମହାନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଗୁର୍‌ବୀରପାଲ ସିଂହ ଓ ଅନ୍ୟମାନେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏନ୍‌ସିସି ମହାନିର୍ଦ୍ଦେଶକ

- କ୍ୟାଡେଟ ସଂଖ୍ୟା ୬୦ରୁ ୯୦ ହଜାରକୁ ବୃଦ୍ଧି ପାଇବ
- ବିମାନ ଉଡାଣ ପ୍ରଶିକ୍ଷଣ ପାଇଁ ଝାରସୁଗୁଡ଼ା ଏୟାରପୋର୍ଟରେ ହ୍ୟାଙ୍ଗର ପ୍ରତିଷ୍ଠା ଯୋଜନା
- କୋରାପୁଟରେ ଗ୍ରୁପ୍ ହେଡ୍ କ୍ୱାର୍ଟର୍ସ

ଭୁବନେଶ୍ୱର,୧୦।୨(ସୁଚିସ୍ମିତା ସାହୁ)

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ମହାନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଗୁର୍‌ବୀରପାଲ ସିଂହ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ରାଜ୍ୟରେ ଏନ୍‌ସିସିର ସମ୍ପ୍ରସାରଣ ନେଇ ଆଲୋଚନା କରିଛନ୍ତି। ଏନ୍‌ସିସି ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ କଟକ, ବ୍ରହ୍ମପୁର ଓ ସମ୍ବଲପୁରରେ ୩ ଟ୍ରେନିଂ ସେଣ୍ଟର ଖୋଲିବାକୁ ଯୋଜନା ରହିଛି। ଏଥିପାଇଁ କଟକ ଓ ବ୍ରହ୍ମପୁରରେ ୫ ଏକର ଲେଖାଏ ଜମି ଉପଲବ୍ଧ ଥିବାବେଳେ ସମ୍ବଲପୁରରେ ୧୦ ଏକର ଜମି ଯୋଗାଇ ଦିଆଯିବ। ଏଥିସହ ଓଡ଼ିଶାରେ ଏନ୍‌ସିସି କାଡେଟ୍ ସଂଖ୍ୟା ୬୦ ହଜାରରୁ ୯୦ ହଜାରକୁ ବୃଦ୍ଧି କରାଯିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ସହିତ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ମଧ୍ୟ ଏନ୍‌ସିସି ଶାଖା ପ୍ରତିଷ୍ଠା କରାଯିବ। ଏଥିସହ କୋରାପୁଟରେ ଏନ୍‌ସିସିର ଗ୍ରୁପ୍ ହେଡ୍ କ୍ୱାର୍ଟର୍ସ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକାରୀ ଓ କର୍ମଚାରୀ ମଧ୍ୟ ଯୋଗାଇ ଦିଆଯିବ। ଝାରସୁଗୁଡ଼ା ଏୟାରପୋର୍ଟରେ ଏନ୍‌ସିସି ପିଲାମାନଙ୍କୁ ବିମାନ ଉଡାଣ ପ୍ରଶିକ୍ଷଣ ଦେବାପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ସେଠାରେ ଏକ ହ୍ୟାଙ୍ଗର ପ୍ରତିଷ୍ଠା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୧.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏନ୍‌ସିସି ଦେଶର ଏକ ପ୍ରତିଷ୍ଠିତ ସଂସ୍ଥା। ଛାତ୍ର ଓ ଯୁବଶକ୍ତିର ସମ୍ଭାବନାକୁ ବିକଶିତ କରି ଦେଶର ସେବାରେ ନିୟୋଜିତ କରିବା କ୍ଷେତ୍ରରେ ଏହାର ତୁଳନା ନାହିଁ। ତେଣୁ ଓଡ଼ିଶାରେ ଏନ୍‌ସିସିର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଏନ୍‌ସିସି ଡାଇରେକ୍ଟର କରୋନେଲ ସାଗର ମହାନ୍ତି ଓ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏନ୍‌ସିସି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ନିଷ୍ପତ୍ତିଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥିର ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜବିହାରୀ ଧଳ ଏବଂ ଏନ୍‌ସିସିର ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ।

## ମା'ବାପାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ

# କ୍ଷମା ମାଗିଲେ ୟୁଟ୍ୟୁବର୍ ରଣବୀର

## ମାମଲା ପରେ ଭିଡିଓ ହଟାଇବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ମୁମ୍ବାଇ, ୧୦।୨

ରିୟାଲିଟି ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ରେ ମା'ବାପାଙ୍କ ବିଷୟରେ ଅଶ୍ଳୀଳ ମନ୍ତବ୍ୟ ଦେବା ଲୋକପ୍ରିୟ ୟୁଟ୍ୟୁବର୍ ରଣବୀର ଆହ୍ଲାବାଦୀଆଙ୍କ ପାଇଁ ମହଙ୍ଗା ପଡ଼ିଛି। ମହାରାଷ୍ଟ୍ର ମହିଳା କମିଶନଙ୍କ ଅଭିଯୋଗ ଆଧାରରେ ସୋମବାର ମୁମ୍ବାଇ ପୋଲିସ ରଣବୀରଙ୍କ ସମେତ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅର୍ପୂବା ମୁଖିଜା, ଷ୍ଟାଣ୍ଡଅପ୍ କମେଡିଆନ ସମୟ ରୈନା ଏବଂ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ କରିଛି। ରଣବୀର 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ'ରେ ଯୋଗଦେଇ ଜଣେ ପ୍ରତିଯୋଗୀଙ୍କୁ ତାଙ୍କ ମା'ବାପାଙ୍କ ସମ୍ବନ୍ଧିତ ଏକ ଅଶ୍ଳୀଳ ପ୍ରଶ୍ନ ପଚାରିଥିଲେ। ଏହାର ଏକ କ୍ଲିପ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ରଣବୀର ଜଣେ ପ୍ରତିଯୋଗୀଙ୍କୁ ପଚାରୁଛନ୍ତି, କ'ଣ ତୁମେ ଜୀବନ ସାରା ତୁମ ମା'ବାପାଙ୍କୁ ପ୍ରତ୍ୟେକ ଦିନ ଯୌନ କ୍ରିୟା କରୁଥିବାର ଦେଖିବାକୁ ପସନ୍ଦ କରିବ। ରଣବୀରଙ୍କ ଏହି ଅଶ୍ଳୀଳ ପ୍ରଶ୍ନ ପରେ ତାଙ୍କ ସହ ଉପସ୍ଥିତ ଥିବା ସମୟ ଓ ଅର୍ପୂବା ହସି ହସି ରଣବୀରଙ୍କୁ ସମର୍ଥନ ଜଣାଇଛନ୍ତି। ଉକ୍ତ କ୍ଲିପ୍ ଭାଇରାଲ ହେବା ପରେ ବହୁ ସୋସିଆଲ ମିଡିଆ ୟୁଜର୍ସ ରଣବୀରଙ୍କୁ ସମାଲୋଚନା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୋମବାର ମୁମ୍ବାଇ ପୋଲିସର ଏକ ଟିମ୍ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ'ର ଷ୍ଟୁଡିଓରେ ପହଞ୍ଚି ତଦନ୍ତ ଚଳାଇଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଘଟଣାକୁ ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ କହିଛନ୍ତି, ସେ ବର୍ତ୍ତମାନ ସୁଦ୍ଧା ରଣବୀରଙ୍କ ବିବାଦୀୟ ମନ୍ତବ୍ୟକୁ ଶୁଣି ନାହାନ୍ତି। ତେବେ ଭାରତୀୟ ସମାଜ ପ୍ରତି ତାଙ୍କ ମନ୍ତବ୍ୟ ଅତ୍ୟନ୍ତ ଅଶ୍ଳୀଳ ହୋଇଥିବା ସେ ଜାଣିବାକୁ ପାଇଛନ୍ତି। ଶୃଙ୍ଖଳାଗତ ସୀମାକୁ ଅତିକ୍ରମ କରିଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଉକ୍ତ ଭିଡିଓକୁ ହଟାଇବା ପାଇଁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ୟୁଟ୍ୟୁବ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ସମାଜ ପାଇଁ ରଣବୀରଙ୍କ ମନ୍ତବ୍ୟ ଅତ୍ୟନ୍ତ ଆପତ୍ତିଜନକ ଓ ଅଶ୍ଳୀଳ ହୋଇଥିବା ଏନ୍‌ଏଚ୍‌ଆର୍‌ସି କହିଛନ୍ତି। ବିବାଦ ବଢ଼ୁଥିବା ଦେଖି ରଣବୀର ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି। ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି ସେ ଶୋ'ର ନିର୍ମାତାଙ୍କୁ ଭିଡିଓର ବିବାଦୀୟ ଅଂଶ ହଟାଇବାକୁ ଅନୁରୋଧ କରିଛନ୍ତି। ରଣବୀର କହିଛନ୍ତି, ତାଙ୍କୁ ଏପରି ମନ୍ତବ୍ୟ ଦେବାର ନ ଥିଲା। ଏଥିପାଇଁ ସେ ଦୁଃଖିତ। ତାଙ୍କର ମନ୍ତବ୍ୟ ମଜାଳିଆ ମଧ୍ୟ ନ ଥିଲା। ଏପରି ମନ୍ତବ୍ୟ ଦେଇ ସେ ନିଜ ସ୍ତରକୁ ହ୍ରାସ କରିଛନ୍ତି। ଏଥିପାଇଁ ସେ ଭୁଲ ମାଗିଛନ୍ତି। ଆଗକୁ ଏପରି ଭୁଲ୍ କରିବେ ନାହିଁ ବୋଲି ରଣବୀର କହିଛନ୍ତି।



ରଣବୀର ଆହ୍ଲାବାଦୀଆ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଷ୍ଟେଟ୍ କମିଶନ ଫର ଓମେନର ୩୨ତମ ପ୍ରତିଷ୍ଠା ଦିବସ, ସ୍ଥାନ: ହୋଟେଲ ନ୍ୟୁ ମାରିୟନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାଗଣାରେ ଭୂମି ପ୍ରମାଣପତ୍ର ବଣ୍ଟନ ଦାବି ନେଇ ଆଲୋଚନା, ସ୍ଥାନ: ନଗର ଉନ୍ନୟନ ମନ୍ତ୍ରୀଙ୍କ ସରକାରୀ ବାସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ୩୯୧ ବ୍ଲକ କ୍ରାଇଟେରିଆ କଲେଜ ଲେକ୍‌ଚର୍ସ ଆଣ୍ଡ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ଦାବି ଦିବସ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପାୱାର ସେକ୍ଟର ଏମ୍ପ୍ଲଇଜ୍‌ସ ଜଏଣ୍ଟ ଫୋରମ ପକ୍ଷରୁ ରାଲି, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା। ଓ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କେଶରୀ, ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୩ଟା ୩୦।
- ଚିଲିକା ପ୍ରସ୍ତାବିତ ଉପକୂଳ ଜାତୀୟ ରାଜପଥ ପ୍ରସଙ୍ଗ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ଖାରବେଳ ନଗର, ସମୟ: ଅପରାହ୍ନ ୩ଟା ୩୦।
- ଯୁଗଶ୍ରୀ ଯୁଗନାରୀର ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସଞ୍ଚାରୀ ଟ୍ରଷ୍ଟ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ 'ଦେବଦାସୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ମହିଳା ସଶକ୍ତୀକରଣ ଓ ମହିଳା ଅଧିକାର ଆଇନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଜଟଣୀ ମହାବିଦ୍ୟାଳୟର ୪୯ତମ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଆନିମିଆ ମୁକ୍ତ କ୍ୟାମ୍ପସ ସ୍ୱାସ୍ଥ୍ୟ ଶିବିର-୨୦୨୫, ସ୍ଥାନ:ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ଏଚ୍‌ଆର୍‌ଡିସି ସେଣ୍ଟର, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ ବାଲେଶ୍ୱର,
- ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୧୪ତମ ବାର୍ଷିକ ରୂପ୍‌ସା ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ:ପୋଡ଼ାଡିହା ମହୋତ୍ସବ ପଡ଼ିଆ, ରୂପ୍‌ସା,ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଅନ୍ତର୍ଜାତୀୟ ଟିଲୋ କପ୍‌ର ୫ମ ଦିନ ମ୍ୟାଚ୍, ସ୍ଥାନ: ହନୁମାନଜୀଉ ମିନିଷ୍ଟାଡିୟମ୍, ବନ୍ତ, ସମୟ: ସକାଳ ୯ଟା।
- ଅଟଳ ବିହାରୀ କଲେଜର ବାର୍ଷିକୋତ୍ସବ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ବିହାର ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପ୍ରତିଭା ସମ୍ମାନ, ସ୍ଥାନ: ଶିଶୁବିହାର ଶିକ୍ଷାନୁଷ୍ଠାନ ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ନିତ୍ୟାନନ୍ଦ ମହାପ୍ରଭୁଙ୍କ ୧୦୮ତମ ଜନ୍ମବାର୍ଷିକୀ ଉତ୍ସବ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜୟନଗର ପଡ଼ିଆ, ଧାମନଗର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମା' ବିଶ୍ୱ ତାରିଣୀ ପୀଠରେ ପୂଜାର୍ଚ୍ଚନା, ଭଜନକୀର୍ତ୍ତନ, ସ୍ଥାନ: ଛେନାପଦି, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ ଉପଲକ୍ଷେ ଗୀତାପାଠ, ଚଣ୍ଡୀପାଠ, ବେଦପାଠ, ସ୍ଥାନ: ସୋସୋ, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ବିଶ୍ୱଶାନ୍ତି ଗୀତା ମହାଯଜ୍ଞ, ଘଟୋତ୍ତୋଳନ, ଗ୍ରାମଦେବତୀ ପୂଜା, ସ୍ଥାନ: ଶାସଙ୍ଗ, ଛେନାପଦି, ସମୟ: ସକାଳ ୮ଟା।
- ମା' ତାରିଣୀ କଳାକାର ପରିଷଦ ତରଫରୁ ବ୍ଲକସ୍ତରୀୟ ପାଲା ସମ୍ମିଳନୀ ଏବଂ ବାର୍ଷିକ ଉତ୍ସବ, ସ୍ଥାନ: ଚମାରତିରା, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ବାଟ ମଙ୍ଗଳାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ,ସ୍ଥାନ: କପ୍ତିପଦା ଦଧିବାମନ ଜୀଉ ମନ୍ଦିର ପ୍ରାଙ୍ଗଣ,ସମୟ:ସକାଳ ୮ଟା।
- ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟକ୍ରମ,ସ୍ଥାନ: ଶୁଳିଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁଳିଆପଦା, ସମୟ: ସକାଳ ୮ଟା।
- ମୟୂରଭଞ୍ଜ (ଏ) ସହିତ ରାଇରଙ୍ଗପୁର କ୍ରିକେଟ ମ୍ୟାଚ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୯ଟା।
- ୧୩୭ତମ ହରିହାଟ ମହୋତ୍ସବ, ସ୍ଥାନ: ମାଧପୁର ଶାସନ, ବଡ଼ସାହି ,ସମୟ: ପୂର୍ବାହ୍ନ ୧୦ଟା।
- ଜେପିଏଲ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଝିଙ୍କିରିଆ କ୍ରିକେଟ ପଡ଼ିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରଡ଼ା ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ସନ୍ଧ୍ୟା,ସ୍ଥାନ: ମାଧପୁର ଶାସନ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ଡାବୁଲ ତାମସା କାର୍ଯ୍ୟକ୍ରମ, ସ୍ଥାନ: ବାରୁଡ଼ିହି, ଚିତ୍ରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ମହିଳାମାନଙ୍କ ଲାଗି ଆଇନ ସଚେତନତା ଶିବିର, ସ୍ଥାନ: ସାବିତ୍ରୀ କଲ୍ୟାଣ ମଣ୍ଡପ, ଆସିକା: ସମୟ ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ମା'ଲୁର୍ଦ୍ଦୁମେରୀଙ୍କ ପର୍ବ,ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ କ୍ୟାଥଲିକ ଚର୍ଚ୍ଚ,ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ବାର୍ଷିକ ଉତ୍ସବ,ସ୍ଥାନ: କ. ନୂଆଗାଁ ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସିନଫେଷ୍ଟ ଉଦ୍‌ଘାଟନ ସମାରୋହ, ସ୍ଥାନ: ସିନର୍ଜୀ ଇଞ୍ଜିନିୟରିଂ କଲେଜ ପରିସର, ସମୟ: ଅପରାହ୍ନ ୪ଟା।
- ଯୋରନ୍ଦା ମାଘମେଳା ଓ ଝାଡ଼ଦୀପ ପ୍ରଜ୍ୱଳନ, ସ୍ଥାନ: ମହିମାଗାଦୀ ଯୋରନ୍ଦା, ସମୟ: ସନ୍ଧ୍ୟା ୫ଟା ୨୦।

## ଜଗତ୍‌ସିଂହପୁର

- ୫୯ତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀଉ ମନ୍ଦିର, ବୃନ୍ଦାବନ କଲୋନୀ,ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।
- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା
- ମା' ବନ୍ଦମଙ୍ଗଳାଙ୍କ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପାୟଲ ମ୍ୟୁଜିକ ଗ୍ରାମୀଣ ମହୋତ୍ସବ, ସ୍ଥାନ: ପାୟଲ ମ୍ୟୁଜିକ ସ୍କୁଲ, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ସୂର୍ଯ୍ୟ ମନ୍ଦିରର ୯ମ ବାର୍ଷିକ ଉତ୍ସବ,ସ୍ଥାନ : ଯାଜପୁର ରୋଡ ଡିଗିସାହି,ସମୟ : ସକାଳଂ ୯ଟା।
- ବ୍ୟାସ ସରୋବର ମହୋତ୍ସବର ୪ର୍ଥ ଦିବସ, ସ୍ଥାନ : ବ୍ୟାସ ସରୋବର ପରିସର, ସମୟ : ଅପରାହ୍ନ ୫ଟା।
- ଯଯାତି ମହୋତ୍ସବ-୨୦୨୫ ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ : ଯାଜପୁର ପ୍ରଶାସନିକ ଭବନ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ୮୩ ତମ ବିଶ୍ୱଶାନ୍ତି ଶୈବଯଜ୍ଞ ଓ ୩୯ତମ ବାର୍ଷିକ ସପ୍ତଶମ୍ଭୁ ମିଳନ ମହୋତ୍ସବର ୫ମ ଦିବସ, ସ୍ଥାନ: ଓଡ଼ଗାଁ ଜାମୁପାଟଣାସ୍ଥ ଶ୍ରୀ ଶ୍ରୀଦୂତିକେଶ୍ୱର ମହାଦେବ, ସମୟ: ସକାଳ ୮ଟା୩୦।
- ସପ୍ତାଙ୍ଗ କାର୍ଯ୍ୟକ୍ରମର ୬ଷ୍ଠ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ, ସମୟ: ସକାଳ ୮ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ୨ୟ ଦିବସ, ସ୍ଥାନ: କଣ୍ଟିଲା ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଠାଣୀ ସାମନ୍ତ ଫୁଟବଲ ଟୁର୍ଣ୍ଣାମେଣ୍ଟ ୩ୟ ଦିବସରେ ପ୍ରକାଶ ୧୧ ନୟାଗଡ଼ ବନାମ ବୋଲଗଡ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୂଆଗାଁ ବ୍ଲକର ଗୁଡୁପାଙ୍ଗି ବଡରାଉଳୀ ପୀଠ, ସମୟ: ଅପରାହ୍ନ ୪ଟା।
- ମାଘମେଳା ମହୋତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ମାଘମେଳା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୋଲନରା ଶିବ ମନ୍ଦିରସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଆଇନ ସଚେତନତା ତାଲିମ ଶିବିର, ସ୍ଥାନ: ବୈଭବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଝୁଜି ହାଇସ୍କୁଲ ବଡ଼କୁମୁଲିର ବାର୍ଷିକ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ନବରଙ୍ଗପୁର ଏକ୍ସବୋର୍ଡ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ବଗାପୂଜାରୀଙ୍କ ୮୩ତମ ଆତ୍ମବଳିଦାନ ଦିବସ, ସ୍ଥାନ: ଉମରକୋଟ ବଡ଼ଭରଣ୍ଡୀ ଶହୀଦ ସ୍ତମ୍ଭ ନିକଟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକ୍ ଘୋଷଣା ନେଇ ସର୍ବଦଳୀୟ ବୈଠକ, ସ୍ଥାନ: କାକିରୀଗୁମ୍ମା କଲ୍ୟାଣୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଫିଟନେସ୍ କ୍ୟାମ୍ପ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବ୍ୟାଙ୍କର୍ସ ମିଟ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ୍ କନ୍‌ଫରେନ୍ସ ହଲ୍, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଅନ୍ୱେଷା କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ବଡଯାତ୍ରାର ଶୁଭାରମ୍ଭ, ସ୍ଥାନ: ମାଉଲି ମା' ମାଲକାନଗିରି, ସମୟ: ରାତି ୮ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ : କବରାପାଲି, ସମୟ : ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଫ୍ରେଣ୍ଡସ୍ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୩୦।

## ରାଉରକେଲା

- ହରିପୁର ବସ୍ତି ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହରିପୁର ବସ୍ତି, ବାସନ୍ତୀ କଲୋନି, ସମୟ: ସକାଳ ୬ଟା ୩୦।
- ପାନୀୟ ଜଳ ସମସ୍ୟା ନେଇ ଉପ ଆୟୁକ୍ତଙ୍କୁ ଦାବିପତ୍ର, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଖଣ୍ଡ ଶାନ୍ତି ଜ୍ଞାନଯଜ୍ଞ, ସ୍ଥାନ: ପ୍ରଧାନପାଲ୍ଲୀ, ଛେଣ୍ଡ: ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ନ୍ୟାକ୍ ପିଅର୍ କମିଟିର ପରିଦର୍ଶନ,ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ସକାଳ ୯ଟା।
- ମହିଳା ଅଧିକାର ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବିଜେପୁର କଲେଜ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଗ୍ରାମ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଲାଞ୍ଜିଗଡ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁଇଦିନିଆ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଇଣ୍ଡୋର ହଲ, ସମୟ: ପୂର୍ବାହ୍ନ ୯ଟା।
- ଚାରଭାଟିକୁ ବ୍ଲକ ଦାବିରେ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱବିଦ୍ୟାଳୟ ସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଧର୍ମଗଡ଼ ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଚତୁର୍ଥ ବାଉଁଶୁଣୀ ଲୋକମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।
- ସପ୍ତମ ପରଗଳପୁର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ପରଗଳପୁର ଖେଳପଡିଆ, ହରଭଙ୍ଗା, ସମୟ ଅପରାହ୍ନ ୩ଟା।

## ଦେବଗଡ଼

- ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବଜରଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ନାଳ ପଡ଼ିଆ, ଦେବଗଡ଼, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଜୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ବଡ଼ମାଲ,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୭ଟା।
- ସପ୍ତାହ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ଭୁଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କଲ୍ୟାଣ ମଣ୍ଡପ ବୀରମହାରାଜପୁର, ବୀରମହାରାଜ ପୁର ବ୍ଲକ, ସମୟ: ସକାଳ ୧୦ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡ୍ଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ ; ସନ୍ଧ୍ୟା ୭ ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ୧୯ତମ ଜୟ ବଜରଙ୍ଗବାଲି କପ୍ କ୍ରିକେଟ ଟୁର୍ଣ୍ଣମେଣ୍ଟ ଲିଗ୍ ମ୍ୟାଚ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳପଡିଆ ବାଞ୍ଜିବାହାଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଥମ ମ୍ୟାରେଜ ଲେଗେନ୍ଦ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ ଓ ସମ୍ବଳ ଖେଳପଡିଆ ତରବୋଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ: ସାହାପଡ଼ା ନାମ ମଣ୍ଡପ, ସମୟ: ସକାଳ ୭ଟା।
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ହନୁମାନ ମନ୍ଦିର, ସାହାପଡ଼ା, ସମୟ: ସକାଳ ୭ଟା।
- ଏମ୍‌ସିଏଲ୍ ଠିକା କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ର ସାମ୍ମୁଖ୍ୟ ଦ୍ୱାରା ଶୋଭାଯାତ୍ରା ଓ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମାଘ ପୂର୍ଣ୍ଣମା ପାଳନ ପାଇଁ ପଣ୍ଡ୍ରି ଗ୍ରାମବାସୀଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ: ପଣ୍ଡ୍ରି କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅନୁକୂଳ ଗ୍ରହ ସ୍ଥିତିରୁ ପ୍ରତ୍ୟେକ ଦିଗରୁ ମନ ଖୁସି ରହିବ ଏବଂ ସ୍ଥଗିତ କାମ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। କଳ କାରଖାନା, ଜଳଜାତ ଦ୍ରବ୍ୟ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ସବୁ ଥାଇ ମଧ୍ୟ ପିଲାଙ୍କ ଭବିଷ୍ୟତ ବିଷୟରେ ଚିନ୍ତିତ ରହିବେ।

**ବୃଷ** ତୃତୀୟ ଚନ୍ଦ୍ର ପ୍ରଭାବରୁ ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହ ଗ୍ରହଣକରିବା ଭଲ। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧହୋଇପାରନ୍ତି।

**ମିଥୁନ** ରାଶିରେ ମଙ୍ଗଳଙ୍କ ସ୍ଥିତିଜନିତ ଜମିଜମା ବ୍ୟାପାରରେ ବିଘ୍ନ ଘଟିପାରେ। ପାରିବାରିକ କ୍ଷେତ୍ରର ସମସ୍ୟା ସୁଧାରିବାକୁ ଦୃଢ଼ ପଦକ୍ଷେପ ନେଲେ ଅଧିକ ଝମେଲାର ଆଶଙ୍କା ରହିଛି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ,ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ।

**କର୍କଟ** କେତୁଙ୍କ ପ୍ରଭାବରେ ପୂର୍ବରାଗ ଶୁଝାଇବାକୁ ଯାଇ ହଠାତ୍ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ପରିବହନ, ବ୍ୟବସାୟ ଓ ସଙ୍ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଦୃଷ୍ଟିକୋଣରୁ ଉପକୃତ ହେବେ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ** ମିତ୍ରକ୍ଷେତ୍ରସ୍ଥ ଧନାଧିପ ବୁଧଙ୍କ ଯୋଗୁ ଆର୍ଥିକ ପରିସ୍ଥିତି ବଦଳିଯିବାରୁ ମନ ହାଲୁକା ହୋଇଯିବ। କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟା ବୃଦ୍ଧି କରିପାରେ। ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। କଳା, ସାହିତ୍ୟ, ସଙ୍ଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା** ଶୁଭ ଚନ୍ଦ୍ର ପ୍ରଭାବରେ ସକାଳୁ କୌଣସି ଶୁଭ ଖବର ପାଇ ମନ ଖୁସି ହୋଇଯିବ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ଆଶା ନିରାଶାରେ ପରିଣତ ହେବ। ବହୁ ଦିନ ହେଲା ଇଚ୍ଛା କରୁଥିବା ଓ ଆଜି ସୁଦ୍ଧା ପାଇପାରି ନ ଥିବା ଜିନିଷଟି ପାଇ ଖୁସି ହେବେ। ବ୍ୟବସାୟରେ ସମସ୍ୟା ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** ପିଲାଙ୍କ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ମନେ ମନେ ବିରକ୍ତି ପ୍ରକାଶ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ କର୍ମକ୍ଷେତ୍ରରେ ଥିବା ସମସ୍ୟା ସମାଧାନରେ ସଫଳ ହେବେ।

**ବିଛା** ଗୁରୁଙ୍କ ଶୁଭଦୃଷ୍ଟିରୁ ଦୀର୍ଘଦିନ ହେଲା ଯାହାଙ୍କୁ ଭଲ ଭାବୁଛନ୍ତି ସେହି ବ୍ୟକ୍ତି ବଦଳିଯାଇପାରନ୍ତି। ଅଳ୍ପ ପରିଚିତ ଲୋକଟି ଫାଇଦା ହାସଲ ସକାଶେ ସର୍ବଦା ଚେଷ୍ଟିତ ରହିପାରେ। ସନ୍ଦେହ ଓ ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ସଙ୍ଗଠନ ଓ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ମିଳିବ।

**ଧନୁ** ଦ୍ୱିତୀୟରେ ରବି ଓ ବୁଧ ଅପ୍ରିୟସତ୍ୟ କୁହାଇ ଆପଣଙ୍କୁ ସମସ୍ୟା ଭିତରକୁ ଠେଲିଦେଇପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାକୁ ଚେଷ୍ଟା କରିବେ। ନିର୍ମାଣ, ପରିବହନ, ବ୍ୟବସାୟ, ଶିଳ୍ପରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**ମକର** ରବି ଓ ବୁଧଙ୍କ ରାଶ୍ୟାବସ୍ଥାନରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସହ ଲଢ଼େଇକରି କାର୍ଯ୍ୟ ହାସଲ କରିବେ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ** ରାହୁଯୁକ୍ତ ଶୁକ୍ରଜନିତ ସାମାଜିକ ସ୍ତରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ। ସନ୍ଧ୍ୟାରେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ତଥାପି କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ା, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି।

**ମୀନ** ବନ୍ଧୁଙ୍କ ସାହଚର୍ଯ୍ୟରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଯୋଗୁ ମନ ହାଲୁକା ହୋଇଯିବ। ରବିବାରର ଆଲୋଚନା ଅନୁଯାୟୀ ଆଜିର ଅଫିସିଆଲି କାମ ଠିକ୍ ଠିକ୍ ହୋଇଯିବ। ରବି ପ୍ରଭାବରେ ସରକାରୀ କ୍ଷେତ୍ରରେ ଗସ୍ତ କାର୍ଯ୍ୟକ୍ରମ ବଦଳିଯାଇପାରେ, କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

ଆଜି ଫେବୃଆରୀ ୧୧ ତାରିଖ, ମାଘ ଶୁକ୍ଳ ଚତୁର୍ଦ୍ଦଶୀ ମଙ୍ଗଳବାର, ମାସାନ୍ତ, ଯୋରନ୍ଦା ମହିମା ଗାଦିରେ ମେଳା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୧ ଗତେ, ଘ.୧୦।୫୩ ମଧ୍ୟେ, ଘ. ୦୧।୦୮ ଗତେ, ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୨।୫୦ ମି. ଗତେ, ଘ.୦୪।୧୫ ମି. ମଧ୍ୟେ ରାହୁକାଳ।

# କୃମି ଔଷଧ ଖାଇ ୭ ଛାତ୍ରୀ ଅସୁସ୍ଥ

ସୋର/ ମାଲକାନଗିରି, ୧୦।୨
(ଜନ୍ମେଜୟ ମିଶ୍ର/ ଦୁର୍ଯ୍ୟୋଧନ ପାତ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ କେଦାରପୁର ପଞ୍ଚାୟତ ଅନ୍ତର୍ଗତ ଥାନେଶ୍ୱରସ୍ଥିତ ବ୍ରହ୍ମାନନ୍ଦ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୃମି ଔଷଧ ଖାଇ ୬ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବିଦ୍ୟାଳୟରେ ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନଙ୍କୁ କୃମି ଔଷଧ ଦିଆଯାଇଥିଲା। ଏହି ଔଷଧ ଖାଇବାର କିଛି ସମୟ ପରେ ୬ ଜଣ ଛାତ୍ରୀ ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ ଅଭିଭାବକଙ୍କ ସହ ଅସୁସ୍ଥ ଛାତ୍ରୀମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସୋରୋ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ପରେ ଉକ୍ତ ଛାତ୍ରୀମାନେ ସୁସ୍ଥ ହେବାରୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ସେହିପରି କୃମି ବଟିକା ଖାଇ ମାଲକାନଗିରି ଜିଲା ଏମଭି - ୯ ପ୍ରାଥମିକ ବିଦ୍ୟାଳୟ ୬ଷ୍ଠ ଶ୍ରେଣୀ ଛାତ୍ରୀ ଡଲି ରାୟ(୧୧) ଅସୁସ୍ଥ ହୋଇପଡ଼ିଛନ୍ତି। ସ୍କୁଲ ପକ୍ଷରୁ ଛାତ୍ରୀଙ୍କ ପରିବାରକୁ ଖବର ଦିଆଯାଇ ନ ଥିଲା, କିମ୍ବା ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇ ନ ଥିଲା। ତେବେ ଡଲିଙ୍କ ଦାଦା ହରିପଦ ରାୟ ଝିଅରିଙ୍କ ଦେହ ଖରାପ ଥିବା ଜାଣି ସ୍କୁଲରୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସ୍କୁଲ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ଚିକିତ୍ସାଳୟ ନ ନେବା ଏବଂ ତାଙ୍କ ଦେହ ଅଧିକ ଅସୁସ୍ଥ ହେବା ଡଲିଙ୍କ ବାପା ରାମଚନ୍ଦ୍ର ରାୟ, ଦାଦା ହରିପଦ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଆଜି ମହିଳାଙ୍କ ସମସ୍ୟା ଶୁଣିବେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା

ଭୁବନେଶ୍ୱର, ୧୦।୨ (ବନ୍ଦନା ସେଠୀ)

ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହଟକର ସୋମବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ମଙ୍ଗଳବାର ଅପରାହ୍ନ ୨ଟାରେ ସେ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ହେବାକୁ ଥିବା 'ଜାତୀୟ ମହିଳା କମିଶନ- ଆପଣଙ୍କ ଦ୍ୱାରରେ' ଶୀର୍ଷକ ଜନ ଶୁଣାଣିରେ ଯୋଗଦେଇ ମହିଳାଙ୍କ ସହ ଜଡ଼ିତ ସମସ୍ୟା ଶୁଣିବେ। ମହିଳାମାନଙ୍କୁ ସଶକ୍ତ କରିବା ଏବଂ ତୃଣମୂଳସ୍ତରରେ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ଜାତୀୟ ମହିଳା ଆୟୋଗ ପକ୍ଷରୁ ଏହି ଜନଶୁଣାଣିର ଆୟୋଜନ କରାଯାଇଛି। ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜନଶୁଣାଣିରେ ଜିଲା ମାଜିଷ୍ଟ୍ରେଟ, ପୋଲିସ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସକ୍ରିୟ ଅଂଶଗ୍ରହଣ କରିବେ। ଭୁବନେଶ୍ୱର ଓ ଆଖପାଖ ସମସ୍ତ ସହରର ମହିଳାମାନେ କୌଣସି ପ୍ରକାରର ସମସ୍ୟାରେ ପୀଡ଼ିତ ଥିଲେ, ସେମାନେ ଏହି ଜନଶୁଣାଣିରେ ଅଂଶଗ୍ରହଣ କରି ନିଜର ସମସ୍ୟା ଆୟୋଗଙ୍କୁ ଜଣାଇ ପାରିବେ।

ପ୍ରଥମ ପୃଷ୍ଠାରୁ...

## ବାପାଙ୍କୁ କାଠଫାଳିଆରେ...

ଏହାକୁ ନେଇ ବାପପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ବିକାଶ ଉତ୍ୟକ୍ତ ହୋଇ ଅଜୟଙ୍କ ମୁଣ୍ଡର ପଛ ପାଖକୁ ଏକ କାଠଫାଳିଆରେ ପିଟିଥିଲେ। ଅଜୟ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଜୟଙ୍କ ସ୍ତ୍ରୀ ଗୁରୁବାରି ସେଠୀ ଯୋଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୨୫/୨୫)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ଓସିଏକୁ କାରଣ...

ସମ୍ପର୍କରେ ଆଗାମୀ ୧୦ ଦିନ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପାଇଁ ଏପରି ପଦକ୍ଷେପ ନିଆଯାଉଥିବା ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କ ନିକଟରୁ ଆସିଥିବା ଏହି ନୋଟିସରେ ଉଲ୍ଲେଖ କରାଯାଇଛି। ପ୍ରକାଶଯୋଗ୍ୟ, ୩୦୫ ରନ ଚେଜ୍ କରି ଭାରତ ବ୍ୟାଟିଂ କରୁଥିବାବେଳେ ୬.୧ ଓଭରରେ ଷ୍ଟାଡିୟମର ପୂର୍ବ-ଦକ୍ଷିଣ ପାର୍ଶ୍ୱର ନ୍ୟୁ-ପ୍ୟାଭିଲିୟନ ଉପର ଫ୍ଲଡ୍‌ଲାଇଟ ଲିଭି ଯାଇଥିଲା। ଜେନେରେଟର ଫେଲ୍ ହେବାରୁ ଏପରି ସମସ୍ୟା ଉପୁଜିଥିଲା। ଖେଳ ପାଇଁ ପର୍ଯ୍ୟାପ୍ତ ଆଲୋକର ଅଭାବରୁ ଦୁଇ ଭାରତୀୟ ଓପନର ରୋହିତ ଶର୍ମା ଓ ଶୁବମନ ଗିଲ୍ ଓ ଇଂଲଣ୍ଡ ଖେଳାଳିମାନେ ପଡ଼ିଆରେ ପାଖାପାଖି ୧୦ ମିନିଟ ଅପେକ୍ଷା କରି ଡ୍ରେସିଂ ରୁମ୍‌କୁ ଫେରି ଆସିଥିଲେ। ପାଖାପାଖି ୩୦ ମିନିଟ ଖେଳ ବାଧାପ୍ରାପ୍ତ ହେବାପରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ନୂଆ ଜେନେରେଟର ଲଗାଯାଇ ଫ୍ଲଡ୍‌ଲାଇଟ୍‌କୁ କାର୍ଯ୍ୟକ୍ଷମ କରାଯାଇଥିଲା। ତେବେ ଭାରତ ଇନିଂସରେ ଓଭର କଟା ନ ଯାଇ ପୁଣି ଖେଳ ଆରମ୍ଭ ହୋଇଥିଲା।

ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରକୃତରେ କେଉଁଠି ତ୍ରୁଟି ରହିଲା ତାହାର କାରଣ ଖୋଜାଯିବ। ଆମେ ବାରବାଟୀକୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଆଣିବାକୁ ଚାହୁଁଛୁ। ତେଣୁ ଭବିଷ୍ୟତରେ ଯେପରି ଏଭଳି ପରିସ୍ଥିତି ନ ଉପୁଜିବା ସେଥିପାଇଁ ଏହି ଘଟଣାର ତଦନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ଏକ ବୈଷୟିକ ତ୍ରୁଟି ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରକାଶ କରିଛନ୍ତି। ଜେନେରେଟର ନିକଟରେ ଟିମ୍ ବସ୍ ରହିଥିଲା। ବସ୍‌ରେ ଡ୍ରାଇଭର ଉପସ୍ଥିତ ନ ଥିଲେ। ତାଙ୍କୁ ଖୋଜି ବସ୍‌କୁ ହଟାଇବାପରେ ନୂଆ ଜେନେରେଟର ସଂଯୋଗ କରାଯାଇଥିଲା। ଫଳରେ ଏତେ ବିଳମ୍ବ ହୋଇଥିଲା। ନ ହେଲେ ୧୦-୧୫ ମିନିଟ ମଧ୍ୟରେ ସ୍ଥିତି ସ୍ୱାଭାବିକ ହୋଇପାରିଥାନ୍ତା ବୋଲି ସଞ୍ଜୟ କହିଛନ୍ତି। ଏଥିପାଇଁ ସେ କ୍ଷମା ପ୍ରାର୍ଥନା କରିବା ସହ ଆଗକୁ ଯେପରି ଏପରି ସ୍ଥିତି ନ ଉପୁଜିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ ସଭାପତି ଜୟ ଶାହାଙ୍କ ସହ କଥା ହୋଇଛନ୍ତି। ତେବେ ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ କିଛି ଆକ୍ସନ ନେବ ବୋଲି ସେ ଭାବିପାରୁ ନ ଥିବା ପ୍ରକାଶ କରିଛନ୍ତି।

ବାରବାଟୀର ଏହି ଘଟଣା ଏବେ କେବଳ ରାଜ୍ୟ କିମ୍ବା ଦେଶ ମଧ୍ୟରେ ସୀମିତ ହୋଇ ରହିନାହିଁ। ସୋମବାର ଇଂଲଣ୍ଡ ଗଣମାଧ୍ୟମରେ ପ୍ରକାଶିତ ଖବରରେ ମଧ୍ୟ ଏହାକୁ ନିନ୍ଦା କରାଯାଇଛି।




# ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ମାନ୍ୟତା ଦିଆଯାଉ

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିଲେ ବରଗଡ଼ ଏମ୍‌ପି

ବରଗଡ଼,୧୦।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ସୋମବାର ପାର୍ଲାମେଣ୍ଟ ଭବନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି। ତାଙ୍କୁ ସାକ୍ଷାତ୍ କରିବା ସହିତ ଗନ୍ଧମାର୍ଦ୍ଦନ ପର୍ବତମାଳାକୁ ଜାତୀୟ ସମ୍ପତ୍ତି ମାନ୍ୟତା ଏବଂ କୋଶଲି/ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ସେ ଦାବି ଉପସ୍ଥାପନ କରିଛନ୍ତି ବୋଲି ପୁରୋହିତ କହିଛନ୍ତି। ଏ ନେଇ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ପୃଥକ୍ ଭାବେ ୨ଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଗନ୍ଧମାର୍ଦ୍ଦନ ପର୍ବତମାଳା ଉଦ୍ଦେଶ୍ୟରେ ପୁରୋହିତ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗନ୍ଧମାର୍ଦ୍ଦନ ପର୍ବତ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ରହିଛି। ଏଠାରେ ପ୍ରାଚୀନ ନୃସିଂହନାଥ ମନ୍ଦିର, ହରିଶଙ୍କର ମନ୍ଦିର ରହିଛି ଏବଂ ଉଭୟ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏପରିକି ଚାଇନାର ପ୍ରସିଦ୍ଧ ପରିବ୍ରାଜକ ହୁଏନ୍‌ସାଂ ତାଙ୍କ ଲିଖିତ ସି-ୟୁ-କି ପୁସ୍ତକରେ ଗନ୍ଧମାର୍ଦ୍ଦନ ପ୍ରସଙ୍ଗରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଗନ୍ଧମାର୍ଦ୍ଦନ ପର୍ବତମାଳାରେ ଏକ ବୌଦ୍ଧ ବିହାର ଥିଲା ଏବଂ ସେଠାରେ ବୌଦ୍ଧ ଦାର୍ଶନିକ ନାଗାର୍ଜୁନ ଉପକୁଳପତି ଥିବା ଉକ୍ତ ପୁସ୍ତକରେ ଉଲ୍ଲେଖ ରହିଛି।

ସେହିପରି ଏହି ପର୍ବତମାଳାରେ ବକ୍ସାଇଟ୍, ଚୂନପଥର, ଗ୍ରାନାଇଟ୍ ଆଦି ଖଣିଜ ସମ୍ପଦ ଭରପୂର ରହିଛି। ବିଗତବର୍ଷରେ ତତ୍କାଳୀନ କଂଗ୍ରେସ ସରକାର ଉକ୍ତ ପର୍ବତମାଳାରେ ରହିଥିବା ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ବାଲ୍‌କୋ କମ୍ପାନୀକୁ ୪୭ବର୍ଷ ପାଇଁ ଲିଜ୍‌ରେ ଦେଇଥିଲେ। ଖଣି ଖନନ ପ୍ରକ୍ରିୟାରେ ସ୍ଥାନୀୟ ପରିବେଶ ଉପରେ ଏହାର କୁପ୍ରଭାବ ଏବଂ ଧାର୍ମିକ, ପୌରାଣିକ ଭାବାବେଗକୁ ଆଘାତ ହେବାରୁ ତାଙ୍କ ନେତୃତ୍ୱରେ ଗନ୍ଧମାର୍ଦ୍ଦନ ସୁରକ୍ଷା ସଂଘର୍ଷ ସମିତି ତାହାକୁ ଦୃଢ଼ ବିରୋଧ କରି ସେଥିରେ ସଫଳ ହୋଇଥିଲା ବୋଲି ପୁରୋହିତ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଜୈବ ବିବିଧତା, ପ୍ରାକୃତିକ ସୌନ୍ଦର୍ଯ୍ୟ, ପୌରାଣିକ ଏବଂ ଐତିହାସିକ ମହତ୍ତ୍ୱରେ ପରିପୂର୍ଣ୍ଣ ଗନ୍ଧମାର୍ଦ୍ଦନ ପର୍ବତମାଳାକୁ ଆସିବା ପାଇଁ ମଧ୍ୟ ଏମ୍‌ପି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି।

ସେହିପରି ସମ୍ବଲପୁରୀ/କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ପୁରୋହିତ ଶାହାଙ୍କୁ ଆଉଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ୩୦ଜିଲା ମଧ୍ୟରୁ ୧୧ଜିଲାର ପ୍ରାୟ ୨କୋଟି ଲୋକ ସମ୍ବଲପୁରୀ/କୋଶଲି ଭାଷାରେ କଥାବାର୍ତ୍ତା ହୁଅନ୍ତି। ଏହା ଏକ ପ୍ରାଚୀନ, ସମୃଦ୍ଧ ଭାଷା ହୋଇଥିବାବେଳେ ସାହିତ୍ୟର ପ୍ରତୀକ। ସମ୍ବଲପୁରୀ/କୋଶଲି ଭାଷାରେ ରାମାୟଣ, ମହାଭାରତ, ଭଗବଦ୍ ଗୀତା ଅନୁବାଦିତ ମଧ୍ୟ ହୋଇଛି। ଏହି ଭାଷାକୁ ସମୃଦ୍ଧ କରିବାରେ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ଅବଦାନ ଅତୁଳନୀୟ। ପଶ୍ଚିମ ଓଡ଼ିଶାବାସୀଙ୍କ ପରିଚୟ ଏବଂ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ହୋଇଥିବା ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ୨୦୧୪ ମାର୍ଚ୍ଚ ୧ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଆଉ ତତ୍କାଳୀନ ରାଜ୍ୟ ସରକାର ସେଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ପଶ୍ଚିମ ଓଡ଼ିଶାବାସୀଙ୍କ ଏହା ଏକ ଦୀର୍ଘଦିନର ଦାବି ହୋଇଥିବା ଯୋଗୁ ସମ୍ବଲପୁରୀ/କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଏମ୍‌ପି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ନିବେଦନ କରିଛନ୍ତି।


ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହିତ ବରଗଡ଼ ଏମ୍‌ପିଙ୍କ ସାକ୍ଷାତ୍ ଆଲୋଚନା।

- ପାର୍ଲାମେଣ୍ଟ ଭବନରେ ସାକ୍ଷାତ୍ ଆଲୋଚନା
- ଗନ୍ଧମାର୍ଦ୍ଦନମାଳାକୁ ଆସିବା ପାଇଁ ଆମନ୍ତ୍ରଣ
- କୋଶଲି/ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି

# ବଦଳୁଛି ଦିଲ୍ଲୀ ଭୋଟରଙ୍କ ମାନସିକତା

## ପୁରୁଷଙ୍କୁ ଟପିଲେ ମହିଳା ମତଦାତା

ନୂଆଦିଲ୍ଲୀ,୧୦।୨

ଭାରତୀୟ ଜନତା ପାର୍ଟି (ଭାଜପା) ଦୀର୍ଘ ୨୭ ବର୍ଷର ପ୍ରତୀକ୍ଷା ପରେ ଦିଲ୍ଲୀ ବିଧାନସଭା ଦଖଲ କରିଛି। ଜାତୀୟ ରାଜଧାନୀର ୭୦ ଆସନ ବିଶିଷ୍ଟ ବିଧାନସଭାରୁ ୪୮ ଆସନ ଅକ୍ତିଆର କରିବାରେ ଭାଜପା ସକ୍ଷମ ହୋଇଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମାତ୍ର ୨୨ ଆସନରେ ସୀମିତ ହୋଇ ରହିଯାଇଛି। ୨୦୨୦ ବିଧାନସଭା, ୨୦୨୪ ଲୋକ ସଭା ଓ ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନର ଫଳ ଦିଲ୍ଲୀ ଭୋଟରଙ୍କ ପରିବର୍ତ୍ତନଶୀଳ ମାନସିକତାକୁ ଦର୍ଶାଉଛି। ବିଶେଷକରି ୨୦୨୦ ତୁଳନାରେ ୨୦୨୫ ବିଧାନସଭା ନିର୍ବାଚନରେ ମତଦାତାଙ୍କ ମାନସିକତାରେ ବଡ଼ ପରିବର୍ତ୍ତନ ଆସିଥିବା ଭୋଟିଂର ଧାରାକୁ ଦେଖିଲେ ବୁଝିହେଉଛି।



୨୦୨୦ ବିଧାନସଭା ନିର୍ବାଚନ ବେଳେ ୬୨.୮୨% ଭୋଟ ଗ୍ରହଣ କରାଯାଇଥିଲା। ଆପ୍ ୬୨ ଆସନ ଦଖଲ କରି ବୃହତ୍ ବିଜୟ ସହ ସରକାର ଗଢ଼ିବାରେ ସଫଳ ହୋଇଥିଲା। ସେତେବେଳେ ଆପ୍‌କୁ ୫୩.୫୭% (୪୯,୭୪,୫୯୨ ଖଣ୍ଡ) ଭୋଟ ମିଳିଥିଲା। ଭାଜପା ୩୮.୫୧% (୩୫,୭୫,୫୨୯) ଭୋଟ ହାସଲ କରି ମାତ୍ର ୮ ଆସନରେ ସୀମିତ ରହିଥିଲା। ଅନ୍ୟପକ୍ଷେ ପୂର୍ବରୁ (୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ) ଲଗାତର ଦିଲ୍ଲୀରେ କ୍ଷମତାରେ ଥିବା କଂଗ୍ରେସ ୨୦୨୦ ବିଧାନସଭା ନିର୍ବାଚନରେ ମାତ୍ର ୪.୨୬% (୩,୯୫,୯୫୮) ଭୋଟ ପାଇ ଖାତା ଖୋଲିବାରେ ସକ୍ଷମ ହୋଇ ନ ଥିଲା। ସେହିପରି ଜାତିଆଣ ରାଜନୀତିରେ ବିଶ୍ୱାସ କରୁଥିବା ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି)କୁ ୦.୭୧% ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

୨୦୨୪ ଲୋକ ସଭା ନିର୍ବାଚନରେ ବିଧାନସଭାର ଟ୍ରେଣ୍ଡ୍ ବଦଳିଯାଇଥିଲା। ମେ’ ୨୫ରେ ୭ ସଂସଦୀୟ ଆସନରେ ଅନୁଷ୍ଠିତ ନିର୍ବାଚନରେ ୫୮.୬୮% ମତଦାନ ହୋଇଥିଲା। ଭାଜପା ୫୪.୩୫% ଭୋଟ ପାଇ ସମସ୍ତ ୭ଟି ଆସନ ଦଖଲ କରିବାରେ ସଫଳ ହୋଇଥିଲା। ଅନ୍ୟପକ୍ଷେ ଇଣ୍ଡିଆ ବ୍ଲକ୍‌ର ଆପ୍ ୪ ଆସନରେ ଲଢ଼ି ୨୪.୧୭% ଭୋଟ ପାଇଥିଲା। ଏହି ବିରୋଧୀ ମେଣ୍ଟର ସବୁଠୁ ବଡ଼ ଦଳ କଂଗ୍ରେସ ୩ ଆସନରେ ଲଢ଼ି ୧୮.୯୧% ଭୋଟରେ ସୀମିତ ରହିଥିଲା। ସେହିପରି ବିଏସ୍‌ପି ୦.୭୦%, ଏଆଇଏଫ୍‌ବି ୦.୦୧% ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀମାନେ ୧.୩୬% ଭୋଟ ପାଇଥିଲେ। ଲୋକ ସଭା ଭୋଟରେ ୦.୫୧% ଦିଲ୍ଲୀବାସୀ କୌଣସି ବିକଳ୍ପ ନ ପାଇ ନନ୍ ଅଫ୍ ଦି ଏବଭ୍ (ନୋଟା) ବଟନ୍ ଦବାଇଥିଲେ।

୨୦୨୦ ତୁଳନାରେ ୨୦୨୫ ବିଧାନସଭା ନିର୍ବାଚନରେ ମତଦାନ ହାର ୨.୨୮% ହ୍ରାସ ପାଇଛି। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟାନୁସାରେ ଏଥର ଆପ୍‌ର ଭୋଟ ହାର ୨୦୨୦ ବିଧାନସଭା ନିର୍ବାଚନ ତୁଳନାରେ ପ୍ରାୟ ୧୦% କମିଯାଇଛି। ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ୨୦୨୦ରେ ୫୩.୫୭% ଭୋଟ ପାଇଥିବାବେଳେ ଏଥର ୪୩.୫୭% ଦିଲ୍ଲୀ ମତଦାତା ଆପ୍ ସପକ୍ଷରେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଭାଜପା ଏଥର ୪୫.୫୬% ଭୋଟ ପାଇଛି, ଯାହାକି ଗତ ବିଧାନସଭା ନିର୍ବାଚନର ୩୮.୫୧%ଠାରୁ ୭.୦୫% ଅଧିକ। କଂଗ୍ରେସ ଏଥର ମଧ୍ୟ ଖାତା ଖୋଲିପାରି ନାହିଁ। କିନ୍ତୁ ସର୍ବପୁରାତନ ଦଳର ଭୋଟ ହାର ୨୦୨୦ର ୪.୨୬%ଠାରୁ ୨୦୨୫ରେ ୨.୦୮% ବୃଦ୍ଧିପାଇ ୬.୩୪%ରେ ପହଞ୍ଚିଛି। ଏହି ନିର୍ବାଚନରେ ସଂଯୁକ୍ତ ଜନତା ଦଳ ୧.୦୬%, ଏଆଇଏମ୍‌ଆଇଏମ୍ ୦.୭୭%, ବିଏସ୍‌ପି ୦.୫୮%, ସିପିଆଇ ୦.୦୨%, ସିପିଆଇଏମ୍ ୦.୦୧% ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀମାନେ ୦.୯୩% ଭୋଟ ପାଇଛନ୍ତି। ନିର୍ବାଚନରେ କୌଣସି ଦଳ ବା ସ୍ୱାଧୀନ ପ୍ରାର୍ଥୀଙ୍କୁ ପସନ୍ଦ କରି ନ ଥିବା ୦.୫୭% ଦିଲ୍ଲୀ ଭୋଟର ନୋଟା ବଟନ ଦବାଇଛନ୍ତି।

ମୋଟାମୋଟି ଭାବେ ଦେଖିଲେ ଦିଲ୍ଲୀର ସଚେତନ ଭୋଟର କୌଣସି ନିର୍ଦ୍ଦିଷ୍ଟ ଦଳ ପ୍ରତି ଢଳିବା ପରିବର୍ତ୍ତେ ସମୟ ଅନୁଯାୟୀ ନିଜ ମତ ବଦଳାଇଆସିଛନ୍ତି, ଯାହାକି ଉପରୋକ୍ତ ଟ୍ରେଣ୍ଡରେ ପ୍ରତିଫଳିତ ହୋଇଛି। ଏଠି ଗୋଟିଏ କଥା ଲକ୍ଷ୍ୟ କରାଯାଇପାରେ ଯେ, ଯେଉଁ ଦଳ ମହିଳା ଭୋଟରଙ୍କୁ ଅଧିକ ଆକର୍ଷିତ କରିବାରେ ସଫଳ ହୋଇଛି, ସେହି ଦଳ ଅଧିକ ଆସନ ଦଖଲ କରିପାରିଛି। ଗତ ବୁଧବାର ଅନୁଷ୍ଠିତ ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ମହିଳାମାନଙ୍କ ହୃଦୟ ଜିତିବା ପାଇଁ ଇସ୍ତାହାରରେ ଅନେକ ଯୋଜନା ଘୋଷଣା କରିଥିଲେ। କିନ୍ତୁ ତାଙ୍କ ଦଳରୁ ଜଣେ ମହିଳା ଆତିଶୀ ମୁଖ୍ୟମନ୍ତ୍ରୀ ହୋଇଥିଲେ ବି କେବଳ ଅସ୍ଥାୟୀ ଭାବେ ଏହି ପଦରେ ରହିଛନ୍ତି ଏବଂ ଆପ୍ ଜିତିଲେ ନିଜେ ପୁଣି ମୁଖ୍ୟମନ୍ତ୍ରୀ ହେବେ ବୋଲି ଆପ୍ ରାଷ୍ଟ୍ରୀୟ ଆବାହକ କହିଥିଲେ। ଦିଲ୍ଲୀର ମହିଳା ଭୋଟର ସମ୍ଭବତଃ କେଜ୍‌ରିୱାଲଙ୍କ ଏଭଳି ଯୁକ୍ତିକୁ ଗ୍ରହଣ କରିପାରି ନ ଥିଲେ। ଅପରପକ୍ଷେ କେନ୍ଦ୍ରରେ ଏନ୍‌ଡିଏର ନେତୃତ୍ୱ ନେଉଥିବା ଭାଜପା ପକ୍ଷରୁ ୩ଟି ପର୍ଯ୍ୟାୟରେ ସଂକଳ୍ପପତ୍ର ଜାରି କରାଯାଇଥିଲା। ଏଥିରେ ଗରିବ ପରିବାରର ମହିଳାଙ୍କୁ ମାସିକ ୨,୫୦୦ ଟଙ୍କା, ଗର୍ଭବତୀଙ୍କୁ ୨୧,୦୦୦ ଟଙ୍କା ସହ ୬ ନ୍ୟୁଟ୍ରିଶନାଲ୍ କିଟ୍ସ, ୫୦୦ ଟଙ୍କାରେ ଏଲ୍‌ପିଜି ସିଲିଣ୍ଡର ପ୍ରଦାନ, ୨୫୦ ପିଙ୍କ୍ ଟଏଲେଟ୍ ନିର୍ମାଣ ଭଳି ମନଲୋଭା ପ୍ରତିଶ୍ରୁତି ଦିଆଯାଇଥିଲା। ମହିଳା ଭୋଟର ଭାଜପା ପ୍ରତିଶ୍ରୁତିକୁ ବିଶ୍ୱାସ କରି ୨୭ ବର୍ଷର ବ୍ୟବଧାନ ପରେ ଏହାକୁ ସରକାର ଗଠନର ସୁଯୋଗ ଦେଇଥିବା ବିଶ୍ଳେଷକମାନେ ମନେକରନ୍ତି। ଦିଲ୍ଲୀ ଇତିହାସରେ ୨୦୨୫ ନିର୍ବାଚନରେ ପ୍ରଥମ ଥର ୭୨.୩୭ ଲକ୍ଷ (୬୦.୯୨%) ମହିଳା ଭୋଟ ଦେଇଛନ୍ତି। ଏଥର ପୁରୁଷଙ୍କ ମତଦାନ ହାର ୬୦.୨୧% ରହିଥିଲା।

### ୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନ
■ ଆସନ ସଂଖ୍ୟା ୭୦ ■ ମତଦାନ ୬୨.୮୨%

| ଦଳ | ଭୋଟ% | ଆସନରେ ବିଜୟୀ |
|---|---|---|
| ଆପ୍ | ୫୩.୫୭ | ୬୨ |
| ଭାଜପା | ୩୮.୫୧ | ୮ |
| କଂଗ୍ରେସ | ୪.୨୬ | ୦ |

### ୨୦୨୪ ଲୋକ ସଭା ନିର୍ବାଚନ
■ ଆସନ ସଂଖ୍ୟା ୭ ■ ମତଦାନ ୫୮.୬୮%

| | | |
|---|---|---|
| ଭାଜପା | ୫୪.୩୫ | ୭ |
| ଆପ୍ | ୨୪.୧୭ | ୦ |
| କଂଗ୍ରେସ | ୧୮.୯୧ | ୦ |

### ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନ
■ ଆସନ ସଂଖ୍ୟା ୭୦ ■ ମତଦାନ ୬୦.୫୪%

| | | |
|---|---|---|
| ଭାଜପା | ୪୫.୫୬ | ୪୮ |
| ଆପ୍ | ୪୩.୫୭ | ୨୨ |
| କଂଗ୍ରେସ | ୬.୩୪ | ୦ |

# ସୁଭଦ୍ରାରେ ଯୋଡ଼ି ହେଲେ ୯୮ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ

## ଡିବିଟି ପାଇଁ ୨.୫ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଆକାଉଣ୍ଟରେ ସମସ୍ୟା

ଭୁବନେଶ୍ୱର, ୧୦।୨ (ବନ୍ଦନା ସେଠୀ)

ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟରେ ୧୮ଲକ୍ଷ ହିତାଧିକାରୀ ଯୋଡ଼ିହୋଇଛନ୍ତି। ଏହି ସଂଖ୍ୟାକୁ ମିଶାଇ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ୯୮ଲକ୍ଷ ଅତିକ୍ରମ କରିଛି। ମାତ୍ର ଏବେ ବି ପ୍ରାୟ ୨.୫ଲକ୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟ ସିଧାସଳଖ ଦେୟ ହସ୍ତାନ୍ତର ଯୋଗ୍ୟ ହୋଇନାହିଁ। ସେମାନେ ସୁଭଦ୍ରା ପୋର୍ଟାଲରେ ଇ-କେୱାଇସି କରିନାହାନ୍ତି କିମ୍ବା ଓଟିପି ମାଧ୍ୟମରେ ଇ-କେୱାଇସି କରିଛନ୍ତି। ଏହି ହିତାଧିକାରୀଙ୍କ ଏକ ତାଲିକା ସୁଭଦ୍ରା ପୋର୍ଟାଲ ସହ ବ୍ଲକ୍, ମ୍ୟୁନିସିପାଲିଟି, ମହାନଗର ନିଗମ, ଜିଲାସ୍ତରରେ ଉପଲବ୍ଧ ଅଛି। ବର୍ତ୍ତମାନ ସୁଦ୍ଧା ଲାଭ ପାଇ ନ ଥିବା ଯୋଗ୍ୟ ଆବେଦନକାରୀମାନେ ତୁରନ୍ତ ତାଲିକା ଯାଞ୍ଚ କରିବା ଦରକାର। ଯଦି ତାଲିକାରେ ତାଙ୍କର ନାମ ଥାଏ, ତେବେ ଆକାଉଣ୍ଟ ଥିବା ବ୍ୟାଙ୍କକୁ ଯାଇ ଆକାଉଣ୍ଟଟିକୁ ସିଧାସଳଖ ଦେୟ ହସ୍ତାନ୍ତରଯୋଗ୍ୟ (ଡିବିଟି ଏନେବଲ୍‌ଡ୍) କରନ୍ତୁ। ଏଥିସହ ସୁଭଦ୍ରା ପୋର୍ଟାଲରେ ବାୟୋମେଟ୍ରିକ୍ ପଦ୍ଧତିରେ ନିଜର ଇ-କେୱାଇସି ଅପ୍‌ଡେଟ୍ କରନ୍ତୁ। ସିଧାସଳଖ ଦେୟ ହସ୍ତାନ୍ତର ଯୋଗ୍ୟ ହୋଇଗଲେ ଓ ବାୟୋମେଟ୍ରିକ୍ ପଦ୍ଧତିରେ ଇ-କେୱାଇସି ହୋଇଗଲେ, ସେମାନେ ମାର୍ଚ୍ଚ ୮ ସୁଦ୍ଧା ପ୍ରଥମ କିସ୍ତି ଏବଂ ମାର୍ଚ୍ଚ ୮ରେ ଦ୍ୱିତୀୟ କିସ୍ତି ପାଇପାରିବେ ବୋଲି ସୂଚନା ଦିଆଯାଇଛି। ସେହିପରି ହିତାଧିକାରୀଙ୍କ ନିକଟରେ ସିଧାସଳଖ ଟଙ୍କା ପହଞ୍ଚିବା ସୁନିଶ୍ଚିତ କରିବାରେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ (ଏନ୍‌ପିସିଆଇ) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ହିତାଧିକାରୀଙ୍କ ଆକାଉଣ୍ଟରେ ଦେୟ ହସ୍ତାନ୍ତରକଲେ ତାହା ପହଞ୍ଚିବା ନିଶ୍ଚିତ। ସେହିପରି ହିତାଧିକାରୀ ଚିହ୍ନଟ କରିବାରେ ଏନ୍‌ପିସିଆଇ ବିଶେଷ ଭାବେ ସହାୟକ ହୋଇଥିବାରୁ ବହୁତ କମ୍ କ୍ଷେତ୍ରରେ ପେମେଣ୍ଟ ବିଫଳ ହୋଇଥିବା ଦେଖାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନିୟମିତ ସାପ୍ତାହିକ ପ୍ରଗତି ଅପ୍‌ଡେଟ୍ କରିବାକୁ ୟୁଏଲ୍‌ବିଗୁଡ଼ିକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୨ (ବନ୍ଦନା ସେଠୀ)

‘ବିକଶିତ ଓଡ଼ିଶା@୨୦୩୬’ ଦୃଷ୍ଟିକୋଣ ଅନୁଯାୟୀ ସ୍ମାର୍ଟ ଏବଂ ସ୍ଥାୟୀ ସହର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ବିଭିନ୍ନ ପୌରାଞ୍ଚଳ ସଂସ୍ଥା (ୟୁଏଲ୍‌ବି)ଗୁଡ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସୋମବାର ୨୧ତମ ଡ୍ୟାସ୍‌ବୋର୍ଡ ବୈଠକ ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସହରାଞ୍ଚଳ ବିକାଶ ପ୍ରକଳ୍ପ ଚଳାଇବାରେ ୟୁଏଲ୍‌ବିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ୟୁଏଲବିଗୁଡ଼ିକ ନିୟମିତ ସାପ୍ତାହିକ ପ୍ରଗତି ଅପଡେଟ୍ କରିବାକୁ ସୁନିଶ୍ଚିତ କରିବା ପାଇଁ ସଚିବ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୦।୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ୩ ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ରେନୁ ଉସେଣ୍ଡି, ମୈନୁ ବଡଦା ଓ ସୋନୁ ଉସେଣ୍ଡି। ଏହି ୩ ଜଣ ଜନତାନା ସରକାର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ନାରାୟଣପୁର ଏସ୍‌ପି ପ୍ରଭାତ କୁମାର, ୪୧ ବାଟାଲିୟନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂ, ଉପ ପୋଲିସ ଅଧୀକ୍ଷକ ପ୍ରଶାନ୍ତ ଦେବାଙ୍ଗନଙ୍କ ନିକଟରେ ଏହି ୩ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନେ କହିଛନ୍ତି, ବର୍ତ୍ତମାନ ଛତିଶଗଡ଼ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା କରାଯାଇ ମାଓବାଦୀ ଦମନ କାର୍ଯ୍ୟକ୍ରମ ଓ ଘରକୁ ଫେରିଆସ ଅଭିଯାନ ଜାରି ରହିଛି। ସଙ୍ଗଠନ ଦ୍ୱାରା କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ, ବରଂ ନେତାମାନେ ନିରୀହ ଲୋକମାନଙ୍କୁ ବିନା କାରଣରେ ପୋଲିସ ସୂଚନାଦାତା କହି ହତ୍ୟା କରୁଛନ୍ତି। ଛତିଶଗଡ଼ ସରକାରଙ୍କ ନୀତି ଅନୁଯାୟୀ ଏମାନଙ୍କୁ ଥଇଥାନ କରାଯିବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।


ଆତ୍ମସମର୍ପଣ କରିଥିବା ମାଓବାଦୀ।

# ଟ୍ରଲର ଜବତ: ୬ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୦।୨(ଭାସ୍କର ରାଉତରାୟ)

ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀଙ୍କୁ ସୋମବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଏହି କାର୍ଯ୍ୟାନୁଷ୍ଠାନ ନେଇଛି।

# ପୋଡ଼ି ହୋଇ ଛାତ୍ରୀ ଗୁରୁତର

ପାରଳାଖେମୁଣ୍ଡି,୧୦।୨(ଗିରିଧାରୀ ପରିଛା)

ରବିବାର ବିଳମ୍ବିତ ରାତିରେ ଅସାବଧାନତା ଯୋଗୁ ଜଣେ ବିଏସ୍‌ସି ଛାତ୍ରୀଙ୍କ ଦେହରେ ନିଆଁ ଲାଗିଯାଇଛି। ଫଳରେ ସେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଏପରି ଦେଖିବାକୁ ମିଳିଛି ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ନିବାସରେ। ପୋଡ଼ି ହୋଇ ଗୁରୁତର ହୋଇଥିବା ଛାତ୍ରୀ ଜଣକ ହେଲେ ନବୀନା ନାଏକ। ସେ ଯୁକ୍ତ୩ ବିଜ୍ଞାନ ଶେଷବର୍ଷର ଛାତ୍ରୀ ଥିଲେ।

ଖବରରୁ ଜଣାପଡ଼ିଛି, ରାୟଗଡ଼ା ଜିଲା ଟିକିରି ଅଞ୍ଚଳର ନବୀନା ଗତ ତିନି ବର୍ଷ ହେଲା ଏହି ହଷ୍ଟେଲରେ ରହି ପାଠ ପଢୁଥିଲେ। ରବିବାର ବିଳମ୍ବିତ ରାତିରେ ସେ ନିଜ ରୁମ୍‌ରେ ଶୋଇଥିଲେ। ମଶା କାମୁଡ଼ିବାରୁ ମାଶା ଧୂପ ଲଗାଇବାକୁ ନବୀନା ଉଠିଥିଲେ। ଦିଆସିଲି ଲଗାଇ ମଶା ଧୂପ ଲଗାଇବା ବେଳେ ପ୍ରଥମେ ତାଙ୍କ ଚୁଟିରେ ନିଆଁ ଲାଗିଯାଇଥିଲା। ଚାହୁଁଚାହୁଁ ସେ ପିନ୍ଧିଥିବା ପୋଷାକରେ ନିଆଁ ଲାଗିଯାଇଥିଲା। ପରେ ସେ ବାଥରୁମ ଯାଇ ପାଣିଢାଳି ହୋଇପଡ଼ିଥିଲେ। ଏସମ୍ପର୍କରେ ନବୀନା ନିଜ ସହପାଠୀଙ୍କୁ ଜଣାଇବା ସହ ହଷ୍ଟେଲ ୱାର୍ଡେନଙ୍କୁ ଜଣାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ପରେ ତାଙ୍କ ମାଆବାପାଙ୍କୁ କଲେଜ ପକ୍ଷରୁ ଅବଗତ କରାଯାଇଥିଲା। ଡାକ୍ତରଖାନାରେ ନବୀନାଙ୍କ ଚିକିତ୍ସା ଜାରି ରହିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସହପାଠୀ, ଅଭିଭାବକ ଓ ହଷ୍ଟେଲ ୱାର୍ଡେନ ସୂଚନା ଦେଇଛନ୍ତି।

# ଜେଏସ୍‌ଡବ୍ଲ୍ୟୁ, ଆଦାନୀ ବିରୋଧରେ ତାତିଲେ

ଟେନ୍‌ସା,୧୦।୨ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଖଣି ସେକ୍ଟର ଅନ୍ତର୍ଗତ ନାରାୟଣପୋଷସ୍ଥିତ ଜେଏସ୍‌ଡବ୍ଲ୍ୟୁ ଖଣିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସୋମବାର ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ ବେଳେ ଉତ୍ତେଜନା ପ୍ରକାଶ ପାଇଛି। ଖଣି ରେଜିଂ ଠିକାସଂସ୍ଥା ଆଦାନୀ ଗ୍ରୁପ୍ ଜେଏସ୍‌ଡବ୍ଲ୍ୟୁ ସହ ମିଶି ରେଳ ସାଇଡିଂର ସମସ୍ତ ପରିବହନ କାର୍ଯ୍ୟ କରିବା ଚୁକ୍ତିନାମାକୁ ବିରୋଧ କରି ହଜାର ହଜାର ବିକ୍ଷୋଭକାରୀ ଉକ୍ତ ଖଣିରେ ଧସେଇ ପଶିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ବିଧାୟକ ମୁଣ୍ଡା ସେଠାରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସମସ୍ୟାର ସମାଧାନ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, କୋଇଡ଼ା ଖଣି ମଣ୍ଡଳ ଅଧୀନ ଓଡ଼ିଶା ଖଣି ନିଗମ ପରିଚାଳିତ କୁର୍ମିତର ଖଣ୍ଡାଧାର ଲୌହଖଣି କାର୍ଯ୍ୟାଳୟରେ ଗତ ୮ତାରିଖରେ ବଣାଇଁ ବିଧାୟକ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ୍ କର୍ମୀଙ୍କ ସମେତ ଆଦିବାସୀମାନେ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନୁରୂପ ଭାବେ ସୋମବାର ସେମାନେ ନାରାୟଣପୋଷସ୍ଥିତ ଜେଏସ୍‌ଡବ୍ଲ୍ୟୁ ଖଣିରେ ଗଣଧାରଣା ଦେଇଥିଲେ। ଏଥିରେ ସିପିଆଇଏମ୍ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ଜିଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ବିମାନ ମାଇତି, ସୁରେନ୍ଦ୍ର ଦାସ, ଅସିତ ଚୌଧୁରୀ, ସହଦେବ ନାଏକ, କୃଷ୍ଣଚନ୍ଦ୍ର ବାରିକ, ସୁରେଶ ମୁଦୁଲି, ଅଶୋକ କୁମାର ସାମଲ, ଆନନ୍ଦମାସୀ ହୋରୋ, ଜନ ଡୁଙ୍ଗଡୁଙ୍ଗ, ହଳଧର ଦେହୁରୀ, ଲାଲବାହାଦୁର ମହାନ୍ତ, ବାଟୁ ମୁଣ୍ଡା, ପ୍ରଭାତ ପାତ୍ର ପ୍ରମୁଖଙ୍କ ସମେତ ବହୁ ସିପିଆଇଏମ୍ କର୍ମୀ ସାମିଲ ହୋଇଥିଲେ। ଖଣି ରେଜିଂ ଠିକାସଂସ୍ଥା ଆଦାନୀ ଗ୍ରୁପ୍ ଜେଏସ୍‌ଡବ୍ଲ୍ୟୁ ସହ ମିଶି ରେଳ ସାଇଡିଂର ସମସ୍ତ ପରିବହନ କାର୍ଯ୍ୟ କରିବାକୁ ହୋଇଥିବା ଚୁକ୍ତିନାମାକୁ ସେମାନେ ବିରୋଧ କରିଥିଲେ। ସେହିପରି ପାରିପାର୍ଶ୍ୱିକ ଉନ୍ନତି ଓ ସମସ୍ତ ଚୁକ୍ତିନାମାକୁ ବାତିଲ କରିବା ସହ ସ୍ଥାନୀୟ ନିଯୁକ୍ତି, ଲୋଡିଂ ଏବଂ ପରିବହନ କାର୍ଯ୍ୟରେ ଏକଚାଟିଆ କାରବାର ପାଇଁ ଆଦାନୀ ଗ୍ରୁପ୍ ଏବଂ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ମିଳିତ ଷଡ଼ଯନ୍ତ୍ର ତୁରନ୍ତ ବନ୍ଦ କରିବା, ଜିଲା ପ୍ରଶାସନ ସହ ଆଲୋଚନା କରି ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଲୋଡିଂ ଏବଂ ପରିବହନ ପାଇଁ ବିମଳାଗଡ଼, ପଟାସାହି, ରକ୍ସି, ରେଞ୍ଜଡ଼ା, ଚାନ୍ଦିପୋଷ ଏବଂ ବରସୁଆଁ ଆଦି ୬ଟି ରେଳ ସାଇଡିଂରେ ନିୟୋଜିତ ସ୍ଥାନୀୟ ଠିକାଦାରଙ୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ବନ୍ଦ କରିବା ଆଦି ୧୨ ଦଫା ଦାବି ସେମାନେ କରିଥିଲେ। ପ୍ରଥମେ ବିକ୍ଷୋଭକାରୀମାନେ ୫୨୦ ନମ୍ବର ଜାତୀୟ ରାଜପଥ ଦେଇ ଖଣିକୁ ପ୍ରବେଶ କଲାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରେ ବିକ୍ଷୋଭକାରୀ ପୋଲିସ ବ୍ୟାରିକେଡ ଭାଙ୍ଗି ଖଣି ଭିତରକୁ ପ୍ରବେଶ କରି ବ୍ୟାପକ ଭଙ୍ଗାରୁଜା କରିଥିଲେ। ବିଧାୟକ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପକ୍ଷେ ସମସ୍ୟାର ସମାଧାନ ନ ହେଲା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ଓ ସମସ୍ତ ରେଳ ସାଇଡିଂକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ବିଧାୟକ ମୁଣ୍ଡା ଚେତାବନୀ ଦେଇଛନ୍ତି।


ଜେଏସ୍‌ଡବ୍ଲ୍ୟୁ ଖଣି ସମ୍ମୁଖରେ ବିକ୍ଷୋଭକାରୀ।

- ଜେଏସ୍‌ଡବ୍ଲ୍ୟୁ ଖଣିରେ ଧସେଇ ପଶିଲେ ବିକ୍ଷୋଭକାରୀ
- ପୋଲିସ ସହ ଧସ୍ତାଧସ୍ତି, ବ୍ୟାପକ ଭଙ୍ଗାରୁଜା
- ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନ

# ରକ୍ତ ବୋହିଛି

ମଣିପୁରରେ ଜାତିଗତ ହିଂସା ଆରମ୍ଭ ହେବାର ୨୧ ମାସ ପରେ ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂ ଇସ୍ତଫା ଦେଇଛନ୍ତି। ରବିବାର ଅର୍ଥାତ୍ ୯ ଫେବୃଆରୀରେ ସେ ତାଙ୍କ ଇସ୍ତଫା ପତ୍ର ମଣିପୁର ରାଜ୍ୟପାଳ ଅଜୟ ଭାଲ୍ଲାଙ୍କୁ ପ୍ରଦାନ କରିଛନ୍ତି। ସରକାର ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବାର ସମ୍ଭାବନା ଥିବାବେଳେ ତାଙ୍କ ନେତୃତ୍ୱକୁ ନେଇ ଦଳରେ ଉପୁଜିଥିବା ମତଭେଦ ଦୂରକରିବା ପାଇଁ ବୀରେନ ଇସ୍ତଫା ଦେଇଥିବା କୁହାଯାଉଛି। କିଛିଦିନ ପୂର୍ବରୁ ତାଙ୍କ ନେତୃତ୍ୱକୁ ବିରୋଧ କରି କନରାଡ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ସେହିଭଳି ଜାତୀୟ ସ୍ତରରେ ସହଯୋଗୀ ହୋଇଥିବା ସତ୍ତ୍ୱେ ମଣିପୁରର ଏକମାତ୍ର ଜେଡି(ୟୁ) ବିଧାୟକ ଗତ ଜାନୁଆରୀ ୨୨ରେ ରାଜ୍ୟ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିନେଇ ଜାତୀୟ ସ୍ତରରେ ନୀତୀଶଙ୍କ ଆଗାମୀ ପଦକ୍ଷେପ ବିଷୟରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ନିର୍ବାଚନରେ ମୋଟ ୬ ବିଧାୟକ ଜେଡି(ୟୁ)ରୁ ମଣିପୁର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେଥିରୁ ୫ ବିଧାୟକଙ୍କୁ ଭାଜପା କିଣିନେବା ପରେ ଜଣେ ବିଧାୟକ ବକେୟା ରହିଥିଲେ। କେବଳ ଏତିକି ନୁହେଁ, ଭାଜପାର ପାଖାପାଖି ଅଧ ଡଜନ ବିଧାୟକ ମଧ୍ୟ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରିଆସୁଥିଲେ। ଏହା ସହ ଲିକ୍ ହୋଇଥିବା ଏକ ଅଡିଓ ଟେପ୍‌କୁ ଆଧାର କରି ବୀରେନ ସିଂ ହିଂସାକୁ ଉସୁକାଉଥିବା ଅଭିଯୋଗ ଆଣି କୁକି ସମ୍ପ୍ରଦାୟର ଜଣେ ବ୍ୟକ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହିସବୁ କାରଣରୁ ସେ ଇସ୍ତଫା ଦେଇଥିବା କୁହାଯାଉଛି।

> ଗତ ୨୧ ମାସର ହିଂସା ଘଟଣାବଳୀକୁ ଦେଖିବା ପରେ ଜଣାପଡୁଛି, ଭାରତର ନାଗରିକଙ୍କ ଜୀବନ ସୁରକ୍ଷା ପ୍ରତି କୌଣସି ସରକାର କିମ୍ବା ରାଜନୈତିକ ଦଳ ଚିନ୍ତିତ ନାହାନ୍ତି। କ୍ଷମତା ଲୋଭରେ କେବଳ ଅର୍ଥ ତୋସରପାତ ନୁହେଁ, ମଣିଷ ରକ୍ତ ବୁହାଇବା ପୂର୍ବରୁ କେହି ଦୁଇଥର ଚିନ୍ତା ମଧ୍ୟ କରୁନାହାନ୍ତି। ଏଭଳି ପ୍ରଚ୍ଛଦପଟରେ ଗଣତନ୍ତ୍ର ଅର୍ଥକୁ ହଜେଇ ଦିଆଯାଉଛି।

ଉଲ୍ଲେଖଯୋଗ୍ୟ, ମଣିପୁର ଉଚ୍ଚନ୍ୟାୟାଳୟ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ୩ ମେ ୨୦୨୩ରେ ମେଇତି ଓ କୁକିଙ୍କ ମଧ୍ୟରେ ହିଂସା ଆରମ୍ଭ ହୋଇଥିଲା। ଏହି ହିଂସା ଉପରେ ବହୁ ତୁମ୍ବିତୋଫାନ ହୋଇଛି। ୨ ଜୁଲାଇ ୨୦୨୪ରେ ଲୋକ ସଭା ଅଧିବେଶନରେ 'ମଣିପୁର ପାଇଁ ନ୍ୟାୟ' ସ୍ୱର ବିରୋଧୀ ମେଣ୍ଟ ପକ୍ଷରୁ ଶୁଣିବାକୁ ମିଳିଥିଲା। ପରେ ଜୁଲାଇ ୮ରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ଭାବେ ରାହୁଲ ଗାନ୍ଧୀ ପ୍ରଥମ ପୂର୍ବାଞ୍ଚଳ ରାଜ୍ୟ ଗସ୍ତରେ ଯାଇ ମଣିପୁରରେ ପହଞ୍ଚିଥିଲେ। ମଣିପୁର ହିଂସାକୁ ନେଇ ଦେଶ ଓ ଦେଶ ବାହାରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିବାବେଳେ ମାନବ ଅଧିକାର ଉଲ୍ଲଂଘନର ଅଭିଯୋଗ ଉଠିଥିଲା। ଏହା ସତ୍ତ୍ୱେ ୨୦୨୪ ସାଧାରଣ ନିର୍ବାଚନରେ ସେଠାରେ ଦୁଇଟି ଲୋକ ସଭା ଆସନରେ ଭୋଟ ଗ୍ରହଣ କରାଯାଇଥିଲା। ଲୋକ ସଭା ନିର୍ବାଚନ ସମୟରେ ବିସ୍ଥାପିତ ଓ ସାଧାରଣ ନାଗରିକଙ୍କ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ୨୦୧୯ରେ ମଣିପୁରର ଦୁଇଟି ଲୋକ ସଭା ଆସନ ମଧ୍ୟରୁ ଭାଜପା ଓ ତାହାର ସହଯୋଗୀ ଦଳ ନାଗା ପିପୁଲ୍ସ ଫ୍ରଣ୍ଟ ଗୋଟିଏ ଲେଖାଏ ଜିତିଥିବାବେଳେ ୨୦୨୪ରେ ଉଭୟ ଆସନରୁ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ। ଫଳରେ ଭାଜପାର ପରାଜୟ ଅନ୍ୟ ଏକ ଦିଗକୁ ସୂଚିତ କରିଛି। ପୂର୍ବରୁ କୁହାଯାଉଥିଲା ହିନ୍ଦୁ ଧର୍ମାବଲମ୍ବୀ ମେଇତି ସମ୍ପ୍ରଦାୟ ସଂଖ୍ୟାବହୁଳ। ଅନ୍ୟପଟେ ଖ୍ରୀଷ୍ଟିଆନ କୁକି ସମ୍ପ୍ରଦାୟ ସେଠାରେ ସଂଖ୍ୟାଲଘୁ ଭାବେ ପରିଗଣିତ। ତଥାପି ଉଭୟ ଆସନରେ କଂଗ୍ରେସ ଜିତିବା ସୂଚନା ଦେଉଛି ଯେ, ହିନ୍ଦୁ ମେଇତିମାନେ ଭାଜପାଠାରୁ ଦୂରେଇ ଯାଇଛନ୍ତି। ତେବେ ବୀରେନ ସିଂଙ୍କ ଇସ୍ତଫାକୁ ନେଇ କୁହାଯାଉଛି, ୨୦୨୭ ପ୍ରାରମ୍ଭରେ ହେବାକୁ ଥିବା ମଣିପୁର ବିଧାନସଭା ନିର୍ବାଚନ ଭୟ ଏବେଠାରୁ ଭାଜପାକୁ ଘାରିଲାଣି। ଏବେ ରାଜନୈତିକ ତତ୍ପରତା ପ୍ରକାଶ ପାଉଛି। ଦୀର୍ଘଦିନ ପରେ ଏନ୍. ବୀରେନ ସିଂଙ୍କ ଇସ୍ତଫା ଏକ ଦେଖାଣିଆ ପଦକ୍ଷେପ ଭାବେ ପରିଲକ୍ଷିତ ହେଉଛି। ଆସନ୍ତା ଦୁଇ ବର୍ଷ ମଧ୍ୟରେ ବିଧାନସଭା ନିର୍ବାଚନ ହେବାର ଦେଖି ଭାଜପା ତା'ର ରଣକୌଶଳ ପ୍ରସ୍ତୁତ କରିବାରେ ବ୍ୟସ୍ତଥିବା ବେଳେ ଗୋଟିଏ ଚିନ୍ତା ମନକୁ ଆସୁଛି। ଗତ ୨୧ ମାସର ହିଂସା ଘଟଣାବଳୀକୁ ଦେଖିବା ପରେ ଜଣାପଡୁଛି, ଭାରତର ନାଗରିକଙ୍କ ଜୀବନ ସୁରକ୍ଷା ପ୍ରତି କୌଣସି ସରକାର କିମ୍ବା ରାଜନୈତିକ ଦଳ ଚିନ୍ତିତ ନାହାନ୍ତି। କ୍ଷମତା ଲୋଭରେ କେବଳ ଅର୍ଥ ତୋସରପାତ ନୁହେଁ, ମଣିଷ ରକ୍ତ ବୁହାଇବା ପୂର୍ବରୁ କେହି ଦୁଇଥର ଚିନ୍ତା ମଧ୍ୟ କରୁନାହାନ୍ତି। ଏଭଳି ପ୍ରଚ୍ଛଦପଟରେ ଗଣତନ୍ତ୍ର ଅର୍ଥକୁ ହଜେଇ ଦିଆଯାଉଛି।

# ମାନବଧର୍ମର ମହୋତ୍ସବ: ମହିମା ମେଳା



ଡ. ପ୍ରଫୁଲ୍ଲ କୁମାର ସାହୁ

ମହିମା ଦର୍ଶନ ଜୀବନକୁ ସେବା ଓ ତ୍ୟାଗପୂତ ସୋପାନରେ ଉପନୀତ କରିବା ନିମନ୍ତେ ଏକ ଆଧ୍ୟାତ୍ମିକ ବିଚାରଧାରା। 'ଜୀବେଦୟା' ତଥା ଜଗତ କଲ୍ୟାଣ ହେଉଛି ମହିମା ଦର୍ଶନର ମହାମନ୍ତ୍ର। ନିଜକୁ ନରକ ନିକ୍ଷିପ୍ତକରି ନିଖିଳ ବିଶ୍ୱକୁ ବେଦନାମୁକ୍ତ କରିବା ନିମନ୍ତେ ତା'ର ଦିବ୍ୟ ସନ୍ଦେଶ – 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଲିପିବଦ୍ଧ ହୋଇ ରହିଛି ଜାତିସଂଘ କାର୍ଯ୍ୟାଳୟ ବା ବିଶ୍ୱ ଲଲାଟ ପଟରେ।

ଯୋଗେଶ୍ୱର ଗୁରୁ ମହିମାସ୍ୱାମୀ ମହିମା ମତବାଦର ପ୍ରବର୍ତ୍ତକ। ଗବେଷକମାନଙ୍କ ଦ୍ୱାରା ନିରୂପିତ ତଥ୍ୟ ଅନୁସାରେ ମହିମା ସ୍ୱାମୀ ୧୮୩୮ ମସିହାରେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଆତ୍ମଯୋଗାବିଷ୍ଟ ହୋଇ ଦୀର୍ଘ ୨୪ ବର୍ଷ ପରେ ଲାଭକଲେ ମହିମା ଦର୍ଶନର ଦିବ୍ୟାନନ୍ଦ ବା ମହିମାତତ୍ତ୍ୱ। ଜଣେ ଜ୍ୟୋତିର୍ମୟ ସନ୍ନ୍ୟାସୀ ଭାବେ ଉଭାହୋଇ ପ୍ରଚାରକଲେ ସତ୍ୟ ମହିମା ଧର୍ମର ଦିବ୍ୟ ସନ୍ଦେଶ। ଜନ୍ମନେଲା ଓଡ଼ିଶାର ନିଜସ୍ୱ ଧର୍ମ (୧୮୬୨) ମହିମାଧର୍ମ। ଏହି ନୂତନ ମତବାଦରେ ମହିମା ମହାମେରୁ ଭାବରେ ବ୍ୟକ୍ତ ହେଲେ ଅଲେଖ ପରଂବ୍ରହ୍ମ। ମହିମା ଶବ୍ଦର ଅର୍ଥ ହେଉଛି ଐଶ୍ୱର୍ଯ୍ୟମୟ। ଯିଏ ଅନନ୍ତ ଐଶ୍ୱର୍ଯ୍ୟ ଓ ଅନନ୍ତ ବିଭୂତିର ଆଧାର ସେ ମହିମାମୟ। ମହାଶୂନ୍ୟର ମହାବିସ୍ତୃତିକୁ ମହିମା ବୋଲି କହୁଥିଲେ ମହିମା ସ୍ୱାମୀ। ତାଙ୍କ ମତରେ ବିଶ୍ୱନିୟନ୍ତା ହେଉଛନ୍ତି ଶୂନ୍ୟପୁରୁଷ। ସେ ସର୍ବବ୍ୟାପୀ, କିନ୍ତୁ ନିରାକାର। କୌଣସି ଲେଖା ମାଧ୍ୟମରେ ତାଙ୍କ ମହିମା ପ୍ରକାଶ କରିବା ଅସମ୍ଭବ। ସେଥିପାଇଁ ସେ ଅଲେଖ। ସେହି ଅଲେଖ ଶୂନ୍ୟବ୍ରହ୍ମଙ୍କଠାରେ ଆତ୍ମସମର୍ପଣ ହିଁ ମହିମା ଦର୍ଶନର ସାରସର୍ବସ୍ୱ। ଜଗତର କୀଟପତଙ୍ଗଠାରୁ ଆରମ୍ଭକରି ପଶୁପକ୍ଷୀ, ମଣିଷ ଓ ବୃକ୍ଷଲତା ପର୍ଯ୍ୟନ୍ତ ସମସ୍ତଙ୍କର ସେବାକରିବାର ପ୍ରକ୍ରିୟା ହେଉଛି ମହିମା ଧର୍ମର ଆଚରିତ ପନ୍ଥା। ଜଗତର ସମସ୍ତ ପ୍ରାଣୀଙ୍କୁ ସର୍ବଦା ପ୍ରାପ୍ତ ହେଉ ଅନ୍ନପାଣି, ସବୁଜଶ୍ୟାମଳ ଓ ସ୍ୱାଭାବିକ ହେଉ ଜଗତର ପ୍ରାକୃତିକ ପରିବେଶ ଏବଂ ସମସ୍ତଙ୍କର ସର୍ବାରିଷ୍ଟ ଖଣ୍ଡନ ହେଉ ଇତ୍ୟାଦି ମଙ୍ଗଳ ବାଞ୍ଛା ନେଇ ନିତ୍ୟ ତ୍ରିବେଳାରେ ପରମାତ୍ମା ପରଂବ୍ରହ୍ମଙ୍କଠାରେ ଥାଏ ସେମାନଙ୍କର ପ୍ରାର୍ଥନା। ସୂକ୍ଷ୍ମ ଦୃଷ୍ଟିରୁ ବିଚାରକଲେ ମାନବ ସେବା ହିଁ ମହିମା ଦର୍ଶନର ମୂଳତତ୍ତ୍ୱ।

ମହିମା ମତବାଦ ପ୍ରଚାର ଉଦ୍ଦେଶ୍ୟରେ ୧୮୬୨ରେ ଆରମ୍ଭ ହୋଇଥିଲା ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀଙ୍କ ପରିବ୍ରାଜନ। ସାଥିରେ ଥିଲେ ପ୍ରଥମ ଶିଷ୍ୟ ଗୋବିନ୍ଦ ବାବା। ରେଢ଼ାଖୋଲରେ ମିଳିଗଲେ ପ୍ରମୁଖ ଶିଷ୍ୟ କବି ଭୀମ ଭୋଇ। ଭକ୍ତ ଭୀମ ଭୋଇ ଆପଣା ଉପଲବ୍ଧି ପ୍ରତି ସତ୍ୟଶୀଳ ରହି ମହିମା ଧର୍ମ ଦର୍ଶନକୁ ଅନ୍ତର୍ଦୃଷ୍ଟି ବଳରେ ନିରୀକ୍ଷଣ କରିଛନ୍ତି ଏବଂ କଲ୍ୟାଣକାରୀ ଆଭିମୁଖ୍ୟ ନେଇ ଗାଇଛନ୍ତି ଭଜନ ଓ ଜଣାଣ। ସନ୍ଥକବି ଭୀମ ଭୋଇ କେବଳ କବି ନୁହନ୍ତି, ସେ ଏକାଧାରରେ ସଙ୍ଗୀତଜ୍ଞ ଓ ସ୍ୱରସମ୍ରାଟ। ପଲ୍ଲୀବାଦ୍ୟ ଖଞ୍ଜଣିକୁ କଳାର ଏକ ସାଧନ ଭାବରେ ଗ୍ରହଣକରି ତିଆରି କରିଛନ୍ତି ଭଜନର ଲଳିତ ଛନ୍ଦ। କେବଳ କବି ଓ ସଙ୍ଗୀତଜ୍ଞ ଭାବରେ ନୁହେଁ, ଜଣେ ଆଚାରସିଦ୍ଧ ଋଷି ଗୈରିକ ପରିହିତ ପରିବ୍ରାଜକ ଭାବରେ ଯାଯାବରୀ ଜୀବନର ଗଭୀର ଜିଜ୍ଞାସା ନେଇ ସେ ଭେଦିଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ରହସ୍ୟ। ଦେଶ ବିଦେଶରେ ମହିମା ଧର୍ମ ଦର୍ଶନ ବା ପ୍ରେମ ଓ କରୁଣାର ସନ୍ଦେଶ ପହଞ୍ଚାଇବା ପାଇଁ ବରଡ଼ା ଛତା ଧରି ଚାଲିଛନ୍ତି ସହସ୍ର ସହସ୍ର କୋଶ ବାଟ। 'ଗୃହକେ ମୁଠିଏ, ଗ୍ରାମକେ ରାତିଏ' ନୀତି ଅବଲମ୍ବନକରି ବୁଲି ବୁଲି ଗାଇଛନ୍ତି ଶୂନ୍ୟବ୍ରହ୍ମର ମହିମା। ତାଙ୍କ ଭଜନର ଅନାହତ ଆତ୍ମ ନିବେଦନ ଓ ସଙ୍ଗୀତର ଅନୁପମ ସ୍ୱର ବିଷୟାସକ୍ତ ମନକୁ ନେଇ ପହଞ୍ଚାଇଦେଇଛି କେଉଁ ଏକ ଅତୀନ୍ଦ୍ରିୟ ରାଜ୍ୟରେ। ଭଜନର ଅସଲ ଅର୍ଥ କେହି ବୁଝୁ କି ନ ବୁଝୁ ନାଦବ୍ରହ୍ମର ନିନାଦ ଭିତରେ ଶରୀରର ସ୍ନାୟୁ ମଣ୍ଡଳରେ ତରଙ୍ଗାୟିତ ହୋଇଯାଏ ଏକ ବ୍ରହ୍ମମୟ ତରଙ୍ଗ। ତେଣୁ ସେ ସଙ୍ଗୀତର ଆବେଦନ ଜନମାନସକୁ ଏମିତି ଛୁଇଁଲା ଯେ ଗାଁ ଗାଁରେ ଜଳିଲା ମହିମା ଧୁନି। ଆଗେ ଗଡ଼ଜାତ ଅଞ୍ଚଳରେ ଜଳୁଥିବା ମହିମା ଧୁନି ଉପକୂଳ ଜିଲାକୁ ବ୍ୟାପିଲା। ଖଞ୍ଜଣି ଭଜନର ଭାକ୍ତିକ ଉଚ୍ଛ୍ୱାସରେ ଆପ୍ଲୁତ ହେଲା ସମଗ୍ର ଓଡ଼ିଶାର ପୁରପଲ୍ଲୀ। କ୍ରମଶଃ ଏହା ଓଡ଼ିଶାର ସୀମା ଡେଇଁ ପ୍ରସରିଗଲା ବିହାର, ଆନ୍ଧ୍ରପ୍ରଦେଶ, ଆସାମ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ। ଠାକୁ ଠା ଗଢ଼ି ଉଠିଲା ମହିମାଟୁଙ୍ଗି ବା ମଠ। ଜର୍ମାନ ଗବେଷିକା (କୁମାରୀ) ଡ. ଏ.ଏସ୍‌ମାନଙ୍କ ଗଣନା ଅନୁସାରେ ଓଡ଼ିଶାର ବିଭିନ୍ନ ଜିଲାରେ ୭୧୫ଟି ମହିମା ମଠ ଥିବାବେଳେ ଓଡ଼ିଶା ବାହାରେ ରହିଛି ୨୫୨ ମଠ।



ଢେଙ୍କାନାଳ ଜିଲା କପିଳାସ ନିକଟବର୍ତ୍ତୀ ଯୋରନ୍ଦା ମଠ ମହିମାଧର୍ମର ଆଦିପୀଠ। ଢେଙ୍କାନାଳର ତତ୍କାଳୀନ ରାଜା ମହେନ୍ଦ୍ର ବାହାଦୁରଙ୍କ ପୃଷ୍ଠପୋଷକତାରେ ପ୍ରତିଷ୍ଠିତ ଏହି ମଠରୁ ଆରମ୍ଭ ହୋଇଥିଲା ମହିମା ସ୍ୱାମୀଙ୍କ ପ୍ରଚାର ଅଭିଯାନ। ଦୀର୍ଘ ୧୪ ବର୍ଷର ପରିବ୍ରାଜନ ପରେ ୧୮୭୬ ମସିହା ଫାଲ୍‌ଗୁନ କୃଷ୍ଣ ଏକାଦଶୀ ତିଥିରେ ନଶ୍ୱର ଦେହ ତ୍ୟାଗକରି ସେ ବ୍ରହ୍ମଲୀନ ହେଲେ ଏହି ପବିତ୍ର ପୀଠରେ। ମହିମା ସ୍ୱାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ବ୍ରହ୍ମଲୀନ ସ୍ଥାନରେ ଶୂନ୍ୟମନ୍ଦିର ଏବଂ ସମାଧିସ୍ଥଳରେ ପ୍ରତିଷ୍ଠିତ ହେଲା ଗାଦିମନ୍ଦିର। ଏହା ବ୍ୟତୀତ ଏହି ପୀଠରେ ଗଢ଼ି ଉଠିଛି ଧୁନିମନ୍ଦିର, ନୀତିମନ୍ଦିର, ଉପକରଣ ମନ୍ଦିର, ମଣୋହି ମଣ୍ଡପ, ଗ୍ରନ୍ଥାଗାର, ଗୋଶାଳା, ସାଧୁମାନଙ୍କ ପାଇଁ ଅନେକ ମଠ ତଥା ଯାତ୍ରୀମାନଙ୍କ ନିମନ୍ତେ ଶତାଧିକ ଘର। ପାଖାପାଖି ଶହେ ଏକର ପରିମିତ ଜମି ଉପରେ ଗଢ଼ିଉଠିଥିବା ଏହି ସମସ୍ତ ନିର୍ମାଣ କେବଳ ମହିମାସ୍ୱାମୀଙ୍କ ପରମ ପରିଚୟର ପୁଣ୍ୟ ପରିଧି 'ମହିମାଗାଦି' ନାମରେ ଖ୍ୟାତ।

ମାଘମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନଟି ମହିମା ସମାଜ ପାଇଁ ଅତୀବ ପୁଣ୍ୟତିଥି। ପ୍ରଭୁପୂର୍ଣ୍ଣିମା ଓ ଗୁରୁପୂର୍ଣ୍ଣିମା ଭାବରେ ପରିଚିତ ଏହି ପବିତ୍ର ତିଥିରେ ମହିମା ସ୍ୱାମୀ ଯୋରନ୍ଦା ପୀଠରେ ବ୍ରହ୍ମଧୁନି ସ୍ଥାପନକରି ଆରମ୍ଭ କରିଥିଲେ ମାନବ ଧର୍ମର ମହୋତ୍ସବ ମହିମାମେଳା। ଧୁନି ସର୍ବସ୍ୱ ମହିମା ଦର୍ଶନ ଅନୁସାରେ ମଙ୍ଗଳମୟ, ପ୍ରାଣମୟ, ଶକ୍ତିମୟ ତଥା ଧ୍ୱଂସମୟ ଅଗ୍ନି ହେଉଛି ପ୍ରାଣର ଦ୍ୟୋତକ। ଅଗ୍ନିପୂଜାକୁ ଭିତ୍ତିକରି ସୃଷ୍ଟି ହୋଇଛି ସୂର୍ଯ୍ୟପୂଜା। ସକଳ ଶକ୍ତିର ଆଧାର ସୂର୍ଯ୍ୟ ହିଁ ଅନନ୍ତ ସୃଷ୍ଟିର ପ୍ରାଣପ୍ରତୀକ। ତେଣୁ ସୂର୍ଯ୍ୟ ଓ ଧୁନି ଉପାସନା ହିଁ ମହିମା ଧର୍ମର ପ୍ରଧାନ ଅଙ୍ଗ। ସେହି ଧୁନି ଉପାସନାକୁ ଆଧାରକରି ଯୋରନ୍ଦା ପୀଠରେ ପ୍ରତିବର୍ଷ ଗୁରୁପୂର୍ଣ୍ଣିମା ଦିନ ଆୟୋଜନ ହୁଏ ମାନବବାଦର ମହୋତ୍ସବ ମହିମା ମେଳା। ବିଶ୍ୱବାସୀଙ୍କୁ ଭକ୍ତିବାଦ ଓ ମାନବବାଦର ଦିବ୍ୟ ସନ୍ଦେଶ ଦେବା ପାଇଁ ୧୮୭୪ରୁ ଆରମ୍ଭ ହୋଇଥିବା ଏହି ମେଳା ଅବସରରେ ମଠମୟ ଯୋରନ୍ଦା ହୋଇଯାଏ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀମୟ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ମହାକାଶ କୃଷିରେ ଭାରତ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

୧୬।୧।୨୦୨୫ରେ ସ୍ପେଡାକ୍ସ ମିଶନ ମାଧ୍ୟମରେ ପୃଥିବୀର ବୃତ୍ତାକାର କକ୍ଷରେ ଦୁଇଟି କୃତ୍ରିମ ଉପଗ୍ରହଙ୍କୁ ସଫଳ ଭାବେ ପରସ୍ପର ସହ ସଂଯୋଗକରିବା(ଡକିଂ)କୁ ଭବିଷ୍ୟତ ପାଇଁ ଭାରତର ପରିକଳ୍ପିତ ମହାକାଶ ବିଜ୍ଞାନର ସୁଦୂରପ୍ରସାରୀ ଲକ୍ଷ୍ୟ ସାଧନ ଦିଗରେ ପ୍ରଥମ ପଦକ୍ଷେପ ରୂପେ ଗଣନା କରାଯାଏ। ଏହି ଲକ୍ଷ୍ୟଗୁଡ଼ିକରେ ଶୀର୍ଷସ୍ଥାନରେ ରହିଛି ମହାକାଶକୁ ଯାତ୍ରୀବାହୀ ଯାନ ପ୍ରେରଣ। ସେଠାରେ ସ୍ଥାୟୀ କେନ୍ଦ୍ର ବା ଷ୍ଟେଶନ ସ୍ଥାପନ, ଚନ୍ଦ୍ରପୃଷ୍ଠରେ ବ୍ୟୋମଚାରୀ ଅବତରଣ ଓ ପ୍ରତ୍ୟାବର୍ତ୍ତନ ଏବଂ ସର୍ବଶେଷରେ ପୃଥିବୀ ବାହାରେ ଉପନିବେଶମାନ ସ୍ଥାପନ। ଏଥିପାଇଁ ଏହାକୁ ଅତିକ୍ରମ କରିବାକୁ ପଡ଼ିବ ଗୋଟିକ ପରେ ଗୋଟିଏ। ପ୍ରଥମତଃ ଉପରୋକ୍ତ ଉପଗ୍ରହ ଦୁଇଟିକୁ ବାରମ୍ବାର ପରସ୍ପର ସହ ଡକିଂ ଏବଂ ପରସ୍ପରଠାରୁ ଅଲଗା କରାଇ ଏ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଓ ନିର୍ଭରଯୋଗ୍ୟ କରାଇବା ଦରକାର। ତତ୍ପରେ ପୃଥିବୀର ଉଚ୍ଚତର ଅର୍ଦ୍ଧବୃତ୍ତାକାର କକ୍ଷରେ ଏହାର ପୁନରାବୃତ୍ତିକରି ତାହାକୁ ବୃହତ୍ତର ପରିସର ମଧ୍ୟରେ କାର୍ଯ୍ୟ କରିବାର ଉପଯୋଗିତା ପରୀକ୍ଷା କରିବାକୁ ହେବ। ତାହା ସଫଳ ହେଲେ ଆରମ୍ଭ ହେବ ମହାକାଶ ଷ୍ଟେଶନକୁ ଯାତ୍ରା ଓ ସେଠାରୁ ପ୍ରତ୍ୟାବର୍ତ୍ତନ ଉପରେ ପରୀକ୍ଷା। ଏଥିରୁ ଗୋଟିଏ ନିଜସ୍ୱ ଭାବେ ସ୍ଥାପନ ପାଇଁ ଭାରତର ଯୋଜନା ରହିଛି। ତାହା ହେବ 'ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ'। ତେବେ ସେଥିପୂର୍ବରୁ ବର୍ତ୍ତମାନ ପୃଥିବୀର କକ୍ଷରେ ଥିବା ଆମେରିକା ଓ ରୁଷିଆର ମିଳିତ ଉଦ୍ୟମରେ ସ୍ଥାପିତ 'ଆନ୍ତର୍ଜାତିକ ମହାକାଶ ଷ୍ଟେଶନ' ବ୍ୟବହାରକରି ଏ ପରୀକ୍ଷା ଆରମ୍ଭକରିବା କଥା ମଧ୍ୟ ଚିନ୍ତାକରାଯାଉଛି। ତା'ପରେ ଆରମ୍ଭ ହେବ ଏଠାକୁ ତଥା ଚନ୍ଦ୍ରପୃଷ୍ଠକୁ ମହାକାଶଚାରୀ ପ୍ରେରଣ। ସେମାନେ ସେଠାରେ ନାନାଦି ବୈଜ୍ଞାନିକ ପରୀକ୍ଷା କରି ଫେରିଆସିବେ। ଏହାସବୁ ସମ୍ଭବ ହେଲେ ମହାକାଶରେ ଉପନିବେଶ ସ୍ଥାପନର ସ୍ୱପ୍ନ ହୁଏତ ସାକାର ହୋଇପାରିବ।

ପୃଥିବୀ ବାହାରେ ଅନ୍ୟ ଗ୍ରହ ଉପଗ୍ରହମାନଙ୍କରେ ବିଶେଷକରି ଚନ୍ଦ୍ରପୃଷ୍ଠରେ ଏହା କରାଗଲେ କିମ୍ବା ଦୀର୍ଘଦିନ ଧରି ମହାକାଶ ଯାତ୍ରା କରିବାକୁ ହେଲେ ଆବଶ୍ୟକ ପଡ଼ିବ ବ୍ୟୋମଚାରୀମାନଙ୍କ ପାଇଁ ଖାଦ୍ୟ ଉତ୍ପାଦନ ଅର୍ଥାତ୍ କୃଷିକାର୍ଯ୍ୟ। ସ୍ପେଡାକ୍ସ ମିଶନ ସହ ୩୦।୧୨।୨୦୨୪ରେ ପ୍ରେରିତ ପିଏସ୍‌ଏଲ୍‌ଭି-ସି୬୦ ଉତ୍କ୍ଷେପକ ଦ୍ୱାରା ମହାକାଶକୁ ବହନ କରାଯାଇଥିବା ୨୪ଟି ପରୀକ୍ଷା ବ୍ୟବସ୍ଥା ମଧ୍ୟରୁ ଇସ୍ରୋ ଦ୍ୱାରା ବିକଶିତ ଅନ୍ୟତମ ଥିଲା ଏଥିପାଇଁ ଅଭିପ୍ରେତ। ଏହାକୁ 'କ୍ରପ୍ ରିସର୍ଚ୍ଚ ଇନ୍ ଆଉଟର ସ୍ପେସ୍' ବା 'କ୍ରପ୍‌ସ' ନାମରେ ନାମିତ କରାଯାଇଛି। ପୁନଶ୍ଚ 'ପୋଏମ୍-୪' ଅର୍ଥାତ୍ ପିଏସ୍-୪ ଅର୍ବିଟାଲ ଏକ୍ସପେରିମେଣ୍ଟ ମୋଡ୍ୟୁଲ-୪ ଏଥିପାଇଁ ବ୍ୟବହୃତ ହୋଇଛି। ଏ ବ୍ୟବସ୍ଥାଟି ନିର୍ମିତ ହୋଇଥିଲା ଇସ୍ରୋର ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ରର ବୈଜ୍ଞାନିକମାନଙ୍କ ଦ୍ୱାରା। ମହାକାଶର ସୂକ୍ଷ୍ମ ବା ଶୂନ୍ୟ ମହାକର୍ଷଣ ମଧ୍ୟରେ ଗଛ କିପରି ବଢ଼ିପାରିବ ତାହା ଅନୁଧାନ କରିବା ଥିଲା ଏହାର ଲକ୍ଷ୍ୟ। ଏଥିରେ 'ପୋଏମ୍-୪'ର ନିୟନ୍ତ୍ରିତ ପରିବେଶ ମଧ୍ୟରେ ୮ଟି ବରଗୁଡ଼ି ମଞ୍ଜିକୁ ଅଙ୍କୁରିତ ହେବାକୁ ଦିଆଯାଇଥିଲା। ଉତ୍କ୍ଷେପଣର ୪ ଦିନ ପରେ ଅର୍ଥାତ୍ ୪।୧।୨୦୨୫ରେ ତାହା ହେବାର ଦେଖାଗଲା। ଅତଏବ ପରୀକ୍ଷାଟି ସଫଳ ହେଲା।



ଏହି ମଞ୍ଜିଗୁଡ଼ିକୁ 'ପୋଏମ୍-୪'ରେ ନିବୁଜ ବାକ୍ସ ମଧ୍ୟରେ ରଖାଯାଇଥିଲା। ସେଥିସହ ସମ୍ପୃକ୍ତ ଥିଲା ବିଶେଷ ଧରଣର ଏକ ଶକ୍ତିଶାଳୀ କ୍ୟାମେରା ଏବଂ ତାପମାତ୍ରା, ଆର୍ଦ୍ରତା ଓ ମୃତ୍ତିକାର ଜଳ ଅଂଶ ଆଦି ମାପିବା ପାଇଁ ଅନୁଧାନକାରୀ ବ୍ୟବସ୍ଥା। ତହିଁରୁ ଜଣାପଡ଼ିଲା ମଞ୍ଜିଗୁଡ଼ିକୁ କିପରି ନିଷ୍କ୍ରିୟ ଅବସ୍ଥାରୁ କ୍ରିୟାଶୀଳ ହେଲେ, ତାହା ଅଙ୍କୁରିତ ହେଲା ଏବଂ ଅଙ୍କୁରଗୁଡ଼ିକର ଅଭିବୃଦ୍ଧି ଘଟିଲା। 'କ୍ରପ୍‌ସ' ଏଥିପାଇଁ ଏକ ବିଶେଷ ଧରଣର ମୃତ୍ତିକା ବ୍ୟବହାର କରିଥିଲା। ଏଥିରେ ଏକ ନିର୍ଦ୍ଦିଷ୍ଟ ପରିମାଣରେ ଜଳ ଏବଂ ମନ୍ଥରଭାବେ ନିଷ୍କାସିତ ହେଉଥିବା ସାର ମିଶାଯାଇଥିଲା। ଉତ୍କ୍ଷେପଣ ସମୟରେ କମ୍ପନରୁ ସୁରକ୍ଷା ଦେବା ପାଇଁ ମଞ୍ଜିଗୁଡ଼ିକୁ ତନ୍ତୁ ନିର୍ମିତ ଫିତାରେ ଅଠାମାରି ଲଗାଇ ବାକ୍ସ ମଧ୍ୟରେ ରଖାଯାଇଥିଲା। 'ପୋଏମ୍-୪' ମହାକାଶରେ ପହଞ୍ଚିଲା ପରେ ମୃତ୍ତିକାରେ ମଞ୍ଜି ଗୁଡ଼ିକୁ ଲଗାଇ ସେଥିରେ ଅଧିକ ଜଳ ସିଞ୍ଚନ କରାଗଲା। ଏ ସମୟରେ ବ୍ୟବସ୍ଥାରେ ଖଚିତ ସମ୍ବେଦକଗୁଡ଼ିକୁ ମୋଡ୍ୟୁଲ ଭିତରର ଅବସ୍ଥା ଅନୁଧାନକରି ତାହାର ତାପମାତ୍ରା, ଆର୍ଦ୍ରତା ଏବଂ ତନ୍ମଧ୍ୟରେ ଥିବା ବିବିଧ ବାଷ୍ପର ମାତ୍ରା ଆଦି ନିୟମିତ ଅନୁଧାନ କରୁଥିଲେ। ପୁନଶ୍ଚ ଏଥିରେ ଏଲ୍‌ଇଡିମାନ(ଲାଇଟ ଏମିଟିଂ ଡାଇଅଡ୍) ଖଞ୍ଜାଯାଇଥିଲା ଆଲୋକ ସଂଶ୍ଳେଷଣ ପାଇଁ ଏବଂ ହିଟରମାନଙ୍କ ସାହାଯ୍ୟରେ ଏହାର ତାପମାତ୍ରା ନିୟନ୍ତ୍ରଣ କରାଯାଇଥିଲା। ଅତଏବ ମଞ୍ଜିଗୁଡ଼ିକ ଅଙ୍କୁରିତ ହୋଇ ଥିବା ଦୁଇପତ୍ର ହେବା ପର୍ଯ୍ୟନ୍ତ ବଢ଼ିବାକୁ ଲାଗିଥିଲା। ଏହାର ପରବର୍ତ୍ତୀ ପଦକ୍ଷେପ ହେବ ଏହାର ଅଙ୍କୁରଗୁଡ଼ିକ ୩୦ରୁ ୪୫ ଦିନ ଧରି ବଢ଼ିବାର ବ୍ୟବସ୍ଥା କରିବା ଏବଂ ସେ ପ୍ରକ୍ରିୟାକୁ ଅନୁଧାନ କରିବା।

ମହାକାଶର ବିଭିନ୍ନ ପରିବେଶରେ ଉଦ୍ଭିଦ କିପରି ବଢ଼ିପାରିବ ଏବଂ ଅନ୍ୟ ଗ୍ରହଗୁଡ଼ିକରେ ବସତି ସ୍ଥାପନକଲେ ସେଠାରେ କୃଷି କାର୍ଯ୍ୟ କରିବା କିପରି ସହଜ ହେବ ଏହା ତା'ର ମାର୍ଗଦର୍ଶକ ହେବ। ଅତଏବ ଇସ୍ରୋର 'କ୍ରପ୍‌ସ' ପରୀକ୍ଷା ଏ ସ୍ୱପ୍ନକୁ ସାକାରକରିବା ଦିଗରେ ହୋଇଛି ଏକ ବଳିଷ୍ଠ ପଦକ୍ଷେପ। ଏଥିପୂର୍ବରୁ ନାସା (ଆମେରିକାର ଗବେଷଣା ମହାକାଶ ସଂସ୍ଥା)ର ମହାକାଶଚାରୀ ସୁନିତା ଉଇଲିୟମ୍ସ ଆନ୍ତର୍ଜାତିକ ମହାକାଶ ଷ୍ଟେଶନରେ କୃଷି ସମ୍ପର୍କରେ ପରୀକ୍ଷାଟିଏ କରିଥିଲେ। ତହିଁରେ ସୂକ୍ଷ୍ମ ବା ଶୂନ ମହାକର୍ଷଣ ମଧ୍ୟରେ ଲିଚୁ ମଞ୍ଜିକୁ ଗଜା କରାଇ ଚାରା ଗଛକୁ ବଢ଼ାଇବା ସମ୍ଭବ ହୋଇଥିଲା। ଏ ପରୀକ୍ଷାର ନାମ ଥିଲା 'ପ୍ଲାଣ୍ଟ ହାବିଟାଟ୍-୦୭'। ଜଳର ବିଭିନ୍ନ ପରିମାଣରେ ଲଭ୍ୟତା ଏବଂ ଶୂନ୍ୟ ମହାକର୍ଷଣ ମଧ୍ୟରେ ଗଛ କିପରି ପ୍ରଭାବିତ ହୁଏ ଏଥିରୁ ସେ ସମ୍ପର୍କରେ ଅନେକ ତଥ୍ୟ ମିଳିଥିଲା। ବର୍ତ୍ତମାନ 'ଇସ୍ରୋ'ର କ୍ରପ୍‌ସ ପରୀକ୍ଷା ଏହାକୁ ଆଉ ଗୋଟିଏ ପାଦ ଅଗ୍ରସର ହେବାକୁ ଦେଇଛି। ଏଠାରେ ସୂଚନାଯୋଗ୍ୟ, 'ପୋଏମ୍-୪' ସହ ଆମିଟି ବିଶ୍ୱବିଦ୍ୟାଳୟ ଦ୍ୱାରା ପାଳଙ୍ଗ ଚାରା ଉପରେ ପରୀକ୍ଷା ଲାଗି ବ୍ୟବସ୍ଥାଟିଏ ମଧ୍ୟ ଖଞ୍ଜାଯାଇଛି। ଏହା ସଫଳ ହେଲା ପରେ ମହାକାଶରେ ଗଛର ବୃଦ୍ଧି ସମ୍ପର୍କରେ ଅଧିକ କିଛି ସୂଚନା ମିଳିବ। ଅତଏବ ଏସବୁକୁ ମହାକାଶରେ କୃଷି ଦିଗରେ ଭାରତର ପ୍ରଥମ ସଫଳ ପଦକ୍ଷେପ ରୂପେ ଗ୍ରହଣ କରାଯିବ।

ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

## ଏଇ ଭାରତରେ

ଏହା ନିଶ୍ଚିତ ଯେ ନିଷ୍ଠା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଜୀବନର ଗତିପଥ ବଦଳିଯାଏ। ଏଭଳି ଏକ ପରିବର୍ତ୍ତନ ଆସିଛି ରାଜେଶ କୁମାରଙ୍କ ଜୀବନରେ। ରାଜେଶ ସିକ୍ୟୁରିଟି ଗାର୍ଡ ଚାକିରି ଛାଡ଼ି ଜୈବିକ ପଦ୍ଧତିରେ ଗୋଲାପ ଫୁଲ ଚାଷକରି ମାସକୁ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ରାଜେଶ ରହୁଛନ୍ତି ହରିୟାଣାର ହିନ୍ଦୱାନ ଗାଁରେ। ସେ ସିକ୍ୟୁରିଟି ଗାର୍ଡ ଥିବାବେଳେ ମାସକୁ ୫,୦୦୦ ଟଙ୍କା ପାଉଥିଲେ ଓ ଏଥିରେ ପରିବାର ଚଳାଇବା ସମ୍ଭବ ହେଉ ନ ଥିଲା। କିନ୍ତୁ ଗୋଲାପ ଫୁଲ ଚାଷ କରିବା ପରେ ତାଙ୍କ ଅଭାବ ଦୂର ହୋଇପାରିଛି। ରାଜେଶ ଆଂଶିକ ଦୃଷ୍ଟିବାଧିତ ହୋଇଥିବାରୁ ଚାଷ କାମରେ ପରିବାର ଲୋକେ ତାଙ୍କୁ ସାହାଯ୍ୟ କରୁଛନ୍ତି। ସେ କେବଳ ଫୁଲ ବିକ୍ରି କରୁନାହାନ୍ତି, ବରଂ ସେଥିରୁ ରୋଜ ହେୟାର ଅଏଲ, ରୋଜ ୱାଟର ଏବଂ ଗାଧୋଇବା ପାଇଁ ରୋଜ ସାବୁନ ତିଆରି କରୁଛନ୍ତି। ଏବେ ସେ ଏହିସବୁ ସାମଗ୍ରୀକୁ ହରିୟାଣା, ଲୁଧିଆନା ଓ ଚଣ୍ଡିଗଡ଼ରେ ବିକ୍ରି କରୁଛନ୍ତି। ୨୦୧୫ରେ ରାଜେଶ ପ୍ରଥମେ ଗେଣ୍ଡୁଫୁଲ ଚାଷ କରିଥିଲେ। ହରିୟାଣା କୃଷି ବିଶ୍ୱବିଦ୍ୟାଳୟରୁ ଫୁଲ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ପାଇବା ପରେ ଗୋଲାପ ଫୁଲ ଚାଷ ଆରମ୍ଭ କରିଥିଲେ। ପ୍ରଥମରୁ ସେ ମାସକୁ ୯ ହଜାର ଟଙ୍କା ରୋଜଗାର କରୁଥିଲେ, ଏବେ ଏହାକୁ ପାଖାପାଖି ୫ଗୁଣ ବୃଦ୍ଧି କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଫେବୃଆରୀ ୧୯୭୬

- ବେଠି (ଉଚ୍ଛେଦ) ଆଇନର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନ ସେମାନଙ୍କ ଜିଲା ମାଜିଷ୍ଟ୍ରେଟମାନଙ୍କୁ ଆବଶ୍ୟକ କ୍ଷମତା ଓ ଦାୟିତ୍ୱ ଅର୍ପଣ କରିଛନ୍ତି।
- ଭାରତ ମହାସାଗରରେ ଥିବା କ୍ଷୁଦ୍ର ଦ୍ୱୀପ ମେଓଟି ଫ୍ରାନ୍ସ ଅଞ୍ଚଳରେ ରହିବାକୁ ଜାତିସଂଘର ନିରାପତ୍ତା ପରିଷଦରେ ହୋଇଥିବା ଭୋଟରେ ଶତକଡ଼ା ୯୯ ଭାଗ ଭୋଟର ସମ୍ମତି ପ୍ରକାଶ କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 9 | | | 4 | |
| 3 | | | | | | 7 | | 1 |
| | | 4 | | | | 6 | | 5 |
| | | 6 | | | | | | |
| | | 3 | | | 5 | | | |
| | | 1 | | 7 | | 4 | | 8 |
| | | | | 8 | | 1 | | |
| 4 | | 2 | | 6 | | 5 | | |
| | 6 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 6 | 8 | 2 | 5 | 7 | 9 | 4 |
| 9 | 8 | 2 | 4 | 3 | 7 | 6 | 5 | 1 |
| 5 | 7 | 4 | 1 | 6 | 9 | 2 | 3 | 8 |
| 2 | 1 | 8 | 5 | 7 | 4 | 3 | 6 | 9 |
| 4 | 5 | 7 | 6 | 9 | 3 | 1 | 8 | 2 |
| 6 | 9 | 3 | 2 | 1 | 8 | 5 | 4 | 7 |
| 3 | 2 | 5 | 9 | 4 | 1 | 8 | 7 | 6 |
| 8 | 6 | 9 | 7 | 5 | 2 | 4 | 1 | 3 |
| 7 | 4 | 1 | 3 | 8 | 6 | 9 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଶାଙ୍କୁ ଭୟ ନ କରିବାକୁ ଅଜବ ବାର୍ତ୍ତା

ମହାଶୟ,

ମଶାଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ଘଟୁଛି। ଭୁବନେଶ୍ୱରରେ ମଶାବଂଶ ଯଥେଷ୍ଟ ବୃଦ୍ଧି ପାଇଛି। ବିଶେଷକରି ନାଳନର୍ଦ୍ଦମା ଓ ଅଳିଆ ସନ୍ତସନ୍ତିଆ ଜାଗାରୁ ଏମାନେ ବାହାରୁଛନ୍ତି। ଘରେ ବାହାରେ ସେମାନେ କାମୁଡୁଛନ୍ତି। ଫଳରେ ଲୋକମାନେ ମଶା କାମୁଡ଼ାଜନିତ ନାନାଦି ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗ କରୁଛନ୍ତି। ଅବଶ୍ୟ ବିଏମ୍‌ସି ତରଫରୁ ମଶାମରା ତେଲ ନାଳନର୍ଦ୍ଦମାରେ ପଡୁଛି, ତା'ଛଡ଼ା ଧୂଆଁ ମଧ୍ୟ ଛଡ଼ାଯାଉଛି। କିନ୍ତୁ ତାହା ବ୍ୟାପକ ନୁହେଁ। ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ମଶା କାମୁଡ଼ା କ୍ଷତି ପାଇଁ ଦେଇଥିବା ଏକ ମନ୍ତବ୍ୟ ଖବରକାଗଜରୁ ପଢ଼ିବାକୁ ମିଳିଛି। ମଶା ନାଶ ପାଇଁ ଦୃଢ଼ ପଦକ୍ଷେପ ନେବା କିମ୍ବା ଲୋକମାନଙ୍କୁ ମଶା କାମୁଡ଼ା ପ୍ରତି ସଜାଗ ରହିବାକୁ ଜଣାଇବା ପରିବର୍ତ୍ତେ ମଶାଙ୍କ କାମୁଡ଼ା ପ୍ରତି ନିର୍ଭୟ ରହିବାକୁ ଅଜବ ବାର୍ତ୍ତା ଦେଇଛନ୍ତି। ଜଣେ ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ଏଭଳି ଅଜବ ବାର୍ତ୍ତା ଆଶା କରାଯାଇ ନ ପାରେ।

–ସ୍ୱର୍ଣ୍ଣବାଳା ନାୟକ, ସତ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିରହୀ ଚକୋର ଦମ୍ପତି
ତାଙ୍କୁ, ଦେବି ମୁଁ ମିଳନ-ସମ୍ପତ୍ତି,
ଭୁବନ ଚାହିଁଛି କାତରେ, ତାକୁ ମୁଁ
ବିରଚିବି ଶୋଭା ସଦନ
ହାହାକାରେ ପୂରେ ଗଗନ!
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନିଜ ଭାଗ୍ୟ ନିଜେ ଗଠନ କରିପାରିବ

## ଶରଣକୁଳ ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ




ବାର୍ଷିକ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟମାନେ।

ଶରଣକୁଳ, ୧୦।୨ (ଦୀପକ କର)

ଶରଣକୁଳ ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇଥିଲେ। ପ୍ରଥମେ ମହାବିଦ୍ୟାଳୟର ଅଧ୍ୟକ୍ଷ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପଦେଷ୍ଟା ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅଧ୍ୟାପକ ଡ. ବ୍ୟାମୋକେଶ ରଥ ବେଦ ମନ୍ତ୍ର ପଠନ ଓ ଶାନ୍ତିପାଠ କରିଥିଲେ। ମୁଖ୍ୟବକ୍ତା ଡ. ସୁବୁଦ୍ଧି ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ର କିପରି ନିଜର ଭାଗ୍ୟ ନିଜେ ଗଠନ କରିପାରିବେ ସେଥିପାଇଁ ଅନେକ ଉଦାହରଣ ଦେଇଥିଲେ। ମୁଖ୍ୟ ଅତିଥି ପାଢ଼ୀ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ, ବାଣିଜ୍ୟ ଶ୍ରେଣୀ ଖୋଲିବା, ଖେଳପଡ଼ିଆକୁ ମହାବିଦ୍ୟାଳୟର ନାମରେ ନାମିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ଛାତ୍ରୀଛାତ୍ର ଭଲ ମଣିଷ ହେବା ପାଇଁ ଅନେକ ଉପଦେଶ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରତିଯୋଗିତା ଓ ବିଭିନ୍ନ ବିଷୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀମାନଙ୍କୁ ଦାଶରଥି, ରବୀନ୍ଦ୍ରନାଥ ମିଶ୍ର, ମାଟିଆ ପାଳ, ଅନନ୍ତ ପଣ୍ଡା, ସେବତୀ ଦେବୀ, ଡ.ରାଜକିଶୋର ସାହୁ, ରାମଚନ୍ଦ୍ର ରଥ ପ୍ରମୁଖ ମେମୋରିଆଲ ଭଳି ପୁରସ୍କାର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୩ ଛାତ୍ର ଫରହାନ୍ ଖାନ ଏବଂ ଯୁକ୍ତ ୨ ଛାତ୍ରୀ ଖୁସି ବଡଚାଟ ସାହିତ୍ୟରେ ଚାମ୍ପିୟନ ପୁରସ୍କାର ପ୍ରାପ୍ତ ହୋଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ତଥା କର୍ମଚାରୀମାନେ ସକ୍ରିୟ ସହଯୋଗ ପ୍ରଦାନ କରି ଏହି ଉତ୍ସବକୁ ସଫଳ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଷ୍ଟାଣ୍ଡିଂ କମିଟିର ଖୁଣ୍ଟବନ୍ଧ କାରାଗାର ପରିଦର୍ଶନ

ନୟାଗଡ,୧୦।୨(ଲୋକନାଥ ମିଶ୍ର)

ଷ୍ଟାଣ୍ଡିଂ କମିଟି ର ଖୁଣ୍ଟବନ୍ଧ କାରାଗାର ପରିଦର୍ଶନ ସହିତ କାରାଗାରଠାରେ ସୋମବାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଆଇନ ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ନେତୃତ୍ୱରେ ଜିଲା କାରାଗାର ପରିଦର୍ଶନ କରିଥିଲେ। ପରେ କାରାଗାର ଅନ୍ତେବାସୀଙ୍କୁ ନେଇ ଦାଦନ ଶ୍ରମିକଙ୍କ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଷ୍ଟାଣ୍ଡିଂ କମିଟି ଜିଲା କାରାଗାରର ସ୍ୱଚ୍ଛତା ଓ କାରାଗାର ଅନ୍ତେବାସୀଙ୍କ ଭଲମନ୍ଦ ବୁଝିଥିଲେ। ଏହାସହ ଜାତି ପ୍ରଥା ବିଷୟରେ ଅନ୍ତେବାସୀଙ୍କୁ ବୁଝା ଯାଇଥିଲା। ଷ୍ଟାଣ୍ଡିଂ କମିଟି ସଭ୍ୟ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ସାମାଜିକ କର୍ମୀ ଅରୁଣ କୁମାର ମହାନ୍ତି, ପ୍ରବାସିନୀ ନନ୍ଦ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମାଳତି ଗୁରୁ, ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅଜିତ ବେହେରା, ଏସ୍‌ଏ.ଜେ ମିନକେତନ ମଲ୍ଲିକ, ଏସ. ଏ. ଜେ ମନୁ ବେହେରା, ଏସ. ଏ. ଜେ ବୃନ୍ଦାବନ ପ୍ରଧାନ ଏଥିରେ ସାମିଲ ହୋଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଚିବ ଅଞ୍ଜଳି ମଛଖଣ୍ଡ ଆନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରି ଶ୍ରମିକଙ୍କ ପାଇଁ ଆଇନରେ ଥିବା ଅଧି ବ୍ୟବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା ଯୋଗଦେଇ ଶ୍ରମିକ କାହାକୁ କୁହନ୍ତି, ଦାଦନ ଶ୍ରମିକ କିଏ, ଏମାନେ ନିର୍ଯାତିତ ହେଲେ ଆଇନରେ ଏମାନଙ୍କ ପାଇଁ କ'ଣ କ'ଣ ସୁବିଧା ସୁଯୋଗ ଅଛି ଏବଂ ଜିଲା ଆଇନ ସେବା ପ୍ରାଧିକରଣ ସହଯୋଗରେ କିପରି ସୁବିଧା ସୁଯୋଗ ପାଇ ପାରିବେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରକୁ ସଫଳ କରିବାରେ ଗ୍ରାମୀଣ ଆଇନ ସଚେତନତା କର୍ମୀ ପ୍ରଫୁଲ୍ଲ କୁମାର ବେହେରା, ରମେଶ ଚନ୍ଦ୍ର ବେହେରା, ଜିଲା ଆଇନ ସେବା କର୍ମଚାରୀ ରାଜେଶ କୁମାର ବାରିକ ଏବଂ ଜେଲ କର୍ମଚାରୀ ସମୂହ ସହଯୋଗ କରିଥିଲେ।




ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ କାରାଗାର ପରିଦର୍ଶନ କରୁଛନ୍ତି।

# ୨ୟ ସେମିରେ ଶରଣକୁଳ, ଲକ୍ଷ୍ମୀପ୍ରସାଦ ଉନ୍ନୀତ

## ମା' ତାରେଣୀ ଡାଇମଣ୍ଡ କ୍ରିକେଟ ଟୁର୍ନାମେଣ୍ଟ: ଡିଏସିଏ କପ୍ ମସାବାରୀ

ଓଡ଼ଗାଁ, ୧୦।୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ମା' ତାରେଣୀ ଡାଇମଣ୍ଡ କ୍ରିକେଟ ଆସୋସିଏଶନ୍, ମସାବାରୀ ଦ୍ୱାରା ଆୟୋଜିତ ଡିଏସିଏ କପ୍ ମସାବାରୀ ସୋମବାର ମ୍ୟାଚରେ ଶରଣକୁଳ ଏବଂ ଲକ୍ଷ୍ମୀପ୍ରସାଦ ଦଳ ୨ୟ ସେମିଫାଇନାଲକୁ ଉନ୍ନିତ ହୋଇଛନ୍ତି। ତୃତୀୟ କ୍ୱାଟର ଫାଇନାଲ ରଙ୍ଗଣୀପାଟଣା ଓ ଶରଣକୁଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରଙ୍ଗଣୀପାଟଣା ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮୯ ରନ କରିଥିଲା। ଜବାବରେ ଶରଣକୁଳ ଦଳ ୪ ଉଇକେଟରେ ବିଜୟ ହାସଲ କରିଥିଲା। ସେହିପରି ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚ ମାନପୁର ଏବଂ ଲକ୍ଷ୍ମୀପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬୦ ରନ୍ କରିଥିଲା। ଜବାବରେ ଲକ୍ଷ୍ମୀ ପ୍ରସାଦ ୪ ଉଇକେଟରେ ମ୍ୟାଚ ବିଜୟ ହାସଲ କରିଥିଲା। ପଣ୍ଡିଖାରୀ ପଞ୍ଚାୟତ ସମିତି ସଭ୍ୟ ବୁଲୁ ଜେନା ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ନାରାୟଣ ଜେନା ଏବଂ ଯୋଗେଶ ମହାରଣା ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ଆୟୋଜକ ମଶାବାରୀ ଓ ବାହାଡ଼ାଖୋଲା ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ମା' ଭାନୁମତୀ ମନ୍ଦିରର ବାର୍ଷିକ ଉତ୍ସବ

ଖଣ୍ଡପଡା,୧୦।୨(ଅଜୟ କୁମାର ମହାରଣା)

ବଡ଼ବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମ ନିକଟ ହଟିଆପଲ୍ଲୀଠାରେ ମା' ଭାନୁମତୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୨ୟ ବାର୍ଷିକ ଉତ୍ସବର ସୋମବାର ଉଦ୍‌ଯାପନୀ ଦିବସ ମହାସମାରୋହରେ ସମ୍ପନ୍ନ ହୋଇଛି। ବାଣପୁର ପଞ୍ଚାୟତର ପଞ୍ଚପଲ୍ଲୀ ନାମରେ ପରିଚିତ ରତନପୁର, ଘଣାଶାଳିଆ, ହଟିଆପଲ୍ଲୀ, ବାଞ୍ଛପଲ୍ଲୀ ଓ ଭ୍ରମରବର ପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯଜ୍ଞ, ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସାଢେ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ପରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା' ଭାନୁମତୀଙ୍କ ମନ୍ଦିରର ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଯୋଗଦେଇ ଆଧ୍ୟାତ୍ମିକ କାର୍ଯ୍ୟକୁ ଉପଭୋଗ କରିଥିଲେ। ମା' ଭାନୁମତୀ ଦେବୀ କମିଟି ପକ୍ଷରୁ ବିଭୂତି ଭୂଷଣ ପ୍ରଧାନ ଓ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାମଗିରି,୧୦।୨(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ରେ ଜିଲାସ୍ତରୀୟ ମା'କୁରେଇଶୁଣି ଭଲିବଲ ଟୁର୍ନାମେଣ୍ଟକୁ ସୋମବାର ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ମୁଖ୍ୟ ଅତିଥି ରୂପେ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥିଭାବେ ରାମଗିରି ସରପଞ୍ଚ ସସ୍ମିତା କାର୍ଜି, ନାଏବ ସରପଞ୍ଚ ରାଜେନ୍ଦ୍ର ମାଝୀ, ଭଲିବଲ ଟୁର୍ନାମେଣ୍ଟ କମିଟି ସଭାପତି କମଳ ଲୋଚନ ରଇତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ନୂଆଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ପ୍ରଧାନ, ବେତାରସିଂ ସରପଞ୍ଚ ସ୍ନେହଲତା ପ୍ରଧାନ ଉପସ୍ଥିତ ଥିଲେ। ଏହି ଟର୍ନୁମେଣ୍ଟ ୬ଦିନ ପର୍ଯ୍ୟନ୍ତ ଚାଲିବ। ୧୬ରେ ଫାଇନାଲ ମ୍ୟାଚ ହେବ।

# ଅବାଧରେ ଚାଲିଛି ମାଙ୍କଡ଼ା ଖଣି

ନୟାଗଡ଼,୧୦।୨(ଲୋକନାଥ ମିଶ୍ର)

ନୟାଗଡ ଜିଲ୍ଲା ନୂଆଗାଁ ତହସିଲ ମାଳିସାହି ପଞ୍ଚାୟତ ବେଗୁନିଆସାହି ଟଇଲା ମାଳରେ ଅବାଧରେ ଚାଲିଛି ମାଙ୍କଡ଼ା ଖଣି। ପୁଣି ମୋରମ ଖଣି ବି ଚାଲିଛି। ବେଆଇନ ମାଙ୍କଡ଼ା ଖଣି ଓ ମୋରମ ଖଣି ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।



ଟ୍ରାକ୍ଟରରେ ମୋରମ ନିଆଯାଉଛି।


## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୩ ତାରିଖ: ୧୦।୦୨।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି । ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୫-୦୩, ଇ-ନିଲାମ ତାରିଖ: ୨୧।୦୨।୨୦୨୫ । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୬.୦୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1118) ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ


## ଶ୍ରମିକଙ୍କୁ ମିଳିନି ୨ ମାସର ପାରିଶ୍ରମିକ

# କମ୍ପାନୀ ବିରୋଧରେ ଧାରଣା

ବେଲଗୁଣ୍ଠା,୧୦।୨ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ଲୋକଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀ ମେଗା ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। କିନ୍ତୁ ବିଭିନ୍ନ ସ୍ଥାନରେ ନିର୍ମାଣ କାର୍ଯ୍ୟ ଓ ଶ୍ରମିକଙ୍କୁ ପାରିଶ୍ରମିକ ଦେବାରେ ଅନିୟମିତା ହେଉଛି। ଗଞ୍ଜାମ ଜିଲାର ୧୧ବ୍ଲକ୍‌ରେ ଏହି ମେଗା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଏଲ୍‌ଆଣ୍ଡଟି ହାତକୁ ନେଇଛି। ଜିଲାରେ କମ୍ପାନୀ ୫ମାସ ହେବ କାର୍ଯ୍ୟ କରୁଥିବା ବେଳେ ୨ମାସ ହେବ ଏଥିରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଦେଇନଥିବା ଅଭିଯୋଗ ହୋଇଛି। ଶ୍ରମିକମାନେ ନିଜ ପାରିଶ୍ରମିକ ବାରମ୍ବାର ଦାବି କରୁଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ସମୟ ଗଡ଼ାଇ ଚାଲିଛନ୍ତି। ଅର୍ଥ ଅଭାବରୁ ଶ୍ରମିକମାନେ ପରିବାର ଚଳାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ନିଜ ହକ୍ ପାଇଁ ଆଜକୁ ୩ଦିନ ହେଲା ଗାଙ୍ଗପୁର ଥାନା ଅନ୍ତର୍ଗତ ସୋମନାଥପଲ୍ଲୀରେ ଥିବା କମ୍ପାନୀର ଅସ୍ଥାୟୀ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। କମ୍ପାନୀ ପ୍ରାପ୍ୟ ପ୍ରଦାନ ନ କଲା ଯାଏ ସେମାନେ ଧାରଣା ଜାରି ରଖିବେ ଓ କୌଣସି କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ସୋମନାଥପଲ୍ଲୀ ସ୍ଥିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।

# ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

ଫୁଲବାଣୀ,୧୦।୨(ରାକେଶ କୁମାର ରାଉତ)

ଜିଲା ପ୍ରଶାସନ ଏବଂ ଶ୍ରମ କାର୍ଯ୍ୟାଳୟ ତରଫରୁ ସୋମବାର ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥକୁ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ସହକାରୀ ଜିଲାପାଳ ଅନୁପମ ଆଚାର୍ଯ୍ୟ, ଡିପିଓ ରଶ୍ମିତା କରଣ ଶୁଭାରମ୍ଭ କରିଥିଲେ। ଏହା ୧ ମାସ ଧରି ପରିଭ୍ରମଣ କରି ବିଭିନ୍ନ କଲ୍ୟାଣକାରି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବ। ଶ୍ରମ ଅଧିକାରୀ ବିଶ୍ୱ ରଞ୍ଜନ କହଁରଙ୍କ ତତ୍ତ୍ୱାବଧାନରେ ବିଭାଗିୟ ଶ୍ରମ ଆୟୁକ୍ତ ତେଜ ବାଗେ, ସହକାରୀ ଶ୍ରମ ଅଧିକାରୀ ପ୍ରମୋଦ ଦେହୁରୀ, ବିଭୂପ୍ରସାଦ ସ୍ୱାଇଁ, ଗ୍ରାମୀଣ ଶ୍ରମ ନିରୀକ୍ଷକ ହେମନ୍ତ ପଟ୍ଟା, କାହ୍ନୁ ଚରଣ ପ୍ରଧାନ, ଡିଇଓ ସୌମ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


## OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG.

e-Procurement Tender Notice

Tender Reference No. :- DMFT/MID/HAZARIBAG/F2-24/2024-25
Letter no - 155 Date :- 10 /02/2025

| Group No | Scheme Name | Estimated Cost (In Rs.) | Time of Completion |
|---|---|---|---|
| 1. | Renovation of Kendua Upgraded Middle School in Vill- Jagdishpur, Block- Chouparan | 1,76,04,800.00 | 11 Months |
| 2. | Renovation of Nawadih Primary School in Vill- Jagdishpur, Block- Chouparan | 1,20,55,500.00 | 11 Months |
| 3. | Renovation of Banaso Rajkiyakrit Middle School in Vill.- Banaso, Block- Vishnugarh | 1,60,82,400.00 | 11 Months |

| | | |
|---|---|---|
| 1. | Date of Publication of e-Tender on website | 24.02.2025 at 3:00 P.M (e-Procurement Portal- http://jharkhandtenders.gov.in) |
| 2. | Last date/Time for Submission of e-Tender bids Online | 05.03.2025 up to 5:00 P.M |
| 3. | Last Date for Online Submission of Tender Fee and EMD | 05.03.2025 up to 5:00 P.M |
| 4. | Date of opening of e-Tender | 07.03.2025 at 03:00 P.M |
| 5. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 6. | Contact no. of e-Procurement officer | 06546-270485 |
| 7. | E-mail of e- Procurement officer | eemidhbg-cemr-jhr@nic.in |

Note:- 1.) Only e-Tender will be accepted.
2.) Published Estimated Cost may be increased or decreased.
3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in

Executive Engineer,
Minor Irrigation Division, Hazaribag.

PR.NO.346234 Minor Irrigation(24-25):D



## कार्यपालक अभियंता का कार्यालय, लघु सिंचाई प्रमंडल, गोड्डा

ई–पुर्ननिविदा आमंत्रण सूचना

e-Tender Reference No.- DMFT/MID/GODDA/ F2-17 2nd Call/2024-25 Gr. No.-03 Date- 08/02/2025

1. विज्ञापनदाता का नाम : कार्यपालक अभियंता, लघु सिंचाई प्रमंडल, गोड्डा।
2. वेवसाइट में ई–निविदा प्रकाशन की तिथि : 14.02.2025
3. ई–निविदा प्राप्ति की तिथि एवं समय : 25.02.2025 अपराहन 05:00 बजे तक
4. ई–निविदा खोलने की तिथि एवं स्थान : 27.02.2025 अपराहन 05:00 बजे कार्यपालक अभियंता का कार्यालय लघु सिंचाई, प्रमंडल, गोड्डा।

| ग्रुप सं0 | कार्य का मद | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | कार्य की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | DMFT | जामकुदर एवं देवडांड़ के बीच जोरिया में पुलिया निर्माण। पार्ट–02 | पोड़ैयाहाट | 99,70,100.00 | 2,00,000.00 | 10,000.00 | 06 माह |

नोटः– 1. केवल ई–निविदा ही स्वीकार किया जायेगा। जल संसाधन विभाग, पथ निर्माण विभाग एवं ग्रामीण कार्य विभाग, झारखण्ड, राँची से पंजीकृत संवेदक ही निविदा में भाग ले सकेंगे।
2. प्राक्कलित राशि घट–बढ़ सकती है।
3. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
5- Work performance :- पूर्व से आवंटित कार्य 90 प्रतिशत से अधिक पूर्ण नहीं रहने तथा समानुपातिक प्रगति नहीं पाये जाने पर अन्य कार्यो में डाली गई निविदा विचारणीय नहीं होगा।
6. विस्तृत जानकारी के लिए वेवसाईट http://jharkhandtenders.gov.in पर लॉग आन करें।

कार्यपालक अभियंता, लघु सिंचाई प्रमंडल, गोड्डा
Mob.- 9939708923

PR 346140 Minor Irrigation(24-25)#D



## ୟୁନିୟନ ବ୍ୟାଙ୍କ / Union Bank of India

ଷେତ୍ରୀୟ କାର୍ଯ୍ୟାଳୟ, କଟକ
ପ୍ରଥମ ମହଲା, କେ.କେ ଭାୱ୍ସିଙ୍କ କମ୍ପାଉଣ୍ଡ, ଶ୍ରୀଜୀ କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ-୭୫୩୦୦୧

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

### ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୦୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଜାମିନଦାର/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଟାଇନପାଲ ଶାଖା/ ମୋ.: ୮୦୯୩୯୫୬୧୮୫/ ଋଣଗ୍ରହୀତା: ଶ୍ରୀ ମନୋଜ କୁମାର ପଣ୍ଡା, ପିତା: ଶ୍ରୀ ବଳଭଦ୍ର ପଣ୍ଡା, ସା.: ବିଦ୍ୟାଧରପୁର, ପୋ.: କନ୍ଧଳ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୦ / ଜାମିନଦାର: ଶ୍ରୀ ସରୋଜ କୁମାର ପଣ୍ଡା, ପିତା: ଶ୍ରୀ ବଳଭଦ୍ର ପଣ୍ଡା, ସା.: ବିଦ୍ୟାଧରପୁର, ପୋ.: କନ୍ଧଳ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୦ | ଶ୍ରୀ ମନୋଜ କୁମାର ପଣ୍ଡା ଏବଂ ଶ୍ରୀ ସରୋଜ କୁମାର ପଣ୍ଡାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୪/୮୦, ପ୍ଲଟ୍ ନଂ.: ୧୬୬/୩୩୦, ପ୍ଲଟ୍ ନଂ.: ୧୬୬/୩୩୧ ଏବଂ ପ୍ଲଟ୍ ନଂ.: ୧୬୬/୩୨୮, ମୌଜା: ବିଦ୍ୟାଧରପୁର, ପୋ.: କନ୍ଧଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ସମୁଦାୟ କ୍ଷେତ୍ର: ଏକର୦.୨୦ଡିସିମିଲି କିମ୍ବା ୮୭୧୨ବର୍ଗଫୁଟ, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ମମତା ପଟ୍ଟନାୟକ. ପୂର୍ବ: ବେଣୁଧର ମହାପାତ୍ର, ପଶ୍ଚିମ: ରାସ୍ତା | ଟ.୧୮,୨୫,୦୦୦/- / ଟ.୧,୮୨,୫୦୦/- / ଟ.୧୮,୨୫୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୦୨.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: Https://baanknet.com ଦେଖନ୍ତୁ। ଏହି ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ମୋବାଇଲ: ୮୦୯୩୯୫୬୧୮୫

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ:କଟକ, ତାରିଖ: ୧୦.୦୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
### ସର୍ବସାଧାରଣ ବିଜ୍ଞପ୍ତି

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ–ଧାରା (୨) ଏବଂ ଉପ–ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୧୬୮୩ ତାରିଖ:- ୨୧।୦୧।୨୦୨୫

ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୩୬୯୯୭୧ | ୟୁ୩୪୩୦୦ଓଆର୍୨୦୧୯ପିଟିସି୦୩୧୩୭୨ | ମୋଟୋହୁ ଅଟୋମୋଟିଭ୍ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୨୩୦୪୧୧୬ | ୟୁ୭୪୧୧୦ଓଆର୍୨୦୧୩ପିଟିସି୦୧୬୯୮୪ | ଏମ୍‌ଏସ୍ ମେଟାଲାଇଜେସନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୨୪୪୩୦୦୧ | ୟୁ୪୫୨୦୨ଓଆର୍୨୦୨୨ପିଟିସି୦୪୧୩୯୯ | ପୂର୍ଣ୍ଣଚନ୍ଦ୍ର ସନ୍ସ ବିଲ୍‌ଡକନ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ି)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ଏକ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ–ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ତିରିଶ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ହରିହର ସାହୁ, ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0740/2425

# କୁଜଙ୍ଗ ଜେଲରେ ଅନ୍ତେବାସୀଙ୍କ ସମସ୍ୟା ଶୁଣିଲେ ଶିଳ୍ପମନ୍ତ୍ରୀ

- ଖାଦ୍ୟର ମାନ ପରଖିଲେ
- ନିଅଣ୍ଟିଆ ଖାଦ୍ୟ, ପାନୀୟ ଜଳ ସମସ୍ୟା ଓ ପାଠାଗାର ପୁସ୍ତକ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କଲେ ଅନ୍ତେବାସୀ

କୁଜଙ୍ଗ,୧୦।୨(ମନୋଜ ପ୍ରଧାନ)

ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୋମବାର ଅପରାହ୍ନରେ କୁଜଙ୍ଗ ଉପକାରାଗାର ପରିଦର୍ଶନରେ ଯାଇ ବନ୍ଦୀ ଜୀବନ କାଟୁଥିବା ଜେଲର ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ବୁଝିଛନ୍ତି। ଏହି ଅବସରରେ ଜେଲର ଚିତ୍ତବିନୋଦନ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅନ୍ତେବାସୀମାନେ ଉପସ୍ଥିତ ଥିଲେ। ବିଶେଷ କରି ଅନ୍ତେବାସୀମାନଙ୍କ ମଧ୍ୟରେ ଜାତିଆଣ ବାଦ ବିଭେଦ ସୃଷ୍ଟି ହେଉଛିକି ନାହିଁ ପଚାରି ବୁଝିଥିଲେ। ସକାଳ ଜଳଖିଆରେ ଦିଆ ଯାଉଥିବା ୮୦ ଗ୍ରାମ ଚୁଡ଼ାରେ ପେଟ ପୁରୁ ନ ଥିବା ଅନ୍ତେବାସୀମାନେ କହିଥିବା ବେଳେ, ଆକ୍ୱାଗାର୍ଡ ଦୀର୍ଘ ମାସ ଧରି ଅଚଳ ହୋଇ ପଡ଼ିଥିବାରୁ ପାନୀୟ ଜଳ ମିଳିବାରେ ସମସ୍ୟା ହେଉଛି ବୋଲି କହିଥିଲେ। ଜେଲ ପରିସରରେ ଲୌହ ଯୁକ୍ତ ଲୁଣା ପାଣି ବାହାରୁ ଥିବାରୁ ଆକ୍ୱାଗାର୍ଡର ନିହାତି ଆବଶ୍ୟକ ବୋଲି ଦର୍ଶାଇଥିଲେ। ଅନ୍ୟପଟେ ମାନସିକସ୍ତରରେ ଆଶ୍ୱସ୍ତି ଲାଭ କରିବାକୁ ହେଲେ ଟିଭି, ଖେଳ ପାଇଁ ଖେଳ ଉପକରଣ ଓ ପାଠାଗାରରେ ପୁସ୍ତକ ନାହିଁ ବୋଲି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ଶିଳ୍ପ ସଂସ୍ଥାକୁ କହି ଉପରୋକ୍ତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ମନ୍ତ୍ରୀ ସ୍ୱାଇଁ ବୈଠକରେ ଉପସ୍ଥିତ ଥିବା ଜଗତ୍‌ସିଂହପୁରର ଉପଜିଲାପାଳ ପ୍ରଶାନ୍ତ ତରାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ଅନ୍ତେବାସୀଙ୍କ ପାଇଁ ରୋଷେଇ ହୋଇଥିବା ଖାଦ୍ୟର ମାନ ପରଖିବା ସହ ମହିଳା, ପୁରୁଷ ୱାର୍ଡ ସମେତ ବଗିଚା ଓ ହସ୍ପିଟାଲ ବୁଲି ଦେଖିଥିଲେ।

ପରିଦର୍ଶନ ସମୟରେ ଜିଲା ଆଇନ ପ୍ରାଧିକରଣର ଅଧ୍ୟକ୍ଷା ବିଡିଡି ଚନ୍ଦନା, ଜେଏମ୍‌ଏଫ୍‌ସି କୁଜଙ୍ଗ ରାକେଶ କୁମାର ମିଶ୍ର, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ କୁମାର ରାଉତ, କୁଜଙ୍ଗ ଉପକାରାଗାର ଅଧୀକ୍ଷକ ଇନ୍ଦ୍ରଜିତ ବିଶ୍ୱାଳ, ବ୍ଲକ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା, ଜିଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ବେସରକାରୀ ପରିଦର୍ଶକ ମଣ୍ଡଳୀ ସଦସ୍ୟ ରାକେଶ ପଟ୍ଟନାୟକ, ସ୍ନେହମୟୀ ଆଚାର୍ଯ୍ୟ ଓ ଅଣସଦସ୍ୟ ଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ତପନ ତ୍ରିପାଠୀ, ମନ୍ତ୍ରୀଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲ୍ଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ଆଇନ ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଜିଲା ଆଇନ ପ୍ରାଧିକରଣ ଅଧ୍ୟକ୍ଷା ଜାତି ଭିତ୍ତିକ ଭେଦ ଭାବ ସମ୍ପର୍କରେ ମାସିକିଆ ଅନୁଧ୍ୟାନ କରିବାକୁ ଶିଳ୍ପ ମନ୍ତ୍ରୀଙ୍କ ସହ ଆସିଥିଲେ। ସୂଚନାଯୋଗ୍ୟ, କୁଜଙ୍ଗ ଉପ କାରାଗାରରେ ୧୨୦ ଜଣ ବନ୍ଦୀ ରହିବାର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ୬୩ ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ମହିଳା ଥିବାବେଳେ ଅନ୍ୟ ୩ ଜଣ ଆଜୀବନ ବନ୍ଦୀ ରହିଛନ୍ତି। ଖୁବଶୀଘ୍ର ଜେଲ୍ ପାଠାଗାରକୁ ଶିକ୍ଷଣୀୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ରାକେଶ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ପରିଦର୍ଶନ ସମୟରେ ସହକାରୀ କାରାପାଳ ଅଶୋକ ପରିଡ଼ା, ଫାର୍ମାସିଷ୍ଟ ଶ୍ରୀନିବାସ ଦାସ, ବରିଷ୍ଠ ୱାର୍ଡର ପୀଯୂଷ ନାୟକ, ବିଜ୍ଞାନ ପ୍ରଧାନ, ରାଜେଶ ଖଟୁଆ , ମହିଳା ୱାର୍ଡର ସସ୍ମିତା ରାଉତ ଓ ଜ୍ୟୋତିର୍ମୟୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଅପରାହ୍ନ ୩ଟାରେ ପରିଦର୍ଶନରେ ଯାଇ ୪ଟାରେ ଫେରିଥିଲେ।



ମନ୍ତ୍ରୀ ସମ୍ପଦ ସ୍ୱାଇଁ ଜେଲ୍‌ରେ ପଦାଧିକାରୀ ଓ ଅନ୍ତେବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ, ପରବର୍ତ୍ତୀ ସୂଚନା ଜରୁରୀ

ରଘୁନାଥପୁର,୧୦।୨
(ରାଜେନ୍ଦ୍ର ନାରାୟଣ ସିଂହ)

**ବ୍ଲକସ୍ତରୀୟ ଗ୍ରାମୀଣ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ରଘୁନାଥପୁର ବ୍ଲକ ସଭାକକ୍ଷରେ ବ୍ଲକସ୍ତରୀୟ ଗ୍ରାମୀଣ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଜିଲା ପ୍ରକଳ୍ପ ଅଧିକାରୀ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୁଧାଂଶୁ ମୋହନ ପୃଷ୍ଟି ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟା, ବାତ୍ୟା, ଭୂମିକମ୍ପ, ଜନ୍ତୁଘାତ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ସମୟରେ ନିଜକୁ କିପରି ସୁରକ୍ଷା ପ୍ରଦାନ କରିବା ଏବଂ ଏଥିପାଇଁ କେଉଁଭଳି ଭାବେ ପ୍ରସ୍ତୁତ ରହିବା ସେ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏଥିଲାଗି ପ୍ରାକ ପ୍ରସ୍ତୁତି ସହ ସୂଚନା ଆଧାରରେ ଧୈର୍ଯ୍ୟର ସହ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ବିଡିଓ ବିରଞ୍ଚି ନାରାୟଣ ବେହେରା, ଏବିଡିଓ ଜ୍ଞାନଦା ନାୟକ, ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ବିଇଓ ବିଜୟ କୁମାର ସ୍ୱାଇଁ, ସିଡିପିଓ ତୃପ୍ତିଲତା ମହାନ୍ତି ଓ ଆକାଉଣ୍ଟ ଅଫିସର ବୈରାଗୀ ଚରଣ ସେଠି ଉପସ୍ଥିତ ଥିଲେ। ନବଜ୍ୟୋତି କ୍ଲବ ସମ୍ପାଦକ କ୍ଷିରୋଦ କୁମାର ଦାଶ ଓ ବୀଣା ସ୍ୱେଚ୍ଛାସେବୀ ସଂସ୍ଥାର ବିଜୟ କୁମାର ବାରିକ ବିପର୍ଯ୍ୟୟ ପ୍ରଶମନ ସହଭାଗିତା ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ରଘୁନାଥପୁର ଥାନା ପୋଲିସ,ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।




ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଯୁଗ୍ମ ଜନଶୁଣାଣି ଶିବିରରେ ୯୭ ଅଭିଯୋଗ




ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

**ବ୍ୟକ୍ତିଗତ ୮୬, ଗୋଷ୍ଠୀଗତ ୧୧ ଅଭିଯୋଗ**

କୁଜଙ୍ଗ,୧୦।୨(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ସୂଚନା କେନ୍ଦ୍ରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୯୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୮୬ ଓ ଗୋଷ୍ଠୀଗତ ବା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୧ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମସ୍ୟା ୨୦, ଆବାସ ୨, ଜମିଜମା ସମ୍ପର୍କିତ ୨୩, ଭତ୍ତା ପାଇଁ ୫, ପୋଲିସ ସହାୟତା ପାଇଁ ୫, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧ ଏବଂ ଅନ୍ୟାନ୍ୟ ୩୦ ଅଭିଯୋଗର ଶୁଣାଣି ହୋଇଥିଲା। ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଭବାନୀ ଶଙ୍କର ଉଦଗାତା,ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, କୁଜଙ୍ଗ ବିଡିଓ ଦାୟିତ୍ୱରେ ଥିବା ବିକାଶ କୁମାର ମହାନ୍ତି, ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଆମୋନିଆ ଗ୍ୟାସ୍ ନିର୍ଗତ ପ୍ରତିକାର ସଚେତନତା ଶିବିର

ପାରାଦୀପ,୧୦।୨(ଶରତ ରାଉତ)

ପାରାଦୀପ ଇଫ୍‌କୋ କମ୍ପାନୀ ପକ୍ଷରୁ ସୋମବାର ସକାଳେ ଭୂତମୁଣ୍ଡାଇଠାରେ ଆମୋନିଆ ଗ୍ୟାସ ନିର୍ଗତ ସମୟରେ କିପରି ପ୍ରତିକାର କରାଯିବ ସେନେଇ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଇଫ୍‌କୋ ସୁରକ୍ଷା ନିରାପତ୍ତା ଟିମ୍ ଓ ଅଗ୍ନିଶମ ବିଭାଗ ପକ୍ଷରୁ ମିଳିତ ଭାବେ ଗ୍ରାମବାସୀମାନଙ୍କୁ ପ୍ରତିକାର ସମ୍ପର୍କରେ କୁହାଯାଇଥିଲା। ଘରେ ଜାଳେଣି ଗ୍ୟାସ ନିର୍ଗତ ସମୟରେ କିପରି ପଦକ୍ଷେପ ନେବେ, ଅଗ୍ନି ନିରାପତ୍ତା କିପରି କରିବେ, ଗୃହ ସୁରକ୍ଷା, ସଡ଼କ ସୁରକ୍ଷା ଆଦି ଉପରେ କୁହାଯାଇଥିଲା। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ଅବସରରେ କମ୍ପାନୀ ବୈଷୟିକ ଅଧିକାରୀ କୁଳମଣି ମାଝୀ, ଏମ୍.ଆର. ନାୟକ, ଅଗ୍ନି ନିରାପତ୍ତା ଅଧିକାରୀ ଏ.କେ.ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ସଚେତନତା ଶିବିରରେ ଅଗ୍ନି ନିରାପତ୍ତା ସମ୍ପର୍କିତ କୌଶଳ ପ୍ରଦର୍ଶନ କରାଯାଉଛି।


**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୩ ତାରିଖ: ୧୦।୦୨।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି । ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୫-୦୩, ଇ-ନିଲାମ ତାରିଖ: ୨୧।୦୨।୨୦୨୫ । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୬.୦୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1118) **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ


# ଜବରଦଖଲ ଉଚ୍ଛେଦ କରିବାକୁ ସରପଞ୍ଚଙ୍କ ଦାବି

**ତାଳଦଣ୍ଡା ବାଲିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା**

କୁଜଙ୍ଗ,୧୦।୨(ମନୋଜ ପ୍ରଧାନ)

କଟକ-ପାରାଦୀପ ରାଜ୍ୟ ରାଜପଥ ତାଳଦଣ୍ଡା (ନେକୁଡିକୁଦ)ରୁ ବାଲିଆଠାରେ କୁଜଙ୍ଗ ବାଲିତୁଠ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଥିବା ପାଞ୍ଚ କିଲୋମିଟର ରାସ୍ତା ଜବରଦଖଲ ଯୋଗୁ ଅବରୋଧ ହୋଇଛି। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ସମ୍ପୃକ୍ତ ମହ୍ଲାସାହି ପଞ୍ଚାୟତ ସରପଞ୍ଚ ଧ୍ରୁବଚରଣ ନାୟକ ଜବରଦଖଲକାରୀଙ୍କୁ ଅବରୋଧ ହଟାଇବା ପାଇଁ ପଞ୍ଚାୟତ ତରଫରୁ କହିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଉକ୍ତ ରାସ୍ତାଟି ନେକୁଡକୁଦ, ଗୌରପରା, ମହ୍ଲାସାହି, ତେଣ୍ଟେଇକୁଦ, ଅରଖିଆ ଦେଇ ଯାଇ କୁଜଙ୍ଗ ବାଲିତୁଠ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଉପରୋକ୍ତ ଗ୍ରାମର ବହୁ ହଜାର ଲୋକ ବ୍ଲକ ସଦର ମହକୁମା କୁଜଙ୍ଗ, କଟକ, ଭୁବନେଶ୍ୱର ଓ ପାରାଦୀପ ସମେତ ଏରସମା ପ୍ରଭୃତି ଅଞ୍ଚଳକୁ ଯାତାୟାତ କରନ୍ତି। ଏନେଇ ସରପଞ୍ଚ ଧ୍ରୁବ ଚରଣ ନାୟକ ରାସ୍ତା ଅବରୋଧ ହଟାଇବାକୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ଶୁଣାଣିରେ ଲିଖିତ ଦାବି କରିଛନ୍ତି।

# ୧୯୮୧ ବ୍ୟାଚ ବନ୍ଧୁମିଳନ

ରଘୁନାଥପୁର,୧୦।୨(ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକର ସର୍ବପୁରାତନ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ୧୯୮୧ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆବାହକ କଲ୍ୟାଣ ମୁଖାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରମାନେ ସପରିବାରେ ଯୋଗଦେଇଥିଲେ। ଏଥିରେ କବିତା ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ନିଜର ଅନୁଭୂତି ରଖିଥିଲେ। ଆଗାମୀ କାର୍ଯ୍ୟକ୍ରମ ପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯାଇଥିଲା।


**OFFICE OF THE EXECUTIVE ENGINEER,**
**MINOR IRRIGATION DIVISION, HAZARIBAG.**

e-Procurement Tender Notice
Tender Reference No. :- DMFT/MID/HAZARIBAG/F2-24/2024-25
Letter no - 155 Date :- 10 /02/2025

| Group No | Scheme Name | Estimated Cost (In Rs.) | Time of Completion |
|---|---|---|---|
| 1. | Renovation of Kendua Upgraded Middle School in Vill- Jagdishpur, Block- Chouparan | 1,76,04,800.00 | 11 Months |
| 2. | Renovation of Nawadih Primary School in Vill- Jagdishpur, Block- Chouparan | 1,20,55,500.00 | 11 Months |
| 3. | Renovation of Banaso Rajkiyakrit Middle School in Vill.- Banaso, Block- Vishnugarh | 1,60,82,400.00 | 11 Months |

| | | |
|---|---|---|
| 1. | Date of Publication of e-Tender on website | 24.02.2025 at 3:00 P.M (e-Procurement Portal- http://jharkhandtenders.gov.in) |
| 2. | Last date/Time for Submission of e-Tender bids Online | 05.03.2025 up to 5:00 P.M |
| 3. | Last Date for Online Submission of Tender Fee and EMD | 05.03.2025 up to 5:00 P.M |
| 4. | Date of opening of e-Tender | 07.03.2025 at 03:00 P.M |
| 5. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 6. | Contact no. of e-Procurement officer | 06546-270485 |
| 7. | E-mail of e- Procurement officer | eemidhbg-cemr-jhr@nic.in |

Note:- 1.) Only e-Tender will be accepted.
2.) Published Estimated Cost may be increased or decreased.
3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in

Executive Engineer,
Minor Irrigation Division, Hazaribag.

PR.NO.346234 Minor Irrigation(24-25):D



**कार्यपालक अभियंता का कार्यालय, लघु सिंचाई प्रमंडल, गोड्डा**

**ई–पुर्ननिविदा आमंत्रण सूचना**

e-Tender Reference No.- DMFT/MID/GODDA/ F2-17 2nd Call/2024-25 Gr. No.-03 Date- 08/02/2025

1. विज्ञापनदाता का नाम : कार्यपालक अभियंता, लघु सिंचाई प्रमंडल, गोड्डा।
2. वेबसाइट में ई–निविदा प्रकाशन की तिथि : 14.02.2025
3. ई–निविदा प्राप्ति की तिथि एवं समय : 25.02.2025 अपराहन 05:00 बजे तक
4. ई–निविदा खोलने की तिथि एवं स्थान : 27.02.2025 अपराहन 05:00 बजे कार्यपालक अभियंता का कार्यालय लघु सिंचाई, प्रमंडल, गोड्डा।

| ग्रुप सं0 | कार्य का मद | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | कार्य की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | DMFT | जामकुदर एवं देवडांड़ के बीच जोरिया में पुलिया निर्माण। पार्ट–02 | पोड़ैयाहाट | 99,70,100.00 | 2,00,000.00 | 10,000.00 | 06 माह |

नोटः– 1. केवल ई–निविदा ही स्वीकार किया जायेगा। जल संसाधन विभाग, पथ निर्माण विभाग एवं ग्रामीण कार्य विभाग, झारखण्ड, राँची से पंजीकृत संवेदक ही निविदा में भाग ले सकेंगे।
2. प्राक्कलित राशि घट–बढ़ सकती है।
3. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
5- Work performance :- पूर्व से आवंटित कार्य 90 प्रतिशत से अधिक पूर्ण नहीं रहने तथा समानुपातिक प्रगति नहीं पाये जाने पर अन्य कार्यो में डाली गई निविदा विचारणीय नहीं होगा।
6. विस्तृत जानकारी के लिए वेवसाईट http://jharkhandtenders.gov.in पर लॉग आन करें।

कार्यपालक अभियंता, लघु सिंचाई प्रमंडल, गोड्डा
Mob.- 9939708923

PR 346140 Minor Irrigation(24-25)#D



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ପ୍ରଥମ ମହଲା, କେ.କେ ଭାଓ୍ୱସିଙ୍କ କମ୍ପାଉଣ୍ଡ, ଶ୍ରୀଜୀ କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୦୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଜାମିନଦାର/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଟାଇନପାଲ ଶାଖା/ ମୋ.: ୮୦୯୩୯୫୬୧୮୫/ ଋଣଗ୍ରହୀତା: ଶ୍ରୀ ମନୋଜ କୁମାର ପଣ୍ଡା, ପିତା: ଶ୍ରୀ ବଳଭଦ୍ର ପଣ୍ଡା, ସା.: ବିଦ୍ୟାଧରପୁର, ପୋ.: କନ୍ଧଳ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୦ / ଜାମିନଦାର: ଶ୍ରୀ ସରୋଜ କୁମାର ପଣ୍ଡା, ପିତା: ଶ୍ରୀ ବଳଭଦ୍ର ପଣ୍ଡା, ସା.: ବିଦ୍ୟାଧରପୁର, ପୋ.: କନ୍ଧଳ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୦ | ଶ୍ରୀ ମନୋଜ କୁମାର ପଣ୍ଡା ଏବଂ ଶ୍ରୀ ସରୋଜ କୁମାର ପଣ୍ଡାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୪/୮୦, ପ୍ଲଟ୍ ନଂ.: ୧୬୬/୩୩୦, ପ୍ଲଟ୍ ନଂ.: ୧୬୬/୩୩୧ ଏବଂ ପ୍ଲଟ୍ ନଂ.: ୧୬୬/୩୨୮, ମୌଜା: ବିଦ୍ୟାଧରପୁର, ପୋ.: କନ୍ଧଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ସମୁଦାୟ କ୍ଷେତ୍ର: ଏକର୦.୨୦ଡିସିମିଲି କିମ୍ବା ୮୭୧୨ବର୍ଗଫୁଟ, ଏହାର ଚତୁପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ମମତା ପଟ୍ଟନାୟକ. ପୂର୍ବ: ବେଣୁଧର ମହାପାତ୍ର, ପଶ୍ଚିମ: ରାସ୍ତା | ଟ.୧୮,୨୫,୦୦୦/- / ଟ.୧,୮୨,୫୦୦/- / ଟ.୧୮,୨୫୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୦୨.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ
ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ
ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: Https://baanknet.com ଦେଖନ୍ତୁ। ଏହି ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ମୋବାଇଲ: ୮୦୯୩୯୫୬୧୮୫
ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ:କଟକ, ତାରିଖ: ୧୦.୦୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୧୬୮୩ ତାରିଖ:- ୨୧।୦୧।୨୦୨୫

ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୩୬୯୯୭୧ | ୟୁ୩୪୩୦୦ଓଆର୍୨୦୧୯ପିଟିସି୦୩୧୩୭୨ | ମୋଟୋହୁ ଅଟୋମୋଟିଭ୍ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୨୩୦୪୧୧୬ | ୟୁ୭୪୧୧୦ଓଆର୍୨୦୧୩ପିଟିସି୦୧୬୯୮୪ | ଏମ୍‌ଏସ୍ ମେଟାଲାଇଜେସନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୨୪୪୩୦୦୧ | ୟୁ୪୫୨୦୨ଓଆର୍୨୦୨୨ପିଟିସି୦୪୧୩୯୯ | ପୂର୍ଣ୍ଣଚନ୍ଦ୍ର ସନ୍ସ ବିଲ୍‌ଡକନ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ି)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ଏକ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ତିରିଶ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

**ହରିହର ସାହୁ, ନିବନ୍ଧକ**
**ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର**

CBC 07123/11/0740/2425

**ସଂକ୍ଷେପରେ**

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ଜେନାପୁର,୧୦।୨(ଅଶୋକ ଦାସ)

ଯାଜପୁର ଜିଲା ଚଣ୍ଡୀଖୋଲ ୫୩ ନମ୍ବର ଜାତୀୟ ରାଜପଥ କବାଟ ବନ୍ଧ ବ୍ରାହ୍ମଣୀ ସେତୁ ଉପରେ ସୋମବାର ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଅପରାହ୍ନରେ ଜେନାପୁର ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତ ନୂଆଗଡ଼ ଗ୍ରାମର ଘନଶ୍ୟାମ ମଲିକ ନିଜ ବାଇକ୍‌ରେ କଳିଙ୍ଗ ନଗର ପଟୁ ଘରକୁ ଫେରୁଥିଲେ । ସେତୁ ଉପରେ ସାମ୍ନା ପଟୁ ଯାଉଥିବା ଏକ ଟିପ୍‌ର (ନଂ.ଓଆର୍ ୦୯ କେ ୯୬୬୬) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘନଶ୍ୟାମ ରାସ୍ତାରେ ଛିଟିକି ପଡିଥିଲେ ଗୁରୁତର ହୋଇଥିଲେ ।

# ଧାନବସ୍ତା ରଖି ରାସ୍ତା ଅବରୋଧ

### ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ତାତିଲେ ଚାଷୀ

ବିଞ୍ଝାରପୁର,୧୦।୨(ରାମକୃଷ୍ଣ ଦାସ):


ରାସ୍ତାରେ ଧାନବସ୍ତା ରଖି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି ।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି । କେଉଁଠି ଗାଡି ଆସୁନି ତ ଅନ୍ୟ କେଉଁଠି ଟାର୍ଗେଟ ନାହିଁ । ଏପରି ଅବ୍ୟବସ୍ଥାକୁ ନେଇ ତାତିଲେଣି ଚାଷୀ । ସୋମବାର ବିଞ୍ଝାରପୁର ବ୍ଲକ୍ ଅରେଇ ଛକଠାରେ ଯାଜପୁର-ସିଂହପୁର ମୁଖ୍ୟରାସ୍ତା ଉପରେ ଧାନବସ୍ତା ରଖି ଚିକଣା ପ୍ରାଥମିକ ସମବାୟ ସମିତିର ଶତାଧିକ ଚାଷୀ ରାସ୍ତା ଅବରୋଧ କରିଥିଲେ । କିଛି ମାସ ହେବ ଧାନ ଉଠୁ ନ ଥିବା ଅଭିଯୋଗ ଆଣିଛନ୍ତି ଚାଷୀ । ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକେନ ଦିଆଯାଉଥିବା ବେଳେ ମଣ୍ଡିରେ ୧୦୦୦ କୁଇଣ୍ଟାଲ ଧାନ ବିନା କ୍ରୟରେ ପଡ଼ି ରହିଛି । ମଣ୍ଡିକୁ ଗାଡ଼ି ପଠାଇବାକୁ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ ଚାଷୀ । ତେବେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ବିଫଳ ହେବାରୁ ଚାଷୀମାନେ ରାସ୍ତା ଅବରୋଧ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି କହିଛନ୍ତି । ଦାବିପୂରଣ ସହ ଉଚିତ୍ ସମୟରେ ଚାଷୀଙ୍କ ଧାନକ୍ରୟ କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ରାସ୍ତା ଅବରୋଧ ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଏହି ଆନ୍ଦୋଳନରେ ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଶାସନ୍ଦା ସରପଞ୍ଚ କାମଦେବ ଧଳ, କଂଗ୍ରେସ ରାଜ୍ୟ ମୁଖପାତ୍ର ପଦ୍ମକାର ଗୁରୁ, ଚିକଣା ପୂର୍ବତନ ସରପଞ୍ଚ ଧ୍ରୁବ ସେଠୀ, ସମବାୟ ସମିତି ସଭାପତି ପର୍ଶୁରାମ କବି, ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଖବର ପାଇ ଥାନା ଅଧିକାରୀ ବାମଦେବ ନନ୍ଦ, ଭାରପ୍ରାପ୍ତ ତସିଲଦାର ପ୍ରଦୀପ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚି ଉପରିସ୍ଥ ଅଧିକାରୀଙ୍କ ସହିତ କଥାବାର୍ତ୍ତା କରିଥିଲେ । ଧାନ ଉଠାଇବାର ପ୍ରତିଶ୍ରୁତି ପରେ ପ୍ରାୟ ୨ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା ।

## ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ନିଷ୍ପତ୍ତି

ଦଶରଥପୁର,୧୦।୨(ସୁଶାନ୍ତ କୁମାର ବେହୁରିଆ):

**ଏସ୍‌ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ସଂଘ ବୈଠକ**

ଗାଁ ଗଣ୍ଡାରେ ପାନୀୟଜଳ ଯୋଗାଉଥିବା କର୍ମଚାରୀ (ଏସ୍‌ଇଏମ୍) ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ସଂଘର ବୈଠକ ଦଶରଥପୁର ବ୍ଲକ ଅଧୀନ କୁଆଁସ ମଙ୍ଗଳା ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହିତ ଉକ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରାଯିବ ବୋଲି ସଂଘ ଧମକ ଦେଇଛି। ଦାବୀ ଅନୁଯାୟୀ ସର୍ବନିମ୍ନ ଦରମା ୧୮୦୦୦ ଟଙ୍କା, ବ୍ଲକ ମାଧ୍ୟମରେ ଦରମା ପ୍ରଦାନ ବ୍ୟବସ୍ଥା, କୁଶଳୀ କାରିଗରର ମାନ୍ୟତା , କାର୍ଯ୍ୟ ସମୟରେ କର୍ମଚାରୀମାନଙ୍କ ମୃତ୍ୟୁ ହେଲେ ୨୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ନିଯୁକ୍ତି ଆଦି ସମ୍ପର୍କରେ ଆସନ୍ତା ୧୨ ତାରିଖରେ ବିଧାନସଭା ସମ୍ମୁଖରେ ଏକାଠି ହୋଇ ଦାବି ଉପସ୍ଥାପନ କରିବାକୁ ସ୍ଥିର ହୋଇଛି । ସରକାର ଉକ୍ତ ନ୍ୟାର୍ଯ୍ୟ ଦାବୀ ପୂରଣ ନ କଲେ ଆଗାମୀ ଗ୍ରୀଷ୍ମ ଦିନ ଆରମ୍ଭରୁ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ସଂଘ ନିଷ୍ପତ୍ତି ନେଇଛି ବୋଲି ସଂଘର ବ୍ଲକ ସଭାପତି ଅଚ୍ୟୁତାନନ୍ଦ ସେଠୀ, ସମ୍ପାଦକ ଅନିରୁଦ୍ଧ ମଲିକ କହିଛନ୍ତି। ବୈଠକରେ ଦଣ୍ଡହରୀ ଜେନା, ପ୍ରଶାନ୍ତ କୁମାର ମିଶ୍ର, ଭାବନୀ ଶଙ୍କର ମଲିକ, ଅଶୋକ କୁମାର ମଲିକ, ପ୍ରଭାତ ଷଡ଼ଙ୍ଗୀ, ଜଗବନ୍ଧୁ ଜେନା, ଭାସ୍କର ଦାସ, ସୁଶାନ୍ତ କୁମାର ମଲିକ, ବିବେକାନନ୍ଦ ପାତ୍ର, ଶୁଭ୍ରାଞ୍ଜଳି ବିଶ୍ୱାଳ, ବ୍ରହ୍ମାନନ୍ଦ ଦାସଙ୍କ ସମେତ ୩୫ ପଞ୍ଚାୟତର ଏସ୍‌ଇଏମ୍‌ମାନେ ଉପସ୍ଥିତ ଥିଲେ ।


ଆୟୋଜିତ ବୈଠକରେ ସାମିଲ ହୋଇଥିବା ସଂଘର କର୍ମକର୍ତ୍ତା ।

## ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷାର ମୂଳଦୁଆ


ନିପୁଣ ଓଡ଼ିଶା ମେଳାରେ ସାମିଲ ହୋଇଥିବା ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ ।

### ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ବରୀ,୧୦।୨(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ସୋମବାର ବରୀ ଉର୍ଦ୍ଦୁ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳା କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ଯୋଗ ଦେଇ ଉଦଘାଟନ କରିଥିଲେ। ବରୀ ମଣ୍ଡଳ ଶିକ୍ଷା ଅଧିକାରୀ ଭିକାରୀ ଚରଣ କବି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବରୀ ପଞ୍ଚାୟତର ସରପଞ୍ଚ ସୋନାଲି ସିଂହ ଯୋଗ ଦେଇ ଶିକ୍ଷୟିତ୍ରୀ, ଶିକ୍ଷକମାନେ ହେଉଛନ୍ତି ଶିକ୍ଷାର ମୂଳଦୁଆ। ସେମାନେ ଉଦ୍ୟମ କଲେ ଏହି ଅଞ୍ଚଳରୁ ଉତ୍ତମ ଶିକ୍ଷାଦାନ କରି ବହୁ ଛାତ୍ରୀଛାତ୍ର ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଆରସି,ଏବିଇଓ ଜଳଧର ଖଟୁଆ, ଏବିଓ ସୁରେନ୍ଦ୍ର କୁମାର ସାହୁ, ସଂଯୁକ୍ତା ମିଶ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ଖୁଣ୍ଟିଆ ଯୋଗ ଦେଇଥିଲେ। ୧୩ ସାଧନା କେନ୍ଦ୍ରରୁ ୩୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମୌଳିକ ଓ ସଂଖ୍ୟା ଜ୍ଞାନ ସମ୍ପର୍କୀତ ୮୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନା କେନ୍ଦ୍ରର ସଂଯୋଜକ ଜିତେନ୍ଦ୍ର ସାହୁ, ଚକ୍ରଧର ମୁଦୁଲି, ଅରୁଣ କୁମାର ଦାସ, ସୁଦର୍ଶନ ପାଢ଼ୀ, ଦେବବ୍ରତ ରାଉତ, ଅଜୟ କୁମାର ସାମଲ, ଅଭୟ କୁମାର ସେଠୀ, ଅଜୟ ମଲିକ, ପ୍ରତାପ ଚନ୍ଦ୍ର ସାହୁ, ପ୍ରଶାନ୍ତ ତ୍ରିପାଠୀ, ନର୍ମଦା ପ୍ରଧାନ,ଅନୁପମା ଦ୍ୱିବେଦୀ ଗାୟତ୍ରୀ ଦାସ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ମେଳାରେ ଅଂଶ ଗ୍ରହଣ କରିଥିବା ବିଦ୍ୟାଳୟର ଗାଇଡ୍ ଶିକ୍ଷକ ଓ ଛାତ୍ରୀଛାତ୍ର ମାନଙ୍କୁ ପ୍ରଂଶସା ପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସିଆରସିସି ଚକ୍ରଧର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣିକୋଇଲି ଦୁର୍ଗା କମିଟି ପକ୍ଷରୁ ବଜାର ସଫେଇ

ପାଣିକୋଇଲି,୧୦।୨(ବିକାଶ କୁମାର ମଲିକ):

ପାଣିକୋଇଲି ବଜାର ୨୦ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଦୂର୍ଗାପୂଜା କମିଟି ପକ୍ଷରୁ ରାଜପଥର ପାର୍ଶ୍ୱ ବା ସଂଯୋଗୀକରଣ ରାସ୍ତାକୁ ଦୂର୍ଗା ମାର୍କେଟ କମିଟି ପକ୍ଷରୁ ସଫେଇ କରାଯାଇଛି । ଦୀର୍ଘଦିନ ହେବ ଏହି ସଂଯୋଗୀକରଣ ରାସ୍ତା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ଥିଲା। କେବଳ ଦୂର୍ଗାପୂଜା ନୁହେଁ ଏହି କମିଟି ସମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛି । ପ୍ରତି ମାସରେ କମିଟି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇ ସୋମବାର ତା'ର ଶୁଭାରମ୍ଭ କରାଯାଇଛି । ଦୂର୍ଗା କମିଟିର ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମରେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ଖବରଦାତା ସୁବାସ ଧଳ, ଯୁବନେତା ଶଶିକାନ୍ତ ମଲିକ, ଗୋକୁଳାନନ୍ଦ ସାହୁ, ମିଶନ ଶକ୍ତିର ବୀଣାପାଣି ଜେନା, ମୋନାଲିସା ପରିଡା, ସ୍ନେହଲତା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । କମିଟିର ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ମାଝୀ, ଉପଦେଷ୍ଟା ଡାକ୍ତର ନିର୍ମଳ ରଥ, ଆନନ୍ଦ ସାହୁ, ଅନିରୁଦ୍ଧ ସ୍ୱାଇଁ, ଏକାଦଶୀ ବେହେରା, ଆଲୋକ ପରିଡା, ବିଶ୍ୱମ୍ଭର ପରିଡା ସଦସ୍ୟ ଅଶୋକ, ପଦ୍ମନାଭ, ଉଦୟ, ଅଭୟ, ଅରିନ୍ଦମ, ଅବିନାଶ, ସୂର୍ଯ୍ୟପ୍ରକାଶ, ସଂଜୟ, ବାବୁଆ, ପ୍ରଶାନ୍ତଙ୍କ ସମେତ ଦୂର୍ଗା ମାର୍କେଟର ସମସ୍ତ ସଦସ୍ୟ ଯୋଗଦେଇଥିଲେ ।

## ବିନା ସୂଚନା ଫଳକରେ ଚାଲିଛି ରାସ୍ତାକାମ

- କଂକ୍ରିଟ ଉପରେ ପଡିଲା ନିମ୍ନମାନର ପିଚୁ
- ବିଭାଗୀୟ ଯନ୍ତ୍ରୀ, କର୍ମଚାରୀ ବି ଅନୁପସ୍ଥିତ

କାଳିଆପାଣି,୧୦।୨(ଅସିତ୍ ମହାନ୍ତ):


କଂକ୍ରିଟ ଉପରେ ନିମ୍ନମାନର ପିଚୁ ଦ୍ୱାରା ରାସ୍ତା କାମ ଚାଲିଛି ।

ଯାଜପୁର ଜିଲା ସୁକିନ୍ଦା ବ୍ଲକ କୁସୁମୁଡ଼ିଆ ଠାରୁ କଲରଙ୍ଗୀ ଢ଼ାବା ଛକ ପର୍ଯ୍ୟନ୍ତ ବିନା ସୂଚନା ଫଳକରେ କଂକ୍ରିଟ ଉପରେ ପିଚୁ କାମ ହୋଇଛି । ଧୂଳି ବାଲି ଥିବା ଅବସ୍ଥାରେ ପ୍ରାଇମର ନାମରେ ପାଣି ଛିଞ୍ଚି ପିଚୁ ପକାଯାଉଛି । ଅନ୍ୟପଟେ କଂକ୍ରିଟ ଉପରେ ୧୦ଏମ୍ଏମ୍ ପିଚୁ ପଡୁନାହିଁ । ଏପରି ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ ବିଭାଗୀୟ ଅଧିକାରୀ କି କର୍ମଚାରୀ କେହି ଉପସ୍ଥିତ ରହୁ ନାହାନ୍ତି । ଠିକାଦାରଙ୍କୁ ଗୋଳି ପାଣି ସୁହାଇବା ପରି ନିମ୍ନମାନର କାମ କରି ସେ ଛୁ ମାରିବାକୁ ବସିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବରୁ କୁସୁମୁଡ଼ିଆଠାରୁ ବରଗଜି ଓ ଢ଼ାବା ଛକଠାରୁ ବରଗଜି ରାସ୍ତା ନିର୍ମାଣ ହୋଇଥିଲା । ହେଲେ କୁସୁମୁଡିଆଠାରୁ ମହୁଲଖାଲ ଗ୍ରାମ ପର୍ଯ୍ୟନ୍ତ ୨୦୨୩ ମସିହା ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା । ହେଲେ ତାହା ନିମ୍ନମାନର ଥିଲା । ସେ ସମୟରେ ବିଭାଗୀୟ ଅଧିକାରୀମାନେ ଏପରି ଅଭିଯୋଗକୁ ଅଣଦେଖା କରିଥିଲେ। ମାତ୍ର ୬ ମାସ ପରେ ରାସ୍ତାର ଅବସ୍ଥା ଯାତାୟତ ଅନୁପଯୋଗୀ ହୋଇପଡ଼ିଥିଲା। ସେ ସମୟରେ ଗ୍ରାମବାସୀ ସମେତ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କ ନିକଟରେ ରାସ୍ତା ମରାମତି ନିମନ୍ତେ ଦାବି କରିଥିଲେ। ବିଳମ୍ବରେ ହେଲେ ମଧ ଏବେ ପିଚୁ କାମ ଚାଲିଛି । ପିଚୁ କାମ କିଏ କରୁଛନ୍ତି, କେତେ ଟଙ୍କାର କାର୍ଯ୍ୟାଦେଶ ରହିଛି ସମସ୍ତ ବିବରଣୀର ସୂଚନା ଫଳକରେ ନ ମାରି ଠିକାଦାର କାମ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । କଂକ୍ରିଟ ଉପରେ ପ୍ରାଇମର ନାମରେ ପାଣି ଛିଞ୍ଚି ଏସ୍‌ଡିବିସି ପିଚୁ ପକାଯାଉଛି । ପିଚୁ କରିବା ସମୟରେ ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ କେହି ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଏସ୍‌ଡିଓ ବାସନ୍ତୀ ହାଁସଦାଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ ଉଠାଇ ନ ଥିଲେ । ସେପରି କନିଷ୍ଠ ଯନ୍ତ୍ରୀ ଉତ୍ତମ ନାୟକଙ୍କୁ ମଧ୍ୟ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଅଭିଯୋଗ ଶୁଣିବାକୁ ସମୟ ଦେଉ ନ ଥିବାରୁ ଠିକାଦାର ନିମ୍ନମାନର କାମ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଶ୍ରଦ୍ଧାଞ୍ଜଳି ସଭା, ପ୍ରତିଭା ସମ୍ମାନ ଉତ୍ସବ

କାଏମା,୧୦।୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ନୀଳକଣ୍ଠପୁର ଗ୍ରାମର ଆଦର୍ଶ ସମବାୟବିତ୍ ସ୍ୱର୍ଗତ ବଟକୃଷ୍ଣ ମହାନ୍ତିଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସରୋଜିନୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ.ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମସ୍ତ ଅତିଥି ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ବିଶିଷ୍ଟ ପଣ୍ଡିତ ତଥା ବାଗ୍ମୀ କାମଦେବ ଶତପଥୀ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ପ୍ରଶାନ୍ତ ସ୍ୱାଇଁ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ବେଣୁଧର ଶରଣ ସ୍ୱତନ୍ତ୍ର ଅତିଥି ରୂପେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଦ୍ୱୀପାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବିଭିନ୍ନ ବ୍ୟକ୍ତିତ୍ୱ ଯଥା କାହ୍ନୁ ଚରଣ ଦାଶ, ଅନନ୍ତ ଚରଣ ସାହୁ, ସୁଧାଂଶୁ ଶେଖର ସାହୁ, ଲକ୍ଷ୍ମୀଧର ନାୟକ ଓ କୃଷ୍ଣ ଚନ୍ଦ୍ର ସାହୁ(ମରଣୋତ୍ତର)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ଡ.ଚିତ୍ତ ରଞ୍ଜନ ମହାନ୍ତି ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ପ୍ରବୋଧ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଶାନ୍ତ ସାହୁ, ବୈଦ୍ୟନାଥ ମହାନ୍ତି, ଦୀନବନ୍ଧୁ ତ୍ରିପାଠୀ, ଅଖିଳ ସ୍ୱାଇଁ, ବିବେକାନନ୍ଦ ରାୟ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ । ସଂସଦ ତରଫରୁ ଅର୍ପିତା ପଟ୍ଟନାୟକ,ଶୀତିକଣ୍ଠ ମହାନ୍ତି , ଅକ୍ଷୟ ପ୍ରଧାନ,ରମେଶ ଭଞ୍ଜ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅରବିନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ।

## ବାଲାଜୀ ପାଠାଗାରର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ସିଂହପୁର,୧୦।୨ (ଅନଙ୍ଗ ଉଦୟ ବେଉରିଆ):



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ବିଂଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଲୋ ବାଲାଜୀ ପାଠାଗାରର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦଯାପିତ ହୋଇଯାଇଛି । ପାଠାଗାରର ସଭାପତି ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲଙ୍କ ସଭାପତିତ୍ୱରେ ୨ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା ଯୋଗଦେଇଥିବା ବେଳେ କବି ଜିତେନ୍ଦ୍ର ବେହେରା ଓ ସୁବାସ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ । ବରୀ, ଆଳି, ଦଶରଥପୁର ଓ ବିଂଝାରପୁର ଅଞ୍ଚଳରୁ ପ୍ରାୟ ଶତାଧିକ କବି ସେମାନଙ୍କ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଦର୍ଶନ ଶାସ୍ତ୍ରବିତ୍ ପ୍ରଫେସର ନିରଞ୍ଜନ ପାଢ଼ୀ, ମୁଖ୍ୟବକ୍ତା ପ୍ରାକ୍ତନ ଉପଜିଲାପାଳ ଧନଞ୍ଜୟ ସ୍ୱାଇଁ, ପ୍ରାକ୍ତନ ଅଧକ୍ଷ ଶିବଚରଣ ମାଝୀ, ଅଧାପକ ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ କୌଣସି ପାଠାଗାର ତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବା ଏକ ବିରଳ ଘଟଣା ବୋଲି ମତବ୍ୟକ୍ତ କରିଥିଲେ । ପାଠାଗାର ଆନ୍ଦୋଳନରେ ଆଜିର ଯୁବ ସମାଜ ସାମିଲ ହୋଇ ଓ ଅତ୍ୟଧିକ ମୋବାଇଲ ନିଶା ଛାଡ଼ି ପୁସ୍ତକ ପ୍ରତି ଆଗ୍ରହ ରଖିବା ଆବଶ୍ୟକ ବୋଲି ମତ ରଖିଥଲେ।

ଉଦ୍‌ଯାପନୀ ଉତ୍ସବରେ ୨୫ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମାଜିକ କର୍ମୀ ପଦ୍ମାକର ଗୁରୁ, ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ମହେଶ୍ୱର ନନ୍ଦ, ନିମାଇଁ ରାୟ, ନାଟ୍ୟକାର ଅଭୟ ଶତପଥୀ, ସନ୍ତୋଷ କୁମାର ବେହୁରିଆ,ସଞ୍ଜୟ ସାମଲ, କୁଞ୍ଜ ବିହାରୀ ସାମଲ, ପ୍ରମଦା ପଟ୍ଟନାୟକ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଗୋପୀନାଥ ଦାଶ ସଂଯୋଜନା କରିଥିବା ବେଳେ ସମ୍ପାଦକ ବିଭୂତି ଭୂଷଣ ରାୟ, ସନ୍ତୋଷ କୁମାର ରାଉତ, ପ୍ରହ୍ଲାଦ ରାୟ, ଉପେନ୍ଦ୍ର କୁମାର ସାମଲ, ଉମାକାନ୍ତ ରଥ, ଦିଗାମ୍ବର ପରିଡ଼ା,ଜୟରାମ ରଥ, ଶ୍ରୀବତ୍ସ ସାମଲ, ପ୍ରଶାନ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଅଜାମ୍ବର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉନ୍ନତମାନର ଶ୍ରେଣୀଶିକ୍ଷା ଦ୍ୱାରା ଉପଯୁକ୍ତ ଦାୟାଦ ସୃଷ୍ଟି ହୋଇପାରିବେ

- ଟିଚର୍ସ କ୍ଲବ୍‌ର ବାର୍ଷିକ ଉତ୍ସବ
- 'ଦେଶ ଗଢ଼ାଯାଏ ଶ୍ରେଣୀ ଗୃହରେ ' ଶୀର୍ଷକ ଆଲୋଚନାଚକ୍ର

ସିଂହପୁର,୧୦।୨(ଅନଙ୍ଗ ଉଦୟ ବେଉରିଆ):



ଟିଚର୍ସ କ୍ଲବର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ ।

ବିଂଝାରପୁର ବ୍ଲକ ଟିଚର୍ସ କ୍ଲବର ପଞ୍ଚଦଶ ବାର୍ଷିକ ଉତ୍ସବ ଟିଣାସ୍ଥିତ କୃଷ୍ଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଫେସର ବିଜୟ କିଶୋର ସାମଲ ମୁଖ୍ୟ ଅତିଥି, ଚନ୍ଦ୍ର ଶେଖର ପାତ୍ର ମୁଖ୍ୟବକ୍ତା, ପ୍ରଫେସର ଅଜୟ କୁମାର ଓଝା ବିଶିଷ୍ଟ ବକ୍ତା, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ପାଦକ ସରୋଜ କୁମାର ମଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ଏବିଇଓ ବାସୁଦେବ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲା ବେଳେ ପ୍ରମୋଦ କୁମାର ସାମଲ ଓ ସତ୍ୟଭୂଷଣ ବାରିକ ଟିଚର୍ସ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ରଖିଥିଲେ । 'ଦେଶ ଗଢ଼ାଯାଏ ଶ୍ରେଣୀ ଗୃହରେ ' ଶୀର୍ଷକ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉନ୍ନତ ମାନର ଶ୍ରେଣୀଶିକ୍ଷା ଦ୍ୱାରା ଭବିଷ୍ୟତରେ ଦେଶର ଉପଯୁକ୍ତ ଦାୟଦ ସୃଷ୍ଟି ହୋଇପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାଧବାନନ୍ଦ ଗୁରୁ ମେଧା ସମ୍ମାନ, ଗତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରୁଷୋତ୍ତମ ସାହୁ ମେଧା ସମ୍ମାନ, ଅଲମ୍ପିୟାଡ଼ ପରୀକ୍ଷାରେ ସ୍ୱର୍ଣ୍ଣ ପଦକ ବିଜେତା ୨ ଛାତ୍ରୀଛାତ୍ରଙ୍କୁ ମନୋରଞ୍ଜନ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଟିଚର୍ସ କ୍ଲବ୍ ଦ୍ୱାରା ଆୟୋଜିତ ପ୍ରତିଭା ଚୟନ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ପଦ୍ମନାଭ ଦାସ ସ୍ମୃତି ସମ୍ମାନ, ଭବାନୀ ପ୍ରସାଦ ଦାସ ସ୍ମୃତି ସମ୍ମାନ ଓ ସାରଙ୍ଗଧର ଭୂୟାଁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୃଷ୍ଟପୋଷକ ସଚ୍ଚିଦାନନ୍ଦ ଗୁରୁ, ପ୍ରମଥେସ ଦାସ, ଅର୍ଚ୍ଚନା ଆଚାର୍ଯ୍ୟ ଓ ଗୀତାଞ୍ଜଳି ପୃଷ୍ଟି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଟିଚର୍ସ କ୍ଲବର ଅବସରପ୍ରାପ୍ତ ସଭ୍ୟ ପ୍ରଭାତ କୁମାର ସାମଲ, ସୁଷମାରାଣୀ ଜେନା ଓ ଗଙ୍ଗାରାଣୀ ମିଶ୍ରଙ୍କୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା, ତ୍ରିଲୋଚନ ପତି, କଳାକାର ପାତ୍ର, ଛାୟାପତି ଜେନା, ଅର୍ଜୁନୀ ଚରଣ ଦାଶ, ଅନ୍ତର୍ଯ୍ୟାମୀ ମହାପାତ୍ର, ପଞ୍ଚାନନ ଜେନା, ରବୀନ୍ଦ୍ର କୁମାର ଦାସ ଓ ବିଷ୍ଣୁ ଚରଣ ସାମଲ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସିଆରସିସି ଅକ୍ଷୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

**୧୮୮ ୟୁନିଟ ରକ୍ତ ସଂଗୃହୀତ**

**କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ ଶାଖା ପକ୍ଷରୁ ରକ୍ତଦାନ ଶିବିର ଗାନ୍ଧୀ ଭବନ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅଧକ୍ଷ ପ୍ରଫେସର ଅଭିଜିତ ବୋଷ ଉଦ୍ଘାଟନ କରିଥିଲେ। ଯୁବ ରେଡକ୍ରସର ପରାମର୍ଶଦାତା ଅଧାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ୧୮୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକସ୍ଥିତ ବଡ଼ ମେଡିକାଲର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଅଧାପକ ହିମାଂଶୁ ଭୂଷଣ ପରିଡା, ମନୋଜ ପ୍ରଧାନ, ଚିତ୍ତ ରଞ୍ଜନ ମଲ୍ଲ, ସତ୍ୟରଞ୍ଜନ ମିଶ୍ର, ବିନ୍ଦୁ ସାଗର ସାହୁ, ଅଧାପିକା ସ୍ୱାଧୀନ ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକାଅଧାପକ ଓ ସାଧାରଣ ଜନତା ରକ୍ତଦାନ କରିଥିଲେ।



# ଅବ୍ୟବସ୍ଥା ନେଇ କ୍ଷୋଭ ପ୍ରକାଶ

- ଧାନମଣ୍ଡି ପରିଦର୍ଶନ କଲେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି
- ସ୍ଥିତି ପରଖିଲେ, ଚାଷୀଙ୍କ ସହ ଆଲୋଚନା କଲେ

ଡେରାବିଶ,୧୦।୨ (ବେବର୍ତ୍ତା ଅଜୟ ଦାସ)



ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ କୃଷକମାନଙ୍କ ସହ ଆଲୋଚନା କରୁଛନ୍ତି।

ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ସୋମବାର ଡେରାବିଶ ବ୍ଲକ ଅନ୍ତର୍ଗତ କୁଣିଆପାଳ ଓ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଚାଲିଥିବା ଧାନମଣ୍ଡି ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଉକ୍ତ ମଣ୍ଡିରେ ଧାନ ଉଠୁଥିବା ବେଳେ ସାହୁ ସେଠାରେ ଅଚାନକ ପହଞ୍ଚି ପରିଦର୍ଶନ ସହ ସମସ୍ତ ବିଷୟ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସାହୁ ଉପସ୍ଥିତ ଚାଷୀମାନଙ୍କ ସହ ଆଲୋଚନା କରି ଧାନମଣ୍ଡିରେ ହେଉଥିବା ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଯଦି ଧାନ କ୍ରୟବେଳେ କୌଣସି କର୍ମଚାରୀ କିମ୍ବା ମିଲରମାନେ ଅସାଧୁ ଉପାୟ ଅବଲମ୍ବନ କରୁଥାନ୍ତି ତେବେ ତୁରନ୍ତ ଏ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ସେମାନଙ୍କ ବିରୋଧରେ ମୋହନ ସରକାର ନିଶ୍ଚିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ଏଥିସହ କେନ୍ଦ୍ରାପଡା ଜିଲାରେ ଧାନମଣ୍ଡି ପରିଦର୍ଶନ କାଳରେ କେତେକ ମଣ୍ଡିରେ ଚାଷୀମାନଙ୍କ ପାଇଁ ବିଶ୍ରାମ, ପିଇବା ପାଣି ଓ ଶୌଚାଳୟ ବ୍ୟବସ୍ଥା ଠିକ୍ ଢଙ୍ଗରେ କରାଯାଇ ନ ଥିବା ଓ ମିଲରମାନେ ଦୀର୍ଘଦିନ ଧରି ଧାନ ଉଠାଉଇବାକୁ ଆସୁ ନ ଥିବାରୁ ମଣ୍ଡିରେ ବହୁ ପରିମାଣର ଧାନ ପଡ଼ି ରହିବା ଏବଂ ମଣ୍ଡି ଅଧିକାରୀ ଚାଷୀମାନଙ୍କୁ ସମିତିକୁ ଧାନ ଆଣିବା ବଦଳରେ ଗାଡ଼ି ଖର୍ଚ୍ଚ କରି ମିଲକୁ ଧାନ ନେଇ ଯିବାକୁ ବାଧ କରୁଥିବା ନେଇ ତାଙ୍କୁ ବହୁ ଚାଷୀ ଅଭିଯୋଗ କରିଥିଲେ। ଏହାକୁ ନେଇ ସାହୁ କ୍ଷୋଭ ପ୍ରକାଶ କରିବା ସହ ସେ ଜିଲାପାଳଙ୍କ ସହ ବୈଠକ କରି ଆଲୋଚନା କରିବେ ବୋଲି କହିଥିଲେ। ଏହି ପରିଦର୍ଶନ ଅବସରରେ ସଭାପତି ସାହୁ ଡେରାବିଶ ବ୍ଲକ ଅଞ୍ଚଳ ଧାନମଣ୍ଡିର ନୋଡାଲ ଅଫିସର ଥିବା ବିଡିଓ ନମିତା ବାରିକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ମଣ୍ଡି ବାବଦରେ ଆଲୋଚନା କରିଥିଲେ। ଅପରପକ୍ଷରେ ସାହୁଙ୍କ ସହ ଆଲୋଚନା କରୁଥିବାବେଳେ ବହୁ ଚାଷୀ ଧାନ କୁଇଣ୍ଟାଲ ପ୍ରତି ସେମାନେ ୩୧୦୦ ଟଙ୍କା ପାଉଥିବାରୁ ମୋହନ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ସାହୁଙ୍କ ଏହି ଧାନମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନ, ଦଳୀୟ ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଜିଲା ସମ୍ପାଦକ ବିଚିତ୍ର କୁମାର ପ୍ରଧାନ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଦଳୀୟ ନେତା ସରୋଜକାନ୍ତ ସାହୁ, ନେତ୍ରୀ ମାନିନୀ ଷଡଙ୍ଗୀ, କୃଷକ ନେତା ସରୋଜକାନ୍ତ ପଣ୍ଡା, ତାପସ ରଞ୍ଜନ ନାୟକ, କେଦାରନାଥ ସାମନ୍ତରାୟ, ତପନ କୁମାର ମନ୍ତ୍ରୀ, ସୁନାକର ପ୍ରଧାନ, ଦୟାନିଧି ବଳ, ଅଶୋକ କୁମାର ଓ ମନମୋହନ ସିଂହ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ଶିକ୍ଷା ହେଉଛି ବ୍ୟକ୍ତିତ୍ୱ ବିକାଶର ପରିଚୟ

ମାର୍ଶାଘାଇ,୧୦।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

## ୨ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଶିକ୍ଷା ହେଉଛି ବ୍ୟକ୍ତିତ୍ୱ ବିକାଶର ପରିଚୟ, ଶିକ୍ଷା ହେଉଛି ଛାତ୍ରୀଛାତ୍ରଙ୍କ ଭୂଷଣ। ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନ ପ୍ରଗତିର ଚାବି କାଠି ବୋଲି ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମତବ୍ୟକ୍ତ କରିଛନ୍ତି। ସୋମବାର ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ୪୪ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ବିଶ୍ୱଜିତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କମଳା ନେହେରୁ ମହାବିଦ୍ୟାଳୟର ଅଧାପକ ରମାକାନ୍ତ ମହାପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗଙ୍ଗାଧର ସାମଲ ଓ ପୁରାତନ ଛାତ୍ର ରଞ୍ଜନ କୁମାର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଅଧାପକ ଅକ୍ଷୟ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂରାଜି ବିଭାଗ ଅଧାପକ ଚିନ୍ମୟ ରାଉତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପକ ନିରଞ୍ଜନ ପରିଡା ଓ ମନୋରଞ୍ଜନ ମହାପତ୍ର ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅପରାହ୍ନରେ ମାର୍ଶାଘାଇ ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅବସ୍ଥିତ ଗାନ୍ଧୀମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଣୟ କୁମାର ପରିଜାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ପି. ଏନ. କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସଦାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଅଧାପକ ରମାକାନ୍ତ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ, ପୁରାତନ ଛାତ୍ର ନିଗମ ରଥ, ପ୍ରାଧାପକ ପ୍ରଭାତ ଲେଙ୍କା, ପ୍ରାଧାପକ ଉମେଶ ବେଉରା ଯୋଗଦେଇଥିଲେ। ଅଧାପକ ସୁକାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ବିଜ୍ଞାନର ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ମହାକାଳପଡ଼ା,୧୦।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଆଧୁନିକ ଯୁଗରେ ବିଜ୍ଞାନର ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ମାଧ୍ୟମରେ ମହାକାଶ ଗବେଷଣା କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥାଏ। ସେହିପରି ମଙ୍ଗଳ ଓ ଚନ୍ଦ୍ର ଅଭିଯାନରେ ବିଜ୍ଞାନର ଉପଯୋଗ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ପାରିଛନ୍ତି। ମହାକାଶ ଗବେଷଣା କ୍ଷେତ୍ରରେ ମହାକାଶଚାରୀ ତଥା ବୈଜ୍ଞାନିକମାନେ ମହାକାଶରୁ ବହୁ ଗୁରୁତ୍ୱପୂର୍ଣ୍ଣ ଫଟୋ ଉତ୍ତୋଳନ କରି ବିଶ୍ୱବାସୀ ମନରେ ସନ୍ଦେହ ଦୂର କରିବାରେ ସଫଳ ହୋଇଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ତେରଗାଁ ପଞ୍ଚାୟତ ଗୋପୀନାଥପୁର ଶାସନସ୍ଥିତ ବଜ୍ରବୁଦ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଜ୍ଞାନ ଓ ଗଣିତ କ୍ଲବର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାରର ବିଜ୍ଞାନ ଓ ଗଣିତ ଭିତ୍ତିକ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ କରିଥିଲେ। ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପୀନାଥପୁର ଶାସନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ବିଜ୍ଞାନ ଯୋଗୁ ବିଶ୍ୱ ଦୁଇପାଦ ଅଗ୍ରସର ହୋଇଛି। ଆଗାମୀ ଯୁବ ପିଢ଼ି ବିଜ୍ଞାନ ଉପରେ ଗବେଷଣା କ୍ଷେତ୍ରରେ ଯଥେଷ୍ଟ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ କରି ପାରିବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଅଲେଖ ଚନ୍ଦ୍ର ମହାନ୍ତି, ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟ ଅଧାପକ ସମ୍ରାଟ ବିପିନ ବିହାରୀ ଦାଶ ବିଜ୍ଞାନ ଓ ଗଣିତ ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ବିଜ୍ଞାନ ଓ ଗଣିତ କ୍ଲବରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରସନ୍ନ କୁମାର ମାହାଳି, ଲୁକେଶ୍ୱର ପରୁଆ, ରିକେସ ଜେନା, ଶୁଭେନ୍ଦୁ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟରେ ସମସ୍ତ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।




ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି: ୧୩୩ ଅଭିଯୋଗ



ଶିବିରରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ।

ପାଟକୁରା,୧୦।୨ (ରବୀନ୍ଦ୍ର ନାଥ ବାରିକ)

## ୧୨୧ ବ୍ୟକ୍ତିଗତ, ୧୨ ସାମୂହିକ ଅଭିଯୋଗ

ଗରଦପୁର ବ୍ଲକ ଅନ୍ତର୍ଗତ ବନ୍ତଲା ପଞ୍ଚାୟତଠାରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗରଦପୁର ବ୍ଲକ ଅନ୍ତର୍ଗତ ବନ୍ତଲା ପଞ୍ଚାୟତଠାରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ପରିଷଦ, କେନ୍ଦ୍ରାପଡ଼ା ଅଜାମ୍ବର ମହାନ୍ତି, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଗରଦପୁର ବିଡିଓ ଆଲୋକ କୁମାର ସେଠୀ, ଗରଦପୁର ତହସିଲଦାର ତୃପ୍ତି ଦାଶ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ।

ଅଭିଯୋଗ ଶୁଣାଣିରେ ମୋଟ୍ ୧୩୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୧୨ ସାମୁହିକ ଏବଂ ୧୨୧ ବ୍ୟକ୍ତିଗତ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କା ୩ ଜଣ ଆବେଦନକାରୀଙ୍କୁ ଦେବାକୁ ଜିଲାପାଳ ମଞ୍ଜୁର କରିଥିବା ବେଳେ ରେଡକ୍ରସ୍ ପାଣ୍ଠିରୁ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ୬ ହଜାର ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜାଗା ପ୍ରଦାନ, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ନୂତନ ରାସନ କାର୍ଡ ପ୍ରଦାନ, ଅନ୍ତ୍ୟୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ନିୟମରେ ସଂଶୋଧନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ କଲଭର୍ଟ ନିର୍ମାଣ, ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ, ପୋଖରୀର ପୁନରୁଦ୍ଧାର, ପଞ୍ଚାୟତ ଅଧୀନରେ ଥିବା ଗୋଦାମ ଗୃହର ମରାମତି, ନୂତନ କୋଷାଗାର ସ୍ଥାପନ, ଜଳସେଚନ ନିମନ୍ତେ ନୂତନ କେନାଲ ଖନନ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଓ ଧାନ ସଂଗ୍ରହ ବୃଦ୍ଧି ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ବଡ଼ମୂଳବସନ୍ତରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ମେଳା

ପଟ୍ଟାମୁଣ୍ଡାଇ, ୧୦।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅଡାଖଣ୍ଡ ମଠସାହି ଉନ୍ନୀତ ଉପ୍ରା ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ମେଳା ବଡମୂଳବସନ୍ତ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ପ୍ରେମବାଳା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଞ୍ଜୟ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବଡମୂଳବସନ୍ତ ସରପଞ୍ଚ ସନ୍ତୋଷ କୁମାର ସେଠୀ ମୁଖ୍ୟବକ୍ତା, ସମିତିସଭ୍ୟା ସ୍ମୃତିମୟୀ ମଲିକ, ନରସିଂହପୁର ପଞ୍ଚାୟତ ସରପଞ୍ଚ ଦୀପ୍ତିମୟୀ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିପୁଣ ଓଡ଼ିଶାର ଲକ୍ଷ୍ୟ ଆଭିମୁଖ୍ୟ ଓ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ ରଖିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରିଣୀ ପିଲାମାନଙ୍କ ପାଇଁ ଆସିଥିବା ନୂତନ ଶିକ୍ଷା ନୀତି, ନିପୁଣ ଓଡ଼ିଶା ଓ ଏଫ୍‌ଏଲ୍‌ଏନ୍ ଶିକ୍ଷା ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଇନିପଡ଼ା ପଚ୍ଛପଡ଼ା ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜାଗର ପ୍ରସାଦ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ର ଓ ନିପୁଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଚିତ୍ର କଳା ଶିଳ୍ପୀ ଶ୍ରୀକାନ୍ତ କୁମାର ଦାସଙ୍କ ଚିତ୍ର ଆଙ୍କିବା ଶୈଳୀ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ବଡ଼ମୂଳବସନ୍ତ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ୯ଟି ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଯୋଗଦେଇଥିଲେ। ଏହି ନିପୁଣ ମେଳା କାର୍ଯ୍ୟକ୍ରମକୁ ସମସ୍ତ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟା ସଦସ୍ୟମାନେ ପରିଚାଳନା କରିଥିଲେ।



ମେଳାରେ ଉପସ୍ଥିତ ଅତିଥି, ଅଭିଭାବକ ଓ ଛାତ୍ରୀଛାତ୍ର।

# କୃମି ଯୋଗୁ ରକ୍ତ, ଦୃଷ୍ଟିହୀନତା ଦେଖାଯାଏ




ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍‌ବୋଧନ ଦେଉଛନ୍ତି।

ପାଟକୁରା, ୧୦।୨ (ରବୀନ୍ଦ୍ର ନାଥ ବାରିକ)

- ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ
- ବନ୍ତଲା ପଞ୍ଚାୟତ ହାଇସ୍କୁଲ
- ୧୫୦ ବିଦ୍ୟାର୍ଥୀ କୃମିନାଶକ ବଟିକା ଖାଇଲେ

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଜାତୀୟ କୃମି ନାଶ ଦିବସ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଗରଦପୁର ବ୍ଲକ୍ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବନ୍ତଲା ପଞ୍ଚାୟତ ହାଇସ୍କୁଲ ପରିସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ ପିଲାମାନଙ୍କୁ କୃମିନାଶକ ବଟିକା ଖୁଆଇ ଏହାର ଉଦ୍‌ଘାଟନ କରିଥିଲେ। ଶରୀର ମଧ୍ୟରେ କୃମିର ଭୟାବହତା ବାବଦରେ ଡା. ପ୍ରହରାଜ ସେଠାରେ ଉପସ୍ଥିତ ଥିବା ବିଦ୍ୟାର୍ଥୀ ଓ ଜନସାଧାରଣଙ୍କୁ ବିଶଦ ଭାବେ ବୁଝାଇଥିଲେ। କୃମି ଯୋଗୁ ସାଧାରଣତଃ ରକ୍ତହୀନତା ଓ ଦୃଷ୍ଟିହୀନତାର ଶିକାର ହେବାକୁ ପଡ଼ିଥାଏ। ଏଣୁ ତୁରନ୍ତ ଶରୀର ମଧ୍ୟରେ ଥିବା କୃମିକୁ ନାଶ କରିବାକୁ ପଡ଼ିବ ବୋଲି ଡାକ୍ତର ପ୍ରହରାଜ ମତବ୍ୟକ୍ତ କରିଥିଲେ। ଏତଦ୍ ବ୍ୟତୀତ ଏହି ବାଟିକାର ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଫେବୃଆରୀ ୧୦ ଓ ଅଗଷ୍ଟ ୧୦ ତାରିଖରେ ପାଳନ କରାଯାଉଛି। ଜନସାଧାରଣ ସହଯୋଗକଲେ କାର୍ଯ୍ୟକ୍ରମଟି ଧାର୍ଯ୍ୟଲକ୍ଷ୍ୟରେ ପହଞ୍ଚିପାରିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ। ଏଡିଏମ୍ (ଏଫଡବ୍ଲ୍ୟୁ) ଡା. ସଚ୍ଚିଦାନନ୍ଦ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ଗୀତାଞ୍ଜଳି ଦାଶ, ଡିଏମ୍ କୃଷ୍ଣଚନ୍ଦ୍ର ଲୋହା, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିରଞ୍ଜନ କର, ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ଉଷାରାଣୀ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ସୂଚନା ଦେଇଥିଲେ। ଖାଇବା ପୂର୍ବରୁ ହାତ ଧୋଇବା ସମସ୍ତେ ଅଭ୍ୟାସରେ ପକାଇବା ଉଚିତ ବୋଲି ସେ ବୁଝାଇଥିଲେ। ହାଇସ୍କୁଲରେ ଅଧ୍ୟୟନରତ ୧୫୦ ଜଣ ବିଦ୍ୟାର୍ଥୀ କୃମିନାଶକ ବଟିକା ଖାଇଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାର୍ଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବରାହ ଦ୍ୱାଦଶୀ ପାଇଁ ଆଳି ଅଞ୍ଚଳ ଉତ୍ସବମୁଖର

ଆଳି,୧୦।୨ (ବନମାଳୀ ସେନାପତି)

## ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମ ମହୋତ୍ସବ

ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମ ମହୋତ୍ସବ ପାଇଁ ସମଗ୍ର ଆଳି ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ରବିବାର ପ୍ରତ୍ୟୁଷରୁ ଠାକୁରଙ୍କ ପୂଜାର୍ଚ୍ଚନା ଦେଖିବାକୁ ଭକ୍ତ, ଜନସାଧାରଣଙ୍କ ଭିଡ଼ ଲାଗିଥିଲା। ମାଘମାସ ଦ୍ୱାଦଶୀ ତିଥିରେ ପ୍ରଭୁ ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ଯାଜପୁରରୁ ଆଳି ଅଞ୍ଚଳକୁ ଆଗମନ କରିଥିବାରୁ ଏହିଦିନକୁ ଆଳିବାସୀ ବରାହ ଦ୍ୱାଦଶୀ ଭାବେ ପାଳନ କରିଥାନ୍ତି। ଏହିଦିନରେ ଠାକୁରଙ୍କ ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁମାନେ ଚାତକ ଭଳି ଚାହିଁ ରହିଥାନ୍ତି। କାରଣ ବର୍ଷରେ ଗୋଟିଏ ଦିନ ଠାକୁରଙ୍କ ଜନ୍ମ ଧୂପ ସ୍ୱତନ୍ତ୍ର ଭାବେ ହୋଇଥାଏ। ବର୍ଷସାରା ଠାକୁରଙ୍କ ନିକଟରେ ୫ଟି ଧୂପ ହେଉଥିବା ବେଳେ ଜନ୍ମ ଦିବସରେ ୬ଟି ଧୂପ ହୋଇଥାଏ। ବରାହ ଦ୍ୱାଦଶୀରେ ଯେଉଁ ବାଲ୍ୟଧୂପ କରାଯାଏ ତାହା ହେଉଛି ଜନ୍ମଧୂପ ଯାହାକି ବର୍ଷକରେ ଥରେ ମାତ୍ର କରାଯାଏ ବୋଲି ମନ୍ଦିରର ପୂଜକମାନେ କହିଛନ୍ତି। ପ୍ରାତଃ ୪ଘଟିକା ସମୟରେ ଠାକୁରଙ୍କ ପହଡ଼ ଖୋଲିବା ପରେ ଠାକୁର ସ୍ନାନକରିବା ପରେ ଆଳିର ରାଜା ବ୍ରଜକେଶରୀ ଦେବ ସପରିବାର ଆସି ଠାକୁରଙ୍କ ଅଭିଷେକ କରିଥିଲେ। ସାହାଣମେଲା ପରେ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିଥିଲେ। ପୂର୍ବାହ୍ନ ୧୧ଟାରେ ବାଲ୍ୟଧୂପ କରାଯାଇଥିଲା। ମଧ୍ୟାହ୍ନରେ ଠାକୁରଙ୍କ ନିକଟରେ ପ୍ରସାଦ ଭୋଗ ଲାଗିହେବା ପରେ ପହଡ଼ ପଡ଼ିଥିଲା। ଅପରାହ୍ନରେ ପହୁଡ଼ ଫିଟିଥିଲା। ସନ୍ଧ୍ୟାରେ ସନ୍ଧ୍ୟାଧୂପ ଓ ରାତିରେ ପ୍ରସାଦ ଧୂପ ହୋଇଥିଲା। ଏହି ଅବସରରେ ଠାକୁରଙ୍କ ପାଇଁ ଖିରି, ଲୁଚି, କାକରା, ମାଳପୁଆ ଭଳି ଅନେକ ଭୋଗ ପ୍ରସ୍ତୁତ କରାଯାଇଛି। ଅଷ୍ଟପ୍ରହରୀ ଓ ହରିହାଟରେ ମନ୍ଦିର ପ୍ରାଙ୍ଗଣ ପ୍ରକମ୍ପିତ ହେଉଥିବା ବେଳେ ଅହୋରାତ୍ର ଭକ୍ତଙ୍କ ନିମନ୍ତେ ଆନନ୍ଦବଜାରର ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବ ଦେଖିବା ଲାଗି ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୋଲିସ ପ୍ରଶାସନ ମନ୍ଦିରର ଚତୁଃପାର୍ଶ୍ୱରେ ରହି ପରିସ୍ଥିତି ଉପରେ କଡ଼ା ନଜର ରଖିଥିଲେ। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ମନ୍ଦିର ଓ ମନ୍ଦିର ବାହାରେ ରହି ଜରୁରିକାଳୀନ ସେବା ଯୋଗାଇଦେଇଥିଲେ। ଏହି ଅବସରରେ ଆଳି ବକ୍ସ ଅଫିସ ହେଲ୍‌ପିଂ ହ୍ୟାଣ୍ଡ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଦହିପାଣି ଦେବାର ବ୍ୟବସ୍ଥା କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ଦେମାଳ ଲକ୍ଷ୍ମୀବରାହ ୟୁଥ୍ କ୍ଲବ୍‌ର ସଦସ୍ୟମାନେ ମହୋତ୍ସବ ପରିଚାଳନା କରୁଥିବା ବେଳେ ଶତାଧିକ ଯୁବକ ମନ୍ଦିର ପ୍ରାଙ୍ଗଣରେ ରହି ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା।



ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ପୂଜାର୍ଚ୍ଚନା ଚାଲିଛି।

# ୨୫ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ

ଗଣିଆ,୧୦।୨(ସନ୍ତୋଷ କୁମାର ପ୍ରଧାନ)






ଅଚଳ ହୋଇପଡିଥିବା ସୌରଚାଳିତ ପାଣି ଟାଙ୍କି।

ଆଗାମୀ ଦିନରେ ପ୍ରଚଣ୍ଡ ଖରା ଅନୁଭୂତ ହେବ ବୋଲି ଅନୁମାନ କରାଯାଉଛି। ଗ୍ରୀଷ୍ମଋତୁ ଆରମ୍ଭରୁ ଖରାର ପ୍ରକୋପ ଧୀରେ ଧୀରେ ବୃଦ୍ଧି ପାଇବା ସହ ଗଣିଆ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଜଳଉତ୍ସଗୁଡ଼ିକର ଜଳସ୍ତର କମିବାରେ ଲାଗିଲାଣି। ଅନ୍ୟପକ୍ଷେ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡିକ ମରାମତି ଅଭାବରୁ କେତେକ ସ୍ଥାନରେ ଲୋକେ ପାନୀୟ ଜଳ କଷ୍ଟ ପାଉଛନ୍ତି। ଏଭଳି ସମସ୍ୟା ଗଣିଆ ବ୍ଲକ୍ ବଡ଼ଶିଲିଙ୍ଗା ପଞ୍ଚାୟତ ଗୋଛାବାରୀ ଗ୍ରାମରେ ଦେଖିବାକୁ ମିଳିଛି।

୨୦୧୯ ମସିହାରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗ୍ରାମରେ ୮ ଶହରୁ ୧ ହଜାର ଲିଟର କ୍ଷମତା ବିଶିଷ୍ଟ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିପାଇଁ ୨ଲକ୍ଷ ୬୨ ହଜାର ୨ଶହ ୧୮ ଟଙ୍କା ବ୍ୟୟ କରାଯାଇଥିବା ଫଳକରେ ଉଲ୍ଲେଖ ରହିଛି। ୨ମାସ ହେଲା ଏହି ପ୍ରକଳ୍ପଟି ଅଚଳ ହୋଇପଡ଼ିଛି। ଏହି ପ୍ରକଳ୍ପ ଉପରେ ଗ୍ରାମର ୨୫ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ନିର୍ଭର କରିଥାନ୍ତି। ଏହାର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ କୌଣସି ସୁଫଳ ମିଳିପାରିଲା ନାହିଁ। ପରେ ଗ୍ରାମର କେତେଜଣ ବ୍ୟକ୍ତି ସରକାରଙ୍କ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ବସୁଧା ଟୋଲ୍ ଫ୍ରି ନଂ.୧୯୧୬କୁ ଯୋଗାଯୋଗ କରିଥିଲେ। ଜାନୁଆରୀ ୩ରେ ଏହି ପ୍ରକଳ୍ପ ମରାମତି କାର୍ଯ୍ୟ ହୋଇଛି ବୋଲି ବସୁଧା ଟୋଲ୍ ଫ୍ରି ନମ୍ବରରୁ ସୂଚନା ମିଳିଥିବା ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ କହିଛନ୍ତି।

ସୂଚନା ଥାଉକି, ପ୍ରତିବର୍ଷ ଖରାଦିନ ଆସିଲେ ଗଣିଆ ପଞ୍ଚାୟତ ସମିତି ବୈଠକରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଆଲୋଚନା କରାଯାଇଥାଏ। ତେବେ ଆଲୋଚନା ପରେ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ କୌଣସି ତତ୍ପରତା ପ୍ରକାଶ କରୁ ନ ଥିବାରୁ ଗଣିଆ ବ୍ଲକ୍‌ରେ ପାନୀୟ ଜଳ ସମସ୍ୟା ପ୍ରତିବର୍ଷ ଦେଖାଦେଉଛି।

- ୨ମାସ ଧରି ସୌରଚାଳିତ ପାନୀୟ ଜଳ ଯୋଗଣ ପ୍ରକଳ୍ପ ଅଚଳ
- ବସୁଧା ଟୋଲ୍ ଫ୍ରିକୁ ଫୋନ୍ କଲେ ମିଳୁନି ସୁଫଳ

ସେହିପରି ଛାମୁଣ୍ଡିଆ ପଞ୍ଚାୟତର ହରିପୁର ଗ୍ରାମ ପାଇଁ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଆରମ୍ଭରୁ ଅଚଳ ହୋଇପଡିଥିବା ବେଳେ ସମ୍ପୃକ୍ତ ବିଭାଗ ପକ୍ଷରୁ ଏହାର ମରାମତି ଓ ରଙ୍ଗମରା କାର୍ଯ୍ୟ ପାଇଁ ପ୍ରତି ୨ରୁ ୩ବର୍ଷ ମଧ୍ୟରେ କାହା ସ୍ୱାର୍ଥରେ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଖରାଦିନ ପାଇଁ ପାନୀୟ ଜଳ ସମସ୍ୟା ସମାଧାନ ଦିଗରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ଗ୍ରହଣ କରା ନ ଗଲେ ଉତ୍କଟ ସମସ୍ୟା ସୃଷ୍ଟି କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଗଣିଆ ବ୍ଲକ୍ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ମେଣ୍ଟେନାନ୍ସ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରାଙ୍କୁ ପଚାରିବାରେ ଏହି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ କିଏ ନିର୍ମାଣ କରିଥିଲେ ମୋ ପାଖରେ କୌଣସି ତଥ୍ୟ ନାହିଁ। ଆଗରୁ କେଉଁ ଯନ୍ତ୍ରୀ ଏହି ପ୍ରକଳ୍ପ ନିର୍ମାଣ କରିଛନ୍ତି ତାହା ବୁଝିଲା ପରେ ଏହାର ମରାମତି ନିମିତ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଶ୍ରୀସୁବର୍ଣ୍ଣେଶ୍ୱରଙ୍କ ମନ୍ଦିର ଉନ୍ନତୀକରଣ ଆଳରେ ମଣ୍ଡପ ନିର୍ମାଣକୁ ନେଇ ଜନ ଅସନ୍ତୋଷ

ଖଣ୍ଡପଡ଼ା,୧୦।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ୯ନଂ. ୱାର୍ଡସ୍ଥିତ ବଡପୋଖରୀ ହୁଡାରେ ଅବସ୍ଥିତ ପ୍ରାଚୀନ ଶୈବ ପୀଠ ପ୍ରଭୁ ଶ୍ରୀସୁବର୍ଣ୍ଣେଶ୍ୱର ଦେବଙ୍କ ମନ୍ଦିରର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଜରିଆରେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ମଞ୍ଜୁର ଅନୁଦାନ ଅର୍ଥରେ ପ୍ରାଚୀନ ଶୈବପୀଠରେ ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ କରା ନ ଯାଇ ମନ୍ଦିର ପରିସରରେ ଏକ ମଣ୍ଡପ ନିର୍ମାଣ କରାଯାଇଥିବାରୁ ସ୍ଥାନୀୟ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାଚୀନ ମନ୍ଦିରର ଚତୁଃପାର୍ଶ୍ୱରେ ପ୍ରାଚୀର ଓ ଚଟାଣରେ ସିମେଣ୍ଟ ଟାଇଲ ବିଛାଇବା ନିମନ୍ତେ ୱାର୍ଡବାସୀ ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବ୍ଲକ କର୍ତ୍ତୃପକ୍ଷ ମନଇଚ୍ଛା ଜଣେ ଠିକାଦାରଙ୍କ ଦ୍ୱାରା ମନ୍ଦିର ପରିସରରେ ଏକ ମଣ୍ଡପ ନିର୍ମାଣ ବାବଦରେ ଅନୁଦାନ ଅର୍ଥ ବ୍ୟୟ କରିଥିବା ଜଣାପଡିଛି। ଏଥିପ୍ରତି ଖଣ୍ଡପଡ଼ା ବିଡିଓ ଓ ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## କୃମିନାଶକ ଔଷଧ ବଣ୍ଟନ



ପିଲାମାନଙ୍କୁ କୃମିନାଶକ ଔଷଧ ଖୁଆଯାଉଛି।

ନୟାଗଡ଼,୧୦।୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡପଣ୍ଡୁସର ସ୍କୁଲଠାରେ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା କୃମିନାଶକ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଜ୍ଞାନଜ୍ୟୋତି ଦାସ ଉଦ୍‌ଘାଟନ କରିଛନ୍ତି। ଏହା ଫେବୃଆରୀ ୧୭ ପର୍ଯ୍ୟନ୍ତ ଜାରି ରହିବ। ଜନ୍ମରୁ ୧୯ ବର୍ଷ ବୟସର ଶିଶୁ, ଗର୍ଭବତୀ ନ ଥିବା ଅଥବା ସ୍ତନ୍ୟପାନ କରାଉ ନ ଥିବା ୨୦ରୁ ୨୪ ବର୍ଷ ବୟସ ମଧ୍ୟରେ ଥିବା ପ୍ରଜନନକ୍ଷମ ମହିଳାଙ୍କୁ ଏହି କୃମିନାଶକ ଔଷଧ ବଣ୍ଟନ କରାଯିବା ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତ ପ୍ରଧାନ ଓ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପ୍ରଧାନ କହିଥିଲେ। କୃମି ନାଶକ ଔଷଧ ଆଲବେଣ୍ଡାଜୋଲ ସେବନ କରିବା ଦ୍ୱାରା ପିଲାମାନଙ୍କ ନିରାପଦ ଜୀବନ ଯାପନ ସହିତ ଶିକ୍ଷା, ରୋଜଗାର ଏବଂ ଦୀର୍ଘକାଳୀନ ସୁସ୍ଥତାର ସୂଚକାଙ୍କ ଫଳାଫଳଗୁଡ଼ିକରେ ଉଲ୍ଲେଖନୀୟ ଉନ୍ନତି ଆସିଥାଏ।

ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ଏହି କୃମିନାଶକ ଔଷଧ ବଣ୍ଟନ କରୁଥିବା ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଆଦିଙ୍କୁ ଜନସାଧାରଣ ଆବଶ୍ୟକ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। କୁଞ୍ଜବନ ପ୍ରଧାନ, ଉଷାରାଣୀ ପ୍ରଧାନ, ସୁନୀତା ପ୍ରଧାନ, ମମତା ମିଶ୍ର, ଦୀପକ ଦଳବେହେରା, ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍କୁଲର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଆର୍ଯ୍ୟ ସମାଜ ଆରଡ଼ା ବାର୍ଷିକ ଉତ୍ସବ: ଋଗବେଦ ପାରାୟଣ ଯଜ୍ଞ

ଓଡ଼ଗାଁ, ୧୦।୨ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ନନ୍ଦିଘୋର ପଞ୍ଚାୟତ ପେଟାପଲ୍ଲୀ ଛକ ଆର୍ଯ୍ୟ ସମାଜ ଆରଡ଼ାଠାରେ ସୋମବାର ଅନୁଷ୍ଠାନର ବାର୍ଷିକ ଉତ୍ସବ ଏବଂ ୨୯ତମ ଋଗବେଦ ପାରାୟଣ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଦ୍ୱାନ, ସାଧୁସନ୍ଥଙ୍କ ଦ୍ୱାରା ୩ ଦିନ ଧରି ପରିଚାଳିତ ଯଜ୍ଞରେ ପ୍ରତିଦିନ ମଧ୍ୟାହ୍ନରେ, ଅପରାହ୍ନରେ ଯଜ୍ଞ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗଦେଇ ଯଜ୍ଞରେ ହବନ ପ୍ରଦାନ କରିଥିଲେ। ପରିବ୍ରାଜକ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ବିଶ୍ୱନାଥ ଶାସ୍ତ୍ରୀ, ବ୍ରହ୍ମଚାରୀ ବିଦ୍ୟାଧର, ପଥରା ଆର୍ଯ୍ୟ ସମାଜ ଟ୍ରଷ୍ଟି ଅରୁଣ ଶଙ୍କର ଆଚାରୀ ପ୍ରମୁଖ ଯଜ୍ଞ ପରିଚାଳନା କରିଥିବାବେଳେ ରଘୁନାଥ ନାୟକ ଓ କିଶୋର ଚନ୍ଦ୍ର କର ସଂଯୋଜନା କରିଥିଲେ। ସଭାପତି ଶ୍ରୀକାନ୍ତ ଖଟେଇ ଏବଂ ସମ୍ପାଦକ ସୁରେନ୍ଦ୍ର ନାଥ ବେହେରା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ନୀଳମାଧବ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀମାନେ।

ଖଣ୍ଡପଡ଼ା,୧୦।୨(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ୨୧ନଂ. ପ୍ରକୋଷ୍ଠରେ ଛାତ୍ରୀମାନଙ୍କୁ ନେଇ ଏକ ୧୦ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ନିର୍ଦ୍ଦେଶିତ ଏହି ୧୦ଦିନିଆ ତାଲିମ ଶିବିରରେ ଯୁକ୍ତ ୩ ପ୍ରଥମ ବର୍ଷର ୯୦ ଜଣ ଛାତ୍ରୀମାନେ ଅଂଶ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରାଧ୍ୟାପକ ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ତାଲିମ ପ୍ରଶିକ୍ଷିକା ଭାବେ ସୁଶ୍ରୀ ସୁରଶ୍ରୀ ସାହୁ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆତ୍ମରକ୍ଷା କୌଶଳର ସମସ୍ତ କ୍ଲବ୍ ସଦସ୍ୟ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରୁଥିବା ସାହୁ ସମାଜରେ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଛାତ୍ରୀମାନଙ୍କ ମାର୍ଗଦର୍ଶନ କରିଥିଲେ। ପ୍ରଶିକ୍ଷିକା ସାହୁ ବିଭିନ୍ନ ଡେମୋ ପ୍ରଦର୍ଶନ କରି ସାମ୍ପ୍ରତିକ ପରିସ୍ଥିତିରେ କିପରି ସରଳା, ନିରୀହା ଛାତ୍ରୀମାନେ ଅମଣିଷଙ୍କ ଦ୍ୱାରା ଶିକାର ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିବା ସହ ନିଜକୁ କିପରି ସେମାନଙ୍କ କବଳରୁ ମୁକ୍ତ କରିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପିକା ଜୟଶ୍ରୀ ସାହୁ, ସମାଜ ବିଭାଗର ଅଧ୍ୟାପିକା ରଶ୍ମିତା ସାହୁ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ରୀମା ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ସଂସ୍କାର ଓ ଶୃଙ୍ଖଳା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରିଣୀ (କୋଅର୍ଡିନେଟର) ଅଧ୍ୟାପିକା ସରଳା ବେହେରା ଧନ୍ୟବାଦ ପ୍ରଦାନକରି ୧୦ ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖରେ ସମ୍ପନ୍ନ ହେବ ବୋଲି ସୂଚନା ଦେଇଥିଲେ।

## ଖଣ୍ଡପଡା ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା



ନିପୁଣ ଓଡ଼ିଶା ମେଳାରେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣୀୟ ସାମଗ୍ରୀ ଅତିଥିମାନେ ବୁଲି ଦେଖୁଛନ୍ତି।

ଖଣ୍ଡପଡ଼ା,୧୦।୨(ଅଜୟ କୁମାର ମହାରଣା)

ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ନିପୂଣ ଓଡିଶା ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବିଇଓ କୈଳାସ ଚନ୍ଦ୍ର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ, ବିଆର୍‌ସିସି ନାରାୟଣ ଦାଶ, ବଟକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ନିପୁଣ ଓଡ଼ିଶା ମେଳା ଆୟୋଜନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଖଣ୍ଡପଡ଼ା ସହରାଞ୍ଚଳ ସମେତ ଖଳିସାହି କ୍ଲଷ୍ଟର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୫୫ ଜଣ ଛାତ୍ରୀଛାତ୍ର ମେଳାରେ ଯୋଗଦେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣୀୟ ସାମଗ୍ରୀଗୁଡିକ ପ୍ରଦର୍ଶିତ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟରୁ ୧ମରୁ ୩ୟ ଶ୍ରେଣୀ ମଧ୍ୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି କରିବାର ଲକ୍ଷ୍ୟ ନେଇ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ନେଇ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପସା ନନ୍ଦ କହିବା ସହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଆଖଣ୍ଡଳମଣିଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୧୦।୨(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତ ଅନ୍ତର୍ଗତ ବାହାଡା ଗ୍ରାମରେ ପ୍ରଭୁ ଆଖଣ୍ଡଳମଣିଙ୍କ ୩୯ ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ମହିଳାପୁରୁଷ ଠାକୁରଙ୍କ ପୀଠରେ କଳସୀ ସ୍ଥାପନ କରିଥିଲେ। ପଣ୍ଡିତ ମହେଶ ମିଶ୍ର, ସହକର୍ମୀ ଅଜୟ ମିଶ୍ର ରୀତିନୀତି ଅନୁଯାୟୀ ପୂଜାପାଠ ଓ ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିଶ୍ୱର କଲ୍ୟାଣ ନିମନ୍ତେ ହୋମଯଜ୍ଞ ହେବା ସହ ନାମ ସଂକୀର୍ତ୍ତନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଗ୍ରାମ ଓ ଆଖପାଖ ଅଞ୍ଚଳରୁ ଆସିଥିବା ଶତାଧିକ ଏବଂ ମାନସିକ ବ୍ରତ ରଖିଥିବା ମହିଳାପୁରୁଷ ଏକାଠି ହୋଇ ଠାକୁରଙ୍କ ନିକଟରେ ପାରମ୍ପରିକ ପଦ୍ଧତିରେ ପୂଜାର୍ଚ୍ଚନା କରିଥିଲେ। ରାତିରେ ପୌରାଣିକ ନାଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଯୁବ ଓ ବରିଷ୍ଠ ବ୍ୟକ୍ତି ସକ୍ରୀୟ ସହଯୋଗ କରିଥିଲେ।

## ନୂତନ ମନ୍ଦିରରେ ମା’ମଙ୍ଗଳାଙ୍କ ବିଗ୍ରହ ପ୍ରତିଷ୍ଠା

ଖଣ୍ଡପଡ଼ା,୧୦।୨(ଅଜୟ କୁମାର ମହାରଣା)



ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ କୃଷ୍ଣଚନ୍ଦ୍ରପୁରପାଟଣା ନିକଟରେ ମା’ ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଶେଷ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ପାଣ୍ଡୁସାହୁପାଟଣା ତିଅରସାହି ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଥିଲା। ସକାଳେ ସୂର୍ଯ୍ୟପୂଜା, ହୋମଯଜ୍ଞ ସହ ଦେବଦେବୀଙ୍କୁ ଆବାହନ କରାଯାଇ ପିଣ୍ଡିନ୍ୟାସ ସହ ନୂତନ ବିଗ୍ରହଙ୍କୁ ଚକ୍ଷୁଦାନ କରାଯାଇଥିଲା। ଅପରାହ୍ନ ନୂତନ ବିଗ୍ରହଙ୍କୁ ଗ୍ରାମ ପରିକ୍ରମା କରାଯାଇ ପରେ ନୂଆ ମନ୍ଦିରରେ ସିଂହାସନ ବିଜେ କରାଯାଇଥିଲା। ମା’ ମଙ୍ଗଳାଙ୍କ ନୂତନ ବିଗ୍ରହଙ୍କୁ ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଯୁଦ୍ଧିଷ୍ଠିର ବେହେରା, ଆର୍ତ୍ତବନ୍ଧୁ ସାହୁ, ବିପିନ ଭୋଇ, ସୁଦର୍ଶନ ବେହେରା ଓ ସୁରେନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମାଘମେଳା ପାଇଁ ଜାଗା ମଡ଼ାଣ ଆରମ୍ଭ



ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ଜାଗା ମଡ଼ାଣ ଦିଆଯାଉଛି।

ଖଣ୍ଡପଡ଼ା,୧୦।୨(ଅଜୟ କୁମାର ମହାରଣା)

ପବିତ୍ର ଭୈମୀ ଏକାଦଶୀ ତିଥିରେ ଶ୍ରୀନୀଳମାଧବ ଜୀଉଙ୍କ ମାଘମେଳା ଆରମ୍ଭ ହେଉଥିବା ବେଳେ ଏହି ମେଳା ଯାତ୍ରା ଦଳ ଆସିବା ପରେ ଗହଳଚହଳ ଲାଗିଥାଏ। ମାଘ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ମାଘମେଳା ଆନୁଷ୍ଠାନିକ ଭାବେ ଚାଲିବାର ଥିଲେ ମଧ୍ୟ ଏହି ମେଳା ଯାତ୍ରା ଦଳଙ୍କ ଅପେକ୍ଷାରେ ରହିଥାଏ। ଏହାକୁ ଲକ୍ଷ୍ୟ ରଖି ସୋମବାରଠାରୁ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ପଲଟନ ପଡ଼ିଆ (ମିନି ଷ୍ଟାଡିୟମ)ରେ ଜାଗା ମଡାଣ ନେଉଥିବା ପରିଲକ୍ଷିତ ହୋଇଛି। ତେବେ ଏହି ପାରମ୍ପରିକ ମେଳା କଣ୍ଟିଲୋ ଫାଣ୍ଡି ନିକଟ ମାଘମେଳା ପଡ଼ିଆରେ ହୋଇ ଆସୁଥିବା ବେଳେ ଚଳିତବର୍ଷ ଏହି ମେଳା ସ୍ଥାନୀୟ ପଲଟନ ପଡ଼ିଆ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ଷ୍ଟାଡିୟମ ପରିସରରେ ମେଳା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଜାଗା ସଂରକ୍ଷଣ ନିମନ୍ତେ ପୂର୍ବରୁ ବିଭାଗୀୟ ନୀତି ନିୟମକ୍ରମେ ରସିଦ କାଟି ସମ୍ପୃକ୍ତ ଜାଗା ମଡାଣ ପାଇଁ ସମାଗମ ହୋଇଛନ୍ତି। ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ସୋମବାର ଦେବୋତ୍ତର ବିଭାଗ ପକ୍ଷରୁ ପଲଟନ ପଡ଼ିଆ ପରିସରରେ ଜାଗା ମଡାଣ ତଥା ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେଉଥିବା ଦେବୋତ୍ତର ସୁପରଭାଇଜର ବାଇଧର ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଦରବାର ଓ ୨୨ ରୁ ୨୫ ତାରିଖ ପର୍ଯ୍ୟନ୍ତ ଧଉଳି ଯାତ୍ରାପାର୍ଟି ଏଠାରେ ସେମାନଙ୍କ ଯାତ୍ରା ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଫଳରେ ଏହି ମେଳା ଆସନ୍ତା ୧୫ ତାରିଖରୁ ଜମିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଭାଇଚାରା ସୃଷ୍ଟି କରିଥାଏ ମହୋତ୍ସବ

### ମାଘ ମେଳା ମହୋତ୍ସବର ୨ୟ ସନ୍ଧ୍ୟା

ଖଣ୍ଡପଡା,୧୦।୨(ଅଜୟ କୁମାର ମହାରଣା)



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ମାଘମେଳା ପ୍ରଥମ ଦିନରୁ ଫିକା ଫିକା ଲାଗୁଥିବା ବେଳେ ଏହି ଉପଲକ୍ଷେ ସ୍ୱତନ୍ତ୍ର ଭାବେ ଆୟୋଜିତ ମାଘମେଳା ମହୋତ୍ସବର ଶୁଭ ଉଦ୍‌ଘାଟନ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୀତା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରଫେସର ପଣ୍ଡିତ ସତ୍ୟ ନାରାୟଣ ଆଚାର୍ଯ୍ୟ, ମୁଖ୍ୟ ବକ୍ତା ପଣ୍ଡିତ ମନୋଜ କୁମାର ଦାଶ ଓ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା ଯୋଗ ଦେଇଥିଲେ। ମହୋତ୍ସବ କମିଟିର ଯୁଗ୍ମ କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ହାରମୋନିୟମ ମେଲୋଡି, କଳାହାଣ୍ଡି ଓ ସଙ୍ଗୀତ ସର୍ଜନା ଭଜନ ସନ୍ଧ୍ୟା ପକ୍ଷରୁ ଭୁବନେଶ୍ୱରର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ଭଜନ ପରିବେଷଣ କରାଯାଇଥିଲା। ସୂଚନା ଯୋଗ୍ୟ ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ ନୟାଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ମାଘମେଳା ସମ୍ପ୍ରତି ବୁଡିଯିବାକୁ ବସିଥିବା ବେଳେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତଥା କଣ୍ଟିଲୋ ପଞ୍ଚାୟତ ଓ ଦେବୋତର ବିଭାଗ ପକ୍ଷରୁ ଏହାର ଶ୍ରୀବୃଦ୍ଧି ପାଇଁ ମାଘମେଳା ମହୋତ୍ସବର ପରିକଳ୍ପନା କରାଯାଇଛି। ସୋମବାର ୨ୟ ସନ୍ଧ୍ୟାରେ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବିଧାୟକ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥଙ୍କ ପଣ୍ଡା ଭାଗୀରଥି ପୂଜାପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ରଘୁନାଥ ପୂଜାପଣ୍ଡା, ଜିଲା ପରିଷଦ ସଭ୍ୟା ମହାରଣା, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ପ୍ରମୁଖ ଯୋଗଦେଇ ମହୋତ୍ସବ ସମାଜରେ ଭାଇଚାର ସୃଷ୍ଟି କରିଥାଏ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସମ୍ପାଦକ ସିଦ୍ଧାର୍ଥ କୁମାର ମହାପାତ୍ର ଓ କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନିର୍ମଳ ଚନ୍ଦ୍ର ସାହୁ ‘ମୋ ପାଇଁ ଭଲ ଆମ କଣ୍ଟିଲୋ’ ସଙ୍ଗୀତ ଗାନ କରିଥିଲେ। ଶେଷରେ ଶରତ ଚନ୍ଦ୍ର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ। ଏତଦ୍ ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ଥିଲା।

# ଆରୁହା ଲିଜ୍‌ଧାରୀଙ୍କୁ ଜବାବ ତଲବ

**ଅନୁମତିଠାରୁ ଢେରଗୁଣ ଅଧିକ କଳାପଥର ଉତ୍ତୋଳନ ପ୍ରସଙ୍ଗ**

■ ପରିବେଶଗତ ଅନୁମତି ପ୍ରତ୍ୟାହାର ଓ କ୍ଷତିପୂରଣ ଦାଖଲ ଚେତାବନୀ

ଯାଜପୁର,୧୦।୨(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ପ୍ରମାଣିତ ହୋଇ ଜରିମାନା ଲାଗୁ ହେବା ପରେ ଷ୍ଟେଟ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏହି କ୍ରମରେ ସିଆର ସଦସ୍ୟ ସଚିବ ଆରୁହା କଳାପଥର ଖାଦାନର ଲିଜ୍‌ଧାରୀ ମନୋଜ କୁମାର ସାମଲଙ୍କୁ ଖାଦାନର ପରିବେଶଗତ ଅନୁମତି(ଇସି) କାହିଁକି ପ୍ରତ୍ୟାହାର ନ ହେବ ଏବଂ ପରିବେଶଗତ କ୍ଷତିପୂରଣ ଅର୍ଥ କାହିଁକି ଧାର୍ଯ୍ୟ କରା ନ ଯିବ ବୋଲି କାରଣ ଦର୍ଶାଅ ନୋଟିସ ଜାରି କରିଛି । ଏହାସହ ଯାଜପୁର ଜିଲାପାଳ, ଯାଜପୁର ଉପଜିଲାପାଳ, ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, କଟକ ଡିଏଫ୍‌ଓ, ତହସିଲଦାର ଧର୍ମଶାଳା ପ୍ରମୁଖଙ୍କୁ ଏହି ଦୁର୍ନୀତିର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଅନୁମତିଠାରୁ ଅଧିକ କଳାପଥର ଉତ୍ତୋଳନ କରିଥିବା ୧୯ ଜଣ ଲିଜ୍‌ଧାରୀଙ୍କ ଉପରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ମିଳିଛି।

ଲଘୁ ଖଣିଜ ଦ୍ରବ୍ୟ ଚୋରି ଉପରେ ସାଟେଲାଇଟ ମାପଚୁପ କରାଯାଇ ଅନୁମୋଦନଠାରୁ ଅଧିକ ଉତ୍ତୋଳନ କରିଥିବା ଲିଜ୍‌ଧାରୀମାନଙ୍କୁ ଜରିମାନା ନିର୍ଦ୍ଦେଶ ହୋଇଥିଲା । ୨୦ ଏକର ବିଶିଷ୍ଟ ଆରୁହା ପାହାଡ଼ର ସୈରାତ ନମ୍ବର ୩୪/୨୦୨୧–୨୨ରୁ ଲିଜ୍‌ଧାରୀ ମନୋଜ ସାମଲଙ୍କୁ ବର୍ଷକୁ ୧୪ ହଜାର ଘନମିଟର ଉତ୍ତୋଳନ କରିବାକୁ ଅନୁମତି ମିଳିଥିଲା। ହେଲେ ଧର୍ମଶାଳା ତହସିଲଦାରଙ୍କ ରିପୋର୍ଟ ଅନୁସାରେ ୧ ବର୍ଷ ମଧ୍ୟରେ ସେ ୧ ଲକ୍ଷ ୮ ହଜାର ୧୧୨ ଘନମିଟର କଳାପଥର ଉତ୍ତୋଳନ କରି ଲୁଟ୍ କରିଥିଲେ। ଏହାସହ ପରିବେଶଗତ ଅନୁମତିର ନିୟମ କାନୁନକୁ ସେ ମାନି ନ ଥିଲେ। ତେଣୁ ଲିଜ୍‌ଧାରୀ ସାମଲଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଆ ପକ୍ଷରୁ କାରଣ ଦର୍ଶାଅ ନୋଟିସ ହୋଇଛି।



ଆରୁହା କଳାପଥର ଖାଦାନରୁ ମେଶିନ ଦ୍ୱାରା ପଥର ଉତ୍ତୋଳନ ଚାଲିଛି ।

ସୂଚନାଯୋଗ୍ୟ, ଧର୍ମଶାଳା ତହସିଲଦାର ଗତ ୧୫।୪।୨୦୨୩ରେ କାରଣ ଦର୍ଶାଅ ନୋଟିସ ଏବଂ ୧୦।୫।୨୦୨୩ରେ ଲିଜ୍‌ଧାରୀଙ୍କୁ ୮ କୋଟି ୬୩ ଲକ୍ଷ ୩୩ ହଜାର ୯୧୯ ଟଙ୍କା ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତତ୍କାଳୀନ ଜିଲାପାଳ ଜରିମାନା ପରିମାଣକୁ କମାଇ ୪ କୋଟି ୨୦ ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିଲେ। ଏହି କାରବାରରେ ଏକ ବଡ଼ଧରଣର ଅସାଧୁ ଚୁକ୍ତି ହୋଇଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ପ୍ରଶାସନର ନିଷ୍ପତ୍ତି ଅନୁସାରେ ଲିଜ୍‌ଧାରୀ ସାମଲଙ୍କୁ ୧ ବର୍ଷ ମଧ୍ୟରେ ଇନଷ୍ଟଲମେଣ୍ଟରେ ଜରିମାନା ଅର୍ଥ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ହେଲେ ଏହି ଜରିମାନା ଅର୍ଥ ଦାଖଲ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପୁଣି ତାଙ୍କୁ ବେଆଇନ ଭାବେ କଳାପଥର ଉତ୍ତୋଳନ କରିବାକୁ ଲିଜ୍ ଦିଆଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆଇନ ଅନୁସାରେ କାରଣ ଦର୍ଶାଅ ନୋଟିସର ୧୫ ଦିନ ପରେ ଡିମାଣ୍ଡ ନୋଟିସ, ଡିମାଣ୍ଡ ନୋଟିସର ୧୫ ଦିନ ପରେ ଖାଦାନ କ୍ଲୋଜର ସହ ଲିଜ୍‌ଧାରୀଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ଏବଂ କ୍ଲୋଜର ନୋଟିସର ୧୫ ଦିନ ପରେ ଲିଜ୍‌ଧାରୀଙ୍କ ନାମରେ ସାର୍ଟିଫିକେଟ କେସ ରୁଜୁ ହେବା କଥା। ଯାଜପୁର ଜିଲା ପ୍ରଶାସନ ଲିଜ୍‌ଧାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ଏହି ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଫଳରେ ଲିଜ୍‌ଧାରୀ ସାମଲ ଲିଜ୍‌ପ୍ରାପ୍ତ ଆରୁହା ଖାଦାନଗୁଡ଼ିକରୁ ପୁଣି ବହୁ ପରିମାଣରେ ଲୁଟ୍ ଜାରି ରଖିଛନ୍ତି। ଧର୍ମଶାଳା ତହସିଲ ଅଞ୍ଚଳରୁ ଗତ ୨୦ ବର୍ଷ ମଧ୍ୟରେ ପ୍ରାୟ ୫୦୦୦ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଥିବା ଅନୁମାନ କରାଯାଉଛି। କିନ୍ତୁ ସରକାର ଲୁଟେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଦିଆଯାଇ ଆସୁଛି ବୋଲି ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ସିଆ ନିର୍ଦ୍ଦେଶ ଅନୁସାରେ କମିଟି ଗଠନ କରାଯାଇ ଆବଶ୍ୟକ ତଦନ୍ତ କରାଯିବ। ଏହାପରେ ସିଆ ନିକଟରେ ତଦନ୍ତ ରିପୋର୍ଟ ଦାଖଲ ହେବ।

# ମୋନାଲି ଠାକୁରଙ୍କ ଗୀତରେ ଝୁମିଲେ ଦର୍ଶକ





ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ଉପଭୋଗ କରୁଛନ୍ତି ।

**ଯାଜପୁର ଜିଲା ମହୋତ୍ସବ ଯଯାତିର ୩ୟ ସନ୍ଧ୍ୟା**

ଯାଜପୁର ଟାଉନ,୧୦।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ସୋମବାର ଯାଜପୁର ଜିଲା ଯଯାତି–୨୦୨୫ ମହୋତ୍ସବର ୩ୟ ସନ୍ଧ୍ୟା ପ୍ରଶାସନିକ ଭବନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଓଲିଉଡ୍ ଗାୟିକା ମୋନାଲି ଠାକୁର ଗୀତରେ ଦର୍ଶକମାନେ ଝୁମିଥିଲେ। ମୋନାଲି ଠାକୁରଙ୍କ 'ବଦ୍ରୀ କି ଦୁଲ୍‌ହାନିଆ', 'ମେ ନାଚୁ ଛମ୍ ଛମ୍ ଛମ୍' , 'ଜରା ଜରା ଟଚ୍ ମି ', 'ଖ୍ୱାବ୍ ଦେଖେ ଟୁଟେ ମୁଟେ ବତିଆ ବୁଝାଏ', 'ମୋହ ମୋହ କେ ଧାଗେ' ଆଦି ଗୀତରେ ଦର୍ଶକମାନେ ନାଚିଥିଲେ। ଏହି ୩ୟ ସନ୍ଧ୍ୟାକୁ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଉଦ୍‌ଘାଟନ କରିଥିଲେ। ଆଜିର ସନ୍ଧ୍ୟାରେ ପୁରୀର ଦେବଦାସୀ ନୃତ୍ୟ ବା ମହାରି ନୃତ୍ୟ ଗୁରୁ ରୁପଶ୍ରୀ ମହାପାତ୍ର ଏବଂ ତାଙ୍କ ଡ୍ୟାନ୍ସ ଗ୍ରୁପ ଦ୍ୱାରା ପରିବେଷଣ କରାଯାଇଥିଲା। ସେହିପରି ମୋନାଲିସା ମ୍ୟୁଜିକାଲ ଏକାଡେମୀ ଦଶରଥପୁର ଦ୍ୱାରା ଯାଜପୁରର କଳାସଂସ୍କୃତି ଉପରେ ପର୍ଯ୍ୟବେଶିତ ନୃତ୍ୟ ପରିବେଷଣ କରାଯାଇଥିଲା। ଓଁ ସାଇ କଳାକାର ଗ୍ରୁପ ଦ୍ୱାରା ଜଗନ୍ନାଥ ବନ୍ଦନା ଓ ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ କୋରାପୁଟ ଆଦିବାସୀ ନୃତ୍ୟ ଓ ମାରୁତୀ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଅଗ୍ନି ନୃତ୍ୟ ପରିବେଷଣ କରଯାଇଥିଲା। ଘୋଷକ ପିୟୁଷ ଏବଂ ଘୋଷିକା ସୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଭିଡ଼ ।

**ପଲ୍ଲିଶ୍ରୀମେଳାରେ ଭିଡ଼ ବଢ଼ୁଛି:** ଗତ ୮ତାରିଖ ଦିନ ଯାଜପୁର ଜିଲା ଯଯାତି–୨୦୨୫ ଓ ପଲ୍ଲିଶ୍ରୀ ମେଳା ମହୋତ୍ସବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଟନ ହୋଇଯାଇଛି। ଏହି ପଲ୍ଲିଶ୍ରୀ ମେଳାରେ ଦିନକୁ ଦିନ ଦର୍ଶକଙ୍କ ଭିଡ ଜମିବାରେ ଲାଗିଛି। ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ପ୍ରକାର ଖାଦ୍ୟ ସମାଗ୍ରୀ ଓ ଘରର ନିତ୍ୟ ବ୍ୟବହାର ଜିନିଷ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଏହି ପଲ୍ଲିଶ୍ରୀ ମେଳାରେ ଦର୍ଶକମାନେ ଘରୋଇ ସରଞ୍ଜାମ କିଣିବା ସହିତ ବିଶେଷ ଖାଦ୍ୟ ପଦାର୍ଥ ଦୋକାନରେ ଭିଡ ଜମାଇଛନ୍ତି। ଏହି ମେଳାରେ ଗୁପଚୁପ୍ , ଚାଟ, ଠୁଙ୍କାପୁରୀ, ମଥୁରା କେକ୍, ଦହିବରା ଘୁଘୁନି ଏବଂ ବିଭିନ୍ନ ପ୍ରକାର ଫାଷ୍ଟଫୁଡ୍ ଷ୍ଟଲରେ ଗ୍ରାହକଙ୍କ ଭିଡ଼ ଜମିବାରେ ଲାଗିଛି।

## ଷ୍ଟୁଡିଓ ମାଲିକ ହତ୍ୟା ଘଟଣା, ୨ ଅଟକ

ଯାଜପୁର,୧୦।୨(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ସୋବରା ଅଞ୍ଚଳରେ ଷ୍ଟୁଡିଓ ଭିତରେ ପଶି ଶନିବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି । ଟଙ୍କା ନେଣଦେଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଛି। ଏହା ସହିତ ହତ୍ୟାକାଣ୍ଡରେ ସାମିଲ ଥିବା ଅନ୍ୟ ୩ ଜଣଙ୍କୁ ଧରିବା ପାଇଁ ଯାଜପୁର ରୋଡ଼ ପୋଲିସ ତଦନ୍ତ ଚଳାଇଛି । ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା କରି ୨ ଅଭିଯୁକ୍ତଙ୍କ ନାମକୁ ଗୋପନ ରଖାଯାଇଛି । ସୂଚନା ମୁତାବକ, ସୋବରାସ୍ଥିତ ଓମ୍ ଡିଜିଟାଲ ଫିଲ୍ମ ଷ୍ଟୁଡିଓର ମାଲିକ ଦୀପକ କୁମାର ସାହୁଙ୍କୁ ଦୁର୍ବୃତ୍ତମାନେ ବିଭତ୍ସ ଭାବେ ହତ୍ୟା କରିବା ସହିତ ଷ୍ଟୁଡିଓରେ ଥିବା କ୍ୟାମେରା ସମେତ କିଛି ସାମଗ୍ରୀ ଲୁଟି ନେଇଥିଲେ ।

## ଶ୍ରୀ କଲ୍ୟାଣେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

କଳିଙ୍ଗନଗର,୧୦।୨(ଶୁଭାଶିଷ ରାଉତ):

୨ ଜିଲା ଯାଜପୁର ଓ କେନ୍ଦୁଝରର ମିଳନ ସ୍ଥଳୀ ଉଛବାଲି ପଞ୍ଚାୟତର କରଡାପାଳ ଗ୍ରାମରେ ଶ୍ରୀକଲ୍ୟାଣେଶ୍ୱର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସୂର୍ଯ୍ୟ ପୂଜା, ଗୋପୂଜା,ଶାଳା ପ୍ରବେଶ,ଠାକୁରଙ୍କ ପ୍ରଥମ ଦର୍ଶନ ଓ ଯଜ୍ଞ କର୍ମ ଆଦି ଚାଲିଛି। କର୍ତ୍ତା ମଧୁସୂଦନ ସାହୁ ଓ ଶଙ୍ଖପ୍ରଭା ସାହୁ, ଉପକର୍ତ୍ତା ମଦନମୋହନ ସାହୁ,ଉଲାସିନୀ ସାହୁ, ସୁକାନ୍ତି ସାହୁଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦିଲୀପ



@ ଫିନୁ



@ ପିଣ୍ଟୁ ଜେନା



@ ପିଣ୍ଟୁ



@ ପ୍ରେମାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଇନ୍‌ଷ୍ଟ୍ରିମ ବ୍ୟାରେଜ୍ ଉଦ୍‌ଘାଟିତ



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଇନ୍‌ଷ୍ଟ୍ରିମ ବ୍ୟାରେଜ୍।

ଯାଜପୁର ଟାଉନ,୧୦।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଯାଜପୁର ସହରର ସପ୍ତମାତୃକା ମନ୍ଦିରରେ ୧୯୨.୬୮କୋଟି ଟଙ୍କା ବ୍ୟୟରେ ବାମ ଏବଂ ଡାହାଣ ପାର୍ଶ୍ୱର ଇନଷ୍ଟ୍ରିମ୍ ବ୍ୟାରେଜ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ଯାଜପୁର ପୌରପାଳିକା ଅଞ୍ଚଳର ପ୍ରାୟ ୪୦ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ସହାୟକ ହେବା ସହ ମେଗାଲିଫ୍ଟ ପ୍ରକଳ୍ପ ଦ୍ୱାରା ପ୍ରାୟ ୫୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ପାରିବ। ଏଥିସହିତ ଏହା ଭୂତଳ ଜଳସ୍ତର ବୃଦ୍ଧି କରିବ ଏବଂ ପର୍ଯ୍ୟଟନ ବିକାଶରେ ସହାୟକ ହେବ ବୋଲି ସୂଚନା ମିଳିଛି ।

## ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

ଦଶରଥପୁର,୧୦।୨ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ଅନ୍ତର୍ଗତ ବିରୁହାଁ ଗ୍ରାମପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଡ଼ିଓ ଆକାଶ ପଟ୍ଟନାୟକ ଉଦଘାଟନ କରିଥିଲେ। ସରପଞ୍ଚ ସୁବାସ ଚନ୍ଦ୍ର ଦେବତାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ପିଇଓ ଶରତ ମଲିକ ଓ କୋଷାଧ୍ୟକ୍ଷ ଆଶୁତୋଷ ନାୟକ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗ୍ରହଣ କରିବା ସହିତ ଏହାର ସମାଧାନର ବ୍ୟବସ୍ଥା କରିଥିଲେ। ଏହି ଶିବିରରେ ମୋଟ ୧୪୮ ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଉକ୍ତ ଶିବିର ପରିଚାଳନାରେ ଏମ୍‌ବିକେ ମିଲି କର, ସିଆରପି ରଙ୍ଗବତୀ ମଲିକ, ପୂର୍ଣ୍ଣିମା ଜେନା, ଲକ୍ଷ୍ମୀପ୍ରିୟା ଜେନା, ଗ୍ରାମସାଥୀ ମିଲିରାଣୀ ଦେବତାଙ୍କ ସମେତ ୱାର୍ଡ ସଭ୍ୟ ମଦନ ମୋହନ ଦାସ, ସୁଶାନ୍ତ ମଲିକ, ନୃସିଂହ ଜେନା, ତାପସ ଜେନା,ସୂର୍ଯ୍ୟମଣି ଜେନା, କେଶରୀ ସେଠୀ, ସଭ୍ୟା ସୋନୀ ସେଠୀ ପ୍ରମୁଖ ସହାୟତା କରିଥିଲେ ।

# ବୁଦ୍ଧଙ୍କ ଭଗ୍ନ ମୁଣ୍ଡ, ପୁରୁଣା କୋଠରିର ସନ୍ଧାନ ମିଳିଲା

**ବୌଦ୍ଧପୀଠ ରତ୍ନଗିରି ଉତ୍‌ଖନନରୁ ବହୁ କୀର୍ତ୍ତିରାଜି ଆବିଷ୍କୃତ**

ଚଣ୍ଡିଖୋଲ,୧୦।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲାର ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ରତ୍ନଗିରିର ଉତ୍‌ଖନନ କାର୍ଯ୍ୟ ଚାଲିଛି। ଗତ କିଛିଦିନ ତଳେ ଏଠାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଉତ୍‌ଖନନ ସମୟରେ ବହୁ ପ୍ରାଚୀନ କୀର୍ତ୍ତିରାଜି ମିଳିଥିବା ବେଳେ ଏବେ ପୁନର୍ବାର କୀର୍ତ୍ତିରାଜି ଆବିଷ୍କୃତ ହୋଇଛି। ବୁଦ୍ଧଙ୍କ ଏକ ବିରାଟ ଭଗ୍ନ ମୁଣ୍ଡ ମିଳିଥିବା ବେଳେ ପୁରୁଣା କୋଠରୀର ସନ୍ଧାନ ମିଳିଛି। କୋଠରୀଗୁଡ଼ିକର କାନ୍ଥ ରହିଛି। ଏଥିସହିତ ବହୁ ସଂଖ୍ୟାରେ ଭୁଟିକ ସ୍ତୁପ ଖନନ ହୋଇ ବାହାରିଛି ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପୁରୀ ସର୍କଲର ସୁପରିଟେଣ୍ଡେଣ୍ଟ ବ୍ରଜ ସୁନ୍ଦର ଦିବାଶିଷ ଗଡନାୟକ ପ୍ରକାଶ କରିଛନ୍ତି। ସେ ଆଉରି ମଧ୍ୟ କହିଛନ୍ତି, କେବଳ ରତ୍ନଗିରି ନୁହେଁ ଏହାର ଆଖପାଖ ଯେତେ ପାହାଡ଼ ରହିଛି ପ୍ରାୟ ବହୁ ସ୍ଥାନରେ ଏହି କୀର୍ତ୍ତିରାଜି ରହିଛି। ରତ୍ନଗିରି ନିକଟ କୋଲଣ ଗିରି ପାହାଡ଼ରେ ୨ ହଜାର ବର୍ଷ ତଳର ବହୁ ପ୍ରାଚୀନ କୀର୍ତ୍ତିରାଜି ରହିଛି। ପାହାଡ଼ଟିକୁ ବିଭିନ୍ନ ପ୍ରାନ୍ତରୁ ଖନନ କରି ମୋରମ ବିକ୍ରି କରାଯାଉଥିବାରୁ ବ୍ୟାପକ କୀର୍ତ୍ତିରାଜି ନଷ୍ଟ ହୋଇ ଯାଇଛି। କେବଳ କିଛି ପ୍ରାଚୀନ ଖପରା ଓ ଭଗ୍ନ ମୂର୍ତ୍ତି ମିଳୁଛି। ତେବେ ଜବରଦଖଲ ହୋଇଥିବା ଓ ମୋରମ ଚାଲାଣ ହୋଇ ନଷ୍ଟ ହୋଇ ଯାଇଥିବାରୁ ସେଠାରୁ ଅଧିକ କୀର୍ତ୍ତିରାଜି ମିଳିବା ଆଶା କ୍ଷୀଣ। ରତ୍ନଗିରି ବୌଦ୍ଧ ପୀଠରେ ବ୍ୟାପକ କୀର୍ତ୍ତିରାଜି ଥିବା ଜଣାପଡ଼ିଛି। ସେଥିପାଇଁ ଉତ୍‌ଖନନ ଚାଲିଛି ଓ ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ସମୟର ବହୁ ପ୍ରାଚୀନ କୀର୍ତ୍ତିରାଜି ରହିଛି। ଖୁବ୍‌ଶୀଘ୍ର ସେଗୁଡ଼ିକ ଉଦ୍ଧାର କରାଯିବ ବୋଲି ସେ କହିଥିଲେ। ଏହି ପ୍ରକ୍ରିୟା ଗତ ଡିସେମ୍ବରରୁ ଚାଲିଛି ଆଉ ଦୀର୍ଘ ଦିନ ଚାଲିବ। ପୂର୍ବରୁ ଏଠାରେ ବିରାଟ ବୌଦ୍ଧ ବିହାର ସହିତ ବହୁ ବୌଦ୍ଧ ସ୍ତୁପ ଆବିଷ୍କୃତ ହୋଇଛି। ତାରା, ବୋଧିସତ୍ତ୍ୱ ସହ ପ୍ରାଚୀନ ଅଳଙ୍କାର ମିଉଜିୟମ ମଧ୍ୟରେ ଆବିଷ୍କୃତ ହୋଇଛି।



ରତ୍ନଗିରି ଉତ୍‌ଖନନରୁ ମିଳିଥିବା ବୁଦ୍ଧଙ୍କ ଭଗ୍ନ ମୁଣ୍ଡ ।

# ଟମାଟୋ ଚାଷକରି ଫସିଲେ ଚାଷୀ

- ୨ଟଙ୍କାରେ କ୍ଷେତରୁ ଆଣୁଛନ୍ତି ବେପାରୀ, ବିକ୍ରୁଛନ୍ତି ୫ ଟଙ୍କା
- ସଂରକ୍ଷଣ ପାଇଁ ନାହିଁ ଜିଲାରେ ଶୀତଳ ଭଣ୍ଡାର
- କ୍ଷୁଦ୍ରଶିଳ୍ପ ପାଇଁ ମିଳୁନି ପ୍ରଶାସନିକ ସହଯୋଗ

କେନ୍ଦ୍ରାପଡ଼ା, ୧୦।୨ (ଜଗନ୍ନାଥ ଧଳ)

୨ମାସ ପୂର୍ବେ କେନ୍ଦ୍ରାପଡ଼ା ଜିଲାରେ ଟମାଟୋ ଦର ଆକାଶଛୁଆଁ ଥିଲା। ବଜାରରେ କେଜି ପ୍ରତି ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଥିଲା। ଏବେ ଏହାର ଅଭାବୀ ବିକ୍ରି ଆରମ୍ଭ ହୋଇଛି। କେଜି ପ୍ରତି ମାତ୍ର ୨ ଟଙ୍କାରେ ଚାଷୀ କ୍ଷେତରେ ବେପାରୀଙ୍କୁ ବିକୁଛନ୍ତି। ହାଟକୁ ଆଣି ଗଦାକଲେ ମଧ୍ୟ ବିକ୍ରି ହେଉନାହିଁ। ହାଟରେ ୫ ଟଙ୍କା ମଧ୍ୟରେ ବ୍ୟବସାୟୀ ବିକ୍ରି କରୁଛନ୍ତି। ଏପରିକି ହାଟ ଶେଷ ବେଳକୁ ଟମାଟୋ ବିକ୍ରି ନ ହେବାରୁ ବ୍ୟବସାୟୀ ଛାଡ଼ି ଚାଲିଯାଉଥିବା ଦେଖାଯାଉଛି। ଅପରପକ୍ଷରେ ଜିଲାରେ ସଂରକ୍ଷଣ ବ୍ୟବସ୍ଥା ଓ ସରକାରୀ ମଣ୍ଡି ନାହିଁ। ଟମାଟୋ ଦର ଶସ୍ତା ହେବାରୁ ଚାଷକରି ଫସିଯାଇଥିବା ସ୍ଥାନୀୟ ଚାଷୀ ମତ ଦେଇଛନ୍ତି। ସେହିପରି ଟମାଟୋ ସସ୍ ପରି କ୍ଷୁଦ୍ରଶିଳ୍ପ ପାଇଁ ଆଶାୟୀ ଯୁବ ଶିଳ୍ପୋଦ୍ୟୋଗୀ ଋଣ ପାଇବାକୁ ସକ୍ଷମ ହେଉ ନ ଥିବା ମତ ମିଳିଛି।

ଡେରାବିଶ ବ୍ଲକ୍ ନହଙ୍ଗ ଗାଁର ଟମାଟୋ ଚାଷୀ ରତିକାନ୍ତ ସାହୁ କହିଛନ୍ତି, ଚଳିତବର୍ଷ ଟମାଟୋ ଚାଷ ଫସଲ ଭଲ ହୋଇଛି। ବିକ୍ରିକୁ ନେଇ ସମସ୍ତ ଚାଷୀ ଏବେ ଅଡୁଆରେ ପଡ଼ିଛନ୍ତି। ବଜାରରେ କେଜି ପ୍ରତି ୫ ଟଙ୍କା ବିକ୍ରି ହେଉଥିବା ବେଳେ ଗ୍ରାମ ବେପାରୀ କୁଇଣ୍ଟାଲ ପ୍ରତି ମାତ୍ର ୨୦୦ ଟଙ୍କା ଦେଉଛନ୍ତି। ଅଧିକ ପରିମାଣର ଅମଳକୁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀ ଅଭାବୀ ବିକ୍ରି ପାଇଁ ବାଧ ହେଉଛନ୍ତି। ଚଳିତ ଥର ଚାଷରୁ ପ୍ରାୟ ୧୦ ହଜାର ଟଙ୍କା କ୍ଷତି ହେବ ବୋଲି ସେ ଆକଳନ କରିଛନ୍ତି। ପଟ୍ଟାମୁଣ୍ଡାଇର ବୀରେନ କୁମାର ଦାସ କହିଛନ୍ତି, ଟମାଟୋ ଚାହିଦା ବଢ଼ୁଥିବାରୁ ଜିଲାରେ ପ୍ରାୟ ୩୦,୦୦୦ରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଚାଷୀ ଟମାଟୋ ଚାଷ


ଗୋପହାଟରେ ଗଦା ହୋଇଥିବା ଟମାଟୋ।

କରିଥିଲେ। ଏତେ ପରିମାଣରେ ଫସଲ ଉତ୍ପାଦନ ପରେ ଜିଲାରେ ଶୀତଳଭଣ୍ଡାର ନ ଥିବାରୁ ସଂରକ୍ଷିତ ରଖାଯାଇପାରୁନାହିଁ। ସେହିପରି ସରକାରୀ ମଣ୍ଡି ନ ଥିବାରୁ ଟମାଟୋ ଦର ବହୁତ କମ୍ ହେଉଛି। ଏହାର ନିରାକରଣ ହୋଇପାରିଲେ ରାଜ୍ୟ ସରକାରଙ୍କ ପନିପରିବା ଦରର ସଫଳ ମୁକାବିଲା ହୋଇପାରିବ। ଯୁବ ଶିଳ୍ପୋଦ୍ୟୋଗୀ ରତନଲାଲ ସାମଲ କହିଛନ୍ତି, ଜିଲାରେ ଟମାଟୋ ଓ ଆଳୁ ଉତ୍ପାଦନ ସମୟରେ ଅଭାବୀ ବିକ୍ରି ହେଉଛି। ଏହାକୁ ଲକ୍ଷ୍ୟକରି ଟମାଟୋ ସସ୍ ଓ ଆଳୁ ଚିପ୍ସ୍‌ର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ୨ବର୍ଷ ହେବ ବିଭିନ୍ନ ବ୍ୟାଙ୍କ ଓ ଜିଲା ଶିଳ୍ପ କେନ୍ଦ୍ର ସହ ଯୋଗାଯୋଗ ରଖାଯାଇଛି। ଜିଲା ଶିଳ୍ପକେନ୍ଦ୍ର ଓ ବ୍ୟାଙ୍କ ସମୂହର ସମନ୍ୱୟ ନ ଥିବାରୁ ଏହି କୃଷିଭିତ୍ତିକ ଶିଳ୍ପ ଅଦ୍ୟାବଧି ପ୍ରତିଷ୍ଠା ହୋଇପାରି ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କହିଛନ୍ତି, ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ତେବେ ଏଥିପାଇଁ ସରକାରୀ ସହଯୋଗ ମିଳୁନାହିଁ। ଅର୍ଥକରୀ ଫସଲଠାରୁ ଆରମ୍ଭକରି ପାରମ୍ପରିକ ଧାନ ଚାଷରେ ବହୁ ପରିବର୍ତ୍ତନ ଆସିଲାଣି। ତେବେ ଚାଷୀଙ୍କ ପାଇଁ ଉନ୍ନତମାନର ମଞ୍ଜି ସହ ତାଲିମର ବ୍ୟବସ୍ଥା ନାହିଁ। ଚାଷୀ ଏବେ ସରକାରୀ ସହଯୋଗ ବିନା ପାରମ୍ପରିକ ଭାବେ ଚାଷ କରୁଛି। ଉତ୍ପାଦିତ ଫସଲ ବାହାର ଜିଲା ବା ରାଜ୍ୟକୁ ଯାଇପାରୁନାହିଁ। ଶୀତଳଭଣ୍ଡାରର ନିର୍ମାଣ, ଫୁଡ୍ ପ୍ରୋସେସିଂ ୟୁନିଟ୍ ସ୍ଥାପନ ଓ ସରକାରୀ ମଣ୍ଡି ସହାୟତାରେ ଏହି ସମସ୍ୟାର ସମାଧାନ ହୋଇପାରିବ। ଏ ସମ୍ପର୍କରେ ଉପଜିଲାପାଳ ଅମର କୁମାର ନାୟକଙ୍କୁ ପଚାରିବାରେ ଗ୍ରାମୀଣ ଶୀତଳଭଣ୍ଡାର ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ଏଏସ୍‌ଜି ପରିଚାଳନାରେ ସଂରକ୍ଷଣାଗାରକୁ ପ୍ରୋତ୍ସାହିତ କରାଯାଉଛି। ଚାଷୀ ନିଜ ଘରେ ଶୀତଳଭଣ୍ଡାର ନିର୍ମାଣକଲେ ପ୍ରକଳ୍ପ ପାଇଁ ୫୦ ପ୍ରତିଶତ ରିହାତି ଅନୁଦାନ ମିଳିଯାଉଛି ବୋଲି ସେ କହିଛନ୍ତି।

# ଆନ୍ଦୋଳନ ପରେ ମୁଣ୍ଡ ନୁଆଁଇଲା ପ୍ରଶାସନ


ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଧାନ କ୍ରୟ କରାଯାଉଛି।

ରଘୁନାଥପୁର, ୧୦।୨
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର କୃଷି ସେବା ସମବାୟ ସମିତିରେ କଟନିଛଟନି ବିରୋଧରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବା ପରେ ଶେଷରେ ପ୍ରଶାସନ ମୁଣ୍ଡ ନୁଆଁଇବାକୁ ବାଧ ହୋଇଛି। ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ଓ ଆରଏମ୍‌ସି ଆକାଉଣ୍ଟାଣ୍ଟ ସନ୍ଦୀପ ପାତ୍ରଙ୍କ ଉପସ୍ଥିତିରେ ମିଲର ବିନା କଟ୍‌ନିଛଟ୍‌ନିରେ ଚାଷୀ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଟୋକନ ନଂ.୨୫୩୨୧୭୪ରେ ୧୧୦ ବସ୍ତା ଧାନ କିଣିଛି। ସୂଚନା ଅନୁଯାୟୀ, ଚାଷୀ ସ୍ୱାଇଁ ମିଳିଥିବା ଟୋକନ୍ ଅନୁସାରେ ଗତ ୨ ତାରିଖରେ ଧାନ ବିକ୍ରି ପାଇଁ ମଣ୍ଡିକୁ ଆସିଥିଲେ। ଧାନ ଖରାପ ଥିବା ଦର୍ଶାଇ ମିଲର ୫ କେଜି କାଟି ନେବାକୁ କହିବାରୁ ଚାଷୀ ସ୍ୱାଇଁ କେବଳ ୨ କେଜି କାଟ ଦେବାକୁ ରାଜି ହୋଇଥିଲେ। ମାତ୍ର ମିଲର ନିଜ ଜିଦରେ ଅଟଳ ରହି ସ୍ୱାଇଁଙ୍କ ଧାନ ଏଫ୍‌ଏକ୍ୟୁ ମାନରେ ଫେଲ ହୋଇଥିବା ଦର୍ଶାଇ ଧାନ କିଣି ନ ଥିଲେ। ଏହି ରିପୋର୍ଟକୁ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ

## ବିନା କଟ୍‌ନିଛଟ୍‌ନିରେ ଧାନ କିଣାଗଲା

ଦେଖି ଧାନ ଫେରାଇ ନେବାକୁ ସ୍ୱାଇଁଙ୍କୁ କହିଥିଲେ। ତେବେ ଚାଷୀ ସ୍ୱାଇଁ ମଣ୍ଡିରୁ ଧାନ ନ ଉଠାଇ କଟନିଛଟନି ସମ୍ପର୍କରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଅବଗତ କରିଥିଲେ। ଗତ ୭ ତାରିଖରେ କୃଷକ ସଙ୍ଗଠନର କର୍ମକର୍ତ୍ତା ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ସ୍ୱାଇଁ ନିଜ ଧାନକୁ ଟ୍ରାକ୍ଟରରେ ଲୋଡ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ଖେରସ ଛକଠାରେ ପୋଲିସ ଧାନ ବୋଝେଇ ଗାଡିକୁ ଅଟକାଇଥିଲା। ଜିଲାପାଳ ନିଜେ ଆସି ଧାନର ମାନ ଯାଞ୍ଚ କରନ୍ତୁ ବୋଲି କୃଷକ ସଙ୍ଗଠନ ଅଡି ବସିବାରୁ ସେଠାରେ ଏଡିଏମ୍, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ସହ ବିନା କାଟରେ ଚାଷୀ ସ୍ୱାଇଁଙ୍କ ଧାନ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇଥିଲା। ଶେଷରେ ଚାଷୀ ସ୍ୱାଇଁଙ୍କ ଧାନ ବିନା କଟନିଛଟନିରେ ସମିତି ପକ୍ଷରୁ କ୍ରୟ କରାଯାଇଛି।

# ଗର୍ଭପାତ ନ କଲେ ମାରିଦେବାକୁ ଧମକ

କେନ୍ଦ୍ରାପଡ଼ା, ୧୦।୨ (ଜଗନ୍ନାଥ ଧଳ)

- ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ପରେ ଗର୍ଭବତୀ
- ସମ୍ପର୍କ ସ୍ଥାପନ ପରେ ୧୦ଭରି ସୁନା ସହ ୧୮ ଲକ୍ଷ ନେଇଗଲେ ପ୍ରେମିକ
- ପ୍ରେମିକ ଫେରାର, ପୋଲିସ ଖୋଜୁଛି

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ ପ୍ରେମ ପରେ ଗର୍ଭବତୀ ଓ ପ୍ରତାରଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଗର୍ଭପାତ ନ କରାଇଲେ ଜୀବନରୁ ମାରିଦେବାକୁ ପ୍ରେମିକ ଧମକ ଦେଇଥିବା ନେଇ ରବିବାର ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ପୀଡ଼ିତାଙ୍କୁ କେନ୍ଦ୍ରାପଡ଼ା ସୁଧାର ଗୃହକୁ ପଠାଇ ଦିଆଯାଇଛି।

ପ୍ରେମିକାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ରାଜକନିକା ସଦର ଗଞ୍ଜା ଗାଁର ପ୍ରଭାସ ସେନାପତି (୩୦) କରୋନା ସମୟରେ ପୀଡ଼ିତାଙ୍କ ବାପାଙ୍କ ମୃତ୍ୟୁ ପରେ ଭାଇଙ୍କୁ ସାହାଯ୍ୟ କରିବା ଆଳରେ ଆମ ଘରକୁ ଯିବା ଆସିବା କରୁଥିଲେ। ଯିବାଆସିବାର କିଛିଦିନ ମଧ୍ୟରେ ଚାକିରି କରାଇଦେବାକୁ କହି ବିଭିନ୍ନ ସ୍ଥାନକୁ ନେଇ ସେଇ ଆଳରେ ଶାରୀରିକ ସମ୍ପର୍କ ରଖୁଥିଲେ। ବିବାହ କରିବାର ବାରମ୍ବାର ପ୍ରଲୋଭନ ଦେଖାଇ ମୋ ସହ ଏକାଧିକବାର ଶାରୀରିକ ସମ୍ପର୍କ ରଖିଛନ୍ତି। ମୋର ଅସଂଯତ ଅବସ୍ଥାର ଭିଡିଓ ଓ ଫଟୋ ମଧ୍ୟ ଉତ୍ତୋଳନ ପ୍ରଭାସ କରିଛନ୍ତି। ଏମିତିକି ଆମେ ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ଅନେକ ଦିନ ଅତିବାହିତ କରିଛୁ। ଏହାର ସୁଯୋଗ ନେଇ ଅସଂଯତ ସମୟର ଭିଡିଓ ଓ ଫଟୋ ଉଠାଇ ତାକୁ ମଧ୍ୟ ବ୍ଲୁ ବ୍ରୋକରଙ୍କୁ ବିକ୍ରି କରିଥିବା ପୀଡ଼ିତା ଦର୍ଶାଇଛନ୍ତି। ମୋତେ ଚାକିରି କରାଇଦେବା ଏବଂ ଭୁବନେଶ୍ୱରରେ ଏକ ଫ୍ଲାଟ୍ କିଣାଇଦେବା ଲୋଭ ଦେଖାଇ ମୋର ବିୟୁଟି ପାର୍ଲରରୁ ଆୟ ହୋଇଥିବା ୧୮ଲକ୍ଷ ଟଙ୍କା ଓ ମୋ ବାହାଘର ପାଇଁ ବାପା କରିଥିବା ୧୦ ଭରି ଓଜନର ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟ ନେଇଯାଇଥିବା ଅଭିଯୋଗ କରିଛନ୍ତି। ଚାକିରି, ଭୁବନେଶ୍ୱରରେ ଫ୍ଲାଟ୍ ନ ଦେବାରୁ ସନ୍ଦେହକରି ଖବର ନେଇ ଜାଣିବାକୁ ପାଇଲି, ସେ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ଅନେକ ଅଭିଯୋଗ ଅଛି। ସେ ମୋ ପରି ଅନେକ ଝିଅଙ୍କ ଜୀବନ ସହ ଖେଳି ନଷ୍ଟ କରିଛନ୍ତି। ତାଙ୍କ ନିଜସ୍ୱ ଆପରାଧିକ ସାମ୍ରାଜ୍ୟ ଅଛି। ସବୁ ପରେ ଏବେ ମୁଁ ୪ ମାସ ଗର୍ଭବତୀ କଥା କହିବାରୁ ୮ ତାରିଖ ଅପରାହ୍ନ ୪ଟାରେ ବିୟୁଟି ପାର୍ଲର ପାଖକୁ ଆସି ଶୀଘ୍ର ଗର୍ଭପାତ କର, ନଚେତ୍ ବାଡ଼େଇ ବାଡ଼େଇ ଜୀବନରୁ ମାରିଦେବାକୁ ପ୍ରଭାସ ଧମକ ଦେଇଥିଲେ। ଏପରି ଅବସ୍ଥାରେ ଲୋକଲଜ୍ଜାରୁ ବଞ୍ଚିବାକୁ ବିବାହ କଥା କହିବାରୁ ମୋ ପେଟକୁ ସେ ଏକ ନାତ ମାରିଥିଲେ। ଚିତ୍କାରକରି ତଳେ ପଡ଼ିଯିବା ପରେ ପାଖ ଦୋକାନୀ ଆସିଯିବାରୁ ସେ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ପୀଡ଼ିତା ଜଣକ ଜୀବନ ପ୍ରତି ବିପଦ ଥିବା ଅଭିଯୋଗରେ ଦର୍ଶାଇ ସୁରକ୍ଷା ଯୋଗାଇଦେବାକୁ ପୋଲିସକୁ ଅନୁରୋଧ କରିଛନ୍ତି। ଏତଲାକୁ ଆଧାରକରି ପୋଲିସ ଦଫା ୩୭୬(୧)(୨), ୪୨୦, ୪୧୭, ୨୯୪, ୩୨୩, ୫୦୬ ଆଇପିସିରେ ନଂ. ୬୭/୨୫ରେ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଆଇଆଇସି ସଞ୍ଜୟ କୁମାର ମଲ୍ଲିକଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଅଭିଯୋଗ ପ୍ରମାଣିତ ହେଲେ ଯୁବକଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ପଥରବନ୍ଧରୁ ଖସି ମତ୍ସ୍ୟଜୀବୀ ମୃତ

ପାରାଦୀପ, ୧୦।୨ (ଶରତ ରାଉତ):

ପାରାଦୀପ ମେରାଇନ ଥାନା ଅନ୍ତର୍ଗତ ମାଛଧରାବନ୍ଦର ପାଖ ପଥରବନ୍ଧରୁ ଖସି ସୋମବାର ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁଃଶାସନ ମୁଦୁଲି (୪୮)। ତାଙ୍କ ଘର ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ଗ୍ରାମରେ। ସେ ମାଛଧରାବନ୍ଦର ପରିସରରେ ଭିନ୍ନ ଭିନ୍ନ ବୋଟରେ ବଦଳିଆ ମତ୍ସ୍ୟଜୀବୀ ଭାବେ କାମ କରନ୍ତି। ସୋମବାର ଖରାବେଳେ ପଥରବନ୍ଧ ପାଖରେ ଥିବା ଏକ ପୁରୁଣା ପେଟି ଉପରେ ଶୋଇଥିଲେ। ଅସାବଧାନତା ବଶତଃ ତଳକୁ ଖସି ପଡିବାରୁ ତାଙ୍କ ମୁଣ୍ଡ ପଥରରେ ମାଡ଼ ହୋଇଯାଇଥିଲା। ଫଳରେ ସେ ଅଚେତ ହୋଇପଡ଼ିଥିଲେ। କିଛି ସମୟ ପରେ ତାଙ୍କୁ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଦୁଃଶାସନଙ୍କୁ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୨/୨୫)ରୁଜୁ କରିଛି। ଘର ଲୋକ ପହଞ୍ଚିବା ପରେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ସନ୍ଧ୍ୟା ୮ ଟା ବେଳେ ପୋଲିସ ସୂତ୍ରରୁ ଖବର ମିଳିଛି


କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦିଲୀପ


@ ଫିନୁ


@ ପିଣ୍ଟୁ ଜେନା


@ ପିଣ୍ଟୁ


@ ପ୍ରେମାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ନିମ୍ନମାନର କାର୍ଯ୍ୟ ଯୋଗୁ ମେଟାଲ ମୋରମ ଉଠିଲାଣି

- ବିଶ୍ୱନାଥପୁର ଛକରୁ ପଣ୍ଡିଆ ସାହି କେନାଲ ବନ୍ଧ ରାସ୍ତା
- ଠିକ୍ ଭାବେ ହେଉନି ରୋଲିଂ, ପାଣି ଅଭାବରୁ ଧୂଳି ଉଡ଼ି ଅଞ୍ଚଳ ପ୍ରଦୂଷିତ

ରଘୁନାଥପୁର, ୧୦।୨
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ୍ ବରାଗୋଳ ପଞ୍ଚାୟତ ବିଶ୍ୱନାଥପୁର ଛକରୁ ପଣ୍ଡିଆ ସାହି ୬ ନଂ. (ଇ) ଦେଢ଼ କି.ମି. କେନାଲ ବନ୍ଧ ରାସ୍ତା ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତାଟି ଜଗତ୍‌ସିଂହପୁର ଜିଲା ସଦର ମହକୁମାକୁ ସଂଯୋଗ କରୁଛି। ଦୈନନ୍ଦିନ ଏହି ରାସ୍ତା ଦେଇ ରୋଗୀଙ୍କଠାରୁ ଆରମ୍ଭକରି ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ସାଧାରଣ ଜନତା ଯାତାୟାତ କରିଥାନ୍ତି। ଜଳ ସମ୍ପଦ ବିଭାଗ ବାଲିଆ ସବ୍‌ଡିଭିଜନ ଅଧୀନରେ ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। ଯନ୍ତ୍ରୀ ଗୀତାଞ୍ଜଳି ସାମଲ ଏହାର ଦାୟିତ୍ୱରେ ରହିଛନ୍ତି। କାର୍ଯ୍ୟ କରୁଥିବା ଠିକାଦାର ଆବଶ୍ୟକ ମୁତାବକ ମେଟାଲ ଓ ମରମ ପକାଉ


ରାସ୍ତାରୁ ଉଠିଯାଇଥିବା ମୋରମ।

ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାଛଡା ଏହି ନୂତନ କାର୍ଯ୍ୟକୁ ଠିକ୍ ଭାବେ ରୋଲିଂ କରା ନ ଯିବା ଏବଂ ନିୟମିତ ଭାବେ ପାଣି ପଡୁ ନ ଥିବାରୁ ଧୂଳି ଉଡ଼ି ଅଞ୍ଚଳ ପ୍ରଦୂଷିତ ହେଉଛି। ଏହା ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ଗୀତାଞ୍ଜଳି ସାମଲଙ୍କୁ ପ ଚାରିବାରେ ନୂଆକରି ଆସିଥିବାବେଳେ ଯେଉଁଠି ଯାହା ସମସ୍ୟା ସୃଷ୍ଟି ହେଉଛି ତାହା ସମାଧାନ କରାଯାଉଛି ବୋଲି ସେ କହିଛନ୍ତି। ଏଥିପ୍ରତି ଜିଲାପାଳ ଓ ବିଭାଗୀୟ ସଚିବ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଧାର୍ଯ୍ୟ ଦରଠାରୁ ଅଧିକ ଦାମ୍‌ରେ ବିକ୍ରି ହେଉଛି ସାମଗ୍ରୀ

- ଦେଉନାହାନ୍ତି ପକ୍କା ବିଲ୍
- ଜିଏସ୍‌ଟି ଫାଙ୍କି ଚାଲିଛନ୍ତି

ପଟ୍ଟାମୁଣ୍ଡାଇ, ୧୦।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବଜାର ଅନେକ ଦୋକାନରେ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ସାମଗ୍ରୀ ବିକ୍ରି ହେଉଛି। ଏହା ପୁଣି କୌଣସି ଫେରି ଫୁଟ୍‌ପାଥ୍ ଦୋକାନରେ ନୁହେଁ ବରଂ ବଡ଼ବଡ଼ ପ୍ରତିଷ୍ଠିତ କପଡ଼ା, ମଲ୍, ଗ୍ରୋସେରି ଭଳି ଦୋକାନରେ ହେଉଥିବା ଦେଖିବାକୁ ମିଳିଛି। ଯଦି ଗ୍ରାହକମାନେ ଉପଯୁକ୍ତ ବିଲ୍ ମାଗନ୍ତି, ତେବେ ସେମାନେ କୌଣସି ବାହାନା ଦେଖାଇ କିମ୍ବା ସାମଗ୍ରୀ ଦାମ ବଢ଼ିଯିବା କହି ସେମାନଙ୍କୁ ଫେରାଇ ଦିଅନ୍ତି। ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବାକୁ ଡରି ଗ୍ରାହକ ମଧ୍ୟ ଉପଯୁକ୍ତ ବିଲ୍ ମାଗନ୍ତି ନାହିଁ। ଏପରି ଭାବେ ବ୍ୟବସାୟୀ ସରକାରୀ ରାଜସ୍ୱକୁ କ୍ଷତି ପହଞ୍ଚାଉଛନ୍ତି; ଯାହାକି ଆଇନଗତ ଅପରାଧ ହୋଇଥିବା ବେଳେ ସାଧାରଣ ଲୋକ କିଛି ବୁଝି ନ ପାରି ଠକାମିର ଶିକାର ହେଉଛନ୍ତି। ପ୍ରତିଷ୍ଠିତ ଦୋକାନମାନଙ୍କରେ ଏପରି ଠକିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ମତ ପ୍ରକାଶ ପାଇଛି।

ଉପେନ୍ଦ୍ର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ



ପୋଷାକ, ଶାଢ଼ି ଦୋକାନୀ କମ୍ପାନୀ ଲଗାଉଥିବା ବାର୍‌କୋଡ୍‌କୁ ହଟାଇ ନିଜ ହାତରେ ହଳଦିଆ ଷ୍ଟାମ୍ପ ଓ ବ୍ୟକ୍ତିଗତ ବାର୍‌କୋଡ୍ ଲଗାଇ ମନଇଚ୍ଛା ଦର ନିର୍ଦ୍ଧାରଣକରି ବିକ୍ରିକରି ଚାଲିଛନ୍ତି। ନା ସେଥିରେ କୌଣସି ଉତ୍ପାଦକ ଓ ମାର୍କେଟିଂ ସ୍ୱୀକୃତିପ୍ରାପ୍ତ ବାର୍‌କୋଡ୍ ରହୁଛି ନା ଟ୍ୟାକ୍ସ। ଯଦି କୌଣସି ଗ୍ରାହକ ପ୍ରତିବାଦ କରୁଛି ଏହାର ରେଟ୍ ଉପରୁ କରାଯାଉଛି ବୋଲି ଦୋକାନୀ କହୁଛନ୍ତି। ଅନ୍ୟପକ୍ଷରେ ଥରେ ଜିନିଷ କିଣି ନେଲା ପରେ ଆଉ ସେଗୁଡ଼ିକୁ ସେମାନେ ଫେରାଇ ବଦଳିବି କରୁନାହାନ୍ତି। ଏହା କରିବା ବେଆଇନ ହୋଇଥିବାବେଳେ ଦୋକାନୀମାନେ ଭ୍ରୁକ୍ଷେପ କରୁନାହାନ୍ତି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଯଦି କେହି ଏମ୍‌ଆର୍‌ପିଠାରୁ ଅଧିକ ମୂଲ୍ୟରେ ଜିନିଷ ବିକ୍ରି କରନ୍ତି, ତେବେ ଏ ବିଷୟରେ ଅଭିଯୋଗ କରିପାରିବେ। ଯେକୌଣସି ଗ୍ରାହକ ଅଦାଲତରେ ଦୋକାନୀଙ୍କ ବିରୋଧରେ ଅଭିଯୋଗ ଦାଖଲ କରିପାରିବେ। ଅନ୍‌ଲାଇନ ୱେବ୍‌ସାଇଟ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିବା ବ୍ୟତୀତ ଗ୍ରାହକମାନେ ଉପଭୋକ୍ତା ଫୋରମର ଟୋଲ୍ ଫ୍ରି ନଂ. ୧୮୦୦-୧୧-୪୦୦୦ କିମ୍ବା ୧୯୧୫ରେ କଲ୍‌କରି ମଧ୍ୟ ସେମାନଙ୍କ ଅଭିଯୋଗ ପଞ୍ଜୀକୃତ କରିପାରିବେ। ବୁଦ୍ଧିଜୀବୀ ଅନନ୍ତ ଦାଶ ପ୍ରତିଦିନ ପଟ୍ଟାମୁଣ୍ଡାଇର ଅନେକ ଲୋକ ଅତ୍ୟାବଶ୍ୟକ ଜିନିଷ କିଣିବାକୁ ବଜାରକୁ ଆସନ୍ତି। ଯେକୌଣସି ଜିନିଷ କିଣିବା ସମୟରେ ଲୋକମାନେ ପ୍ରଥମେ ଏହାର ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ଯାଞ୍ଚ କରନ୍ତି। ବଜାରରେ ଛୋଟ ଏବଂ ବଡ଼ ଜିନିଷ ପାଇଁ ଅନେକ ଦୋକାନ ଅଛି। ପଟ୍ଟାମୁଣ୍ଡାଇ ଅନେକ ଦୋକାନୀ ଗ୍ରାହକମାନଙ୍କୁ ସାମଗ୍ରୀର ଉପଯୁକ୍ତ ବିଲ୍ ଦିଅନ୍ତି ନାହିଁ। ସାମଗ୍ରୀ ଆଇନ ଏବଂ ଆୟକର ଉଲ୍ଲଂଘନ କରନ୍ତି। ଏହା ସତ୍ତ୍ୱେ, ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଭବାନୀ ପଣ୍ଡା କହିଛନ୍ତି, ବଜାରରେ ହାର୍ଡୱେର, ଷ୍ଟେଶନାରି, ଲୁହା, ସିମେଣ୍ଟ, ପୋଷାକ, ମିଠା ଇତ୍ୟାଦି ସାଧାରଣ ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକ ଚାଲିଛି। ଏହି ଦୋକାନଗୁଡ଼ିକରେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ ହେଉଛି। ଏହାପରେ ମଧ୍ୟ, କୌଣସି ଦୋକାନୀ ଗ୍ରାହକମାନଙ୍କୁ କିଣାଯାଇଥିବା ସାମଗ୍ରୀର ଉପଯୁକ୍ତ ବିଲ୍ ଦିଅନ୍ତି ନାହିଁ। ସେମାନେ କେବଳ ଏକ ଧଳା କାଗଜରେ ଗଣନା କରନ୍ତି ଏବଂ ଗ୍ରାହକଙ୍କୁ ଦିଅନ୍ତି। ଯଦି ଜଣେ ଗ୍ରାହକ ଉପଯୁକ୍ତ ବିଲ୍ ମାଗନ୍ତି, ତେବେ ତାଙ୍କୁ ଜିଏସ୍‌ଟି ନମ୍ବର ବିନା ବିଲ୍ ଦିଆଯାଏ ନାହିଁ ବୋଲି କୁହାଯାଏ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବାଣିଜ୍ୟିକ ଟିକସ ଅଧିକାରୀ ଅମରେନ୍ଦ୍ର ମହାଲିକଙ୍କୁ ପଚାରିବାରେ ଯେ ବ୍ୟବସାୟୀ ଗ୍ରାହକଙ୍କୁ ଉପଯୁକ୍ତ ବିଲ୍ ଦେଉ ନ ଥିବା ସମ୍ପର୍କରେ ଅଭିଯୋଗ ଆସିଛି। ଖୁବ୍‌ଶୀଘ୍ର ସମଗ୍ର ଅଞ୍ଚଳ ସର୍ଭେ କରାଯିବ। ଯେଉଁ ବ୍ୟବସାୟୀ ଉପଯୁକ୍ତ ବିଲ୍ ଦେଉନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସାମଗ୍ରୀ ଏବଂ ସେବା ଟିକସର ନିୟମ ଅନୁଯାୟୀ, ଯଦି ଜଣେ ଦୋକାନୀ ଗ୍ରାହକଙ୍କୁ ବିଲ୍ ଦିଅନ୍ତି ନାହିଁ ଏବଂ ସମୟ ମଧ୍ୟରେ ଆୟକର ରିଟର୍ନ ଫାଇଲ୍ କରନ୍ତି ନାହିଁ କିମ୍ବା ସାମଗ୍ରୀ ବିକ୍ରୟକୁ ଲୁଚାଇ ଟିକସ ଫାଙ୍କି ଦିଅନ୍ତି, ତେବେ ଏପରି ପରିସ୍ଥିତିରେ ଧରାପଡ଼ିଲେ ସେମାନଙ୍କ ଉପରେ ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ସେ କହିଛନ୍ତି।

# ଉତ୍ତ୍ୟକ୍ତ ଚାଷୀ ଘେରିଲେ ଜିଲାପାଳ କାର୍ଯ୍ୟାଳୟ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବ ନିର୍ମାଣ କୃଷକ ସଙ୍ଗଠନ ଓ ଚାଷୀମାନେ ପ୍ରତିବାଦ କରୁଛନ୍ତି।


ଉପଜିଲାପାଳ ପ୍ରତିବାଦ କରିଥିବା ଚାଷୀମାନଙ୍କୁ ବୁଝାଶୁଝା କରୁଛନ୍ତି।

- ମୁଣ୍ଡରେ ଝାମ୍ପି, ହାତରେ ଲାଠି, ଲଙ୍ଗଳ ଧରି ପ୍ରତିବାଦ
- ଜିଲାପାଳଙ୍କ ଜାଣତରେ ହେଉଛି କଟନୀ ଛଟନୀ
- ପାକ୍ସ ସମ୍ପାଦକ ଭୟଭୀତ କରାଇ କାଟୁଛନ୍ତି ଧାନ
- ମାନ ପରୀକ୍ଷଣ ଯନ୍ତ୍ର ନ ରଖି କିଣାଯାଉଛି ଧାନ
- ଚାଷୀଙ୍କ ପ୍ରଶ୍ନରେ ଘାଇଲା ଆରଏମ୍‌ସି ଆକାଉଣ୍ଟାଣ୍ଟ, ଏଆରସିଏସ୍

ନୟାଗଡ,୧୦।୨(ଲୋକନାଥ ମିଶ୍ର)

ଧାନ କଟନୀ ଛଟନୀରେ ଅତିଷ୍ଠ ହୋଇ ନୟାଗଡ଼ ଜିଲାର ଚାଷୀମାନେ ଉତ୍ତେଜିତ ହୋଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରି ଭିତରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଣ୍ଡରେ ଝାମ୍ପି, ହାତରେ ଠେଙ୍ଗା ଓ ଲଙ୍ଗଳ ଧରି ପ୍ରଶାସନର କାର୍ଯ୍ୟକୁ ନାପସନ୍ଦ କରି ଛି ଛି କହି ନାନା ପ୍ରକାରର ବିଦ୍ରୂପ ଓ ନାରାବାଜୀ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ କଟନୀ ଛଟନୀକୁ ଚାଲିବନି, ତୁରନ୍ତ ବନ୍ଦ କର ବୋଲି ହୋହାଲା ପାଟିତୁଣ୍ଡ କରିଥିଲେ। ଜିଲାପାଳ ଧାନ କାଟ୍ କରିବାକୁ ନିର୍ଦ୍ଦେଶ ଦେଇଥିବା ଦର୍ଶାଇ ପାକ୍ସରେ ପ୍ରଚାର କରୁଥିବା ପାକ୍ସ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଡ଼ି ବସିଥିଲେ। ପାକ୍ସରେ ଧାନ ପରୀକ୍ଷଣ ନ ଥାଇ କିପରି ଧାନକିଣା ଯାଉଛି ବୋଲି ପ୍ରଶ୍ନ ଉଠାଇଥିଲେ। ପୁଣି ସରକାରୀ ଅନୁଦାନ ନେଇ ପାକ୍ସ ଚାଷୀଙ୍କୁ ରେଷ୍ଟରୁମ୍, ପଲିଥିନ ଓ ପାଣି ସୁବିଧା ପରି ଆନୁଷଙ୍ଗିକ ସେବା କାହିଁକି ଯୋଗାଉ ନାହାନ୍ତି ବୋଲି ଅନୁରୂପ ଭାବେ ପ୍ରଶ୍ନ କରି ଉଦ୍‌ବେଗ ପ୍ରକାଶ କରିଥିଲେ। କଟନୀ ଛଟନୀ ବେଳେ ଯୋଗାଣ ବିଭାଗର ସ୍କ୍ୱାଡ୍ ଚଢ଼ାଉ କରୁ ନ ଥିବାରୁ ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ତହସିଲଦାର ସନ୍ଦେହ ଘେରକୁ ଆସୁଛନ୍ତି ବୋଲି ବାରମ୍ବାର ନରାବାଜି କରିଥିଲେ। ଏଭଳି ଅନେକ ପ୍ରଶ୍ନ ଉଠାଇ ଚାଷୀ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ପଲେଇ, ଏଆରସିଏସ୍ ପ୍ରାର୍ଥନା ପ୍ରିୟଦର୍ଶିନୀ ଓ ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ମହାନ୍ତିଙ୍କୁ ଘାଇଲା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ନୟାଗଡ ଟାଉନ ଥାନା ଆଇଆଇସିଙ୍କ ସହ ନୟାଗଡ ତହସିଲଦାର ଆସି ବୁଝାଶୁଝା କରିବା ପରେ ଚାଷୀ ଯୁକ୍ତି ବାଢ଼ିଥିଲେ କେବଳ ଜିଲାସ୍ତରୀୟ ଅଧିକାରୀ ହିଁ ଏହାର ସମାଧାନ କରିପାରିବେ। ଏଣୁ ତହସିଲଦାରଙ୍କ ସହ ଆଲୋଚନା ବନ୍ଦ କରି ପୁଣି ଧାରଣା ଓ ବିକ୍ଷୋଭରେ ସାମିଲ ହୋଇଥିଲେ।

ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ଆନ୍ଦୋଳନ ସ୍ଥଳେ ପହଞ୍ଚିବା ପରେ ଚାଷୀମାନେ ପୁଣି ଆଲୋଚନାକୁ ଆସିଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ପ୍ରସନ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ଜିଲା ପ୍ରଶାସନ ଉପରେ ବର୍ଷିଥିଲେ। ଶେଷଦେବ ପ୍ରଶାସନିକ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀଙ୍କ ସମ୍ମୁଖରେ ଯୁକ୍ତି ବାଢ଼ିଥିଲେ ଜିଲାସାରା ପାକ୍ସ ସମ୍ପାଦକମାନେ ପ୍ରଚାର କରୁଛନ୍ତି ନୟାଗଡ଼ ଜିଲାରେ ଧାନର ମାନ ଭଲ ନାହିଁ। ଧାନର ମାନ ଭଲ ନାହିଁ ବାହାନା କରି ବିନା ପରୀକ୍ଷଣରେ କଟନୀଛଟନୀ କରି ଧାନ କିଣୁଛନ୍ତି। କୁଇଣ୍ଟାଲ ପିଛା ଚାଷୀଙ୍କଠାରୁ ୭ରୁ ୧୧ କେଜି ଧାନ କଟା ଚାଲିଛି। କଟନୀଛଟନୀ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି ବୋଲି କହୁଛନ୍ତି । ଜିଲାରେ କଟନୀଛଟନୀ ଚାଲିଥିବାବେଳେ ଜିଲାପାଳ, ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଏଆରସିଏସ୍, ଡିଆରସିଏସ୍, ଆରଏମସି ସମ୍ପାଦକ, ତହସିଲଦାର ନିଜର ଡ୍ୟୁଟି କରୁ ନାହାନ୍ତି। ଧାନ କଓନୀଛଟନୀ ପାଇଁ ଜିଲାପାଳ କହିଛନ୍ତି କି ନାଁ ସେ ନେଇ ପଦକ୍ଷେପ ବି ନାହିଁ। ସେହିପରି ଯୋଗାଣ ବିଭାଗର ସ୍କ୍ୱାଡ୍ ବି ତଦନ୍ତ କରୁନି। ଯେଉଁ ଚାଷୀ କଟନୀଛଟନୀକୁ ପ୍ରତିବାଦ କରୁଛି ତାର ଧାନ ନୟାଗଡ଼ରେ ପରୀକ୍ଷଣ କରାଯିବ କହି ହଇରାଣ ହରକତ କରାଯାଉଛି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଚାଷୀ ଅଭିପ୍ସୁ ଜୀବନଯାପନ କରୁଛି ବୋଲି କହିଥିଲେ। ଅନ୍ୟପକ୍ଷେ ଜିଲା ସଭାପତି ରଣଜିତ ଦଳବେହେରା, ବାଇନାଥ ସାହୁ କହିଥିଲେ, ମାଳିସାହି ମଣ୍ଡିରେ ଅଖା ପିଛା ୨୫ ଟଙ୍କା ଆଦାୟ କରାଯାଉଛି। ମାଗଣାର ଅଖାକୁ ଚାଷୀ ଗୋଟାକୁ ୨୫ ଟଙ୍କା କିଣୁଛି। ପୁଣି ଧାନ ବିକ୍ରି ପରେ ଶ୍ରମିକକୁ କୁଇଣ୍ଟାଲ ପିଛା ୧୦ ଟଙ୍କା ଦେବାକୁ ପଡୁଛି। ପାକ୍ସ ସମ୍ପାଦକର ଜୁଲମ ବିରୋଧରେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ। ଜିଲାସାରା ଅବ୍ୟବସ୍ଥା ଲାଗି ରହିଛି। ଏଭଳି ବିଭିନ୍ନ ଚାଷୀ ଜିଲାର ବିଭିନ୍ନ ଧାନମଣ୍ଡିର ଅବ୍ୟବସ୍ଥା ସମ୍ପର୍କରେ ଉପଜିଲପାଳ, ଜିଲା ଯୋଗାଣ ଅଧିକାରୀ ପ୍ରମୁଖଙ୍କୁ ଅଭିଯୋଗ ବାଢ଼ିଥିଲେ। ଯୁବ ଛାତ୍ର ସଭାପତି ମନୱର ଅଲ୍ଲୀ କହିଛନ୍ତି, ନୟାଗଡରେ ମିଲର ରାଜ ଚାଲିଛି। ରାଜନେତା, ପ୍ରଶାସନିକ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ନୀରବ ରହି ସହଯୋଗ କରୁଛନ୍ତି। ଏହାରି ପଛରେ ଅର୍ଥ କାରବାର ଚାଲିଛି। କଟନୀଛଟନୀ ବନ୍ଦ ନ କଲେ ଆନ୍ଦୋଳନ ତୀବ୍ରତର ହେବ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଚଷୀ ଆନ୍ଦୋଳନର ଟ୍ରେଲର ଦେଖାଇଛୁ। ଆଗକୁ ପୁରା ଫିଲ୍ମ ଦେଖାଇବୁ ବୋଲି କହିଛନ୍ତି। ଅନୁରୂପ ଭାବେ ସଙ୍ଗଠକ ଅଜୟ ମହାନ୍ତି, ଭାଗବତ ପରିଡା, ସମର ନାୟକ, ଶିଶିର ଭଞ୍ଜ, ରବୀନ୍ଦ୍ର ବରାଳ, ଉଛବ ସ୍ୱାଇଁ ପରି ଚାଷୀନେତା ଅନୁରୂପ ଭାଷଣ ରଖିଥିଲେ ।

## ଅପପ୍ରଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଉପଜିଲାପାଳ କର୍ଣ୍ଣଦବ ସମାଦ୍ଦାରଙ୍କ ଚାଷୀଙ୍କୁ ଦେଇଥିବା ପ୍ରତଶ୍ରୁତି ଅନୁସାରେ ପ୍ରଶାସନର ଅଜାଣତରେ କଟନୀ ଛଟନୀ ପରି ଅବ୍ୟବସ୍ଥା ହେଉଛି। ଚାଷୀଙ୍କର ଅଭିଯୋଗ ଶୁଣିବା ପରେ ଏହା ଅନୁଭବ ହେଉଛି। ପ୍ରଶାସନ କଟନୀଛଟନୀ କରିବାକୁ କାହାକୁ କହିନି। ଏ ନେଇ କେବେ ବି ଜିଲାପାଳ କାହାକୁ କହିନାହାନ୍ତି। କଟନୀ ଛଟନୀ ଅଭିଯୋଗ ଆସିଲେ ତଦନ୍ତ କାରି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଧାନର ମାନ ପରୀକ୍ଷଣ ହେବ। ଯୋଗାଣ ବିଭାଗର ଟିମ୍ ଅଚାନକ ଚଢ଼ାଉ କରିବ। ଚାଷୀ ଯେପରି ଠିକ୍‌ରେ ଧାନ ମଣ୍ଡିରେ ବିକ୍ରି କରିବ ପ୍ରଶାସନ ସବୁ ପ୍ରକାରର ସହଯୋଗ କରିବ ବୋଲି ସେ କହିଥିଲେ। ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ୨ଟାରେ ପ୍ରତ୍ୟାହୃତ ହୋଇଥିଲା।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦିଲୀପ


@ ଫିନୁ


@ ପିଣ୍ଟୁ ଜେନା


@ ପିଣ୍ଟୁ


@ ପ୍ରେମାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଣି ପଡୁ ନ ଥିବାରୁ ରାସ୍ତାରେ ଧୂଳି ଉଡୁଛି

## ପୂର୍ତ୍ତ ବିଭାଗର ଠିକାଦାରି ପ୍ରୀତି


ନାଉଖାଲ ରାସ୍ତାର ପଣ୍ଡା କ୍ଲିନିକ୍‌ଠାରୁ ଲେଙ୍କୁଡିପଡ଼ା ରାସ୍ତାରେ ଧୂଳି ଉଡୁଛି।

ନୟାଗଡ଼,୧୦।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ନୟାଗଡ଼ ନାଉଖାଲ ରାସ୍ତାର ପଣ୍ଡା କ୍ଲିନିକ୍‌ଠାରୁ ଲେଙ୍କୁଡ଼ିପଡ଼ା ପର୍ଯ୍ୟନ୍ତ ରାସ୍ତାର ମରାମତି କରାଯାଇଛି। ହେଲେ ରାସ୍ତାରେ ଠିକାଦାର ପାଣି ପକାଉ ନ ଥିବାରୁ ଧୂଳି ଉଡୁଛି। ସେହିପରି ନୟାଗଡ଼ ସହରର ନୟାଗଡ଼ ନାଉଖାଲ ରାସ୍ତାର ନୟାଗଡ଼ କଲେଜଠାରୁ ପିଟିଏସ୍ ଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରେ ସଂଯୋଗ କରୁଛି ଭିଆଇପି ରାସ୍ତା। ଭିଆଇପି ରାସ୍ତାର ପ୍ରକୃତି ବିହାର ସମ୍ମୁଖସ୍ଥ ରାସ୍ତାଠାରୁ ସମର୍ପଣ ବୃଦ୍ଧାଶ୍ରମ ପର୍ଯ୍ୟନ୍ତ ରାସ୍ତାରେ ମଧ୍ୟ ଅନୁରୂପ ଭାବେ ଧୂଳି ଉଡୁଛି। ଠିକାଦାର ପାଣି ପକାଉ ନ ଥିବାରୁ ଧୂଳି ଉଡୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକାଦାରି ପ୍ରତି ପୂର୍ତ୍ତ ବିଭାଗର ପ୍ରୀତି ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ଅଞ୍ଚଳବାସୀ କହିଛନ୍ତି। ରାସ୍ତା କାମ ଶୀଘ୍ର ପିଚୁ କରିବା ଓ ରାସ୍ତାରେ ପାଣି ପକାଇବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏଣୁ ଯୁବକମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି।

# ଯୁଗ୍ମ ଜନଶୁଣାଣି ଶିବିରରେ ୮୫ ଅଭିଯୋଗ

ଦଶପଲ୍ଲା,୧୦।୨( ପ୍ରକାଶ କୁମାର ପାଣି)


ଶିବିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ସୋମବାର ଦଶପଲ୍ଲା ବ୍ଲକ୍ ପରିସରରେ ଥିବା ସଭାଗୃହରେ ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ରୋଜିନା ଦାଶ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ ଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାଶ, ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଏବିଡିଓ ସାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରକୁ ମୋଟ ୮୫ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୭୭ଟି ବ୍ୟକ୍ତିଗତ, ୫ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଉକ୍ତ ଶିବିରରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ବୃନ୍ଦ ମଧ୍ୟ ଯୋଗଦେଇଥିଲେ।


କାଳିକା ପ୍ରସାଦ- ମାନପୁର ମଧ୍ୟବର୍ତ୍ତୀ ଅଞ୍ଚଳ ରାସ୍ତାରୁ ପିଚୁ ଉଠିଯାଇଛି।

## ରାସ୍ତାରୁ ଉଠିଗଲା ପିଚୁ

ନୟାଗଡ଼,୧୦।୨(ଲୋକନାଥ ମିଶ୍ର)

ନୟାଗଡ଼ କେଶରପୁର ରାସ୍ତାର କାଳିକାପ୍ରସାଦ-ମାନପୁର ମଧ୍ୟବର୍ତ୍ତୀ ଅଞ୍ଚଳରେ ପିଚୁ ଉଠିଗଲାଣି। ପିଚୁର ଗୋଟିଏ ଆବରଣ ପଡ଼ିଥିବାବେଳେ ରାସ୍ତା ସାରା କେବଳ ଗୋଡ଼ି ଗଦା ହୋଇପଡ଼ିଛି। ପ୍ରାୟ ୨ମାସ ହେଲା ଏଭଳି ଅବସ୍ଥାରେ ରାସ୍ତା ପଡ଼ି ରହିଥିଲେ ମଧ୍ୟ ଏହାକୁ ସଫେଇକରି ଆଉ ଗୋଟିଏ ଆବରଣ ପକାଯାଉନାହିଁ। ଏଣୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ୨ମାସ ହେଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ଧାରଣା

ନୟାଗଡ଼,୧୦।୨(ଲୋକନାଥ ମିଶ୍ର)

### ଅହୋରାତ୍ର ଅନଶନ, ଧାରଣା

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା ଜାରି ରହିଛି। ତାଙ୍କ ଦାବିକୁ ଅଣଦେଖା କରାଯିବା ପରେ ସୋମବାରଠାରୁ ଅହୋରାତ୍ର ଧାରଣା ଆରମ୍ଭ ହୋଇଛି। ଅବସରପ୍ରାପ୍ତ କର୍ମଚାରରୀମାନେ ଷଷ୍ଠ ଓ ସପ୍ତମ ବେତନ କମିଶନ ଆଧାରରେ ଦରମା ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି। ତାଙ୍କ ଆନ୍ଦୋଳନକୁ ଶ୍ରମ ଅଦାଲତ ଓ ଉଚ୍ଚ ନ୍ୟାୟାଳୟ ଗ୍ରହଣ କରି ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇତି ମଧ୍ୟରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସମ୍ପାଦକ କୌଣସି ପଦକ୍ଷେପ ନେଉ ନାହାନ୍ତି। ବରିଷ୍ଠ ନାଗରିକମାନେ ଖରାରେ ମଧ୍ୟ ଆନ୍ଦୋଳନ ଜାରି ରଖିଥିଲେ। ସୋମବାରଠାରୁ ଅହୋରାତ୍ର ଧାରଣା ଆରମ୍ଭ ହୋଇଛି। ପୁଣି ଦାବି ପୂରଣ ନ ହେଲେ ୧୭ରୁ ଆତ୍ମାହୁତି ପାଇଁ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନେଇଛନ୍ତି।

# ଜିଲାସ୍ତରୀୟ ପଠାଣି ସାମନ୍ତ କପ୍ ଫୁଟବଲ ଟୁର୍ନାମେଣ୍ଟ: ନୟାଗଡ଼ ବିଜୟୀ

ଖଣ୍ଡପଡ଼ା,୧୦।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମଧୁବନ ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ପଠାଣି ସାମନ୍ତ କପ ଫୁଟବଲ ଟୁର୍ନାମେଣ୍ଟ ସୋମବାର ୨ୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୨ୟ ଦିବସରେ ନୟାଗଡ଼ କ୍ରୀଡା ଛାତ୍ରାବାସ ଫୁଟବଲ କ୍ଲବ ବାଇଗୁଣିଆ ଫୁଟ୍‌ବଲ କ୍ଲବ ୨-୦ ଗୋଲରେ ହରାଇ ବିଜୟୀ ହୋଇଛି। ବିଜୟୀ ଦଳର ଅନୀଲ ବାରିକ ଓ ବାପି ଗୋଟିଏ ଗୋଟିଏ ଗୋଲ ସ୍କୋର କରିଥିଲେ। ଖେଳରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଭୋଳାନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ସୁଧାଂଶୁ ମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରୀ ଭାବେ ସୂର୍ଯ୍ୟକାନ୍ତ ଦଳବେହେରା ଲାଇନରେ ସମୀର ଖୁଣ୍ଟିଆ, ସତ୍ୟନାରାୟଣ ମହାନ୍ତି ଓ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମହେନ୍ଦ୍ର କୁମାର ବାରିକ ଓ ସଭାପତି ସୁକାନ୍ତ କୁମାର ମହାରଣା, ସୁଶାନ୍ତ କୁମାର ପାଢୀ, ରାଜେଶ ପଣ୍ଡା, ସଭ୍ୟ ପରମେଶ୍ୱର ମହାନ୍ତି, ଅନୁପ ଶତପଥୀ, ଆଶୁତୋଷ ମହାପାତ୍ର ଓ ବିଦ୍ୟାଧର ପ୍ରଧାନ ପରିଚାଳନା କରିଥିଲେ। ମଙ୍ଗଳବାର ବୋଲଗଡ ସହ ପ୍ରକାଶ ୧୧ ନୟାଗଡ଼ ଫୁଟବଲ କ୍ଲବର ମୁକାବିଲା ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ନାମଫଳକ କି ଜଗନ୍ନାଥ ବନ ପ୍ରକଳ୍ପରେ ଗଛ ନାହିଁ

ନୟାଗଡ଼,୧୦।୨(ଲୋକନାଥ ମିଶ୍ର)

## ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ଫେରାଦ

ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଦଶପଲ୍ଲା ଜଗନ୍ନାଥ ବନ ପ୍ରକଳ୍ପ ନେଇ ଅଭିଯୋଗ ହୋଇଛି। ସରକାର କୋଟି କୋଟି ଟଙ୍କା ବ୍ୟୟ କରି ଜଗନ୍ନାଥ ବନ ପ୍ରକଳ୍ପ କରିଥିଲେ ମଧ୍ୟ ପ୍ରକଳ୍ପର ନାଁ ଗନ୍ଧ ଦେଖିବାକୁ ମିଳୁନି ବୋଲି ଦଶପଲ୍ଲାର କୁଞ୍ଜବିହାରୀ ପାତ୍ର ଅଭିଯୋଗ କରିଛନ୍ତି।

କୁଞ୍ଜଙ୍କ ଅଭିଯୋଗ ଅନୁସାରେ, ଜଗନ୍ନାଥ ବନ ପ୍ରକଳ୍ପ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ଫାଲପାଜୁଠାରେ ୨୦୦୧ରେ ହୋଇଥିଲା। ଏଠାରେ ୧୫ ହେକ୍ଟର ଗଛ ଲାଗିଥିବାବେଳେ ଜାମୁସାହି ସଂରକ୍ଷିତ ଜଙ୍ଗଲରେ ୨୦୦୦ମସିହାରେ ୩୫ ହେକ୍ଟର, ଦଶପଲ୍ଲା ସହରର ପଥରପୁଞ୍ଜା ସଂରକ୍ଷିତ ଜଙ୍ଗଲରେ ୨୦୦୩ରେ ୧୦ ହେକ୍ଟର ଗଛ ଲାଗିଛି। ସେହିପରି ଭୋଂଗବାଡ଼ି ସଂରକ୍ଷିତ ଜଙ୍ଗଲରେ ୨୦୦୩ରେ ୧୬ ହେକ୍ଟରରେ ଜଗନ୍ନାଥ ପ୍ରକଳ୍ପ କରାଯାଇଥିବା ସରକାରୀ ରେକର୍ଡ କହୁଛି। କିନ୍ତୁ ବାସ୍ତବରେ ଉପରୋକ୍ତ ଜଙ୍ଗଲରେ ଗଛ ଥିବା ଦେଖିବାକୁ ମିଳୁନି। ପଥରପୁଞ୍ଜା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଫାସି, ଅର୍ଜୁନ, ଲିମ୍ବ, ଶିମିଳି ପରି ଗଛ ଆମ ଆଖପାଖ ଅଞ୍ଚଳରେ ନାହିଁ। ଜଗନ୍ନାଥ ବନ ପ୍ରକଳ୍ପ ଆମ ଗାଁରେ ଆଦୌ କରାଯାଇନାହିଁ। ଜଗନ୍ନାଥ ବନ ପ୍ରକଳ୍ପରେ ଗୋଟିଏ ହେକ୍ଟରକୁ ୧୬୦୦ ଗଛ ଲାଗିଥିବା କୁହାଯାଉଛି। ଗଛ ଲଗାଇବା ପାଇଁ ଶ୍ରମିକ ପିଛା ୩୧୧ ଟଙ୍କା ଖର୍ଚ୍ଚ କରାଯାଇଛି। ଗଛ ଲଗାଯାଇଥିବାର ରିପୋର୍ଟ କହୁଛି। ତେବେ ଗ୍ରାଉଣ୍ଡ ଜିରୋ ରିପୋର୍ଟ କହୁଛି ଗଛ ନାହିଁ। ସେହିଭଳି ୨୦୨୨-୨୩ଆର୍ଥିକବର୍ଷଠାରୁ୨୦୨୪-୨୫ ମଧ୍ୟରେ ଏମ୍‌ଜିଏନଆର୍‌ଜିଏସ୍‌ରେ ଜଗନ୍ନାଥ ବନ ପ୍ରକଳ୍ପରେ ଗଛ ଲାଗିଛି। ହେଲେ ଗଛ କୁଆଡ଼େ ଗଲା ବୋଲି ପ୍ରଶ୍ନ କରାଯାଇଛି। ଅଭିଯୋଗ ପରେ ନୟାଗଡ଼ ଅତିରିକ୍ତ ଜିଲାପାଳ ରେଞ୍ଜରଙ୍କୁ ଡାକି ଘଟଣା ସମ୍ପର୍କରେ ପଚାରିଥିବା ଦେଖିବାକୁ ମିଳିଥିଲା।


ଜଗନ୍ନାଥ ବନ ପ୍ରକଳ୍ପ ନ ହୋଇଥିବାରୁ ଅଞ୍ଚଳବାସୀ ଧାରଣା ଦେଉଛନ୍ତି।

# ୪ଜଣଙ୍କୁ ଗିରଫ କଲା ସିବିଆଇ

## ତିରୁପତି ଲଡୁରେ ପଶୁ ଚର୍ବି ମିଶ୍ରିତ ଘିଅ ବ୍ୟବହାର ମାମଲା

ତିରୁପତି,୧୦।୨

ଆନ୍ଧ୍ରପ୍ରଦେଶ ତିରୁମାଲା ତିରୁପତି ଦେବସ୍ଥାନମ୍(ଟିଟିଡି)ରେ ପ୍ରସ୍ତୁତ ଲଡୁରେ ବ୍ୟବହାର ହେଉଥିବା ଘିଅରେ ଅପମିଶ୍ରଣ କରାଯାଉଥିବା ଘଟଣାରେ ସିବିଆଇ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ରୁର୍କିସ୍ଥିତ ଭୋଲେବାବା ଡାଏରୀ ଫାର୍ମର ପୂର୍ବତନ ନିର୍ଦ୍ଦେଶକ ପୋମିଲ ଜୈନ ଓ ବିପିନ ଜୈନ, ପୁନମ୍ବକମ୍‌ର ବୈଷ୍ଣବୀ ଡାଏରୀର ସିଇଓ ଅପୂର୍ବ ବିନୟକାନ୍ତ ଚାୱଡା ଏବଂ ତାମିଲ୍‌ନାଡୁ ଦୁଣ୍ଡିଗାଲ୍‌ର ଏଆର୍ ଡାଏରୀ ପରିଚାଳନା ନିର୍ଦ୍ଦେଶକ ରାଜୁ ରାଜଶେଖରନ୍। ଲଡୁ ପାଇଁ ବ୍ୟବହୃତ ଘିଅରେ ପଶୁ ଚର୍ବି ମିଶ୍ରଣ ହେଉଥିବା ନମୁନାରୁ ଜଣାପଡ଼ିବା ପରେ ସିବିଆଇ ଘଟଣାର ତଦନ୍ତ କରି ୪ଜଣଙ୍କୁ ଗିରଫ କରିଛି।

ମିଳିଥିବା ସୂଚନାନୁସାରେ, ତିରୁପତି ଲଡୁରେ ଅପମିଶ୍ରଣ ଅଭିଯୋଗ ହେବା ପରେ ଏହାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଆଧାରରେ ସିବିଆଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଥିଲା। ଉକ୍ତ ଟିମ୍‌ରେ ୨ଜଣ ସିବିଆଇ ଅଧିକାରୀ, ଆନ୍ଧ୍ରପ୍ରଦେଶ ସରକାରଙ୍କ ୨ଜଣ ଅଧିକାରୀ, ଭାରତ ସରକାରଙ୍କ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ(ଏଫ୍ଏସ୍ଏସ୍ଏଆଇ)ର ଜଣେ ପ୍ରତିନିଧି ରହିଛନ୍ତି। ଏସ୍ଆଇଟି ତଦନ୍ତ ସମୟରେ ଜାଣିବାକୁ ପାଇଥିଲା ଯେ, ଏଆର୍ ଡାଏରୀ ନାମରେ ବୈଷ୍ଣବୀ ଡାଏରୀ ଫାର୍ମ ଜାଲ୍ କାଗଜପତ୍ର, ସିଲ୍ ପ୍ରସ୍ତୁତ କରି ଟେଣ୍ଡର ହାସଲ କରିଥିଲା। ଏପରି କି ଜାଲ୍ ତଥ୍ୟ ପ୍ରସ୍ତୁତ କରି ବୈଷ୍ଣବୀ ଡାଏରୀ ଯୋଗାଉଥିବା ଘିଅ ରୁର୍କିସ୍ଥିତ ଭୋଲେବାବା ଡାଏରୀରେ ତିଆରି ହେଉଥିବା ନେଇ ମିଥ୍ୟା ତଥ୍ୟ ପ୍ରଦାନ କରିଥିଲା। ହେଲେ ଭୋଲେବାବା ଡାଏରୀରେ ଆବଶ୍ୟକ ପରିମାଣର ଘିଅ ଯୋଗାଇବା ପାଇଁ ବ୍ୟବସ୍ଥା ନ ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କୁ ତିରୁପତିଠାରେ ୩ଦିନ ଜେରା କରିବା ସମୟରେ ସେମାନଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଏବଂ କାଗଜାଦିରେ କୌଣସି ତାଳମେଳ ରହୁ ନ ଥିବା ଜଣାପଡ଼ିଥିଲା। ଏସ୍ଆଇଟି ତିରୁମାଲା, ତିରୁପତି ଏବଂ ତାମିଲନାଡୁରେ ଥିବା ଏଆର୍ ଡାଏରୀ ଫାର୍ମରେ ତଦନ୍ତ କରିଥିଲା। ତିରୁପତି ମନ୍ଦିରରେ ଲଡୁ ପ୍ରସ୍ତୁତ ପାଇଁ ଦୈନିକ ପ୍ରାୟ ୧୫ହଜାର କିଲୋ ଘିଅ ଟିଟିଡି ଆବଶ୍ୟକ କରିଥାଏ। ଏଆର୍ ଡାଏରୀ ଏହି ଘିଅକୁ କିଲୋ ପ୍ରତି ୩୨୦ଟଙ୍କାରେ ଯୋଗାଇଦେବାକୁ ଟେଣ୍ଡର ହାସଲ କରିଥିଲା। ଗତ ଜୁଲାଇ ୮ରେ ୮ଟି ଟ୍ୟାଙ୍କରରେ ଘିଅ ଟିଟିଡିକୁ ପ୍ରଦାନ କରାଯାଇଥିଲା। ସେଥିରୁ ୪ଟି ଟ୍ୟାଙ୍କରରୁ ଘିଅ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଥିଲା। ନ୍ୟାଶନାଲ ଡାଏରୀ ଡେଭ୍‌ଲପ୍‌ମେଣ୍ଟ ବୋର୍ଡ(ଏନ୍‌ଡିଡିବି) ଉକ୍ତ ନମୁନାର ପରୀକ୍ଷା କରିବା ପରେ ଘିଅ ଭେଜାଲ୍ ଥିବା ନେଇ ଜୁଲାଇ ୧୭ରେ ରିପୋର୍ଟ ପ୍ରଦାନ କରିଥିଲା। ଏହା ଜଣାପଡ଼ିବା ପରେ ରାଜନୈତିକ ବିବାଦ ସୃଷ୍ଟି ହୋଇଥିଲା। ଏଭଳି ଅନିୟମିତତା ଏବଂ ପଶୁ ଚର୍ବିରେ ପ୍ରସ୍ତୁତ ଘିଅରେ ଲଡୁ ତିଆରିକରାଯାଉଥିବାରୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ପୂର୍ବତନ ୱାଏସ୍ଆର୍ କଂଗ୍ରେସ ପାର୍ଟି ସରକାରଙ୍କ ଉପରେ ଦୋଷ ଲଦିଥିଲେ। ଏପରି କି ଏନ୍‌ଡିଏ ବିଧାୟକ ଦଳ ବୈଠକରେ ଚନ୍ଦ୍ରାବାବୁ ତିରୁପତି ମନ୍ଦିରରେ ପ୍ରସାଦ ଅପମିଶ୍ରଣ ପ୍ରସଙ୍ଗ ଉଠାଇ ୱାଇଏସ୍ଆର୍ ସିପି ପ୍ରଶାସନକୁ ଦାୟୀ କରିଥିଲେ। ପରେ ଏହି ଘଟଣାକୁ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ସୁପ୍ରିମକୋର୍ଟ ନେଇ ଏହାର ସିବିଆଇ ତଦନ୍ତ ପାଇଁ ଆବେଦନ କରିଥିଲେ। ଗତ ଅକ୍ଟୋବର ୪ତାରିଖରେ ସୁପ୍ରିମକୋର୍ଟ ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ସହ ସିବିଆଇ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ କହିଥିଲେ।



ଗିରଫ ୪ ଅଭିଯୁକ୍ତ।



ତିରୁପତି ଲଡୁ।

# ଟ୍ରେନ୍ ବଗିରୁ ମୃତଦେହ ଜବତ

ସମ୍ବଲପୁର,୧୦।୨(ପ୍ରମୋଦ ବହିଦାର)

କ୍ଷେତରାଜପୁର ରେଲଷ୍ଟେଶନରେ ଛିଡାହୋଇଥିବା ନାନ୍ଦେଡ-ସମ୍ବଲପୁର ନାଗାବଳି ସୁପରଫାଷ୍ଟ ଏକ୍ସପ୍ରେସ୍‌ର ଜେନେରାଲ ବଗି ଶୌଚାଳୟରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ରେଲୱେ ପୋଲିସ ଜବତ କରିଛି। ରବିବାର ରାତିରେ ଏଠାରେ ପହଞ୍ଚି ୱାସିଂ ଲାଇନରେ ଛିଡା ହୋଇଥିବା ଏହି ଟ୍ରେନ୍ ସକାଳେ ନାନ୍ଦେଡ ଅଭିମୁଖେ ବାହାରିବାକୁ ଥିଲା। ଏଥିପୂର୍ବରୁ ସଫେଇ ବେଳେ ଜଣେ ସଫେଇ କର୍ମଚାରୀ ଜେନେରାଲ ବଗି ଶୌଚାଳୟରେ ଏକ ମୃତଦେହ ପଡିରହିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ରେଲୱେ ପୋଲିସ ମୃତଦେହ ଜବତ କରିଥିଲା। ମୃତକଙ୍କ ଶରୀରର କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିବା ଦେଖାଯାଇଥିଲା। ସେଠାରୁ କୌଣସି ସାମଗ୍ରୀ ମଧ୍ୟ ମିଳି ନ ଥିଲା। ମୃତକଙ୍କ ପ୍ୟାକେଟରୁ ମିଳିଥିବା ଏକ କାଗଜରେ ଲେଖାଯାଇଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରିବାରେ ତାଙ୍କ ପରିଚୟ ମିଳିଥିଲା। ମୃତକ ସମ୍ବଲପୁର ଜିଲା ଜମନକିରା ଥାନା ଅନ୍ତର୍ଗତ ବଡ୍ରମା ଗ୍ରାମର ପ୍ରସାଦୀ ବାଗ(୩୮) ଏବଂ ସେ ସିକନ୍ଦରାବାଦରେ କୌଣସି କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡିଥିଲା। ଶନିବାର ରାତିରେ ସେ ନାନ୍ଦେଡ-ସମ୍ବଲପୁର ନାଗାବଳି ସୁପରଫାଷ୍ଟ ଏକ୍ସପ୍ରେସରେ ସମ୍ବଲପୁର ଫେରୁଥିବା ତାଙ୍କ ପରିବାର ଲୋକେ କହିଥିଲେ। ରେଲୱେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ଅପରାହ୍ନ ୨ଟାରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ଓ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସମ୍ବଲପୁର ରେ୍‌ଲୱେ ଥାନା ଆଇଆଇସି ସୌଦାମିନୀ ନାଗ କହିଛନ୍ତି।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

ଦିଗପହଣ୍ଡି,୧୦।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ଥାନା ପୋଡ଼ାମାରି ଗ୍ରାମର ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ସେ ହେଲେ ରଜିତ ଗୌଡ଼ ଓରଫ ଚେରୁ (୨୫)। ସାନଖେମୁଣ୍ଡି ବ୍ଲକ ପଟିଗୁଡ଼ା ପଞ୍ଚାୟତ ଡୋଳବ ଗାଁ ନିକଟ ରାସ୍ତାକଡ଼ ଚାଷଜମିରୁ ସୋମବାର ସକାଳେ ପୋଲିସ ତାଙ୍କ ମୃତଦେହ ଜବତ କରିଛି। ମୃତଦେହଠାରୁ ପ୍ରାୟ ୧୦ ଫୁଟ ଦୂର ରାସ୍ତାରେ ପଡ଼ିଥିବା ତାଙ୍କ ବାଇକକୁ ମଧ୍ୟ ଜବତ କରାଯାଇଛି। ପୋଲିସ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି।

ରଜିତ ସୁରଟରେ କାମ କରୁଥିଲେ। ରବିବାର ସେ ଗାଁକୁ ଆସିଥିଲେ। ଡୋଳବ ଗ୍ରାମରେ ରହୁଥିବା ମଉସା ନରହରି ଗୌଡ଼ ତାଙ୍କ ଘରକୁ ଆସିଥିଲେ। ସନ୍ଧ୍ୟାରେ ମଉସାଙ୍କ ସହ ରଜିତ ବାଇକ୍‌ରେ ଡୋଳବ ଗ୍ରାମକୁ ଯାଇଥିଲେ। ସେଠାରେ ରାତ୍ରି ଭୋଜନ କରୁଥିବା ବେଳେ ଜଣେ ସାଙ୍ଗ ଫୋନ କରି ଧରମପୁର ଗାଁରେ ଚାଲିଥିବା ନାଚ ଦେଖିବାକୁ ଡାକିଥିଲେ। ମଉସା ମନା କରିବା ସତ୍ତ୍ୱେ ରାତି ପ୍ରାୟ ୧୦ଟାରେ ରଜିତ ବାଇକ୍ ନେଇ ଧରମପୁର ଅଭିମୁଖେ ଯାଇଥିଲେ। ସୋମବାର ଭୋରରେ ପ୍ରବଳ କୁହୁଡି ହୋଇଥିଲା। ଗ୍ରାମର କେତେଜଣ ପ୍ରଥମେ ରାସ୍ତାରେ ବାଇକ୍ ପଡିଥିବା ଦେଖି କୁହୁଡି ଯୋଗୁ ଦୁର୍ଘଟଣା ଘଟିଥିବା ଅନୁମାନ କରିଥିଲେ। ପରେ ଜମିରେ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭାଇଙ୍କୁ ହତ୍ୟା କରାଯାଇଥିବା ରଜିତଙ୍କ ସାନଭାଇ ଦୀପକ ଗୌଡ଼ ଥାନାରେ ଏତଲା ଦେବାପରେ ପୋଲିସ ନଂ.୮୮/୨୫ରେ ହତ୍ୟା ମାମଲା ରୁଜୁ କରିଛି। ରଜିତଙ୍କ ମୃତ୍ୟୁର କାରଣ ସଡ଼କ ଦୁର୍ଘଟଣା ନା ହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।



ରଜିତ ଗୌଡ଼।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ସ୍ୱାମୀ, ଶାଶୁ, ଶ୍ୱଶୁର ଅଟକ

## ଯୌତୁକଜନିତ ହତ୍ୟା ଅଭିଯୋଗ ଆଣିଲେ ପରିବାର

ଗୁଣପୁର,୧୦।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ଗଣେଶ ନଗରଠାରେ ରହୁଥିବା ଜଣେ ନବବଧୂଙ୍କ ରବିବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ରଶ୍ମିରଞ୍ଜନୀ ବଡ଼କୁମାର। ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ବାପା କୁଞ୍ଜବିହାରୀ ବଡ଼କୁମାର ସୋମବାର ଗୁଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ରାୟଗଡ଼ା ଅତିରିକ୍ତ ଏସ୍‌ପି ସ୍ୱସ୍ତିକ ପଣ୍ଡା ସୂଚନା ଦେଇଛନ୍ତି।

ମୃତକଙ୍କ ବାପା କୁଞ୍ଜଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ଜୁଲାଇ ମାସରେ ଝିଅ ରଶ୍ମିରଞ୍ଜନୀଙ୍କ ରାୟଗଡା ଚନ୍ଦ୍ରପୁର ଗ୍ରାମର ଦେବାଶିଷ ମାଝୀଙ୍କ ସହ ବିବାହ ହୋଇଥିଲା। ରଶ୍ମିରଞ୍ଜନୀ ଜଣେ ପୋଷ୍ଟାଲ କର୍ମଚାରୀ ଥିବା ବେଳେ ଦେବାଶିଷ ପୋଲିସ କନଷ୍ଟେବଲ୍ ଚାକିରି କରିଛନ୍ତି। ଝିଅକୁ ବିବାହଦେବା ପରଠୁ ଶ୍ୱଶୁରଘର ଲୋକେ ଯୌତୁକଜନିତ ନିର୍ଯାତନା ଦେଉଥିଲେ। ଝିଅ ଅସୁସ୍ଥ ଥିବା କହି ସ୍ୱାଇଁଙ୍କ ପରିବାର ଲୋକେ ତାଙ୍କୁ ରବିବାର ବିଳମ୍ବିତ ରାତିରେ ଡାକିଥିଲେ। ତେବେ ସେମାନେ ଆସି ପହଞ୍ଚିବା ପରେ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଝିଅକୁ ଯୌତୁକଜନିତ ହତ୍ୟା କରାଯାଇଥିବା କୁଞ୍ଜ ଗୁଣପୁର ଥାନାରେ ଅଭିଯୋଗ କରିଛନ୍ତି।

# ଝାଡ଼ଖଣ୍ଡରୁ ଆନ୍ତଃରାଜ୍ୟ ସାଇବର ଠକ ଗିରଫ

## ୧୦ ଚେକ୍ ବୁକ୍ ସହ ନଗଦ ୨ ଲକ୍ଷ ଟଙ୍କା ଜବତ

କୋରାପୁଟ,୧୦।୨(ଅମିତାଭ ବେହେରା)

କୋରାପୁଟ ରେଲୱେର ଜଣେ ଅଧିକାରୀ ସାଇବର ଠକେଇର ଶିକାର ହୋଇଛନ୍ତି। ଟେଲିଗ୍ରାମ୍ ଆପ୍ ଜରିଆରେ ଆପ୍ଲେ ଭେକେସନ କମ୍ପାନୀରେ ପାର୍ଟଟାଇମ ଜବ୍ କଲେ ଆକର୍ଷଣୀୟ କମିଶନ ମିଳିବା ଲୋଭ ଦେଖାଇ ଅଭିଯୁକ୍ତ ପର୍ଯ୍ୟାୟକ୍ରମେ ୬ ଲକ୍ଷ ୯୦ ହଜାର ଟଙ୍କା ଠକି ନେଇଥିଲେ। ଏନେଇ ଅଭିଯୋଗ ପରେ ଅଭିଯୁକ୍ତଙ୍କୁ କୋରାପୁଟ ସାଇବର ପୋଲିସ ଝାଡ଼ଖଣ୍ଡରୁ ସୋମବାର ଗିରଫ କରିବା ସହ ତାଙ୍କଠାରୁ ୧୦ ଚେକ୍ ବୁକ୍, ନଗଦ ୨ ଲକ୍ଷ ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରାଯାଇଥିବା ସ୍ଥାନୀୟ ଅତିରିକ୍ତ ଏସ୍‌ପି ମନୋବ୍ରତା ଶତପଥୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମାଳଦା ଅଞ୍ଚଳର ଅବତାବ ଅଲ୍ଲୀ(୨୨)।

ସୂଚନାଯୋଗ୍ୟ, କୋରାପୁଟ ରେଲୱେରେ କାର୍ଯ୍ୟରତ ଭାରତ ଭୂଷଣ ବର୍ଗେ(୩୧)ଙ୍କୁ ହ୍ୱାଟ୍ସଆପରେ ଆପ୍ଲେ ଭେକେସନ କମ୍ପାନୀରେ ପାର୍ଟଟାଇମ ଜବ୍ କଲେ ଅଧିକ କମିଶନ ମିଳିବ ଓ ଏଥିପାଇଁ ଟଙ୍କା ଜମା କରିବାକୁ ପଡ଼ିବ ବୋଲି ମେସେଜ୍ ଆସିଥିଲା। ଥରେ ଦୁଇଥର ଭାରତଙ୍କୁ ଅଧିକ ଟଙ୍କାର କମିଶନ ପ୍ରଦାନ କରାଯାଇଥିଲା। ଏଭଳି ଅଧିକା ଟଙ୍କା ଲଗାଇଲେ ଅଧିକ ଟଙ୍କା ପ୍ରଦାନ କରାଯିବ ବୋଲି ସମ୍ପୃକ୍ତ କମ୍ପାନୀ ଲୋଭ ଦେଖାଇଥିଲା। ଏହି ସମୟ ମଧ୍ୟରେ ଭାରତ ପର୍ଯ୍ୟାୟକ୍ରମେ ମୋଟ ୬ ଲକ୍ଷ ୯୦ ହଜାର ଟଙ୍କା ଲଗାଇଥିବା ବେଳେ ଆଉ କମିଶନ ଟଙ୍କା ଆସି ନ ଥିଲା। ଏଥିରେ ସନ୍ଦେହ କରି ୨୦୨୪ ନଭେମ୍ବର ୮ରେ ଭାରତ କୋରାପୁଟ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୧୩/୨୪ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। କୋରାପୁଟ ଏସ୍‌ପି ରୋହିତ ବର୍ମା ତଦନ୍ତ ନିର୍ଦ୍ଦେଶ ଦେବା ପରେ ସାଇବର ଥାନା ଅଧିକାରୀ ଭବାନୀ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ କମ୍ପାନୀ ଓ ମୁଖ୍ୟ ଅଭିଯୁକ୍ତଙ୍କ ଫୋନ୍‌କୁ ଟ୍ରାପ କରି ପ୍ରଥମେ ଅବତାବଙ୍କ ଘରକୁ ଯାଇଥିବା ବେଳେ ସେ ସେଠାରେ ନ ଥିଲେ। ଝାଡ଼ଖଣ୍ଡର ରାଧାନଗର ପୋଲିସ ଷ୍ଟେଶନ ନିକଟ ସେକ ଫୋରିଦାତଲା ଗ୍ରାମକୁ ଯାଇ ଅବତାବଙ୍କୁ ଗିରଫ କରିଥିଲା। ଜେରା ପରେ ତାଙ୍କଠାରୁ ନଗଦ ୨ ଲକ୍ଷ ଟଙ୍କା,୧୦ ଚେକ୍ ବୁକ୍ ଓ ଗୋଟିଏ ମୋବାଇଲକୁ ଜବତ କରାଯାଇଥିଲା। ବନ୍ଧନ ବ୍ୟାଙ୍କରେ ଅବତାବ ରଖିଥିବା ୨ ଲକ୍ଷ ଓ ଅନ୍ୟ ଏକ ବ୍ୟାଙ୍କରେ ଥିବା ୮୦ ହଜାର ଟଙ୍କା ଫ୍ରିଜ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ଶତପଥୀ କହିଛନ୍ତି।




ଖବରଦାତା ସମ୍ମିଳନୀରେ କୋରାପୁଟ ଅତିରିକ୍ତ ଏସ୍‌ପି ମନୋବ୍ରତା ଶତପଥୀ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

# ସ୍କୁଲରୁ ଫେରିବା ବେଳେ ଶିକ୍ଷକଙ୍କୁ ଅପହରଣ

କରଞ୍ଜିଆ,୧୦।୨(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ କୁରୁଳିଆ ପେଟ୍ରୋଲ ପମ୍ପ ନିକଟରେ ସ୍କୁଲରୁ ଘରକୁ ଫେରୁଥିବା ବେଳେ ଜଣେ ଶିକ୍ଷକଙ୍କୁ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି। ଅପହରଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରିରଖିଛି।

ସୂଚନା ଅନୁଯାୟୀ, ଏକତାଲି ପଞ୍ଚାୟତ ଧୁଡୁକୁ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରୁଥିବା ରବୀନ୍ଦ୍ର ନାଥ ସି ସୋମବାର ଅପରାହ୍ନ ୪ଟା୧୫ ମିନିଟ ସମୟରେ ଏକ କାର୍‌ରେ କରଞ୍ଜିଆସ୍ଥିତ ବାସଗୃହକୁ ଫେରୁଥିଲେ। ଏହି ସମୟରେ ଅନ୍ୟ ଏକ ଗାଡ଼ିରେ କେତେଜଣ ଲୋକ ଆସି ତାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକାଙ୍କୁ ସୁନ୍ଦର ବସନ୍ତ ପଞ୍ଚମୀ**
**ଟୋକୀଙ୍କୁ ସୁନ୍ଦର ନେତ,**
**ବୁଢ଼ୀଙ୍କି ସୁନ୍ଦର ରାଇଦାମୋଦର,**
**ବୁଢ଼ାଙ୍କୁ ସୁନ୍ଦର ଗୀତା।**

ବୟସ ଅନୁସାରେ ଲୋକଙ୍କ ରୁଚି ବଦଳିଯାଏ, ତାହା ସହ ହାବଭାବରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥାଏ। ବିଭିନ୍ନ ସ୍ତରର ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ରୁଚି ପ୍ରତି ଆଗ୍ରହ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟେରାକେ ଟେରୀ,**
**ଦଇବ ଦେଇଛେ ଭେଟ କରି।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ, ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପ୍ରେମିକା ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର,୧୦।୨(ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ସଶ୍ରମ ଜେଲ ଦଣ୍ଡ ଭୋଗିବା ପାଇଁ ଜଜ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ପାଟପୁର ଥାନା ସିନ୍ଧୁରପୁରର ମିଥୁନ ବିଷୋୟୀ (୨୯)।

ମାମଲାର ବିବରଣୀରୁ ପ୍ରକାଶ, ସ୍ୱାମୀ ପରିତ୍ୟକ୍ତା ସଙ୍ଗୀତା ପ୍ରଧାନଙ୍କ ସହ ମିଥୁନଙ୍କର ପ୍ରେମ ସମ୍ପର୍କ ରହିଥିଲା। ୨୦୨୩ ଅଗଷ୍ଟ ୩ ତାରିଖରେ ମହିଳାଙ୍କୁ ନେଇ ମିଥୁନ ଲୁହାଗୁଡି ଯାଇଥିଲେ। ସେଠାରୁ ଏକ ଅଟୋ ଭଡ଼ାକରି ରାୟଗଡା ଚାଲିଯାଇଥିଲେ। ୪ ତାରିଖରେ ଉଭୟେ ତପ୍ତପାଣି ଆସି ଏକ କଲ୍ୟାଣ ମଣ୍ଡପ ପଛପଟକୁ ଯାଇଥିଲେ। ସଙ୍ଗୀତା ମିଥୁନଙ୍କୁ ବିବାହ କରିବାକୁ ଜିଦ କରିଥିଲେ। ମିଥୁନଙ୍କ ଅନ୍ୟତ୍ର ବିବାହ ସ୍ଥିର ହୋଇଥିବାରୁ ସେ ରାଜି ହୋଇ ନ ଥିଲେ। ସଙ୍ଗୀତା ଜିଦ୍ ଧରିବାରୁ ମିଥୁନ ପଥରରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ତପ୍ତପାଣି ଘାଟିରୁ ପୋଲିସ ସଙ୍ଗୀତାଙ୍କ ମୃତଦେହ ଜବତ କରିଥିଲା। ଝିଅର ମୃତଦେହକୁ ଚିହ୍ନଟ କରିବା ପରେ ବାପା ନାରାୟଣ ପ୍ରଧାନଙ୍କ ଅଭିଯୋଗକ୍ରମେ ପାଟପୁର ପୋଲିସ ନଂ. ୫୦୦/୨୩ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା।

# ଯୁବତୀଙ୍କୁ ସ୍ତ୍ରୀ ଭାବି ଯୁବକଙ୍କ ଜୀବନ ନେଇଥିଲେ

## ଠେଙ୍ଗାରେ ପିଟି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ବଇଣ୍ଡା, ୧୦।୨ (ପରିକ୍ଷିତ ସାହୁ)

ସ୍ତ୍ରୀ ହଠାତ୍ କେଉଁଆଡ଼େ ଚାଲିଯାଇଥିଲେ। ତାଙ୍କୁ ନ ପାଇବାରୁ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଉତ୍ୟକ୍ତ ହୋଇପଡ଼ିଥିଲେ। ପ୍ରଚୁର ମଦ୍ୟପାନ କରି ଘରକୁ ଫେରୁଥିବା ବେଳେ ବାଟରେ ଜଣେ ଯୁବକଙ୍କ ସହ ବାଇକ୍‌ରେ ଯାଉଥିବା ଯୁବତୀଙ୍କୁ ଦେଖି ଉଭୟଙ୍କୁ ଅଟକାଇଥିଲେ। ସମ୍ପୃକ୍ତା ଯୁବତୀଙ୍କୁ ପଳାଇଯାଇଥିବା ସ୍ତ୍ରୀ ଭାବିବା ସହ ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ କରି ଜୀବନ ନେଇଥିଲେ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁର ଗ୍ରାମରେ ଗତ ମଙ୍ଗଳବାର ରାତିରେ ଘଟିଥିବା ରାହୁଲ ସାମଲଙ୍କ ହତ୍ୟା ଘଟଣା ପଛରେ ଥିବା ରହସ୍ୟ ଉପରୁ ସୋମବାର ପରଦା ହଟାଇଛି ପୋଲିସ। ଏଥିସହ ମୁଖ୍ୟ ଅଭିଯୁକ୍ତ ସାନଗୋବିନ୍ଦପୁର ଅଞ୍ଚଳର ରଞ୍ଜନ ଦେହୁରୀ (୩୮)ଙ୍କୁ ଗିରଫ କରିଛି।

ପୋଲିସ କହିଛି, ହଣ୍ଡପା ଥାନା ମଧୁପୁର ଅଞ୍ଚଳର ରାହୁଲ ଜଣେ ଯୁବତୀଙ୍କୁ ନେଇ ସାନଗୋବିନ୍ଦପୁର ଜଙ୍ଗଲକୁ ବୁଲିବାକୁ ଯାଇଥିଲେ। ରାତି ୯ଟା ୩୦ରେ ରାହୁଲ ଉକ୍ତ ଜଙ୍ଗଲରୁ ସାନଗୋବିନ୍ଦପୁର ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଯୁବତୀଙ୍କ ସହ ଆସୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ରଞ୍ଜନ ସେମାନଙ୍କୁ ଅଟକାଇଥିଲେ। ଅପରାହ୍ନ ୪ଟାରୁ ସ୍ତ୍ରୀଙ୍କୁ ନ ପାଇ ରଞ୍ଜନ ପ୍ରଚୁର ମଦ୍ୟପାନ କରିଥିବାରୁ ରାହୁଲଙ୍କ ସହ ଥିବା ଯୁବତୀଙ୍କୁ ସ୍ତ୍ରୀ ଭାବିନେଇ ଉତ୍ୟକ୍ତ ହୋଇପଡ଼ିଥିଲେ। ହାତରେ ଧରିଥିବା ଠେଙ୍ଗାରେ ସେ ରାହୁଲଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏପରି କି ରାହୁଲଙ୍କ ଗୁପ୍ତାଙ୍ଗରେ ମଧ୍ୟ ପ୍ରହାର କରିଥିଲେ। ପରେ ରାହୁଲଙ୍କ ମୋବାଇଲକୁ ପଥରରେ ଛେଚି ଭାଙ୍ଗିବା ସହ ଚପଲ ନେଇ ଗୁଜା ପାହାଡ଼ ଜଙ୍ଗଲରେ ଲୁଚାଇ ନିଜେ ଲୁଚି ଯାଇଥିଲେ। ମୃତ ରାହୁଲଙ୍କ ବାପା ଦିଲୀପ ସାମଲଙ୍କ ଅଭିଯୋଗ କ୍ରମେ ପୋଲିସ ନମ୍ବର ୫୧/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଗୁଜା ପାହାଡ଼ ଜଙ୍ଗଲରେ ମୁଖ୍ୟ ଅଭିଯୁକ୍ତ ରଞ୍ଜନ ଲୁଚିଥିବା ଖବରପାଇ ହଣ୍ଡପା ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏହାପରେ ହଣ୍ଡପା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀଙ୍କ ସମେତ ଏକ ଟିମ୍ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ କରିଥିଲା। ହତ୍ୟାରେ ବ୍ୟବହୃତ ଠେଙ୍ଗା, ରାହୁଲଙ୍କ ଭାଙ୍ଗିଯାଇଥିବା ମୋବାଇଲ ଓ ଚପଲ ଜବତ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଗିରଫ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଘଟଣାସ୍ଥଳକୁ ନେଇ ତଦନ୍ତ କରୁଛି।

# ଜେଲରୁ ଶୋଭାଯାତ୍ରାରେ ଫେରିଲେ ଉଦିତ୍

ଭୁବନେଶ୍ୱର,୧୦।୨(ଅନୁରାଧା ମହାରଣା)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନ ସୋମବାର ଝାରପଡ଼ା ଜେଲରୁ ବାହାରକୁ ଆସିଛନ୍ତି। କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ସନ୍ଧ୍ୟାରେ ଝାରପଡ଼ାଠାରେ ଉପସ୍ଥିତ ରହି ଉଦିତଙ୍କୁ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ କଂଗ୍ରେସ ଭବନ ପର୍ଯ୍ୟନ୍ତ ଯାଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ସରସଂଘଚାଳକ ମୋହନ ଭାଗବତଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ କଳାପତାକା ଦେଖାଇ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ସୁରକ୍ଷା ଭଙ୍ଗ କରି ପୋଲିସକୁ ଗାଳିଗୁଲଜ ସହ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହି ଘଟଣାରେ ଜାନୁଆରୀ ୩୧ରେ ଉଦିତ୍‌ଙ୍କ ସମେତ ୮ଜଣଙ୍କୁ ଗିରଫ କରାଯାଇଥିଲା। ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।



ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନ ସୋମବାର ଝାରପଡ଼ା ଜେଲରୁ ବାହାରି ସମର୍ଥକଙ୍କ ସହ ଶୋଭାଯାତ୍ରାରେ କଂଗ୍ରେସ ଭବନ ଆଡେ ଆସୁଛନ୍ତି।

# ବିଶ୍ୱ ଓଡ଼ିଶା ସରକାରଙ୍କ ଅପାରଗତା ଦେଖିଲା: କଂଗ୍ରେସ

ଭୁବନେଶ୍ୱର, ୧୦।୨ (ଅନୁରାଧା ମହାରଣା)

ବାରବାଟୀ ଷ୍ଟାଡିୟମ୍‌ରେ ଅନ୍ତର୍ଜାତୀୟ ମ୍ୟାଚବେଳେ ଲାଇଟ୍ ବନ୍ଦ ହେବା ଘଟଣା ନେଇ ରାଜ୍ୟ ସରକାରଙ୍କୁ କଂଗ୍ରେସ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବାରବାଟୀରେ ଲାଇନ କଟିବା ଓଡ଼ିଆ ଅସ୍ମିତାକୁ ଅଭିଶାପ। ବିଶ୍ୱ ଦେଖିଲା ଖେଳ ଚାଲୁଥିବା ବେଳେ ବାରବାଟୀ ଅନ୍ଧାର। ତେଣୁ ବାରବାଟୀକୁ ଖେଳ ଆସିବ କି ନାହିଁ ସନ୍ଦେହ ବୋଲି ତାରା କହିବା ସହ ଏପରି କାହିଁକି ହେଲା ତାହାର ତଦନ୍ତ ଦାବି କରିଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଯେନା କହିଛନ୍ତି, ବାରବାଟୀ ଅବ୍ୟବସ୍ଥା ପରେ ବିଶ୍ୱ ଓଡ଼ିଶା ସରକାରଙ୍କ ଅପାରଗତା ଦେଖିଲା। ମ୍ୟାଚ ଚାଲିଥିବା ବେଳେ ଦୀର୍ଘ ସମୟ ଫ୍ଲଡ ଲାଇଟ୍ କଟିଗଲା। ଭାରତରେ କେବେ ଏପରି ଘଟଣା ଘଟି ନ ଥିଲା ବୋଲି ଜୟଦେବ କହିଛନ୍ତି। ବାରବାଟୀ ମ୍ୟାଚ ଦାୟିତ୍ୱ ଓସିଏ ନୁହେଁ, ଭାଜପା ନେଇଥିଲା। ସେଥିପାଇଁ ଟିକେଟ ବିକ୍ରିଠାରୁ ଆରମ୍ଭ କରି ଖେଳ ଯାଏ ବିଭ୍ରାଟ ଘଟିଲା। ଭାଜପା ଓସିଏକୁ ସୀମିତ କରିଦେଲା। ସେଥିପାଇଁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଲା। ଓଡ଼ିଶା ଅନ୍ତର୍ଜାତୀୟ ସ୍ତରରେ ଲଜ୍ଜିତ ହେଲା। ସରକାର ଓ କ୍ରୀଡ଼ା ମନ୍ତ୍ରୀଙ୍କ ଅପାରଗତାକୁ ବି ବିଶ୍ୱ ଦେଖିଲା। ଆଗରୁ ବହୁତ ଥର ଖେଳ ହୋଇଛି, ହେଲେ ଏତେ ଅବ୍ୟବସ୍ଥା ଦେଖାଯାଇ ନ ଥିଲା। ଏଥିସହିତ ବାରବାଟୀ ଅବ୍ୟବସ୍ଥାକୁ ନେଇ କ୍ରୀଡ଼ାମନ୍ତ୍ରୀଙ୍କ ବୟାନକୁ ମଧ୍ୟ ଜୟଦେବ ସମାଲୋଚନା କରିଛନ୍ତି। କ୍ରୀଡ଼ାମନ୍ତ୍ରୀଙ୍କ ମନ୍ତବ୍ୟରୁ ଜଣାପଡୁଛି ଯେମିତି ଗାଁ କ୍ରିକେଟ ମ୍ୟାଚ ହେଉଥିଲା। ସବୁବେଳେ ଭିଆଇପିଙ୍କୁ ପାସ୍ ଦିଆଯାଏ। ଏଥିରେ କିଛି ନୂଆ ନାହିଁ। ଗାଁ ମ୍ୟାଚ ପରି ଭାଜପା ଓସିଏର ଦାୟିତ୍ୱ ସୀମିତ କରି ନିଜେ ସବୁ କରିବାକୁ ଚାହିଁବାରୁ ଓଡ଼ିଶାକୁ ବିଶ୍ୱଦରବାରରେ ଲଜ୍ଜିତ ହେବାକୁ ପଡ଼ିଲା ବୋଲି ଜୟଦେବ କହିଛନ୍ତି।

# ବହିଯାଉଥିବା ପାଣିରେ ଭାଜପା ସରକାର ହାତ ଧୋଉଛନ୍ତି: ବିଜେଡି

ଭୁବନେଶ୍ୱର,୧୦।୨ (ଅନୁରାଧା ମହାରଣା)

କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ କ୍ରିକେଟ ମ୍ୟାଚ ବେଳେ ଫ୍ଲଡ୍ ଲାଇଟରେ ବିଭ୍ରାଟ ପାଇଁ ପ୍ରାୟ ୩୦ ମିନିଟ କାଳ ଖେଳ ବନ୍ଦ ରହିଥିଲା। ତାହା ବିଶ୍ୱର କ୍ରୀଡ଼ାପ୍ରେମୀଙ୍କ ସମ୍ମୁଖରେ ଓଡ଼ିଶାକୁ ଲଜ୍ଜିତ କରିଛି ବୋଲି ବିଜେଡି ମିଡିଆ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତ। ଏଥିସହିତ ସେ ରାଜ୍ୟର କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଲେନିନ କହିଛନ୍ତି, ଗତ ୮ ମାସରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅବଦାନ ଶୂନ ରହିଛି। ବହିଯାଉଥିବା ଝରଣା ପାଣିରେ ହାତ ଧୋଇବା ପରି ଆୟୋଜିତ ହେଉଥିବା କ୍ରୀଡ଼ା କାର୍ଯ୍ୟକ୍ରମରେ ଭାଜପା ସରକାର ଉପସ୍ଥିତି ଜାହିର କରି ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି। ଏଭଳି ସ୍ଥଳେ ଫ୍ଲଡ୍ ଲାଇଟ୍ ବିଭ୍ରାଟର ବିଫଳତାକୁ ରାଜ୍ୟ ସରକାର ମୁଣ୍ଡକୁ ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ଦାବି କରୁଥିବା ଲେନିନ୍ କହିଛନ୍ତି। ପ୍ରାୟ ୬ ବର୍ଷର ବ୍ୟବଧାନ ପରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍ ଓଡ଼ିଶାକୁ ମିଳିଥିଲା। ମ୍ୟାଚକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଓ ରାଜ୍ୟ ସରକାରଙ୍କ ଗୁରୁଦାୟିତ୍ୱ ରହିଥିଲା। ଏଥିପାଇଁ ପ୍ରଶାସନିକସ୍ତରରେ ବାରମ୍ବାର ସମୀକ୍ଷା ବୈଠକ ହୋଇଥିଲା। ସେଥିରେ ସୂର୍ଯ୍ୟବଂଶୀ ଭାଗ ନେବା ସହିତ ଷ୍ଟାଡିୟମର ସ୍ଥିତି ଓ ପ୍ରସ୍ତୁତିର ତଦାରଖ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରବାଟୀ ଷ୍ଟାଡିୟମରେ ଏକ ସମୀକ୍ଷା କରିଥିଲେ। ଏତେ ସବୁ ପ୍ରସ୍ତୁତି ଓ ପ୍ରତିଶ୍ରୁତି ପରେ ଫ୍ଲଡ୍ ଲାଇଟ ବିଭ୍ରାଟ ଘଟିଛି। ବିଦ୍ୟୁତ୍ ବିଭାଗର ଇଞ୍ଜିନିୟର କାହିଁକି ଉପସ୍ଥିତ ନ ଥିଲେ ଏବଂ ଫ୍ଲଡ୍ ଲାଇଟ୍ ଓ ଜେନେରେଟର ବିଦ୍ୟୁତ୍ ଯୋଗାଣ ବାବଦରେ ବିଦ୍ୟୁତ୍ ବିଭାଗର କୌଣସି ଯନ୍ତ୍ରୀ ଏହି ବିଦ୍ୟୁତ୍ ଯୋଗାଣକୁ ସ୍ୱୀକୃତି ପ୍ରଦାନ କରିଥିଲେ କି ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି। ଦେଶର ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ବୋରିଆ ମଜୁମଦାର 'ଏକ୍ସ'ରେ ଏକ ପୋଷ୍ଟରେ ଅତୀତରେ ପାକିସ୍ତାନରେ ଫ୍ଲଡ୍ ଲାଇଟ ବିଭ୍ରାଟ କଥା ସାମ୍ନାକୁ ଆସିଥିବା ଉଲ୍ଲେଖ କରିଛନ୍ତି। କଟକର ନାଁ ତା' ସହିତ ଯୋଡ଼ା ହୋଇଗଲା ବୋଲି ମଜୁମଦାର ଲେଖିଥିବା କଥା ଲେନିନ୍ କହିଛନ୍ତି।

ଉପରଲିଖିତ ଘଟଣା ଓଡ଼ିଶାକୁ ନିନ୍ଦିତ କରିଥିବାବେଳେ ଓସିଏକୁ ଏନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସୂର୍ଯ୍ୟବଂଶୀ ଦେଇଥିବା ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ଲେନିନ୍ କହିଛନ୍ତି। ରାଉରକେଲାରେ ହକି ଲିଗ୍‌ର ଫାଇନାଲ ବେଳେ ଅବ୍ୟବସ୍ଥା କାରଣରୁ ଦଳାଚକଟା ସ୍ଥିତି ହୋଇଥିଲା। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ଗାଡ଼ି କଳିଙ୍ଗ ଷ୍ଟାଡିୟମ ଟ୍ରାକ୍‌ରେ ଚଢ଼ାଇବା ଘଟଣା କ୍ରୀଡ଼ାପ୍ରେମୀଙ୍କୁ ଆଘାତ ଦେଇଥିଲା ବୋଲି ସେ କହିଛନ୍ତି।

# ବାରବାଟୀରେ ପୂର୍ବ ସରକାର ଟଙ୍କାକର କାମ କରିନାହାନ୍ତି: ମନ୍ତ୍ରୀ ସୂରଜ

ଭୁବନେଶ୍ୱର, ୧୦।୨ (ବନ୍ଦନା ସେଠୀ)

ବାରବାଟୀରେ ଅନୁଷ୍ଠିତ କ୍ରିକେଟ୍ ମ୍ୟାଚ୍‌ରେ ବିଭ୍ରାଟ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ରହିଛି। ଏନେଇ ବିରୋଧୀ ଏବଂ ଶାସକ ଦଳ ପରସ୍ପରକୁ କାଦୁଅ ଫିଙ୍ଗିବାରେ ବ୍ୟସ୍ତ। ଘଟଣାକୁ ସବୁଆଡୁ ନିନ୍ଦା କରାଯାଉଥିବାବେଳେ, ଏନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବାରବାଟୀ ଏକ ଐତିହ୍ୟସମ୍ପନ୍ନ ଷ୍ଟାଡିୟମ। ଏଥିରେ ପୂର୍ବ ସରକାର ଖାଲି ନଡ଼ିଆ ବାଡ଼େଇ ପଳେଇଲେ, ମାତ୍ର ଟଙ୍କାଟିଏର କାମ କରିନାହାନ୍ତି। ପୂର୍ବ ସରକାର କିଛି କାମ କରିଛି ବୋଲି ଆମ ସରକାର ଭାବିଥିଲା। ମାତ୍ର ଦେଖିଲା ବେଳକୁ ଅମାର ଘର ଶୂନ। ଫଳରେ ଏଭଳି ଏକ ଅଘଟଣ ଘଟିଗଲା। ଘଟଣାର ଗୁରୁତ୍ୱକୁ ଦେଖି ତୁରନ୍ତ ସ୍ପଷ୍ଟୀକରଣ ମଗାଯାଇଛି। ଯେଉଁ ସବ୍‌କମିଟି ଦାୟିତ୍ୱରେ ଥିଲା ସେ ଉତ୍ତର ଦେବ ବୋଲି ମନ୍ତ୍ରୀ କହିଛନ୍ତି। ଅନୁରୂପଭାବେ କଟକ ସଦର ବିଧାୟକ ପ୍ରକାଶ ସେଠୀ କହିଛନ୍ତି, ବାରବାଟୀରେ ଯେଉଁ ବିଭ୍ରାଟ ଘଟିଲା, ତାହା ଏକ ଦୁର୍ଘଟଣା ଥିଲା। ଏହା ପୂର୍ବ ସରକାରଙ୍କ ଇତିହାସକୁ ଦର୍ଶାଉଛି। ଅପରପକ୍ଷେ କ୍ରିକେଟ୍ ମ୍ୟାଚ୍‌ରେ ଟିକେଟ କଳାବଜାର ନେଇ ମଧ୍ୟ ସରକାରଙ୍କୁ ବିରୋଧୀ ଟାର୍ଗେଟ୍ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସାଧାରଣ ଲୋକେ ଦିନଦିନ ଧରି ବାହାରେ ଛିଡ଼ାହୋଇ ଟିକେଟ ଅପେକ୍ଷାରେ ରହିଲେ। କିଛି ଲୋକ ଖରାରେ ରହି ବେହୋସ ମଧ୍ୟ ହୋଇଛନ୍ତି। ଟିକେଟ ଅନେକ ମାତ୍ରାରେ ଏପରିକି କମ୍ପ୍ଲିମେଣ୍ଟାରି ଟିକେଟ ମଧ୍ୟ କଳାବଜାରରେ ବିକ୍ରି ହୋଇଛି। ଏତେ ପରିମାଣର ପାସ୍ ଦେବା ଦ୍ୱାରା ଏ ବିଭ୍ରାଟ ହୋଇଥିବା ପ୍ରସନ୍ନ ଅଭିଯୋଗ କରିଛନ୍ତି। ସେହିପରି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି ଯେ, ଟିକେଟ କିମ୍ବା କଳାବଜାରି ହେବା କେବେ ବି ଗ୍ରହଣୀୟ ନୁହେଁ। ଏନେଇ ତଦନ୍ତ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ଅଭିଯୁକ୍ତ ଧରା ପଡିଛନ୍ତି। ଆଗାମୀ ଦିନରେ ଆହୁରି ବ୍ୟବସ୍ଥିତ ଢଙ୍ଗରେ ବାରବାଟୀରେ ମ୍ୟାଚ କରିବାକୁ ବ୍ୟବସ୍ଥା ହେଉଥିବା କ୍ରୀଡ଼ାମନ୍ତ୍ରୀ ମତ ରଖିଛନ୍ତି।

**ଟିକେଟ କଳାବଜାର ନେଇ ଅଭିଯୋଗ କଲେ ବିରୋଧୀ ଦଳ ଉପନେତା**


ସୂର୍ଯ୍ୟବଂଶୀ ସୂରଜ

## Business

# ନିବେଶକ ହରାଇଲେ ୬ ଲକ୍ଷ କୋଟି

ମୁମ୍ବାଇ,୧୦।୨

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀର ପ୍ରଭାବ ସିଧା ଭାରତୀୟ ପୁଞ୍ଜି ବଜାର ଏବଂ ଷ୍ଟକ ମାର୍କେଟ କାରବାର ଉପରେ ପଡୁଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ପ୍ରତିଦିନ ବହୁ ଲକ୍ଷ କୋଟି ଟଙ୍କାର ନିବେଶ ହରାଉଛନ୍ତି। ଗୋଟିଏ ପଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ନୀତି ଓ ନିଷ୍ପତ୍ତି ବୈଶ୍ୱିକ ବଜାରରେ ପ୍ରଭାବ ପକାଉଥିବାବେଳେ ବିଦେଶୀ ନିବେଶକ ଘରୋଇ ପୁଞ୍ଜି ବଜାରରୁ ନିବେଶ ପ୍ରତ୍ୟାହାର ଏବଂ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଷ୍ଟକ ବଜାରର କାରବାର ପ୍ରଭାବିତ ହେଉଛି ବୋଲି ବଜାର ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି।



ସେହିଭଳି ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର କାରବାର କ୍ରମାଗତ ଭାବେ ହ୍ରାସ ଘଟୁଛି। ଫଳରେ ନିବେଶକ ନିରାଶ ଓ ଆଶଙ୍କା ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ପୂର୍ବ କାର୍ଯ୍ୟ ଦିବସର ଶେଷ ଫଳାଫଳ ସୁଦ୍ଧା ବଜାର ପୁଞ୍ଜି୪୨୪ ଲକ୍ଷ କୋଟି ଥିଲା। ସୋମବାରର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୬ ଲକ୍ଷ କୋଟି କମି ୪୧୮ ଲ' କୋଟିରେ ପହଞ୍ଚିଛି।

ସେହିପରି ସୋମବାର ବିଏସଇ ସେନସେକ୍ସର କାରବାର ୫୪୮.୩୯ ପଏଣ୍ଟ ହ୍ରାସ ଘଟି ୭୭,୩୧୧.୮୦ ଅଙ୍କରେ ରହିଥିଲାବେଳେ ନିଫ୍ଟି ୧୭୮.୩୫ ପଏଣ୍ଟ କମି ୨୩,୩୮୧.୬୦ ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ବିଏସଇ ସେନସେକ୍ସର ମିଡକ୍ୟାପ କାରବାରରେ ୨.୦୬% ଏବଂ ସ୍ମଲକ୍ୟାପ କାରବାରରେ ୨.୨୫% କାରବାର ହ୍ରାସ ଘଟିଛି। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର କାରବାର ୨.୧୨% ଏବଂ ସ୍ମଲକ୍ୟାପ କାରବାରରେ ୨.୨୮% ହ୍ରାସ ଘଟିଛି। ନିଫ୍ଟି ବ୍ୟାଙ୍କରେ ୧୭୭.୮୫ ପଏଣ୍ଟ ହ୍ରାସ ଘଟି ୪୯,୯୮୧ ଅଙ୍କରେ ବନ୍ଦ ହୋଇଛି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୫୪୮ (୫୪୮.୩୯) ପଏଣ୍ଟ କମି ୭୭,୩୧୨ (୭୭,୩୧୧.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୭୮(୧୭୮.୩୫) ପଏଣ୍ଟ ହ୍ରାସ ଘଟି ୨୩,୩୮୨ (୨୩,୩୮୧.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ପିଡବ୍ଲ୍ୟୁ ପକ୍ଷରୁ ୨.୨ କୋଟିର ବୃତ୍ତି ବଣ୍ଟନ




ନୂଆଦିଲ୍ଲୀ,୧୦।୨

ଫିଜିକ୍ସ ୱାଲା(ପିଡବ୍ଲ୍ୟୁ)ର ବହୁ ପ୍ରତୀକ୍ଷିତ ବୃତ୍ତି ପରୀକ୍ଷା ସମ୍ମାନ ସମାରୋହ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସମଗ୍ର ଦେଶରୁ ୧୫୮୧ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପିଡବ୍ଲ୍ୟୁ ପକ୍ଷରୁ ୨.୨ କୋଟିର ବୃତ୍ତି ବଣ୍ଟନ ସହ ସମ୍ମାନିତ କରାଯାଇଛି,କେବଳ ଭୁବନେଶ୍ୱର ସେଣ୍ଟରରୁ ୩୮ଜଣ ଛାତ୍ରୀଛାତ୍ର ମଧ୍ୟ ସମ୍ମାନିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ପିଡବ୍ଲ୍ୟୁ ନ୍ୟାଶନାଲ ସ୍କଲାରଶିପ ଆଡମିଶନ ଟେଷ୍ଟ ବା ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୪ ଅଧୀନରେ ସମଗ୍ର ଦେଶରୁ ୧୫୮୧ ଜଣ ପ୍ରତିଭାଶାଳୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି,କେବଳ ଭୁବନେଶ୍ୱର ସେଣ୍ଟରରୁ ମଧ୍ୟ ୩୮ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ସେହିଭଳି ପିଡବ୍ଲ୍ୟୁର ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମରେ ୨.୨ କୋଟି ଟଙ୍କାର ନଗଦ ପୁରସ୍କାର ସହ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦିଆଯାଇଛି। ଏପରିକି ଏହା ସେମାନଙ୍କର ଶିକ୍ଷା କ୍ଷେତ୍ରର ସଫଳତାକୁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛି।

# ବଜାରରେ ବାଗିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୦।୨

ବଜାଜ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସ (ବିଏଜିଆଇ/ ବାଗି)ର ନୂତନ ଉତ୍ପାଦ 'ହେରିଜୋନ କେୟାର'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହି ନୂତନ ଉତ୍ପାଦଟି ବିଶେଷ ଭାବେ ମହିଳାଙ୍କ ପାଇଁ ପ୍ରସ୍ତୁତ ହୋଇଛି, ଯାହା ସେମାନଙ୍କ ବ୍ୟାପକ ସ୍ୱାସ୍ଥ୍ୟ ଯତ୍ନ ଆବଶ୍ୟକତାକୁ ପୂରଣ କରିବା ସହିତ ସେମାନଙ୍କ ଜୀବନକୁ ଆର୍ଥିକ ସଶକ୍ତ କରିବା ସହ ସ୍ୱାସ୍ଥ୍ୟବୀମା ପ୍ରଦାନ କରିବ।

ଏ ସମ୍ପର୍କରେ ବାଗିର ମହାପ୍ରବନ୍ଧକ ତଥା ସିଇଓ ତପନ ସିଙ୍ଘଲ କହିଛନ୍ତି, ମହିଳାମାନେ ଆମର କର୍ମକ୍ଷେତ୍ର, ପରିବାର ଓ ସମାଜର ମେରୁଦଣ୍ଡ, ତଥାପି ସେମାନଙ୍କ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣକୁ ପ୍ରାୟତଃ ଅଣଦେଖା କରାଯାଇଥାଏ। ଏପରିକି ଆମେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ରହିଛୁ ଓ ଏଥିପାଇଁ ହେରିଜୋନ କେୟାର ସୃଷ୍ଟି କରିଛୁ। କେବଳ ଅନ୍ୟାନ୍ୟ ଯୋଜନା ପରି ନୁହେଁ ବରଂ ମହିଳାମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରତିଟି ସ୍ତରରେ ପ୍ରକୃତରେ ସମର୍ଥନ କରିବା ଲାଗି ଆମର ପ୍ରତିବଦ୍ଧତା ଭାବେ ଗୁରୁତର ରୋଗରୁ ଆରମ୍ଭ କରି ପୋଷ୍ୟ ସନ୍ତାନ ଗ୍ରହଣ ଖର୍ଚ୍ଚ, ସରୋଗେଟ କେୟାର ଓ ବନ୍ଧ୍ୟାତ୍ୱ ଚିକିତ୍ସା ଲାଗି ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ସମାଧାନ ଚିନ୍ତା କରି ମଧ୍ୟ ଆମେ ସେମାନଙ୍କୁ ଏହି ବୀମା ପ୍ଲାନ ପ୍ରଦାନ କରିଛୁ।

ଉଲ୍ଲେଖଯୋଗ୍ୟ, ହେରିଜୋନ କେୟାର ଏଚପିଭି ଟିକାକରଣ, ପ୍ରାଥମିକ ପଲିସି ପ୍ରବେଶ, ବିଶ୍ୱସ୍ତତା ଓ ଦୀର୍ଘକାଳୀନ ପଲିସି ପାଇଁ ପ୍ରିମିୟମ ରିହାତି ସହ ନମନୀୟ ଓ ସୁଲଭ ଯୋଜନା ପ୍ରଦାନ କରାଇଥାଏ। ଏହି ପଲିସି ୧୮ରୁ ୮୦ ବର୍ଷ ବୟସର ମହିଳା ଓ ୯୦ ଦିନରୁ ୩୫ ବର୍ଷ ବୟସର ପିଲାମାନଙ୍କ ପାଇଁ ଉପଲବ୍ଧ, ଯେଉଁଥିରେ ୩ ଲକ୍ଷରୁ ୨ କୋଟି ଟଙ୍କାର ବୀମାଭୁକ୍ତ ବିକଳ୍ପ ରହିଛି। ପଲିସିର ଅବଧି ୧ରୁ ୫ ବର୍ଷ। ମହିଳାମାନେ ଏହି ପଲିସି ଅଧୀନରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ଆବଶ୍ୟକତା ପୂରଣ କରିପାରିବେ।

# କ୍ରୀଡ଼ା ପାନୀୟ 'ସ୍ପିନର'ର ଶୁଭାରମ୍ଭ

ମୁମ୍ବାଇ,୧୦।୨ (ଅଭୟ ଦାଶ)

ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଆର୍‌ସିପିଏଲ୍)ର ନୂତନ ଉତ୍ପାଦ ତଥା ଉନ୍ନତମାନର କ୍ରୀଡ଼ା ପାନୀୟ 'ସ୍ପିନର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସ୍ପୋର୍ଟସ୍ ଡ୍ରିଙ୍କ୍‌ସ/କ୍ରୀଡ଼ା ପାନୀୟ ବର୍ତ୍ତମାନ ବଜାରରେ ଉପଲବ୍ଧ। ସ୍ପିନ୍ ଯାଦୁଗର ତଥା ପୂର୍ବତନ ଶ୍ରୀଲଙ୍କା କ୍ରିକେଟିୟର ମୁଥୟା ମୁରଲୀଧରନ ଏବଂ ଆର୍‌ସିପିଏଲ୍‌ର ମିଳିତ ସହଯୋଗରେ ଏହି ବ୍ରାଣ୍ଡର ଅୟମାରମ୍ଭ ହୋଇଛି। ଏପରିକି ମାତ୍ର ୧୦ ଟଙ୍କାରେ 'ସ୍ପିନର' କ୍ରୀଡ଼ା ପାନୀୟ ଲେମ୍ବୁ, କମଳା ଏବଂ ନାଇଟ୍ରୋ ବ୍ଲୁ ଭଳି ତିନୋଟି ସ୍ୱାଦରେ ଉପଲବ୍ଧ। ହାଇଡ୍ରେସନ୍ ପାଇଁ ଏଥିରେ ଆବଶ୍ୟକ ଇଲେକ୍ଟ୍ରୋଲାଇଟ୍ ମିଶ୍ରିତ ହୋଇଛି, ଅତ୍ୟଧିକ ଝାଳ ବାହାରିବା ବେଳେ ଏହା ଶରୀରକୁ ହାଇଡ୍ରେଟ୍ କରିବାରେ ସାହାଯ୍ୟ କରିଥାଏ। 'ସ୍ପିନର'ର ଶୁଭାରମ୍ଭ ସହିତ ହାଇଡ୍ରେସନ୍ ପାଇଁ ଏହା ଏକ ସୁଲଭ ତଥା ପ୍ରଭାବଶାଳୀ ସମାଧାନ ବୋଲି ଆର୍‌ସିପିଏଲ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।



ମୁଥୟା ମୁରଲୀଧରନ ସ୍ପିନରକୁ ବଜାର ପ୍ରବେଶ କରାଉଛନ୍ତି।

ଏ ସମ୍ପର୍କରେ ଆର୍‌ସିପିଏଲ୍‌ର ସିଓଓ କେତନ ମୋଦି କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଭାରତୀୟଙ୍କ ପାଖରେ ଗୁଣାତ୍ମକ ଉତ୍ପାଦ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉ। ସ୍ପିନର ସହିତ ଆମେ ଏକ ସୁଲଭ ତଥା ପ୍ରଭାବଶାଳୀ ହାଇଡ୍ରେସନ ପାନୀୟ ସୃଷ୍ଟି କରିଛୁ, ଯାହା ଜଣେ ପେସାଦାର ଆଥଲେଟ୍ ହୁଅନ୍ତୁ କିମ୍ବା ହାଇଡ୍ରେଟେଡ୍ ରହିବାକୁ ଚାହୁଁଥିବା ସାଧାରଣ ଲୋକ, ଏହା ସମସ୍ତଙ୍କ ଆବଶ୍ୟକତା ପୂରଣ କରିବ। କ୍ରିକେଟ କିମ୍ବଦନ୍ତୀ ମୁଥୟା ମୁରଲୀଧରନ ଏବଂ ଆଇପିଏଲ୍ ଦଳଗୁଡିକର ସହଭାଗିତାରେ ଏହି ଅଭିନବ ଉତ୍ପାଦର ବଜାର ପ୍ରବେଶ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ।

ସେହିଭଳି 'ସ୍ପିନର' ର ସହ-ନିର୍ମାତା ତଥା କ୍ରିକେଟ୍ କିମ୍ବଦନ୍ତୀ ମୁଥୟା ମୁରଲୀଧରନ୍ କହିଛନ୍ତି, ଆର୍‌ସିପିଏଲ୍ ସହ ଏହି ରୋମାଞ୍ଚକ ଉଦ୍ୟମର ଅଂଶ ହୋଇ ମୁଁ ଅତ୍ୟନ୍ତ ଆନନ୍ଦିତ ଅଛି। ଜଣେ ଆଥଲେଟ୍ ଭାବେ ମୁଁ ଜାଣେ ଯେ ହାଇଡ୍ରେସନ୍ କେତେ ମହତ୍ତ୍ୱପୂର୍ଣ୍ଣ, ବିଶେଷକରି ଯେତେବେଳେ ଆପଣ ଚଳପ୍ରଚଳ କରୁଛନ୍ତି କିମ୍ବା ଖେଳୁଛନ୍ତି। 'ସ୍ପିନର' ଏକ ଅନନ୍ୟ ପାନୀୟ ଯାହା ପ୍ରତ୍ୟେକ ଭାରତୀୟଙ୍କୁ ହାଇଡ୍ରେଟ୍ ରହିବା ଏବଂ ସକ୍ରିୟ ରହିବାରେ ସହାୟକ ହେବ।

# ଏପିବିର ଅତ୍ୟାଧୁନିକ ଗ୍ରାହକ ସୁରକ୍ଷା ବ୍ୟବସ୍ଥା

ନୂଆଦିଲ୍ଲୀ,୧୦।୨

ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କ (ଏପିବି) ର ନୂତନ ସେବା ତଥା ଅତ୍ୟାଧୁନିକ ଗ୍ରାହକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏପିବି ଗୃହ ମନ୍ତ୍ରଣାଳୟର ଆପ୍ଲିକେଶନ ପ୍ରୋଗ୍ରାମିଂ ଇଣ୍ଟରଫେସ୍ (ଏପିଆଇ) ମାଧ୍ୟମରେ ନ୍ୟାଶନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ (ଏନସିଆର୍‌ପି)-ସିଟିଜେନ ଫାଇନାନ୍ସିଆଲ ସାଇବର ଫ୍ରଡ ରିପୋର୍ଟିଂ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ (ସିଏଫ୍‌ସିଏଫ୍‌ଆରଏମଏସ୍) ଅଫ ଇଣ୍ଡିଆନ ସାଇବରକ୍ରାଇମ କୋଅର୍ଡିନେଶନ ସେଣ୍ଟର (ଆଇ୪ସି) ସହ ଏହାର ସିଷ୍ଟମଗୁଡିକୁ ସଫଳତାପୂର୍ବକ ଏକୀକୃତ କରିଛି, ଗ୍ରାହକଙ୍କ ସୁରକ୍ଷା ବୃଦ୍ଧି କରିବା ପାଇଁ ବ୍ୟାଙ୍କ ପକ୍ଷରୁ ଏଭଳି ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଏପିବିର ସିଓଓ ଗଣେଶ ଅନନ୍ତନାରାୟଣନ୍ କହିଛନ୍ତି, ଆଇ୪ସି, ଗୃହ ମନ୍ତ୍ରଣାଳୟ ସହ ଆମର ଏକତ୍ରୀକରଣ ଆର୍ଥିକ ଜାଲିଆତି ବିରୋଧୀ ଲଢେଇରେ ଆଗରେ ରହିବା ପାଇଁ କେବଳ ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁନାହିଁ ବରଂ ନ୍ୟାଶନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ରେ ମଧ୍ୟ ଅଭିଯୋଗ କରାଯାଇଥିବା ଠକାମି ମାମଲାଗୁଡିକର ବାସ୍ତବ ସମୟରେ ସମାଧାନ ସୁନିଶ୍ଚିତ କରିଥାଏ। ଏହି ଏକତ୍ରୀକରଣ ଗ୍ରାହକଙ୍କୁ ସୁରକ୍ଷିତ ରଖିବା ପାଇଁ ନିର୍ମିତ ଆମର ସୁରକ୍ଷା ସମାଧାନ ଶୃଙ୍ଖଳାକୁ ଆହୁରି ମଜଭୁତ କରୁଛି। ଏପିବି ଠକାମିକୁ ଚିହ୍ନଟ ଓ ହ୍ରାସ କରିବା ପାଇଁ ନିଜର କ୍ଷମତାକୁ ସୁଦୃଢ କରିବା ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ମେଶିନ ଲର୍ନିଂ (ଏମ୍‌ଏଲ୍) ଦ୍ୱାରା ପରିଚାଳିତ ଏକ ବିସ୍ତୃତ ସୁରକ୍ଷା ସମାଧାନ ଶୃଙ୍ଖଳା ପ୍ରଦାନ କରୁଛି। ଆଇ୪ସି, ଗୃହମନ୍ତ୍ରଣାଳୟ ସହ ଏକତ୍ରୀକରଣ, ଆଜିର ଡିଜିଟାଲ-ପ୍ରଥମ ପରିବେଶରେ ଆର୍ଥିକ ଠକାମିର ବର୍ଦ୍ଧିତ ସମସ୍ୟାକୁ ସମାଧାନ କରିବା ପାଇଁ ଏକ ସକ୍ରିୟ ଓ ଟେକ୍ନୋଲୋଜି-ପରିଚାଳିତ ପଦ୍ଧତି ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରୟାସଗୁଡିକ ସହ ଜଡିତ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ନିଭାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଡର୍ନ ପେଣ୍ଟାଥଲନରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ୨ ରୌପ୍ୟ


ଅତିଥିଙ୍କ ସହ ପଦକ ବିଜୟୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୧୦।୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାର ମଡର୍ନ ପେଣ୍ଟାଥଲନ ବାଇଥେଲ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ରାଜ୍ୟର ପ୍ରତିଭାସମ୍ପନ୍ନ ଖେଳାଳି ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପ୍ରଣବ ଦାସଙ୍କୁ ରୌପ୍ୟ ପଦକ ମିଳିଛି। ଏହା ବ୍ୟତୀତ ପ୍ରଣବ ଦାସ, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ପ୍ରତୀକ ଦାସଙ୍କୁ ନେଇ ଗଠିତ ଓଡ଼ିଶା ଦଳ ପୁରୁଷ ଦଳଗତ ବାଇଥେଲ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି।

# ଅହମଦାବାଦ ଦିନିକିଆରେ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ, ୧୦।୨**

ବୁଧବାର ଖେଳାଯିବାକୁଥିବା ଅହମଦାବାଦ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଅବସରରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ମିଳିତ ଭାବେ ସ୍ୱେଚ୍ଛାକୃତ ଅଙ୍ଗଦାନ କାର୍ଯ୍ୟକ୍ରମରେ ସାମିଲ ହେବାଲାଗି ଆହ୍ୱାନ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକଙ୍କୁ ଯୋଗଦାନ ପାଇଁ ଭାରତୀୟ ଖେଳାଳିମାନେ ସେଦିନ ନିବେଦନ କରିବେ। ଭାରତ-ଇଂଲଣ୍ଡ ତୃତୀୟ ତଥା ଅନ୍ତିମ ଦିନିକିଆ ଫେବୃଆରୀ ୧୨ରେ ଖେଳାଯିବ। ରବିବାର କଟକରେ ଦ୍ୱିତୀୟ ଦିନିକିଆ ଜିତିବା ପରେ ଭାରତ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇ ସାରିଛି। ଆଇସିସି ଚେୟାରମ୍ୟାଚ ଜୟ ଶାହା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଆମେ ଏକ ଜନ ସଚେତନତା କାର୍ଯ୍ୟର ଆରମ୍ଭ କରି ଗର୍ବିତ। 'ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ'। ଖେଳରେ ପ୍ରେରଣା ଦେବା, ଏକଜୁଟ କରିବା, ପଡ଼ିଆ ବାହାରେ ପ୍ରଭାବ ସୃଷ୍ଟି କରିବାର ଶକ୍ତି ରହିଛି। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ସମସ୍ତଙ୍କୁ ଆହ୍ୱାନ କରି ଇତିମଧ୍ୟରେ ଭାରତୀୟ ଖେଳାଳିମାନଙ୍କୁ ନେଇ ବିସିସିଆଇ ତରଫରୁ ଏକ ଭିଡିଓ ଶେୟାର କରାଯାଇଛି। ସେମାନଙ୍କ ମଧ୍ୟରେ ବିରାଟ କୋହଲି, ଶୁବମନ ଗିଲ୍, ଶ୍ରେୟସ ଆୟର, କେ.ଏଲ୍. ରାହୁଲ, ଅର୍ଶଦୀପ ସିଂ, ଅକ୍ଷର ପଟେଲ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ ଓ ବରୁଣ ଚକ୍ରବର୍ତ୍ତୀ ରହିଛନ୍ତି। ନିଜ ଅଙ୍ଗଦାନ କରିବା କେତେକଙ୍କ କ୍ଷେତ୍ରରେ ଏକ ମ୍ୟାଚ୍‌ର ୱିନିଂ ଶଟ୍ ଭଳି ବୋଲି ସେମାନଙ୍କ ମଧ୍ୟରୁ କେତେଜଣ କହିଛନ୍ତି।

# ଗେଟ୍‌ବଲ ୟୁନିୟନର ରେଫରି ତାଲିମ ଶିବିର

**ଭୁବନେଶ୍ୱର, ୧୦।୨ (ତପନ ସ୍ୱାଇଁ)**

ଇଣ୍ଡିଆନ୍ ଗେଟ୍‌ବଲ ୟୁନିୟନ ଓ ଆଇକନିକ୍ ଟ୍ରାନ୍ସଫର୍ମେଶନ୍‌ର ମିଳିତ ଉଦ୍ୟମରେ ଗତ ୮ ଓ ୯ ତାରିଖରେ ସତ୍ୟନଗର ପିଏଚ୍‌ଇଓ ଆଇବିରେ ଏକ ଜାତୀୟ ସ୍ତରୀୟ ପ୍ରଶିକ୍ଷକ ଏବଂ ରେଫରି ତାଲିମ ଶିବିର ସଫଳତାର ସହିତ ଆୟୋଜନ ହୋଇଯାଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ସାରା ଭାରତରୁ ଗେଟ୍ ବଲ ପ୍ରଶିକ୍ଷକ ଏବଂ ରେଫରିମାନଙ୍କୁ ତାଲିମ ଏବଂ ପ୍ରମାଣପତ୍ର ଦେବା ; ଯାହାଦ୍ୱାରା ଦେଶରେ ଏହି କ୍ରୀଡ଼ା ଅଧିକ ମଜଭୁତ ହୋଇପାରିବ। ଶିବିରରେ ଓଡ଼ିଶା ସମେତ ହରିୟାଣା, ରାଜସ୍ଥାନ, ବିହାର, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ କୋଲକାତା ଆଦି ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ୨୧ ଖେଳାଳି ଅଂଶଗ୍ରହଣ କରିଥିଲେ। ଦ୍ୱୈପାୟନ ପଟ୍ଟନାୟକ, ରଞ୍ଜନ ପାତ୍ର ଏବଂ ବିଶ୍ୱରଞ୍ଜନ ମିଶ୍ରଙ୍କ ମାର୍ଗଦର୍ଶନରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱତନ୍ତ୍ର ତାଲିମ ଗ୍ରହଣ କରିଥିଲେ। ଏଥିରେ ପ୍ରଶିକ୍ଷଣ ଏବଂ ପରିଚାଳନା ଉଭୟରେ ସେମାନଙ୍କର ଦକ୍ଷତାରେ ସୁଧାର ଅଣାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଆଇକନିକ୍ ଟ୍ରାନ୍ସଫର୍ମେଶନ୍‌ର ପ୍ରତିଷ୍ଠାତା ଚିଦାମ୍ବିକା ଖଟୁଆ, ସଞ୍ଜୟ ଚୌଧୁରୀ ଏବଂ ସେଖ୍ ଅବଦୁଲ ସମିମ୍ ଓ ଇଣ୍ଡିଆନ୍ ଗେଟ୍ ବଲ୍ ୟୁନିୟନ୍‌ର ସଭାପତି ଡକ୍ଟର ଉମାକାନ୍ତ ପାଣି ପ୍ରମୁଖ ଯୋଗଦେଇଥିଲେ। ଶିବିର ଶେଷରେ ସଫଳତାର ସହିତ ତାଲିମ ସମାପ୍ତ କରିଥିବା ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।


ଗେଟ୍‌ବଲ୍ ରେଫରି ଓ କୋଚ୍ ତାଲିମ ଶିବିରରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

# ପ୍ରଚେଷ୍ଟା କପ୍ ଦୃଷ୍ଟିବାଧିତ ଚେସ: ଅସିତ ଚାମ୍ପିୟନ

**ଭୁବନେଶ୍ୱର, ୧୦।୨ (ତପନ ସ୍ୱାଇଁ)**

ଓଡ଼ିଶା ଚେସ୍ ଆସୋସିଏଶନ ଫର ଦି ଭିଜୁଆଲି ଚାଲେଞ୍ଜ୍‌ଡ ଆନୁକୂଲ୍ୟରେ ପ୍ରଚେଷ୍ଟା ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ସହଯୋଗ କ୍ରମେ ଭୁବନେଶ୍ୱରଠାରେ ଦୃଷ୍ଟିବାଧିତ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୩୩ ଜଣ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ପାଞ୍ଚ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପୁରୀର ଅସିତ କୁମାର ମହାନ୍ତି ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ୪ ପଏଣ୍ଟ ସହ ଭୁବନେଶ୍ୱରର ଅନନ୍ୟା ଅନ୍ୱେଷା ମିଶ୍ର ଏବଂ ବ୍ରହ୍ମପୁରର କୁନାଲ କୁମାର ମୃଦଙ୍ଗିଆ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଲେଶ୍ୱରର ବାପୁନ ଜେନା କନିଷ୍ଠ ବର୍ଗରେ ଶ୍ରେଷ୍ଠ ପୁରୁଷ ଓ ବାଲେଶ୍ୱରର ସୁଲୋଚନା ସିଂହ ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପାଇଥିଲେ। ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟରେ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନୀଷା ମହାନ୍ତି, କ୍ରୀଡ଼ା ଉପ ନିର୍ଦ୍ଦେଶକ ପ୍ରସିଦ୍ଧ ହକି ଖେଳାଳି ଲାଜରୁସ ବାର୍ଲା, କ୍ରୀଡ଼ା ଉପଶାସନ ସଚିବ ସୋନାଲି ଚାନ୍ଦ, ଅର୍ଥ ବିଭାଗ ଅନୁଶାସନ ସଚିବ ସୁନେନା ସିଂ, ଅର୍ଥ ବିଭାଗ ଅନୁଶାସନ ସଚିବ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଏବଂ ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ପ୍ରମୁଖ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଚେଷ୍ଟାର ନିର୍ଦ୍ଦେଶକ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଟୁର୍ନାମେଣ୍ଟ ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ସାହୁ, ଶୁଭବ୍ରତ ମିଶ୍ର ଏବଂ ଲକ୍ଷ୍ମୀକାନ୍ତ ବେହେରା ସହଯୋଗ କରିଥିଲେ। ଆଗକୁ ଏଭଳି ଅନେକ ରାଜ୍ୟ ସ୍ତରୀୟ ଚେସ ଟୁର୍ନାମେଣ୍ଟ ଏବଂ ପ୍ରଶିକ୍ଷଣ ଶିବିର ଆୟୋଜନ କରି ଦେଶର ଦୃଷ୍ଟିହୀନ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବାର ଲକ୍ଷ୍ୟ ରହିଛି ବୋଲି ସଙ୍ଘର ସମ୍ପାଦକ ତଥା ଟୁର୍ନାମେଣ୍ଟ ଆୟୋଜକ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।


କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ୪୭ ବର୍ଷର ରେକର୍ଡ ଭାଙ୍ଗିଲେ ବ୍ରିଜକ୍

**ଲାହୋର, ୧୦।୨ (ଏପି)**

ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପଦାର୍ପଣରେ ୧୫୦ ରନ କରିବାରେ ଦକ୍ଷିଣ ଆଫ୍ରିକାର ମାଥ୍ୟୁ ବ୍ରିଜକ୍ ବିଶ୍ୱର ପ୍ରଥମ ବ୍ୟାଟର ହେବାର ଗୌରବ ଅର୍ଜନ କରିଛନ୍ତି। ସୋମବାର ନ୍ୟୁଜିଲାଣ୍ଡ ବିପକ୍ଷ ତ୍ରିରାଷ୍ଟ୍ରୀୟ ସିରିଜ ଗେମ୍‌ରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଚଳିତମାସରେ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟ ପାଇଁ ବ୍ରିଜକ୍‌ଙ୍କୁ ଦଳରେ ସ୍ଥାନ ମିଳିନି। ସେ ୧୪୮ ବଲ୍‌ରେ ୧୫୦ ରନ କରିଛନ୍ତି। ଏହାଦ୍ୱାରା ସେ ୱେଷ୍ଟଇଣ୍ଡିଜ ବ୍ୟାଟର ଦେଶମଣ୍ଡ ହେନ୍ସଙ୍କ ୧୯୭୮ରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୪୮ ରନର ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ସୋମବାର ମ୍ୟାଚରେ ଦକ୍ଷିଣ ଆଫ୍ରିକାର ଯେଉଁ ୪ଜଣ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି, ସେମାନଙ୍କ ମଧ୍ୟରେ ବ୍ରିଜକ୍ ଅନ୍ୟତମ। ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେଉଥିବା ଦଳଗୁଡ଼ିକ ବୁଧବାର ସୁଦ୍ଧା ସେମାନଙ୍କ ଚୂଡ଼ାନ୍ତ ଖେଳାଳି ତାଲିକା ଘୋଷଣା କରିବେ। ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ତ୍ରିରାଷ୍ଟ୍ରୀୟ ସିରିଜ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ବ୍ରିଜକ୍‌ଙ୍କ ଆକର୍ଷୀୟ ଇନିଂସ ବଳରେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୩୦୪ ରନ କରିଥିଲା। ପାୱାରପ୍ଲେରେ ଟେମ୍ବା ବଭୁମାଙ୍କ ଉଇକେଟ ପତନ ପରେ ୨୬ ବର୍ଷୀୟ ବ୍ରିଜକ୍ ଚାମ୍ପିୟନ୍ସ ଟ୍ରଫିରୁ ବଞ୍ଚିତ ହୋଇଥିବା ଅନ୍ୟ ଜଣେ ବ୍ୟାଟର ଜାସନ ସ୍ମିଥ୍ (୪୧)ଙ୍କ ସହ ୯୩ ରନର ପାର୍ଟନରଶିପ୍ କରିଥିଲେ।

# ପ୍ରତ୍ୟାବର୍ତ୍ତନ କଲେ ଭାରତ-ଇଂଲଣ୍ଡ ଖେଳାଳି

**ଭୁବନେଶ୍ୱର, ୧୦।୨ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳିବା ପରେ ସୋମବାର ଉଭୟ ଭାରତ ଓ ଇଂଲଣ୍ଡ ଦଳର ଖେଳାଳିମାନେ ଓଡ଼ିଶା ଛାଡ଼ିଛନ୍ତି। ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ ଅହମଦାବାଦରେ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ତେଣୁ ଉଭୟ ଦଳର ସଦସ୍ୟ ଅହମଦାବାଦ ଗସ୍ତ କରିଛନ୍ତି। ବାରବାଟୀରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଦଳ ବିଜୟ ସ୍ମୃତି ସହ ଓଡ଼ିଶା ଛାଡ଼ିଛି। ଅଧିନାୟକ ରୋହିତ ଶର୍ମାଙ୍କ ଶତକ ସହାୟତାରେ ଭାରତ କଟକରେ ଇଂଲଣ୍ଡକୁ ହରାଇବା ସହ ସିରିଜ କବ୍‌ଜା କରିଥିଲା। ଇଂଲଣ୍ଡ ୩୦୪ ରନ କରିଥିଲେ ମଧ୍ୟ ଭାରତ ରୋହିତଙ୍କ ଶତକ ଓ ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ଆହୁରି ୩୩ଟି ବଲ୍ ବାକିଥାଇ ମ୍ୟାଚ ଜିତି ନେଇଥିଲା। ଏହି ମ୍ୟାଚରେ ରୋହିତ ୯୦ ବଲ୍‌ରୁ ୧୧୯ ରନର ଇନିଂସ ଖେଳିଥିଲେ।


## ପ୍ରଥମ ଜନ୍ମଦିନର ଶୁଭେଚ୍ଛା



**କୈବଲ୍ୟ(ନିଭାନ୍)**

ଶ୍ରୀକ୍ଷେତ୍ରନିବାସ, ଗୋବିନ୍ଦପୁର

ଶୁଭକାମନା ସହ: କୁନୁ, ଶୁଭମ୍, ଗୋବିନ୍ଦ, ସରଶାଲକ୍ଷ୍ମୀ, ଅଭ୍ୟୁଦୟ, ଆଦିତ୍ୟ, ଲାଲୁ, ସୁଜ୍ଞାନି, ଆଶୁତୋଷ, ଆହ୍ଲାନ, ଆରଣ୍ୟା, ଅର୍ଣବ, ଛୋଟୁ, ବେବି, ଲକି, ଶିବାନୀ, ସିନୁଆ, ଲିନୁଆ, ମାମା, ସିପୁ, ସୁମ୍ମନ୍, ପପୁ, କାଳିଆ, ବିବେକ, କାଲୁ, ରାନିଆ, ମିଲୁ, ନିକି, ଜଗିନ୍, ବିନି, ଅଶୋକ।

ଧ-୨୮୮୧


# ରେକର୍ଡ ଭାଙ୍ଗିଲେ ଦେବ୍ ମୀନା

**ଡେରାଡୁନ୍, ୧୦।୨ (ପି.ଟି.):** ଜାତୀୟ କ୍ରୀଡ଼ା ଆଥ୍‌ଲେଟିକ୍ସ ପ୍ରତିଯୋଗିତାର ସୋମବାର ତୃତୀୟ ଦିବସରେ ମଧ୍ୟପ୍ରଦେଶର ୧୯ ବର୍ଷୀୟ ଦେବ କୁମାର ମୀନା ପୁରୁଷ ପୋଲ୍‌ଭଲ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ସେ ୫.୩୨ ମିଟର ଉଚ୍ଚତା ଡେଇଁ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୂର୍ବରୁ ସୁବ୍ରମଣି ଶିବାଙ୍କ ନାମରେ ଜାତୀୟ ରେକର୍ଡ ରହିଥିଲା। ସେ ଗୁଜରାଟରେ ଅନୁଷ୍ଠିତ ୨୦୨୨ ଗେମ୍ସରେ ୫.୩୧ ମିଟର ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।


# Classified Everyday

**0674-2580101, 9692975378**

## GENERAL

## SALE

**For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222.** D-75591




For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

## ACCOMMODATION

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819




Herbal full body massage by smart/ expert therapist. 8327740003, 7205178829. D-76413

Newly open Jyoti spa positively health benefits (Expert therapist). 8458067955 D- 76192

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Take wellness herbal full body relax massage by trend therapist. 7008773793. D-76193

Newly open health benefits spa by experience lady therapist. 8658088274. D-76191

**Full body massage experience, good looking therapist @999 (Bhubaneswar). 9078484455.** D-2815

Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

## AFFIDAVIT

By virtue of an affidavit sworn before Executive Magistrate, dated-03.02.2025 I, Dinesh Das, Address: Hatat Colony back side of Jyoti Petrol Pump road, Laxmisagar, Bhubaneswar- 751006, declare that I have changed my son's name from Deba Das to Dev Das. Henceforth, he shall be known as Dev Das for all purposes. D-2872

By virtue of an affidavit sworn before Executive Magistrate, dated 10.02.2025 I, Sujata Pradhan, Address: Q.No.- FR-29/2, Phase-2, Chandrasekharpur, Sailashree Vihar, Bhubaneswar, Khordha, Odisha- 751021, declare that I have changed my name from Priyadarshini Panda to Sujata Pradhan. Henceforth, I shall be known as Sujata Pradhan for all purposes.
Sujata Pradhan D-2873

"By virtue of an affidavit sworn before the Executive Magistrate, Bhubaneswar, I, BINATA RANI NAYAK, W/o- Dilip Kumar Khatua, residing at (Qtr No.- 1/23) Rajgangpur, Dist.- Sundargarh (Odisha), PIN-770017 having Aadhaar No.- XXXX XXXX 4528 do hereby declare as under that by this affidavit No.- CF-104 on dated 07.02.25 onwards both BINATA RANI NAYAK and BINATA NAYAK is same and one person for all future purposes". D-2875

By virtue of an affidavit sworn before Executive Magistrate, Bhadrak, dated 10.02.2025, I Sukanti Sahoo (25yrs.) W/o- Santosh Kumar Sahoo, Address: Vill- Madhusudanpur, P.O.- Arnapal, P.S.- Bhadrak (R), Dist.- Bhadrak, PIN- 756116 declare that I have changed my name from Suktilata Sahoo to Sukanti Sahoo. Henceforth, I shall be known as Sukanti Sahoo for all purposes. D-2880

By this affidavit No.- 11, Dt. 20.01.2025, I, ARAKHITA DAS, S/o- NARORAM DAS, AT/ P.O.-Sanapadar, P.S.- Begunia, Dist.- Khordha declare that my name is ARAKHITA DAS in Service Book. However in the Aadhaar Card it appears ARAKSHITA DAS. Both names are same and one person. This affidavit is for Aadhaar Card Correction. D-73574

By virtue of an affidavit sworn before NOTARY, CUTTACK, dated 08.2.2025, I, SANJAYA SWAIN, Address: At/ P.O.- Khandaita, P.S.- Cuttack Sadar, Dist.- Cuttack, PIN-753011, Odisha, declare that I have changed my son's name from KRUSHNA CHANDRA SWAIN to KRISHNA CHANDRA SWAIN. Henceforth, he shall be known as KRISHNA CHANDRA SWAIN for all purposes.
SANJAYA SWAIN D-2879

ମୁଁ ଶ୍ରୀମତୀ ନୟନୀ ଦାସ, ସ୍ୱାମୀ- ବେଣୁ ଦାସ, ଗ୍ରା/ପୋ.- କମାକନ୍ତିଆ, ଥାନା- ବଲଙ୍ଗା, ଜି- ପୁରୀ। ମୁଁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ପିପିଲିଙ୍କ ପାଖରେ ଘୋଷଣା କରୁଛି ଯେ ମୋର ଫଟୋ ପରିଚୟପତ୍ର ନଂ.-WXB1533975ରେ ଠିକ୍ ରହିଥିବା ବେଳେ ଆଧାର କାର୍ଡ ନଂ.- XXXX XXXX 7705ରେ ନୟନା ଦାସ କମ୍ପ୍ୟୁଟର ରେକର୍ଡରେ ମୟନା ଦାସ ହୋଇଅଛି। ନୟନୀ ଦାସ ନୟନା ଦାସ ଏବଂ ମୟନା ଦାସ ଜଣେ ବ୍ୟକ୍ତି ଅଟେ। ଧ-୨୮୭୭

## LOST

Notice is hereby given to General Public that, I Sri Sujit Kumar Behera has lost the original link RSD bearing No.- 11821801001 dt. 11.04.2018 and ROR No.-382/471 in the name of Smt. Subhankari Panda some where around Pahala Bazar on dt. 01.02.2025 and inspite of my best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, Mob-9853311189 of LICHFL at Sahidnagar, Bhubaneswar within 15 days from the date of the publication, failing which the document will lose its legal force and any mis-use of the document will be punishable under law. D-2878

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏମିତି କରନ୍ତୁ ଷ୍ଟଡି ରୁମ୍

**ପଢ଼ା ଘରର ପରିବେଶ ଭଲ ରହିଲେ ପିଲାଙ୍କ ମନରେ ସକାରାତ୍ମକ ପ୍ରଭାବ ପଡ଼େ। ତେଣୁ ଘରକୁ କିପରି ସଜାଡ଼ି ରଖିବେ ଜାଣିରଖନ୍ତୁ...**



⏭ପାଠ ପଢ଼ିବା ପାଇଁ ବାସ୍ତୁ ଅନୁସାରେ ଉତ୍ତର-ପୂର୍ବ ଦିଗ ହିଁ ସବୁଠୁ ଭଲ। ତେବେ ଦକ୍ଷିଣ କିମ୍ବା ଦକ୍ଷିଣ-ପୂର୍ବ ଦିଗରେ ଷ୍ଟଡିରୁମ୍ ଆଦୌ କରନ୍ତୁ ନାହିଁ। ଶିଡ଼ି ତଳେ ଥିବା ଖାଲି ସ୍ଥାନରେ ମଧ ପଢ଼ିବା ଘର କେବେ ବି କରନ୍ତୁ ନାହିଁ।

⏭ପିଲାଙ୍କ ପଢ଼ିବା ଘରେ ବଡ଼ ଦର୍ପଣ, ଟିଭି, ମାଗାଜିନ୍, ଗେମ୍ସ କିମ୍ବା କିଛି ଅଦରକାରୀ ଜିନିଷ ରଖନ୍ତୁ ନାହିଁ। ଏସବୁ ଜିନିଷ ପିଲାଙ୍କୁ ଅନ୍ୟମନସ୍କ କରିବା ସହ ନକାରାତ୍ମକ ଉର୍ଜା ସୃଷ୍ଟି କରିଥାଏ।

⏭ପିଲାଙ୍କ ପଢ଼ା ଟେବୁଲ ଉପରେ ଗଣେଶ ଓ ଦେବୀ ସରସ୍ୱତୀଙ୍କର ଛୋଟ ମୂର୍ତ୍ତି ରଖନ୍ତୁ। ଏହା ବ୍ୟତୀତ ଟେବୁଲ ଉପରେ ଅନାବଶ୍ୟକ ସାମଗ୍ରୀ କିଛି ରଖନ୍ତୁ ନାହିଁ। ପଢ଼ାଘରକୁ ଏଭଳି ତିଆରି କରନ୍ତୁ ଯେପରି ସୂର୍ଯ୍ୟକିରଣ ଝରକା କିମ୍ବା କବାଟ ମଧ ଦେଇ ଘର ଭିତରକୁ ଆସୁଥିବ। ଉତ୍ତର-ପୂର୍ବ ଦିଗରେ ପଢ଼ାଘର ଥିଲେ ସୂର୍ଯ୍ୟକିରଣ ଆସିଥାଏ।

⏭ରଙ୍ଗର ମଧ ମନ ଉପରେ ଢେର୍ ପ୍ରଭାବ ରହିଥାଏ। ତେଣୁ ପଢ଼ାଘରେ ଧଳା, ବାଦାମୀ କିମ୍ବା ସ୍କାଏ କଲର ଦିଅନ୍ତୁ। ଷ୍ଟଡି ଟେବୁଲ ଓ ଆଲମୀରା ମଧ ଏହି ରଙ୍ଗର କରନ୍ତୁ। ଅଧିକ ଗାଢ଼ ରଙ୍ଗର ବ୍ୟବହାର ଆଦୌ କରନ୍ତୁ ନାହିଁ।

# ୪୦ ପରେ ଖାଦ୍ୟ

**୪୦ ବର୍ଷ ପରେ ମହିଳାଙ୍କର ବିଭିନ୍ନ ପ୍ରକାର ଶାରୀରିକ ପରିବର୍ତ୍ତନ ଆସିଥାଏ। ତେଣୁ ଏହି ସମୟରେ ଖାଦ୍ୟପେୟ ଓ ବ୍ୟାୟାମ ଉପରେ ଧ୍ୟାନ ନ ଦେଲେ ବହୁ ସମସ୍ୟା ଦେଖାଦିଏ। ଏହି ସମୟରେ କେଉଁ ଖାଦ୍ୟକୁ ଗୁରୁତ୍ୱ ଦେବେ ଜାଣିରଖନ୍ତୁ..**



■ ଅଣ୍ଡାରେ ପ୍ରୋଟିନ୍ ସହ ଭିଟାମିନ୍-ଡି, ବି-୧୨ ଓ ଅନ୍ୟ ପୋଷକ ତତ୍ତ୍ୱ ଭରପୂର ହୋଇ ରହିଛି। ତେଣୁ ପ୍ରତିଦିନ ଏହାକୁ ନିଜ ଖାଦ୍ୟରେ ସାମିଲ କରନ୍ତୁ। ଶରୀରକୁ ମଜଭୁତ କରିବା ପାଇଁ ହେଲେ ମହିଳାଙ୍କୁ ନିୟମିତ ଅଣ୍ଡା ଖାଇବା ଦରକାର।

■ ମହିଳାମାନେ ଶାକାହାରୀ ହୋଇଥିଲେ ତେବେ ନିୟମିତ ସୋୟାବିନ୍ ଖାଆନ୍ତୁ। ୧୦୦ ଗ୍ରାମ୍ ସୋୟାବିନ୍‌ରେ ୩୬.୯ ଗ୍ରାମ୍ ପ୍ରୋଟିନ୍ ରହିଛି। ତେଣୁ ଏହା ଏକ ସୁଷମ ଖାଦ୍ୟ ହୋଇପାରିବ।

■ ଶାକାହାରୀ ଲୋକ ପନୀର ଖାଆନ୍ତୁ। ଏହା ବ୍ୟତୀତ ଦହି କିମ୍ବା କ୍ଷୀର ମଧ ଖାଦ୍ୟରେ ସାମିଲ କରିପାରିବେ।

■ ସବୁ ପ୍ରକାର ଡାଲିରେ ପ୍ରୋଟିନ୍‌ର ପରିମାଣ ଅଧିକ ରହିଥାଏ। ଏହା ବ୍ୟତୀତ ରାଜ୍‌ମା ଓ ଛୋଲେରେ ମଧ ଅଧିକ ପ୍ରୋଟିନ୍ ରହିଛି। ତେଣୁ ମହିଳାମାନେ ଶରୀରର ପ୍ରୋଟିନ୍ ଆବଶ୍ୟକତା ପୂରଣ କରିବା ପାଇଁ ଏସବୁ ଖାଦ୍ୟକୁ କିଛି ମାତ୍ରାରେ ସାମିଲ କରିବା ଦରକାର।

■ ବାଦାମରେ କ୍ୟାଲୋରି, ଭିଟାମିନ୍ ଓ ପ୍ରୋଟିନ୍ ଅଧିକ ରହିଛି। ତେଣୁ ଏହା ଶରୀରକୁ ଭରପୂର ପୋଷଣ ଦେଇଥାଏ। ଏହି ଖାଦ୍ୟକୁ ମଧ ମହିଳାମାନେ ୪୦ ବର୍ଷ ପରେ ନିୟମିତ ଖାଇବା ଅଭ୍ୟାସ କରନ୍ତୁ।

# ଇମୋଶନାଲ ଡିଷ୍ଟାନ୍ସ

**ଭାବକୁ ନିୟନ୍ତ୍ରଣକରେ ଭାବପ୍ରବଣତା। ଭାଷାକୁ ସୃଷ୍ଟିକରେ ଏହି ଇମୋଶନ। ଏଇ ଭାବ ହିଁ ବୈବାହିକ ଜୀବନକୁ କରିଥାଏ ସ୍ୱପ୍ନିଳ, ସୁନ୍ଦର। କିନ୍ତୁ ସମ୍ପର୍କର ପରିଭାଷାରେ ସବୁ ବୁଝାମଣା ଭୁଲ୍‌ଭାଲ୍ ହୋଇଯାଏ ସେତେବେଳେ, ଯେତେବେଳେ ଦେଖାଯାଏ ଇମୋଶନାଲ୍ ଡିଷ୍ଟାନ୍ସ। ତେଣୁ ଏଭଳି ସ୍ଥିତି ଆସିବା ପୂର୍ବରୁ ପରିସ୍ଥିତିକୁ ବଦଳେଇନେବା ନିହାତି ଜରୁରୀ...**



ସମ୍ପର୍କର ସବୁ ଭାଷାକୁ ବୁଝିଥାଏ ଇମୋସନ, ଆଉ ବୈବାହିକ ଜୀବନରେ ଭରିଥାଏ ରଙ୍ଗ। କିନ୍ତୁ ସମ୍ପର୍କର ପରିଭାଷା ସବୁ ବୁଝାମଣା ଭୁଲ୍‌ଭାଲ୍ ହୋଇଯାଏ ଯେବେ ଦେଖାଯାଏ ଇମୋସନାଲ ଡିଷ୍ଟାନ୍ସ। ଆଉ ଏଭଳି ସ୍ଥିତି ଆସିବା ପାଇଁ ଦମ୍ପତିମାନଙ୍କର ବ୍ୟବହାର ହିଁ ମୁଖ୍ୟ କାରଣ। ତେଣୁ ଏଭଳି ସ୍ଥିତି ଆସିବା ପୂର୍ବରୁ ସେମାନେ ସଚେତନ ହୋଇଯିବା ଦରକାର। ନଚେତ୍ ଏହି ଦୂରତା ବଢ଼ିଯାଇ ସମ୍ପର୍କର ନିଅଁକୁ ଦୋହଲାଇ ଦିଏ। ଆଉ ସମ୍ପର୍କ ଭାଙ୍ଗିବାକୁ ବି ବେଶି ସମୟ ଲାଗେନାହିଁ। ତେଣୁ ମନକୁ ବୁଝାଇ ଭୁଲ୍ ବୁଝାମଣା ଦୂରକରିବା ଦରକାର।

**କେତେ ମାରାତ୍ମକ:** ଟିକିଏ ଟିକିଏ କଥାରେ ସମ୍ପର୍କ ଖରାପ ହୋଇଯାଏ। କିନ୍ତୁ ମନର ସମ୍ପର୍କ ମଜଭୁତ ଥିଲେ ଶାରୀରିକ ଦୂରତା କିଛି ପ୍ରଭାବ ପକାଇ ପାରେନାହିଁ। ଯେଉଁଠି ଥିଲେ ବି ସବୁବେଳେ ପରସ୍ପର ସହ ମନର ସମ୍ପର୍କକୁ ମଜଭୁତ କରିବା ଦରକାର। ଏଥିପାଇଁ କଥାବାର୍ତ୍ତା ହେବା, ନିଜ ସମସ୍ୟା ସମ୍ପର୍କରେ କହିବା ଓ ଅନ୍ୟର ସମସ୍ୟା ଶୁଣିବା ପାଇଁ ସମୟ ବାହାର କରିବା ଦରକାର। ଏଭଳି ବିଭିନ୍ନ ମାଧ୍ୟମରେ କଥାବାର୍ତ୍ତା, ଦେଖାସାକ୍ଷାତ ଆଦି କରିବା ଦ୍ୱାରା ହିଁ ଭାବନାତ୍ମକ ନିବିଡ଼ତା ରହିପାରିବ। କିନ୍ତୁ ମନର ଦୂରତା ବଢ଼ିଲେ ବହୁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥାଏ।





**କମ୍ୟୁନିକେଶନ ଗ୍ୟାପ୍:** ଉଭୟେ ଯେତେବେଳେ ଖୋଲାଖୋଲି ପରସ୍ପର କଥାବାର୍ତ୍ତା ହୁଅନ୍ତି ନାହିଁ ସେତେବେଳେ ଛୋଟ ଛୋଟ କଥା ବି ବଡ଼ ସମସ୍ୟାରେ ପରିଣତ ହୋଇଥାଏ। ତେଣୁ ପରସ୍ପର କମ୍ କଥାବାର୍ତ୍ତା ହେଲେ ଇମୋସନାଲ ଡିଷ୍ଟାନ୍ସ ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ସେ ସମୟରେ କେହି କାହା କଥାକୁ ବୁଝିପାରନ୍ତି ନାହିଁ। ତା'ପରେ ଭୁଲ୍ ବୁଝାମଣା ଓ ସନ୍ଦେହ ସୃଷ୍ଟିହୁଏ। ଏଭଳି ପରିସ୍ଥିତିକୁ ଏଡ଼ାଇବା ପାଇଁ ହେଲେ ପରସ୍ପର ସହ ଅଧିକରୁ ଅଧିକ ସମୟ କଥାବାର୍ତ୍ତା ହେବା ଜରୁରୀ।



**କ୍ୱାଲିଟି ଟାଇମ୍ :** ବେଳେବେଳେ ପାଖରେ ଥାଇ ବି ବହୁ ଦୂରରେ ଥିବା ଭଳି ଅନୁଭବ ହୁଏ। ଏହାର କାରଣ ପରସ୍ପର ସହ କ୍ୱାଲିଟି ଟାଇମ୍ କଟେଇବାର ସୁଯୋଗ ମିଳି ନ ଥାଏ। କାର୍ଯ୍ୟବ୍ୟସ୍ତତା ଓ ବିଭିନ୍ନ ଦାୟିତ୍ୱ ନିଭାଇବା ଫଳରେ ଦମ୍ପତିମାନଙ୍କୁ ପରସ୍ପର ପାଇଁ ସମୟ ବାହାର କରିବା କଷ୍ଟକର ହୋଇଥାଏ। ତେଣୁ ପରସ୍ପର ମନର ଭାବକୁ ପ୍ରକାଶକରିବା ପାଇଁ ସୁଯୋଗ ମିଳେନାହିଁ। ଏଭଳି ଅଧିକ ଦିନ ହେବା ଫଳରେ ଆପେ ଆପେ ଏକ ଭାବନାତ୍ମକ ଦୂରତା ସୃଷ୍ଟି ହୋଇଯାଏ।

**ଉପେକ୍ଷା ଭାବ:** ବେଳେବେଳେ ପରିସ୍ଥିତି ଏଭଳି ହୋଇଥାଏ ଯେ ଅନ୍ୟମାନଙ୍କୁ କିମ୍ବା ଘରକାମ ଅବା କ୍ୟାରିୟରକୁ ପ୍ରାଥମିକତା ଦେବାକୁ ପଡ଼େ। ଏପରି ନ ହେଲେ ସଫଳତା ମିଳି ନ ଥାଏ। ଏଭଳି ସ୍ଥିତିରେ ଚାହୁଁ ନ ଥିଲେ ବି ଦମ୍ପତିମାନଙ୍କ ପାଖରେ ପରସ୍ପର ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଦୂରତା ବଢ଼ିଯାଏ। ପ୍ରତି କ୍ଷେତ୍ରରେ ସେମାନେ ପରସ୍ପରଠାରୁ ଦୂରେଇ ରହନ୍ତି। ଫଳରେ ଧୀରେ ଧୀରେ ଏକ ଇମୋସନାଲ ଡିଷ୍ଟାନ୍ସ ମଧ ଆସି ଯାଇଥାଏ।

**ମାନସିକ ଚାପ:** ବ୍ୟକ୍ତିଗତ ସମସ୍ୟା, ଷ୍ଟ୍ରେସ୍ ଓ ମାନସିକ ଚାପ ମଧ ସମ୍ପର୍କ ଉପରେ ପ୍ରଭାବ ପକାଇଥାଏ। ଏଭଳି ପରିସ୍ଥିତି ଦେଇ ଗତି କରୁଥିଲେ କାହା ସହ ବି କଥାବାର୍ତ୍ତା ହେବାକୁ ଇଚ୍ଛା ହୁଏନାହିଁ।

## ଏମାନେ କ'ଣ କରନ୍ତି



**ସବୁ ସମୟରେ ଏକାଠି :** ଆମ ସମ୍ପର୍କର ଅର୍ଥ ହିଁ ପରସ୍ପରକୁ ବୁଝିବା ଓ ସବୁ ସମୟରେ ପରସ୍ପରକୁ ନିକଟରେ ଅନୁଭବ କରିବା। ଏଥିପାଇଁ ଆମେ ସବୁକଥା ପରସ୍ପର ସହ ଶେୟାର କରୁ। ଦେଖା ହେବାପାଇଁ ଯଦି ସମୟ ନ ଥାଏ ତା'ହେଲେ ଫୋନ୍‌ରେ କଥାବାର୍ତ୍ତା ନିଶ୍ଚୟ ହେଉ। ଏମିତିକି କାର୍ଯ୍ୟବ୍ୟସ୍ତତା ଥିଲେ ବି ଟିକିଏ ସମୟ ପାଇବା ମାତ୍ରେ କଥା ହୋଇ ସେହି ସମୟର ସବୁ ସୁବିଧା ଅସୁବିଧା ନେଇ କଥା ହେଉ। ତେଣୁ ପ୍ରତି ମୁହୂର୍ତ୍ତରେ ଆମେ ପରସ୍ପର ସହ ଯୋଡ଼ିହୋଇ ରହିଥାଉ। ଏଥିପାଇଁ ଆମ ସମ୍ପର୍କରେ କୌଣସି ପ୍ରକାର ସମସ୍ୟା ଦେଖାଦେଇ ନାହିଁ।

*– **ମହାଶ୍ୱେତା ତ୍ରିପାଠୀ,** କର୍ମଜୀବୀ, କିଟ୍ ୟୁନିଭର୍ସିଟି, ଭୁବନେଶ୍ୱର*



**କୌଣସି ସମସ୍ୟା ନାହିଁ:** ଚାକିରି ପାଇଁ ସେ ଅଧିକାଂଶ ସମୟ ଘରଠାରୁ ଦୂରରେ ରହନ୍ତି। ସେଥିପାଇଁ ମୁଁ ତାଙ୍କୁ ଯଥା ସମ୍ଭବ ସହଯୋଗ କରିବାକୁ ଚେଷ୍ଟାକରେ। ଅଫିସ୍ ସମୟରେ କୌଣସି ପ୍ରକାର ଟେନ୍‌ସନ ନେଇ କଥାବାର୍ତ୍ତା କରେନାହିଁ। କାମ ସରିବା ପରେ ଆମେ ପରସ୍ପର କଥାବାର୍ତ୍ତା ହୋଇ ସବୁ ସମସ୍ୟାର ସମାଧାନ ନେଇ ବିଚାରକରୁ। ଆମ ଭିତରେ ଏଭଳି ବୁଝାମଣା ପାଇଁ ଆଜିଯାଏଁ କୌଣସି ପ୍ରକାର ସନ୍ଦେହ ସୃଷ୍ଟି ହୋଇନାହିଁ କି ସମ୍ପର୍କରେ କୌଣସି ସମସ୍ୟା ଦେଖାଦେଇନାହିଁ।

*– **ସ୍ମୃତିରେଖା ଦାସ,** ଗୃହିଣୀ, ଆମ୍ବେଦକର ନଗର, ଇନ୍ଦୋର, ମଧ୍ୟପ୍ରଦେଶ*

**ସନ୍ଦେହ ଓ ଅବିଶ୍ୱାସ:** ସମ୍ପର୍କରେ ବିଶ୍ୱାସ ରହିବା ନିହାତି ଜରୁରୀ। କିନ୍ତୁ କୌଣସି କ୍ଷେତ୍ରରେ ବିଶ୍ୱାସର ଅଭାବ ରହିଲେ ମନରେ ବିଭିନ୍ନ ପ୍ରକାର ସନ୍ଦେହ ବସା ବାନ୍ଧିଥାଏ। ଏହି ଅବସ୍ଥାରେ ପରସ୍ପର ସହିତ ମନଖୋଲା କଥା ହେବାରେ ଅସୁବିଧା ହୋଇଥାଏ। ତେଣୁ ଉଭୟଙ୍କ ମନରେ ଏକ ଦୂରତା ସୃଷ୍ଟି ହୋଇଯାଏ। ଏହି ଅବସ୍ଥାକୁ କାହା ଆଗରେ ପ୍ରକାଶ କରିହୁଏ ନାହିଁ, କିନ୍ତୁ ସମ୍ପର୍କରେ ଦୂରତା ବଢ଼ିଯାଏ। କିଛି କହିବା ପାଇଁ ଚିଡ଼ିଚିଡ଼ା ଲାଗେ। ତେଣୁ କମ୍ କଥାବାର୍ତ୍ତା କରିବା ଫଳରେ ଅନେକ ପ୍ରକାର ଭାବ ମନ ଭିତରେ ରହିଯାଏ। ଏମିତି କିଛିଦିନ ରହିବା ଦ୍ୱାରା ସେମାନଙ୍କ ମଧ୍ୟରେ ଏକ ଗ୍ୟାପ୍ ସୃଷ୍ଟି ହୋଇଯାଏ। ତା'ପରେ ଆପେ ଆପେ ପରସ୍ପର ପ୍ରତି ଅଭିମାନରେ କଥାବାର୍ତ୍ତା ଆହୁରି କମ୍ ହୋଇଯାଏ। ଶେଷରେ ଏହା ଇମୋସନାଲ ଡିଷ୍ଟାନ୍ସର ରୂପ ନିଏ। ତେଣୁ ପ୍ରତି ସମସ୍ୟା ନେଇ ପରସ୍ପର ସହ କଥାବାର୍ତ୍ତା ହେବା ଦରକାର।

## ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଇବ ବିଟ୍

**ପରିବାଭାବେ ବିଟ୍‌କୁ ସମସ୍ତେ ବ୍ୟବହାର କରିଥାନ୍ତି। ତେବେ ଏହାକୁ ଏକ ସୌନ୍ଦର୍ଯ୍ୟ ସାମଗ୍ରୀଭାବେ ବ୍ୟବହାର କରି ତ୍ୱଚାର ବିଭିନ୍ନ ସମସ୍ୟା ସମାଧାନ କରିହେବ। ଏଥିପାଇଁ ଜାଣି ରଖନ୍ତୁ କିଛି ସହଜ ଉପାୟ...**

⏭ନିୟମିତଭାବେ ବିଟ୍ ଲଗାଇଲେ ତ୍ୱଚା ପ୍ରାକୃତିକଭାବେ ଅଧିକ ଉଜ୍ଜ୍ୱଳ ଓ ସୁନ୍ଦର ହୋଇପାରିବ। ଏହା ମଧ ଏକ କ୍ଲିଞ୍ଜର ଭଳି କାମ କରିଥାଏ। ତେଣୁ ମୁହଁରେ ବ୍ରଣ କିମ୍ବା ପିଗ୍‌ମେଣ୍ଟେଶନ ଭଳି ସମସ୍ୟା ମଧ ଦୂର କରିଥାଏ।

⏭ବିଟ୍‌କୁ ଗ୍ରାଇଣ୍ଡିଂକରି ସେଥିରେ ୨ ଚାମଚ ଦହି ଓ ୧ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଭଲଭାବେ ଲଗାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁ ଧୋଇଦିଅନ୍ତୁ। ନିୟମିତ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯିବ।



⏭ବିଟ୍‌ର ଏକ ଗାଢ଼ା ପେଷ୍ଟ ତିଆରିକରି ସେଥିରେ କିଛି ଚନ୍ଦନ ପାଉଡର ମିଶାଇ ୧୫ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ନିୟମିତ ଏହାକୁ ଲଗାଇଲେ ଧୀରେ ଧୀରେ ସ୍କିନ୍ ପ୍ରାକୃତିକଭାବେ ଅଧିକ ମୁଲାୟମ ଓ କୋମଳ ହୋଇଯିବ।

⏭ଆଲୋଭେରା ଜେଲ୍ ସହ ବିଟ୍‌କୁ ପେଷ୍ଟକରି ମିଶାଇ ମୁହଁରେ ଲଗାଇଲେ ତ୍ୱଚାର ରୁକ୍ଷପଣ କମ୍ ହୋଇଥାଏ। ଏଥିପାଇଁ ଏହି ପେଷ୍ଟକୁ ୨୦ ମିନିଟ୍ ଲଗାଇ ରଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ।

⏭ଯଦି ମୁହଁରେ ବ୍ରଣର ସମସ୍ୟା ରହିଥାଏ ତେବେ ୨ ଚାମଚ ବିଟ୍ ପେଷ୍ଟରେ ୧ ଚାମଚ ନିମ୍ବପତ୍ର ପେଷ୍ଟ, ୨ ଚାମଚ ଗୋଲାପ ଜଳ ମିଶାଇ ଲଗାନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏହାକୁ ଲଗାନ୍ତୁ।



# ଖାଦ୍ୟରୁଚି // ପାଳଙ୍ଗ କବାବ୍



**ଆବଶ୍ୟକ ସାମଗ୍ରୀ**

ପାଳଙ୍ଗ ଶାଗ- ୨ ବିଡା, ଆଳୁ- ୨ରୁ ୩ଟି, ମଟର- ଅଧାକପ୍, କ୍ୟାପ୍‌ସିକମ୍- ୨ଟି, ଦହି- ୧ କପ୍, କଞ୍ଚାଲଙ୍କା- ୨ଟି, ଅଦା- ଖଣ୍ଡେ, ଗରମ ମସଲା- ଅଧା ଛୋଟ ଚାମଚ, ଗୁଜୁରାତି ଗୁଣ୍ଡ- ଅଳ୍ପ, ଆମଚୁର ପାଉଡର- ଅଧା ଛୋଟ ଚାମଚ, ବେସନ- ୩ ବଡ଼ ଚାମଚ, ତେଲ- ୩ ବଡ଼ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ।

**ପ୍ରସ୍ତୁତି ପ୍ରଣାଳୀ-**

ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ। ପାଳଙ୍ଗ ଶାଗକୁ ଭଲଭାବେ ଧୋଇ ଛୋଟ ଛୋଟ କାଟି ରଖନ୍ତୁ। ଏହାପରେ କଡ଼େଇରେ ଅଳ୍ପ ପାଣି ଦେଇ ଶାଗକୁ ଅଧା ସଝାଇ ପାଣିରୁ ଛାଣି ରଖନ୍ତୁ। ଏବେ କଡ଼େଇ ଗରମକରି ସେଥିରେ ତେଲ ପକାଇ ରସୁଣକୁ ଛେଚି ପକାନ୍ତୁ। ଅଳ୍ପ ଭାଜିହେବା ପରେ ସେଥିରେ ମଟର ଓ କ୍ୟାପ୍‌ସିକମ୍ ପକାଇ ଅଳ୍ପ ଭାଜନ୍ତୁ। ଏହାପରେ ପାଳଙ୍ଗ ଶାଗ ସହ କଞ୍ଚାଲଙ୍କା, ମଟର ଓ କ୍ୟାପ୍‌ସିକମ୍‌କୁ ଗ୍ରାଇଣ୍ଡରରେ ଦରଦରା କରି ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହି ମିଶ୍ରଣରେ ଏବେ ସିଝାଆଳୁ ପକାନ୍ତୁ। ଏହାପରେ ସେଥିରେ ଅଦାକୁ କୋରି ପକାନ୍ତୁ। ଗରମ ମସଲା, ଧନିଆଗୁଣ୍ଡ, ହଳଦୀ, ଲୁଣ, ଆମଚୁର ପାଉଡର, ଧନିଆପତ୍ର ଓ ବେସନକୁ ଅଳ୍ପ ଭାଜି ସେଥିରେ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଚକଟି ହାତରେ କବାବ୍ ଭଳି ଆକାର ଦେଇ ପ୍ଲେଟ୍‌ରେ ରଖନ୍ତୁ। ଏସବୁକୁ କଡ଼େଇରେ ତେଲ ପକାଇ ମଧ୍ୟମ ଆଞ୍ଚରେ ଭାଜି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଥିବା କବାବ୍‌କୁ ଟମାଟୋ ଚଟଣି ସହ ଖାଆନ୍ତୁ।



ଏଫ୍ଆଇଏଚ୍ ପ୍ରୋ ଲିଗ୍ ପାଇଁ ସୋମବାର କଳିଙ୍ଗ ଷ୍ଟାଡିୟମରେ ଇଂଲଣ୍ଡ ମହିଳା ଦଳର ଅଭ୍ୟାସ।

# କଳିଙ୍ଗରେ ଇଂଲଣ୍ଡ ମହିଳା ଦଳର ଅଭ୍ୟାସ

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

**ଜର୍ମାନୀ ଓ ସ୍ପେନ୍ ଦଳ ପହଞ୍ଚିଲା**

**ଭୁବନେଶ୍ୱର, ୧୦।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ପାଇଁ ଉଷ୍ମତା ବଢ଼ିବାରେ ଲାଗିଛି। ପ୍ରତିଯୋଗିତା ପାଖେଇ ଆସିଥିବାରୁ ଗୋଟିଏ ପରେ ଗୋଟିଏ ଦଳ ଭୁବନେଶ୍ୱରରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ଲିଗ୍ ଚଳିତ ମାସ ୧୫ରୁ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ସୋମବାର କଳିଙ୍ଗ ଷ୍ଟାଡିୟମରେ ଇଂଲଣ୍ଡ ମହିଳା ହକି ଦଳ ଜୋରଦାର ଅଭ୍ୟାସ କରିଛି। ଅନ୍ୟପକ୍ଷରେ ଜର୍ମାନୀ ଓ ସ୍ପେନ୍ ଦଳର ସଦସ୍ୟମାନେ ଏଠାରେ ପହଞ୍ଚିଛନ୍ତି। ଏଫ୍ଆଇଏଚ୍ ପ୍ରୋ ଲିଗ୍ର ଭୁବନେଶ୍ୱର ଚରଣରେ ଭାରତ ପୁରୁଷ ବର୍ଗରେ ଇଂଲଣ୍ଡ, ସ୍ପେନ, ଜର୍ମାନୀ, ଆୟର୍ଲାଣ୍ଡ ସହିତ ମୁକାବିଲା କରିବ। ସେହିପରି ଭାରତୀୟ ମହିଳା ଦଳ ଜର୍ମାନୀ, ଇଂଲଣ୍ଡ, ନେଦରଲାଣ୍ଡ୍ସ ଓ ସ୍ପେନ୍ ସହିତ ଖେଳିବ। ପ୍ରତ୍ୟେକ ଦଳ ପରସ୍ପରକୁ ୨ଟି ଲେଖାଏ ମ୍ୟାଚରେ ଭେଟିବେ। ୧୫ ତାରିଖରେ ଭାରତୀୟ ମହିଳା ଦଳ ଇଂଲଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଦିନ ସ୍ପେନ୍ ବିପକ୍ଷରେ ଖେଳିବ ଭାରତୀୟ ପୁରୁଷ ଦଳ।

ଆସନ୍ତା ପ୍ରୋ ଲିଗ୍ରେ ଦର୍ଶକମାନେ ଯେପରି ମାଗଣାରେ ଖେଳ ଉପଭୋଗ କରିପାରିବେ ସେଥିପାଇଁ ହକି ଇଣ୍ଡିଆ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଷ୍ଟାଡିୟମରେ ଏକ ଫ୍ୟାନ-ଫ୍ରେଣ୍ଡଲୀ ପରିବେଶ ସୃଷ୍ଟି କରିବାକୁ ହକି ଇଣ୍ଡିଆ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଦର୍ଶକମାନେ www.ticketgenie.inରେ ନିଜ ସମ୍ପର୍କରେ ସବିଶେଷ ବିବରଣୀ ଦେଇ ଅତି ସହଜରେ ଭର୍ଚୁଆଲ ଟିକେଟ ହାସଲ କରିପାରିବେ। ଟିକେଟ ପାଇଁ କୌଣସି ଦାମ୍ ଦେବାକୁ ପଡ଼ୁ ନ ଥିବାରୁ ରିଡେମ୍ପଶନର ଆବଶ୍ୟକତା ନାହିଁ। ନିଜ ଭର୍ଚୁଆଲ ଟିକେଟ ଦେଖାଇ ଦର୍ଶକମାନେ ସହଜରେ ଷ୍ଟାଡିୟମରେ ପ୍ରବେଶ କରିପାରିବେ।

# ‘ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିକୁ ପ୍ରତିଟି ବ୍ଲକରେ ପହଞ୍ଚାଇବା ଲକ୍ଷ୍ୟ’

**ଭୁବନେଶ୍ୱର, ୧୦।୨ (ତପନ ସ୍ୱାଇଁ)**

ଓଡ଼ିଶାର ସମସ୍ତ ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ। ବ୍ଲକ ସ୍ତରରେ ଷ୍ଟାଡିୟମ ନିର୍ମାଣ ନିମନ୍ତେ ୪୧୨୪ କୋଟି ଟଙ୍କାର ବ୍ୟୟ ଅଟକଳ ସ୍ଥିର କରାଯାଇଛି। ବ୍ଲକ ସ୍ତରୀୟ ଷ୍ଟାଡିୟମ ପ୍ରାୟ ୮ରୁ ୧୦ ଏକର ସ୍ଥାନରେ ନିର୍ମାଣ କରାଯିବ। ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବା ସହ କ୍ରୀଡ଼ା ପ୍ରତିଭାର ସାମଗ୍ରିକ ବିକାଶ କରିବାରେ ଏହା ନିଶ୍ଚିତ ରୂପେ ସହାୟକ ହେବ। କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯେପରି ବ୍ଲକ ସ୍ତରରେ ପହଞ୍ଚି ପାରିବ, ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ତାହା ଲକ୍ଷ୍ୟ ରଖାଯାଇଛି ବୋଲି ସୋମବାର କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ଅଡିଟୋରିୟମ୍ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ଏହି ଅବସରରେ ସୂରଜ ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ହୋଇଥିବା ମାଷ୍ଟର ପ୍ଲାନ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଷ୍ଟାଡିୟମର ମାଷ୍ଟର ପ୍ଲାନ ଏବଂ ରୂପରେଖକୁ ଏକ ପ୍ରେଜେଣ୍ଟେସନ ଓ ପ୍ରତିକାତ୍ମକ ଭିଡିଓ ମାଧ୍ୟମରେ ସେ ଉପସ୍ଥାପିତ କରିଥିଲେ। ପ୍ରସ୍ତାବିତ ହୋଇଥିବା ମାଷ୍ଟର ପ୍ଲାନ ଅନୁଯାୟୀ ବ୍ଲକ ସ୍ତରୀୟ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ା ନିମନ୍ତେ ବ୍ୟବସ୍ଥା ଉପଲବ୍ଧ ହେବ। କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ଏହା ଏକ କ୍ରୀଡ଼ା ନର୍ସରି ଭାବେ କାର୍ଯ୍ୟ କରିବ। ଷ୍ଟାଡିୟମରେ ଫୁଟବଲ/କ୍ରିକେଟ ପଡ଼ିଆ, ଆଥ୍ଲେଟିକ ଟ୍ରାକ, ଥ୍ରୋ ଏରିଆ, ଜମ୍ପ ଏରିଆ, ଭଲିବଲ କୋର୍ଟ ଆଦିର ନିର୍ମାଣ କରାଯିବ। ଏଥିସହିତ ଦେଶୀୟ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଷ୍ଟାଡିୟମର ଇନ୍ଡୋର ହଲରେ ବ୍ୟାଡ୍ମିଣ୍ଟନ କୋର୍ଟ, ଟେବୁଲ ଟେନିସ, ଜିମ୍ନାଷ୍ଟିକ, ଭାରୋତ୍ତୋଳନ ଆଦି ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିବ। ଏଥିସହ ପ୍ରତିଟି ଷ୍ଟାଡିୟମରେ ସାଧାରଣ ସୁବିଧା କେନ୍ଦ୍ର ରହିବା ସହ ଷ୍ଟାଡିୟମର ବାହ୍ୟ ବିକାଶ, ବିଭିନ୍ନ ବ୍ୟବସ୍ଥା ଯଥା ଜଳ ଯୋଗାଣ, ନିଷ୍କାସନ ବା ସ୍ୱେରେଜ, ଆଲୋକୀକରଣ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାର ମଧ୍ୟ ଚୟନ କରାଯିବ। କ୍ରୀଡ଼ା ଓ କ୍ରୀଡ଼ାବିତ୍ମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ହେବା ସହ କ୍ରୀଡ଼ାବିତ୍ମାନେ କ୍ରୀଡ଼ା ଜଗତରେ ଯେପରି ନିଜର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବେ ସେ ଦିଗରେ ଗୁରୁତ୍ୱାରୋପ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।





ଭୁବନେଶ୍ୱରରେ ପହଞ୍ଚିବାପରେ ଜର୍ମାନୀ ମହିଳା ଓ ସ୍ପେନ୍ ପୁରୁଷ ଦଳର ଖେଳାଳି।

## ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଲେ ବେଥେଲ

**କଟକ, ୧୦।୨:** ଇଂଲଣ୍ଡ ଅଲରାଉଣ୍ଡର ଜାକବ ବେଥେଲ ଆଘାତପ୍ରାପ୍ତ ହୋଇଛନ୍ତି। ଫଳରେ ସେ ଆଗାମୀ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଖେଳିପାରିବେ ନାହିଁ ବୋଲି ଦଳର ଅଧିନାୟକ ଜୋସ୍ ବଟଲର ସ୍ପଷ୍ଟ କରିଛନ୍ତି। ତାଙ୍କର ହାମ୍ଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି। ରବିବାର ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ୪ ଉଇକେଟରେ ପରାଜିତ ହେବାପରେ ବଟଲର ଏହି ସୂଚନା ଦେଇଛନ୍ତି।

# ଓଡ଼ିଶାର ୪ ଖେଳାଳିଙ୍କୁ ସୁଯୋଗ

**ଆନ୍ତଃ ଜୋନ୍ ଭିନ୍ନକ୍ଷମ କ୍ରିକେଟ**

**ଭୁବନେଶ୍ୱର, ୧୦।୨ (ତପନ ସ୍ୱାଇଁ)**

ହାଇଦ୍ରାବାଦଠାରେ ସୋମବାରଠାରୁ ଆନ୍ତଃ ଜୋନ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ପୂର୍ବାଞ୍ଚଳ, ଦକ୍ଷିଣାଞ୍ଚଳ, ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ଆଦି ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବଳରାମ ବସ୍ତିଆ, ଅକ୍ଷୟ କୁମାର ସାହୁ, ଜଗଜୀତ ମହାନ୍ତି ଓ ରାଜେଶ କୁମାର ପ୍ରଧାନ। ଏଥିରେ ଭଲ ପ୍ରଦର୍ଶନ କଲେ ଓଡ଼ିଶା ଖେଳାଳିମାନେ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସାମିଲ ହୋଇପାରିବେ। ମନୋନୀତ ୪ ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ଫର ଫିଜିକାଲ ଚ୍ୟାଲେଞ୍ଜର ସଭାପତି ତନୁଜା ମହାନ୍ତି, ସମ୍ପାଦକ ବେଲା ଜୈସୱାଲ୍, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଉପ ସଭାପତି ମଣ୍ଟୁ ଦାସ, ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ଆଜାର ଓ ଅଧିନାୟକ ରାଖାଲ୍ କୁମାର ସେଠୀ ଏବଂ ସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।




# ଆୟର୍ଲାଣ୍ଡର କ୍ରମାଗତ ତୃତୀୟ ଟେଷ୍ଟ ବିଜୟ

**ବୁଲାୱେଓ, ୧୦।୨ (ଏପି)**

ସୋମବାର ଏଠାରେ ଶେଷ ହୋଇଥିବା କ୍ରିକେଟ ଟେଷ୍ଟ ମ୍ୟାଚ୍ରେ ଆୟର୍ଲାଣ୍ଡ ୬୩ ରନରେ ଜିମ୍ବାୱେକୁ ହରାଇ ଦେଇଛି। ଦଳର ଏହା ହେଉଛି କ୍ରମାଗତ ତୃତୀୟ ଟେଷ୍ଟ ବିଜୟ। ସୂଚନାଯୋଗ୍ୟ, ଆୟର୍ଲାଣ୍ଡକୁ ୨୦୧୭ରେ ଟେଷ୍ଟ ଦେଶର ମାନ୍ୟତା ମିଳିଥିଲା। ଏହାପରେ ଦେଶ କ୍ରମାଗତ ୭ଟି ଟେଷ୍ଟ ମ୍ୟାଚରେ ପରାଜିତ ହୋଇଥିଲା। ତେବେ ଦଳ ଗତବର୍ଷ ମାର୍ଚ୍ଚରେ ଆଫଗାନିସ୍ତାନକୁ ପରାସ୍ତ କରିବା ପରେ ବର୍ତ୍ତମାନ ଜିମ୍ବାୱେ ବିପକ୍ଷରେ ପଛକୁ ପଛ ଦୁଇଟି ମ୍ୟାଚରେ ବିଜୟ ହାସଲ କରିଛି।

# ପଏଣ୍ଟ ଭାଗକଲେ ଓଡ଼ିଶା-ପଞ୍ଜାବ

**ଇଣ୍ଡିଆନ ସୁପର ଲିଗ୍**

**ଭୁବନେଶ୍ୱର, ୧୦।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚରେ ଓଡ଼ିଶା ଏଫ୍ସି ଓ ପଞ୍ଜାବ ଏଫ୍ସି ପଏଣ୍ଟ ଭାଗ କରିଛନ୍ତି। ୪୪ତମ ମିନିଟରେ ରାହୁଲ କେ.ପି.ଙ୍କୁ ରେଡ୍ କାର୍ଡ ଯୋଗୁ ଓଡ଼ିଶା ଦଳ ୧୦ ଜଣିଆରେ ପରିଣତ ହୋଇଥିଲା। ଏହା ସତ୍ତ୍ୱେ ଲଢ଼ୁଆ ପ୍ରଦର୍ଶନ କରି ଘରୋଇ ଦଳ ପଞ୍ଜାବକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୧-୧ ଗୋଲରେ ଡ୍ର ରହିବାରୁ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ପ୍ରଥମାର୍ଦ୍ଧର ଶେଷ କ୍ଷଣରେ ଇଞ୍ଜୁରି ଟାଇମ୍ ୪୫+୨ ମିନିଟରେ ପେଟ୍ରୋସ ଗ୍ୟାକୋମାକିସ ଏକ ଗୋଲ ଦେଇ ପଞ୍ଜାବକୁ ଅଗ୍ରଣୀ କରିଥିଲେ। ଘରୋଇ ପ୍ରଶଂସକଙ୍କ ସମର୍ଥନରେ ଦ୍ୱିତୀୟାର୍ଦ୍ଧରେ ଅଧିକ ଉତ୍ସାହୀ ପ୍ରଦର୍ଶନ କରିଥିଲା ଓଡ଼ିଶା ଏଫ୍ସି। ଇସାକ ଭାନ୍ଲାଲରୁଆତଫେଲା ୫୧ତମ ମିନିଟରେ ଗୋଲଟି ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ମାତ୍ର ଏହାପରେ ଆଉ ଗୋଲ ହୋଇପାରି ନ ଥିଲା। ପଞ୍ଜାବର ଫିଲିପ ମିର୍ଜାକଙ୍କୁ ଫାଉଲ୍ ମାରିବା ଯୋଗୁ ରାହୁଲ ରେଫରିଙ୍କ ଦ୍ୱାରା ମାର୍ଚ୍ଚିଂ ଅର୍ଡର ପାଇଥିଲେ। ଫଳରେ ୨୦ ମ୍ୟାଚରୁ ୬ ବିଜୟ, ୮ ଡ୍ର ଓ ୬ ପରାଜୟ ସହ ଓଡ଼ିଶା ଏଫ୍ସି ୨୬ ପଏଣ୍ଟ ସହ ଟେବୁଲର ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ପଞ୍ଜାବ ୧୯ ମ୍ୟାଚରୁ ୭ ବିଜୟ, ୩ ଡ୍ର ଓ ୯ ପରାଜୟ ସହିତ ୨୪ ପଏଣ୍ଟ ପାଇ ୯ମ ସ୍ଥାନରେ ରହିଛି। ଓଡ଼ିଶା ଏଫ୍ସି ଏହାର ପରବର୍ତ୍ତୀ ମ୍ୟାଚ ୧୪ ତାରିଖରେ ହାଇଦ୍ରାବାଦ ଏଫ୍ସି ବିପକ୍ଷରେ ଖେଳିବ।



କଳିଙ୍ଗ ଷ୍ଟାଡିୟମ୍ରେ ସୋମବାର ପଞ୍ଜାବ-ଓଡ଼ିଶା ଏଫ୍ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। (ଫଟୋ: ବିକାଶ ନାୟକ)

# କଟକ, ବେଙ୍ଗାଲୁରୁ ବିଜୟୀ

**ଅନ୍ତର୍ଜାତୀୟ ଟିଲୋ କପ୍**

**ବନ୍ତ, ୧୦।୨**
**(ହରି ନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନି ଷ୍ଟାଡିୟମ୍ରେ ଚାଲିଥିବା ଅନ୍ତର୍ଜାତୀୟ ଟିଲୋ କପ୍ର ୪ର୍ଥ ଦିନ ସୋମବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ରେ ୟୁନିୟନ ସ୍ପୋର୍ଟିଂ କଟକ ଓ ଦ୍ୱିତୀୟ ମ୍ୟାଚ୍ରେ କାନାରା ବ୍ୟାଙ୍କ ବେଙ୍ଗାଲୁରୁ ବିଜୟୀ ହୋଇଛି। ୟୁନିୟନ ସ୍ପୋର୍ଟିଂ ଓ ଲାଇଟ୍ନିଂ ଲିଜେଣ୍ଡସ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଲାଇଟ୍ନିଂ ଲିଜେଣ୍ଡସ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ଉଇକେଟ୍ ହରାଇ ୧୧୬ ରନ୍ କରିଥିଲା। ଦଳ ପକ୍ଷରୁ ନିଶାନ୍ତ କୁଶୱା ୩୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଶୁଭମ୍ ପ୍ରିୟଦର୍ଶୀ ୩ ଉଇକେଟ୍ ନେଇଥିଲେ। ୧୧୭ ରନ୍ର ବିଜୟ ଲକ୍ଷ୍ୟ ନେଇ ୟୁନିୟନ ସ୍ପୋର୍ଟିଂ ୧୬ ଓଭରରେ ୪ ଉଇକେଟ୍ ହରାଇ ୧୧୯ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ କାମେଶ୍ୱର ବାରିକ ୩୭ ଓ ମହମ୍ମଦ ଆକ୍ରାମ ୨୧ ରନ୍ କରିଥିଲେ। ୟୁନିୟନ ସ୍ପୋର୍ଟିଂର ଶୁଭମ୍ ପ୍ରିୟଦର୍ଶୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି କାନାରା ବ୍ୟାଙ୍କ ଓ ଜେପି ସ୍ପୋର୍ଟ୍ସ ଉତ୍ତରପ୍ରଦେଶ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜେପି ସ୍ପୋର୍ଟ୍ସ ଟସ୍ ଜିତି ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। କାନାରା ବ୍ୟାଙ୍କ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୨୫୯ ରନ୍ କରିଥିଲା। ଦଳ ପକ୍ଷରୁ ତୁଷାର ସୂର୍ଯ୍ୟବଂଶୀ ୬୪ ଓ କାଶପ ବାଖଲେ ୬୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଭିଶାଲ ଖୋଖର ଗୋଟିଏ ଉଇକେଟ୍ ନେଇଥିଲେ। ଜେପି ସ୍ପୋର୍ଟ୍ସ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୪୦ ରନ୍ କରି ହାରିଥିଲା। ଦଳ ପକ୍ଷରୁ ଗୋବିନ୍ଦ ଶର୍ମା ୫୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ତୁଷାର ସୂର୍ଯ୍ୟବଂଶୀ ଗୋଟିଏ ଉଇକେଟ୍ ନେଇଥିଲେ। ଏଥିରେ କାନାରା ବ୍ୟାଙ୍କ ୧୧୯ ରନ୍ରେ ବିଜୟୀ ହୋଇଥିଲା। ଟିମ୍ର ତୁଷାର ସୂର୍ଯ୍ୟବଂଶୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଭରସା ଆଇଟିଆଇ ପ୍ରଦତ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାରକୁ ଅତିଥି ଶିକ୍ଷାବିତ୍ ମନମୋହନ ସାହୁ, ଇଂ. ଏଲ୍. ଅମରଜିତ୍ ସ୍ୱାଇଁ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସମିତିସଭ୍ୟ ପରମେଶ୍ୱର ବାରିକ, ରମାକାନ୍ତ ପାଣିଗ୍ରାହୀ ଓ ପ୍ରଶାନ୍ତ ପୃଷ୍ଟି ପ୍ରଦାନ କରିଥିଲେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ